ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ମେ ୨୮/୨୦୨୨ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, May 28/2022 Page 14 ₹ 7.00 ★★
୧୮ଶ ଭାଗ ୧୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-



## ଜୋକୋଭିଚ୍ ୪ର୍ଥ ରାଉଣ୍ଡରେ

ସ୍ଲୋଭେନିଆର ଅଲ୍‌ଜାଜ୍ ବେଡେନେଙ୍କୁ ପରାସ୍ତ କରି ସର୍ବିୟ ଖେଳାଳି ନୋଭାକ୍ ଜୋକୋଭିଚ୍ ଫ୍ରେଞ୍ଚ ଓପନ ଟେନିସ୍ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୨

୧୦

## ବଦଳିଲା ନାଁ

ବଲିଉଡ୍ ନାୟକ ଅକ୍ଷୟ କୁମାରଙ୍କ ଦ୍ୱାରା ଅଭିନୀତ ଫିଲ୍ମ ପୃଥ୍ୱୀରାଜର ନାମ ବଦଳାଇ ସମ୍ରାଟ ପୃଥ୍ୱୀରାଜ କରାଗଲା।







# ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ବାଧ୍ୟ

## ପୁରୁଣା ଗାଡ଼ି ପାଇଁ ଅଗଷ୍ଟ ୩୧ରୁ ଡେଡ୍‌ଲାଇନ ପ୍ରକ୍ରିୟା

- **ୱେବ୍ ପୋର୍ଟାଲରେ ହେବ ଆବେଦନ**
- **ମୂଲ୍ୟ ଉଲ୍ଲେଖ କରିବେ ଡିଲର**

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ପୁରୁଣା ଗାଡ଼ିରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ (ଏଚ୍‌ଏସ୍‌ଆର୍‌ପି) ଲଗାଇବାକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଛନ୍ତି। କେନ୍ଦ୍ରୀୟ ମୋଟର ଯାନ ଆଇନ ରୁଲ୍ସ-୧୯୮୯ର ରୁଲ୍ସ-୫୦ ଅନୁଯାୟୀ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ)ଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୨୦୨୨ ଅଗଷ୍ଟ ୩୧ରୁ ଡେଡ୍‌ଲାଇନ ପ୍ରକ୍ରିୟା ଆରମ୍ଭ ହେବ। ତଦନୁଯାୟୀ ଗାଡ଼ିମାଲିକଙ୍କ ଉପରେ ଜରିମାନା ଲାଗୁ ହେବ।

ଯେଉଁ ଯାନବାହନଗୁଡ଼ିକର ପଞ୍ଜୀକରଣ ନମ୍ବର ଶେଷ ଅକ୍ଷର ୧ ଓ ୨ ରହିଛି, ସେମାନଙ୍କ ପାଇଁ ଏଚ୍‌ଏସ୍‌ଆରପି ଲଗାଇବା ନିମନ୍ତେ ଅଗଷ୍ଟ ୩୧ ଧାର୍ଯ୍ୟ କରାଯାଇଥିବା ବେଳେ ଶେଷ ଅକ୍ଷର ୩ ଓ ୪ ପାଇଁ ସେପ୍ଟେମ୍ବର ୩୦, ୫ ଓ ୬ ପାଇଁ ଅକ୍ଟୋବର ୩୧ ଏବଂ ୭ ଓ ୮ ପାଇଁ ନଭେମ୍ବର ୩୦ ଏବଂ ଶେଷ ଅକ୍ଷର ୯ ଓ ୦ ପାଇଁ ଡିସେମ୍ବର ୩୧କୁ ଡେଡ୍‌ଲାଇନ ଧାର୍ଯ୍ୟ କରାଯାଇଛି। ଶେଷ ତାରିଖ ଯାଏ ଅପେକ୍ଷା ନ କରି ମାଲିକମାନେ ଯଥାଶୀଘ୍ର ନିଜ ନିଜ ଗାଡ଼ିରେ ଏଚ୍‌ଏସ୍‌ଆରପି ଲଗାଇବାକୁ ପରାମର୍ଶ ଦିଆଯାଇଛି। ଧାର୍ଯ୍ୟ ସମୟ ପରେ ଜରିମାନା ବାବଦରେ ମୋଟର ଯାନ ଆଇନ-୧୯୮୮ର ସେକ୍ସନ ୧୯୨ ଅନୁଯାୟୀ ୫ ହଜାରରୁ ୧୦ ହଜାର ଟଙ୍କାର ଇ-ଚାଲାଣ କଟାଯିବ ବୋଲି ଚେତାବନୀ ଦିଆଯାଇଛି।





ଗାଡ଼ିରେ ଏଚ୍‌ଏସ୍‌ଆରପି କେବଳ ଗାଡ଼ି ନିର୍ମାତାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସଂସ୍ଥା କିମ୍ବା ଭେଣ୍ଡର ଲଗାଇବେ। ଯାନବାହନ ନିର୍ମାତା ଏହି ନମ୍ବର ପ୍ଲେଟ୍ ଯୋଗାଇଦେବେ। ଗାଡ଼ି ମାଲିକମାନେ ନମ୍ବର ପ୍ଲେଟ୍ ଲଗାଇବା ପାଇଁ ଅନ୍‌ଲାଇନ ପୋର୍ଟାଲ ଜରିଆରେ ବୁକ୍ କରିପାରିବେ। ଏହାଦ୍ୱାରା ସ୍ୱଚ୍ଛତା ବଜାୟ ରହିପାରିବ। ଡିଲରମାନେ ଅଧିକ ଟଙ୍କା ଦାବି କରିପାରିବେ ନାହିଁ। ଯାନ ନିର୍ମାତାମାନେ ସେହି ପୋର୍ଟାଲକୁ ସ୍ୱୀକୃତି ଦେବା ସହ ଗାଡ଼ି ମାଲିକମାନେ କେଉଁ ଡିଲର, କେଉଁ ଜାଗାରେ ଓ କେତେବେଳେ ନମ୍ବର ପ୍ଲେଟ୍ ଲଗାଇବେ ତାହା ସୂଚିତ କରିବେ। ଡିଲରମାନେ ନମ୍ବର ପ୍ଲେଟ୍ ବଦଳାଇବା ପାଇଁ କେତେ ଟଙ୍କା ନେଉଛନ୍ତି ତାହା ଏକ ଡିସ୍‌ପ୍ଲେ ବୋର୍ଡରେ ଉଲ୍ଲେଖ କରିବେ। ଏଥିସହିତ ପୋର୍ଟାଲରେ ମଧ୍ୟ ତାହା ଉଲ୍ଲେଖ ରହିବ। ଯଦି ଗାଡ଼ି ମାଲିକ ଚାହିଁବେ ତେବେ ସର୍ଭିସ୍ ଚାର୍ଜ ଦେଇ ଡିଲର ଜରିଆରେ ଘରେ ମଧ୍ୟ ଲଗାଇପାରିବେ। ଏଚ୍‌ଏସ୍‌ଆରପି ଲଗାଇବା ☞ପୃଷ୍ଠା-୪


# ଆର୍ୟ୍ୟନଙ୍କୁ ଏନ୍‌ସିବି କ୍ଲିନ୍‌ଚିଟ୍

## ୱାଙ୍ଖେଡେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲା କେନ୍ଦ୍ର

ମୁମ୍ବାଇ/ନୂଆଦିଲ୍ଲୀ,୨୭।୫

ବହୁଚର୍ଚ୍ଚିତ କ୍ରୁଜ୍ ଡ୍ରଗ୍ସ ପାର୍ଟି ମାମଲାରେ ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ପୁଅ ଆର୍ୟ୍ୟନ ଖାନ୍‌ଙ୍କୁ ଶୁକ୍ରବାର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ କ୍ଲିନ୍‌ଚିଟ୍ ଦିଆଯାଇଛି। ମୁମ୍ବାଇର ଏକ କୋର୍ଟରେ ଏନ୍‌ସିବି ଅଧିକାରୀମାନେ ଏହି ମାମଲାରେ ଚାର୍ଜଶିଟ୍ ଦାଖଲ କରିଛନ୍ତି। ଆର୍ୟ୍ୟନ ଓ ଅନ୍ୟ ୫ ଅଭିଯୁକ୍ତଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନ ଥିବାରୁ ଚାର୍ଜଶିଟ୍‌ରେ ସେମାନଙ୍କ ନାମ ଉଲ୍ଲେଖ କରାଯାଇ ନାହିଁ ବୋଲି ଏନ୍‌ସିବି ମହାନିର୍ଦ୍ଦେଶକ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି। ଇତିମଧ୍ୟରେ ଆର୍ୟ୍ୟନଙ୍କୁ ଗିରଫ କରିଥିବା ଏନ୍‌ସିବିର ପୂର୍ବତନ ଅଧିକାରୀ ସମୀର ୱାଙ୍ଖେଡେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି।

ଗତ ଅକ୍ଟୋବର ୨ ରାତିରେ ମୁମ୍ବାଇରୁ ଗୋଆକୁ ଯାଉଥିବା କର୍ଡିଲିଆ କ୍ରୁଜ୍ ଶିପ୍‌ରେ ଆର୍ୟ୍ୟନ ଶାହରୁଖ୍ ଖାନ୍(୨୩) ଯାତ୍ରା କରୁଥିଲେ। ଏନ୍‌ସିବିର ଏକ ଟିମ୍ ପୂର୍ବରୁ ଏନେଇ ସୂଚନା ପାଇ ଉକ୍ତ ଜାହାଜରେ ଚଢ଼ାଉ କରିଥିଲା। ଏନ୍‌ସିବିର ତତ୍କାଳୀନ ଜୋନାଲ ଅଫିସର ସମୀର ୱାଙ୍ଖେଡେ ଏହାର ନେତୃତ୍ୱ ନେଇଥିବାବେଳେ ତାଙ୍କ ସହ ସାଦା ପୋଷାକରେ କେତେଜଣ ଅଧିକାରୀ ଓ ବାହାର ଲୋକ ଚଢ଼ାଉ ବେଳେ ଉପସ୍ଥିତ ଥିଲେ। ରାତି ଅଧରେ ଡ୍ରଗ୍ସ ପାର୍ଟି କରିବା ଅଭିଯୋଗରେ ଆର୍ୟ୍ୟନ ଓ ତାଙ୍କ ବନ୍ଧୁମାନଙ୍କୁ ଏନ୍‌ସିବି ଟିମ୍ ଗିରଫ କରି କୋର୍ଟରେ ହାଜର କରିଥିଲା। ଏନ୍‌ସିବି ସେମାନଙ୍କ ବିରୋଧରେ ଡ୍ରଗ୍ସ ରଖିବା, ବ୍ୟବହାର କରିବା, କିଣାବିକା କରିବା, ଷଡ଼ଯନ୍ତ୍ର ରଚିବା ଓ ଅପରାଧରେ ସହଯୋଗ କରିବା ଭଳି ସଙ୍ଗିନ ଅଭିଯୋଗ ଆଣି ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସେସ୍ ଆକ୍ଟ (ଏନ୍‌ଡିପିଏସ୍)ର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଆର୍ୟ୍ୟନଙ୍କୁ ପ୍ରାୟ ମାସେ ଧରି ଜେଲରେ ରହିବାକୁ ପଡ଼ିଥିଲା। ଅକ୍ଟୋବର ୨୮ରେ ବମ୍ବେ ହାଇକୋର୍ଟ ଆର୍ୟ୍ୟନ ଓ ତାଙ୍କ ସହ ଧରାପଡ଼ିଥିବା ଅରବାଜ ମର୍ଚ୍ଚାଣ୍ଟ ଓ ମୁନ୍‌ମୁନ୍ ଧମେଚାଙ୍କୁ ଜାମିନ ଦେଇଥିଲେ। କିନ୍ତୁ ମୁମ୍ବାଇ ପୋଲିସ, ଏନ୍‌ସିବି ଅଧିକାରୀ ଓ ଆର୍ଥର ରୋଡ୍ ଜେଲ କର୍ତ୍ତୃପକ୍ଷଙ୍କ ଚାଲାକି ଯୋଗୁ ଆର୍ୟ୍ୟନଙ୍କ ମୁକୁଳିବା ଆଉ ଦୁଇଦିନ ବିଳମ୍ବିତ ହୋଇଥିଲା। ଏନେଇ ନୂଆଦିଲ୍ଲୀରେ ଏନ୍‌ସିବି ମୁଖ୍ୟ ସତ୍ୟନାରାୟଣ ପ୍ରଧାନ ଶୁକ୍ରବାର ଗଣମାଧ୍ୟମକୁ କହିଛନ୍ତି, ପ୍ରମାଣକୁ ଭିତ୍ତିକରି ଆମେ ତଦନ୍ତ କରିଥିଲୁ। ୧୪ ଜଣଙ୍କ ବିରୋଧରେ ବ୍ୟକ୍ତିଗତ ଓ ପାରିପାର୍ଶ୍ୱିକ ପ୍ରମାଣ ମିଳିଛି। ଆର୍ୟ୍ୟନଙ୍କ ସମେତ ଅନ୍ୟ ୬ ଜଣଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନାହିଁ। ଏହି ମାମଲାରେ ଶାହରୁଖ୍‌ଙ୍କୁ ଜେରା କରାଯାଇଥିଲା କି ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ସତ୍ୟନାରାୟଣ ☞ପୃଷ୍ଠା-୪



ଆର୍ୟ୍ୟନ ଖାନ୍

# ଗଛରେ ବାନ୍ଧି ପିଟି ମାରିଦେଲେ

- **ଭାଇ ସାଜିଲେ ହତ୍ୟାକାରୀ**

କପ୍ତିପଦା, ୨୭।୫(ଡି.ଏନ.ଏ)

ନୃଶଂସତାର ସବୁ ସୀମା ଟପିଗଲେ। ମାନସିକ ବିକୃତ ବୋଲି ନିଜ କକା ପୁଅ ଭାଇଙ୍କୁ ଗଛରେ ବାନ୍ଧି ପିଟି ପିଟି ମାରିଦେଲେ। ଶୁକ୍ରବାର ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ରାମଚନ୍ଦ୍ରପୁର ପଞ୍ଚାୟତର ବାଟିଘୁଟୁ ଗ୍ରାମରେ। ମୃତକ ହେଲେ ଲାଣ୍ଡୁ ମୁଣ୍ଡା(୩୦)। ପୋଲିସ ଅଭିଯୁକ୍ତ ବଡ଼ବାପା ପୁଅ ଭାଇ ସିଂଘିରାୟ ଦେଓଗାମ ଓ ତାଙ୍କ ସହଯୋଗୀ ଚମ୍ପାଇ ମୁଣ୍ଡାଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ଲାଣ୍ଡୁ ଛୋଟ ପିଲାଙ୍କୁ ଦେଖିଲେ ଗୋଡ଼ାଇଥାନ୍ତି। ଏଭଳି କୌଣସି କାରଣକୁ ନେଇ ତାଙ୍କ ବଡ଼ ବାପା ପୁଅ ଭାଇ ସିଂଘିରାୟ ଲାଣ୍ଡୁ ଉପରେ ଭୀଷଣ ରାଗିଯାଇଥିଲେ। ସହଯୋଗୀ ଚମ୍ପାଇ ମୁଣ୍ଡାଙ୍କ ସହିତ ମିଶି ଲାଣ୍ଡୁଙ୍କ ହାତ ଗୋଡ଼ ବାନ୍ଧି ଏକ ଗଛରେ ଝୁଲାଇ ଦେଇଥିଲେ। ପରେ ଏକ କାଠ ଫାଳିଆରେ ତାଙ୍କୁ ଅତି ନିର୍ଦ୍ଦୟ ଭାବେ ପିଟି ପିଟି ହତ୍ୟା କରିଥିଲେ। ଖବରପାଇ ଶରତ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ରାମଚନ୍ଦ୍ରପୁର ☞ପୃଷ୍ଠା-୪

# ନଦୀକୁ ଖସିଲା ଗାଡ଼ି: ୭ ଯବାନ ମୃତ

ନୂଆଦିଲ୍ଲୀ,୨୭।୫ (ପି.ଟି.)

ଲଦାଖର ଟୁର୍କ୍‌ଟୁକ୍ ସେକ୍ଟରରେ ଶୁକ୍ରବାର ସକାଳେ ସୈନ୍ୟବାହିନୀର ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ଶ୍ୟୋକ ନଦୀକୁ ଖସିପଡ଼ିବାରୁ ୭ ଜଣ ଯବାନଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୯ ଜଣ ଆହତ ହୋଇଛନ୍ତି। ୨୬ ସୈନ୍ୟଙ୍କୁ ନେଇ ଯାଉଥିବା ଗାଡ଼ିଟି ରାସ୍ତାରୁ ୫୦ରୁ ୬୦ ଫୁଟ ତଳକୁ ଖସି ନଦୀଗର୍ଭରେ ପଡ଼ିଥିଲା। ଯବାନମାନେ ପରତାପୁର ଟ୍ରାଞ୍ଜିଟ୍ କ୍ୟାମ୍ପ୍‌ରୁ ହନିଫ୍ ସବ୍‌ସେକ୍ଟରକୁ ଯାଉଥିବାବେଳେ ପୂର୍ବାହ୍ନ ପ୍ରାୟ ୯ଟା ବେଳେ ଏହି ଦୁର୍ଘଟଣା ଘଟିଛି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଆହତ ୧୯ ଜଣଙ୍କୁ ପ୍ରଥମେ ସ୍ଥାନୀୟ ପରତାପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ବାୟୁସେନା ହେଲିକପ୍ଟରରେ ହରିୟାଣାର ପଞ୍ଚକୁଲା ଜିଲାରେ ଥିବା କମାଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଯବାନଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଯଥାସମ୍ଭବ ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମୃତ ଯବାନଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



ଲଦାଖର ଟୁର୍କ୍‌ଟୁକ୍ ସେକ୍ଟର ଦେଇ ପ୍ରବାହିତ ଶ୍ୟୋକ ନଦୀକୁ ଶୁକ୍ରବାର ଖସିପଡ଼ିଥିବା ସେନା ଗାଡ଼ି ।

**ଆଜିର ସମ୍ପାଦକୀୟ**

## କେହି ମୁହଁ ଖୋଲୁନାହାନ୍ତି

# ଇଲେକ୍ଟୋରାଲ ବଣ୍ଡ୍‌ରୁ ବିଜେଡିକୁ ମିଳିଛି ୯୧% ଚାନ୍ଦା

ନୂଆଦିଲ୍ଲୀ,୨୭।୫

ବିଜୁ ଜନତା ଦଳ (ବିଜେଡି) ୨୦୨୦-୨୧ ବର୍ଷରେ ୭୩.୩୪୭ କୋଟି ଟଙ୍କା ଆୟ କରିଥିବା ଘୋଷଣା କରିଛି। ୩୧ ଆଞ୍ଚଳିକ ରାଜନୈତିକ ଦଳ ମଧ୍ୟରେ ଡିଏମ୍‌କେ ଏବଂ ୱାଇଏସ୍‌ଆର୍-କଂଗ୍ରେସ ପରେ ବିଜେଡି ପାଇଥିବା ଚାନ୍ଦା ତୃତୀୟ ସର୍ବାଧିକ। ବିଜେଡିକୁ ମିଳିଥିବା ଚାନ୍ଦାର ୯୧ ପ୍ରତିଶତ ଅର୍ଥାତ୍ ୬୭ କୋଟି ଟଙ୍କା ଇଲେକ୍ଟୋରାଲ ବଣ୍ଡ୍ ମାଧ୍ୟମରେ ମିଳିଛି। ଦଳ ପକ୍ଷରୁ ଭାରତର ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ ହୋଇଥିବା ଅଡିଟ୍ ରିପୋର୍ଟରୁ ଏହା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ୨୦୨୦-୨୧ ବର୍ଷରେ ବିଜେଡି ଯେତିକି ଆୟ କରିଛି ତାହାର ଅନ୍ୟୂନ ୯୦ ପ୍ରତିଶତ ଖର୍ଚ୍ଚ ହୋଇନାହିଁ। ଉକ୍ତ ବର୍ଷ ଦଳର ବ୍ୟୟ ୭.୦୧୫ କୋଟି ଟଙ୍କା ରହିଛି। ଅର୍ଥାତ୍ ଦଳର ମୋଟ ବ୍ୟୟଠାରୁ ☞ପୃଷ୍ଠା-୪

# 'ଟମ୍ବ ଅଫ୍ ସ୍ୟାଣ୍ଡ'କୁ ବୁକର





ଔପନ୍ୟାସିକା ଗୀତାଞ୍ଜଳି ଶ୍ରୀ ତାଙ୍କ ପୁସ୍ତକ ପ୍ରଦର୍ଶନ କରୁଛନ୍ତି।

- **ପୁରସ୍କାର ପାଇବାରେ ପ୍ରଥମ ହିନ୍ଦୀ ଉପନ୍ୟାସ**
- **ଦେଶ ପାଇଁ ଗର୍ବର ମୁହୂର୍ତ୍ତ: ଗୀତାଞ୍ଜଳି ଶ୍ରୀ**

ଲଣ୍ଡନ,୨୭।୫

ସୁନାମଧନ୍ୟା ଲେଖିକା ଗୀତାଞ୍ଜଳି ଶ୍ରୀଙ୍କ ବହୁଚର୍ଚ୍ଚିତ ଉପନ୍ୟାସ 'ଟମ୍ବ ଅଫ୍ ସ୍ୟାଣ୍ଡ' (ବାଲିର ସମାଧି) ଚଳିତ ବର୍ଷର ଇଣ୍ଟରନ୍ୟାଶନାଲ ବୁକ୍‌ର ପ୍ରାଇଜ୍ ପାଇଛି। ଲଣ୍ଡନରେ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଔପନ୍ୟାସିକା ଗୀତାଞ୍ଜଳି ଓ ଇଂଲିଶ୍ ଅନୁବାଦିକା ଡେଜି ରକ୍‌ୱେଲ୍ ମିଳିତ ଭାବେ ଏହି ମର୍ଯ୍ୟାଦାଜନକ ପୁରସ୍କାର ଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ ବୁକର ପୁରସ୍କାର ଲାଭ କରିବାରେ 'ଟମ୍ବ ଅଫ୍ ସ୍ୟାଣ୍ଡ' ହେଉଛି ପ୍ରଥମ ହିନ୍ଦୀ ଫିକ୍ସନ। ୧୯୫୭ରେ ଉତ୍ତର ପ୍ରଦେଶର ମୈନପୁରୀରେ ଜନ୍ମିତ ତଥା ନୂଆଦିଲ୍ଲୀରେ ଅବସ୍ଥାନ କରୁଥିବା କଥାକାର ଗୀତାଞ୍ଜଳି ଶ୍ରୀ ଅନେକ କ୍ଷୁଦ୍ରଗଳ୍ପ ଓ ୫ଟି ଉପନ୍ୟାସ ରଚନା କରିଛନ୍ତି। ୬୪ ବର୍ଷୀୟା ଗୀତାଞ୍ଜଳିଙ୍କ ବହୁ ପୁସ୍ତକ ଇଂଲିଶ୍, ☞ପୃଷ୍ଠା-୪

# ଲଲାଟଙ୍କୁ ଧର୍ମପଦ ପୁରସ୍କାର

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ଚିତ୍ରକଳା ଓ ସ୍ଥାପତ୍ୟ କଳା କ୍ଷେତ୍ରରେ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର-୨୦୨୧' ଶୁକ୍ରବାର ଘୋଷଣା କରାଯାଇଛି। ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକ ଏହି ପୁରସ୍କାର ପାଇବେ। ସେହିଭଳି ଶିଳ୍ପୀ ସମ୍ବର୍ଦ୍ଧନା ପାଇଁ ଚିତ୍ରଶିଳ୍ପୀ ଜ୍ୟୋତିର୍ମୟୀ ମହାନ୍ତି, ବଳଦେବ ମହାରଥା, ପଞ୍ଚାନନ ସୁର, ଦୁର୍ଗା ଚରଣ ପଣ୍ଡା ଓ ଭାସ୍କର୍ଯ୍ୟ ଶିଳ୍ପୀ ଦେବେନ୍ଦ୍ର ମିଶ୍ରଙ୍କୁ ଚୟନ କରାଯାଇଛି। ପୁରସ୍କାର ରାଶି ବାବଦରେ ଧର୍ମପଦ ପାଇଁ ୫ଲକ୍ଷ ଓ ଶିଳ୍ପୀ ସମ୍ବର୍ଦ୍ଧନା ଲାଗି ୧ଲକ୍ଷ ଟଙ୍କା ଲେଖାଏ ଦିଆଯିବ। ଚିତ୍ରଶିଳ୍ପୀ ଓ ଭାସ୍କର୍ଯ୍ୟ ଶିଳ୍ପୀଙ୍କ ନୀରବଚ୍ଛିନ୍ନ ସାଧନା ପାଇଁ ପ୍ରୋତ୍ସାହିତ କରିବା ନିମନ୍ତେ ଓଡ଼ିଶା ଲଳିତ ଏକାଡେମୀ ପକ୍ଷରୁ ୧୯୮୭ରୁ ଏହି ପୁରସ୍କାର ଦିଆଯାଉଛି। ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ହରିପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ପ୍ରାଣନାଥ ମହାବିଦ୍ୟାଳୟରୁ ପ୍ରି ୟୁନିଭର୍ସିଟି ଶିକ୍ଷା ପରେ ଶାନ୍ତି ନିକେତନ କଳାଭବନରୁ ଶିକ୍ଷାପ୍ରାପ୍ତି କରିଥିଲେ। ଗୁରୁ ରାମକିଙ୍କର ବେଜ୍, ସୁଖମୟ ମିତ୍ର, ଗୌରୀ ଭଞ୍ଜ, ଯମୁନା ସେନ୍, ବିଶ୍ୱରୂପ ବସୁଙ୍କଠାରୁ ଶିକ୍ଷା ଗ୍ରହଣ କରିଥିଲେ। ବୟନ ଶିଳ୍ପରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରି କେନ୍ଦ୍ର ସରକାରଙ୍କ ବୟନଶିଳ୍ପ ବିଭାଗରେ କାର୍ଯ୍ୟ କରିଥିଲେ। ବୁଣାକାରଙ୍କୁ ନୂତନ ପଦ୍ଧତି, ନୂଆ ନକ୍ସା, ରଙ୍ଗ ପ୍ରୟୋଗ ମାଧ୍ୟମରେ ହସ୍ତଶିଳ୍ପରେ ଉନ୍ନତିକରଣ ଏବଂ ସେମାନଙ୍କୁ ଆଧୁନିକ କୌଶଳ ପ୍ରୟୋଗ ମାଧ୍ୟମରେ ☞ପୃଷ୍ଠା-୪



ଲଲାଟ ମୋହନ ପଟ୍ଟନାୟକ

# ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରଖିଲା ଓପିଏସ୍‌ସି

- **ୟୁଜିସିର ତାଗିଦ୍ ପରେ ଓହରିଲେ ରାଜ୍ୟ ସରକାର**

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ ସତ୍ତ୍ୱେ ରାଜ୍ୟ ସରକାର ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଜାରି ରଖିଥିଲେ। ଶିକ୍ଷାବିତ୍‌ଙ୍କ ବିରୋଧ ଓ ୟୁଜିସିର ତାଗିଦ୍ ପରେ ଶୁକ୍ରବାର ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଏହି ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଏ ନେଇ ଶୁକ୍ରବାର ଓପିଏସ୍‌ସି ପକ୍ଷରୁ ଏକକାଳୀନ ଦୁଇଟି ନୋଟିସ ଜାରି ହୋଇଛି। ଫିଜିକ୍ସରେ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ନିମନ୍ତେ ଆସନ୍ତା ଜୁନ୍ ୪ରେ ହେବାକୁ ଥିବା ସାକ୍ଷାତକାର ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସେହିପରି ବାଣିଜ୍ୟରେ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ନିମନ୍ତେ ଜୁନ୍ ୬ରେ ହେବାକୁ ଥିବା ଡକ୍ୟୁମେଣ୍ଟ ଯାଞ୍ଚ କାର୍ଯ୍ୟକ୍ରମକୁ ମଧ୍ୟ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ଆଉଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ବିଭିନ୍ନ ବିଷୟରେ ମୋଟ ୬୦୬ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ନିମନ୍ତେ ଓପିଏସ୍‌ସି ପକ୍ଷରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥି ମଧ୍ୟରୁ କେତେକ ପରୀକ୍ଷା ଓ ଡକ୍ୟୁମେଣ୍ଟ ଯାଞ୍ଚ ଆଦି ପ୍ରକ୍ରିୟା ଶେଷ ହୋଇ ସାରିଥିବାବେଳେ ବାଣିଜ୍ୟ ଓ ଫିଜିକ୍ସର ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିଲା। ଏ ନେଇ ଓପିଏସ୍‌ସି ବିଜ୍ଞପ୍ତି ପ୍ରକାଶ କରିବା ପରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ରାଜ୍ୟ ସରକାରଙ୍କ ଉପରେ କ୍ଷୋଭ ପ୍ରକାଶ କରିବା ସହିତ ଉଚ୍ଚଶିକ୍ଷା ବିଭାଗ ଏବଂ ଓପିଏସ୍‌ସି ସଚିବଙ୍କୁ ଚିଠି ଲେଖି ଏଥିରୁ ଦୂରେଇ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୦ ତାରିଖରେ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଅଧିନିୟମ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଲଗାଇଥିଲେ। ମାମଲା ବିଚାରାଧୀନ ଥିବାବେଳେ ନିଯୁକ୍ତି ପ୍ରକ୍ରିୟା ପାଇଁ ବିଜ୍ଞପ୍ତି ପ୍ରକାଶ କରି ରାଜ୍ୟ ☞ପୃଷ୍ଠା-୪

ଧରିତ୍ରୀ
DHARITRI
ଶନିବାର, ୨୮ ମେ, ୨୦୨୨

**ଇମ୍ରାନଙ୍କ ବିରୋଧରେ ମାମଲା**

ଇସ୍‌ଲାମାବାଦ ପୋଲିସ ଶୁକ୍ରବାର ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପିଟିଆଇ ସଭାପତି ଇମ୍ରାନ୍ ଖାନ୍ ଓ ଦଳୀୟ ନେତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ଇମ୍ରାନଙ୍କ ପକ୍ଷରୁ ଇସ୍‌ଲାମାବାଦ୍‌ରେ କରାଯାଇଥିବା 'ଆଜାଦି ମାର୍ଚ୍ଚ' ସମୟରେ ରାଜଧାନୀରେ ହୋଇଥିବା ଦଙ୍ଗା ପାଇଁ ଇମ୍ରାନ୍ ଦାୟୀ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଦଙ୍ଗା ଓ ଅଗ୍ନିକାଣ୍ଡ ପାଇଁ କୋହସାର ପୋଲିସ ଷ୍ଟେଶନ୍‌ରେ ଦୁଇଟି ମାମଲା ରୁଜୁ କରାଯାଇଛି। ମୋଟ ୧୫୦ ଜଣଙ୍କ ବିରୋଧରେ ଅଭିଯୋଗ ଦାଏର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୯ ଜଣଙ୍କୁ ଗିରଫ କରାଯାଇଛି।



## ସଂକ୍ଷେପରେ

### ୨୦ ଦେଶକୁ ବ୍ୟାପିଲାଣି ମଙ୍କିପକ୍ସ

**ଜେନେଭା,୨୭।୫:** ମଙ୍କିପକ୍ସ ଏବେ ୨୦ରୁ ଊର୍ଦ୍ଧ୍ୱ ଦେଶକୁ ବ୍ୟାପିଲାଣି। ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେଇପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଜଣେ ବରିଷ୍ଠ ଅଧିକାରୀ ଶୁକ୍ରବାର ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହା ମନ୍ଥର ଗତିରେ ସଂକ୍ରମଣ ହେଉଥିବାରୁ ଲୋକେ ବ୍ୟତିବ୍ୟସ୍ତ ହେବାର କାରଣ ନାହିଁ। ମଙ୍କିପକ୍ସ ଏକ ରୋଗ ନୁହେଁ, ତଥାପି ଏହାର ସଂକ୍ରମଣକୁ ରୋକିବା ଉପରେ ପ୍ରାଥମିକତା ଦେବାକୁ ଡବ୍ଲ୍ୟୁଏଚ୍‌ଓ ବିଶ୍ୱ ସଂକ୍ରମଣଜନିତ ବିପଦ ପ୍ରସ୍ତୁତି ବିଭାଗ ନିର୍ଦ୍ଦେଶକ ସିଲ୍‌ଭି ବ୍ରିଆଣ୍ଡ କହିଛନ୍ତି। ମଙ୍କିପକ୍ସ ବର୍ତ୍ତମାନ ସୁଦ୍ଧା ଭାରତରେ ଚିହ୍ନଟ ହୋଇ ନାହିଁ। ବାହାର ଦେଶରେ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀ ପ୍ରସ୍ତୁତ ରହିଥିବା ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ପକ୍ଷରୁ କୁହାଯାଇଛି।

### ଫାରୁକ ଅବଦୁଲ୍ଲାଙ୍କୁ ଇଡି ସମନ



**ନୂଆଦିଲ୍ଲୀ,୨୭।୫(ପି.ଟି.):** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଅଧକ୍ଷ ଫାରୁକ ଅବଦୁଲ୍ଲାଙ୍କୁ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ସମନ ଜାରି କରିଛି। ତାଙ୍କୁ ମେ' ୩୧ରେ ଇଡିର ଦିଲ୍ଲୀ ମୁଖ୍ୟ କାର୍ଯ୍ୟାଳୟରେ ଜେରା ପାଇଁ ହାଜର ହେବାକୁ କୁହାଯାଇଛି। ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏଶନରେ ଆର୍ଥିକ ଅନିୟମିତତା ଅଭିଯୋଗ ଉପରେ ତାଙ୍କୁ ଜେରା କରାଯାଇପାରେ। ଫାରୁକଙ୍କୁ ଇଡି ସମନ କିଛି ନୂଆ କଥା ନୁହେଁ। ଭାରତର ସବୁ ବିରୋଧୀ ଦଳର ନେତାମାନଙ୍କୁ ଏଭଳି ସମନ କରାଯାଉଛି। ସେ ତଦନ୍ତରେ ସହାୟତା କରିଆସିଛନ୍ତି ଓ ଏହି ମାମଲାରେ ତଦନ୍ତକାରୀ ସଂସ୍ଥାକୁ ସହଯୋଗ କରିବେ ବୋଲି ଦଳ ପକ୍ଷରୁ ଟୁଇଟ୍ କରାଯାଇଛି। ସୂଚନାଯୋଗ୍ୟ, ୨୦୨୦ରେ ଇଡି ଉକ୍ତ ମାମଲାରେ ଫାରୁକ୍‌ଙ୍କ ୧୧.୮୬ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିଲା।

### ଉତ୍ତରାଖଣ୍ଡର ପୂର୍ବତନ ମନ୍ତ୍ରୀ ଆତ୍ମହତ୍ୟା କଲେ



**ନୂଆଦିଲ୍ଲୀ,୨୭।୫:** ଉତ୍ତରାଖଣ୍ଡ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ବହୁଗୁଣା ତାଙ୍କ ନାତୁଣୀଙ୍କୁ ଅସଦାଚରଣ କରିଥିବା ନେଇ ତାଙ୍କ ବୋହୂ ଅଭିଯୋଗ ଆଣିଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ରାଜେନ୍ଦ୍ର ବୁଧବାର ଏକ ପାଣିଟାଙ୍କି ଉପରେ ଚଢ଼ି ନିଜକୁ ଗୁଳିକରି ହତ୍ୟା କରିଛନ୍ତି। ଆତ୍ମହତ୍ୟା କରିବା ପୂର୍ବରୁ ସେ ନିଜ ଘରୁ ପୋଲିସର ଜରୁରୀ ନମ୍ବର ୧୧୨କୁ ଫୋନ୍ କରି ତାଙ୍କ ଯୋଜନା ସମ୍ପର୍କରେ ଜଣାଇଥିଲେ। ପୋଲିସ ଓ ଶତାଧିକ ପଡୋଶୀଙ୍କ ସମ୍ମୁଖରେ ସେ ପାଣିଟାଙ୍କି ଉପରେ ନିଜକୁ ଗୁଳି କରିଥିଲେ। ପୋଲିସ ଡାକବାଜି ଯନ୍ତ୍ର ଯୋଗେ ତାଙ୍କୁ ଚରମ ପଦକ୍ଷେପ ନ ନେବାକୁ ଅନୁରୋଧ କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ବୋହୂଙ୍କ ଅଭିଯୋଗକୁ ନେଇ ୫୯ ବର୍ଷୀୟ ରାଜେନ୍ଦ୍ର ଅତ୍ୟନ୍ତ ମର୍ମାହତ ଥିଲେ ବୋଲି ବରିଷ୍ଠ ପୋଲିସ ଅଧିକାରୀ ପଙ୍କଜ ଭଟ୍ଟ କହିଛନ୍ତି।

### ଖାଲି ପାଦରେ ବନ୍ୟାଞ୍ଚଳ ବୁଲିଲେ ଆଇଏଏସ୍ ଅଧିକାରୀ

**ଦିଶପୁର,୨୭।୫:** ଆସାମ ବନ୍ୟାରେ ସବୁଠାରୁ କ୍ଷତିଗ୍ରସ୍ତ ହୋଇଥିବା କାଛରା ଜିଲା ପରିଦର୍ଶନ କରିଥିଲେ ଆଇଏଏସ୍ ଅଧିକାରୀ କୀର୍ତ୍ତି ଜାଲ୍ଲି। ପରିଦର୍ଶନ ବେଳର ଫଟୋ ଏବେ ସୋସିଆଲ ମିଡ଼ିଆରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। କୀର୍ତ୍ତି ଖାଲି ପାଦରେ ବନ୍ୟାଞ୍ଚଳ ପରିଦର୍ଶନ କରୁଥିବାର ଏକ ଫଟୋ ଆଇଏଏସ୍ ଅଫିସର ଅୱିନିଶ ଶରନ୍ ଟୁଇଟରରେ ଶେୟାର କରିଛନ୍ତି। କିର୍ଥୀ କାଦୁଅ ଲଗା ଗୋଡ଼ରେ ଛିଡ଼ା ହୋଇ ସେଠାକାର ଜଣେ ସ୍ଥାନୀୟ ମହିଳାଙ୍କ ସହ କଥା ହେଉଥିବା ଫଟୋରେ ଦେଖିବାକୁ ମିଳିଛି। ତେବେ ଆଇଏଏସ୍ ଅଧିକାରୀଙ୍କ ଫଟୋକୁ ଦେଖିବା ପରେ ସୋସିଆଲ ମିଡିଆ ୟୁଜର୍ସମାନେ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି।




ଆମେରିକାର ଟେକ୍ସାସ୍‌ସ୍ଥିତ ଉଭାଲ୍‌ଡେରେ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଥିବା ଏଲିମେଣ୍ଟାରି ସ୍କୁଲର ୧୯ ଶିଶୁ ଓ ୨ ଶିକ୍ଷୟିତ୍ରୀଙ୍କୁ ଟାଉନ୍ ସ୍କୋୟାରରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ଜଣେ କୁନି ଝିଅ।

# ୨/୩ ଦିନରେ କେରଳ ଛୁଇଁବ ମୌସୁମୀ

**ନୂଆଦିଲ୍ଲୀ,୨୭।୫ (ପି.ଟି.)**

ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଆଗାମୀ ୨ରୁ ୩ ଦିନ ମଧ୍ୟରେ କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ସାମୁଦ୍ରିକ ବାତ୍ୟା ଅସାନି ପ୍ରଭାବରେ ମୌସୁମୀ ମେ' ୨୭ରେ କେରଳରେ ପହଞ୍ଚିବ ବୋଲି ପୂର୍ବରୁ ପାଣିପାଗ ବିଭାଗ କହିଥିଲା। ଫଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ତ୍ରାହି ମିଳିବା ନେଇ ଲୋକେ ଆଶ୍ୱସ୍ତ ହୋଇଥିଲେ। ହେଲେ ଉକ୍ତ ପୂର୍ବାନୁମାନରେ ୪ ଦିନ ତ୍ରୁଟି ରହିଥିବା କୁହାଯାଇଛି। ପାଣିପାଗ ବିଭାଗର ସଦ୍ୟତମ ସୂଚନା ଅନୁଯାୟୀ ଦକ୍ଷିଣ ଆରବ ସାଗର ଉପରେ ତଳ ସ୍ତରରେ ପ୍ରବଳ ବେଗରେ ପଛୁଆ ପବନ ପ୍ରବାହିତ ହେଉଛି। ଉପଗ୍ରହ ଚିତ୍ର ସୂଚନା ଅନୁଯାୟୀ କେରଳ ଉପକୂଳ ଓ ଦକ୍ଷିଣପୂର୍ବ ଆରବ ସାଗର ଆଖପାଖ ଅଞ୍ଚଳ ଉପରେ ଘନ ବାଦଲ ଦେଖାଦେଇଛି। ତେଣୁ ୨-୩ ଦିନ ମଧ୍ୟରେ କେରଳରେ ମୌସୁମୀ ପହଞ୍ଚିବା ଲାଗି ଅନୁକୂଳ ସ୍ଥିତି ସୃଷ୍ଟି ହୋଇଥିବା ପାଣିପାଗ ବିଭାଗ କହିଛି। ମେ' ୧୬ରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ମୌସୁମୀ ପହଞ୍ଚିବ ବୋଲି ପୂର୍ବରୁ ଆଇଏମ୍‌ଡି ଘୋଷଣା କରିଥିଲା।



# ଅକାରଣେ ମାସେ ଜେଲ

**ବହୁଚର୍ଚ୍ଚିତ କ୍ରୁଜ୍ ଡ୍ରଗ୍ସ ପାର୍ଟି ମାମଲାର ତଦନ୍ତ କରୁଥିବା ଏନ୍‌ସିବି ପକ୍ଷରୁ ଶୁକ୍ରବାର ମୁମ୍ବାଇର ଏକ କୋର୍ଟରେ ୬,୦୦୦ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ କରାଯାଇଛି। ଚାର୍ଜଶିଟ୍‌ରେ ବିକ୍ରାନ୍ତ ଚୋକ୍କର, ମୋହକ ଜସୱାଲ, ଇଶମିତ୍ ଏସ୍. ଚଢ଼ା, ଗୋମିତ୍ ଚୋପ୍ରା, ଅବ୍‌ଦୁଲ କାଦର ଶେଖ୍, ଶ୍ରେୟସ୍ ସୁରେନ୍ଦ୍ର ନାୟାର, ମନୀଷ ରାଜଘରିଆ, ଚିନେଦୁ ଇଗ୍‌ୱେ, ଶିବରାଜ ଆର୍. ହରିଜନ, ନୂପୁର ସତିଜା, ଓକୋରୋ ଉଜେଓମା, ଅରବାଜ ମର୍ଚ୍ଚେଣ୍ଟ, ମୁନ୍‌ମୁନ୍ ଧମେଚା ଓ ଅର୍ଚ୍ଚିତ କୁମାରଙ୍କ ନାମ ରହିଛି। ଆର୍ୟନ ଖାନ୍‌ଙ୍କ ସମେତ ୬ ଜଣଙ୍କ ବିରୋଧରେ କିଛି ପ୍ରମାଣ ନ ଥିବା ଜଣାପଡ଼ିବା ପରେ ଏନ୍‌ସିବି ନିଜ ଦୋଷ ମାନିଛି। କୋର୍ଟ ଖୁବ୍‌ଶୀଘ୍ର ଏହାକୁ ସଜ୍ଞାନକୁ ନେଇ ନିଷ୍ପତ୍ତି ଗ୍ରହଣ କରିବେ।**

**ମୁମ୍ବାଇ/ନୂଆଦିଲ୍ଲୀ,୨୭।୫**

କ୍ରୁଜ୍ ଡ୍ରଗ୍ସ ପାର୍ଟି ମାମଲାରେ ବଲିଉଡ୍ ଷ୍ଟାର ଶାହରୁଖ୍ ଖାନ୍‌ଙ୍କ ପୁଅ ଆର୍ୟନ ଖାନ୍‌ଙ୍କ ନାଟକୀୟ ଗିରଫଦାରି ଆରମ୍ଭରୁ ଚର୍ଚ୍ଚିତ ଥିଲା। ଏହି ମାମଲାରେ ସବୁଠୁ ବିବାଦୀୟ ଥିଲେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ତତ୍କାଳୀନ ଜୋନାଲ ଡାଇରେକ୍ଟର ସମୀର ୱାଙ୍ଖଡେ। ସେ ମାମଲା ରଫାଦଫା କରି ଆର୍ୟନଙ୍କୁ ଛାଡ଼ିବା ପାଇଁ ୨୫ କୋଟି ଟଙ୍କା ରାନ୍‌ସମ୍ ଦାବି କରିଥିଲେ। ଏନ୍‌ସିବି ପକ୍ଷରୁ ଶୁକ୍ରବାର ଆର୍ୟନଙ୍କୁ କ୍ଲିନ୍‌ଚିଟ୍ ଦିଆଯିବା ପରେ ୱାଙ୍ଖଡେ ଏବେ ପୁଣି ଚର୍ଚ୍ଚାରେ। ତେବେ ବିନା କୌଣସି ପ୍ରମାଣରେ ତାଙ୍କୁ କାହିଁକି ଗିରଫ କରାଯାଇଥିଲା ଏବଂ ସେ ଅକାରଣେ ବିଚାରାଧୀନ କଏଦୀ ଭାବେ ମୁମ୍ବାଇର ଆର୍ଥର ରୋଡ୍ ଜେଲରେ ପ୍ରାୟ ମାସେ ଧରି ଦଣ୍ଡ ଭୋଗିଥିବାରୁ ୱାଙ୍ଖଡେଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତା' ଉପରେ ସମସ୍ତଙ୍କ ନଜର ରହିଛି।

ମୁମ୍ବାଇର ଏକ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିବା ତଦନ୍ତକାରୀ ଅଧିକାରୀମାନେ ସେଥିରେ ଆର୍ୟନ ଶାହରୁଖ୍ ଖାନ୍‌ଙ୍କ ନାମ ଉଲ୍ଲେଖ କରିନାହାନ୍ତି। କାରଣ ତାଙ୍କ ବିରୋଧରେ କିଛି ପ୍ରମାଣ ନାହିଁ ବୋଲ ଏନ୍‌ସିବି ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ସତ ସାମ୍ନାକୁ ଆସିବା ପରେ ଏନ୍‌ସିବିର ଭୂମିକା ଓ କାର୍ଯ୍ୟଶୈଳୀକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଥମେ ଏନ୍‌ସିବି ବିରୋଧରେ ଅଭିଯୋଗ ଆଣିଥିବା ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିବି) ନେତା ତଥା ମହାରାଷ୍ଟ୍ରର କ୍ୟାବିନେଟ ମନ୍ତ୍ରୀ ନୱାବ୍ ମଲିକ୍‌ଙ୍କୁ ଅନ୍ୟ ଏକ ମାମଲାରେ ଜେଲରେ ରଖାଯାଇଛି। ମଲିକ୍ ଟୁଇଟ୍ କରିଛନ୍ତି, ବର୍ତ୍ତମାନ ଆର୍ୟନ ଖାନ୍ ଓ ଅନ୍ୟ ୫ ଜଣଙ୍କୁ ଏନ୍‌ସିବି କ୍ଲିନ୍‌ଚିଟ୍ ଦେଇଛି। ଏନ୍‌ସିବି ଏହାର ପୂର୍ବତନ ଜୋନାଲ ଡାଇରେକ୍ଟର ସମୀର ୱାଙ୍ଖଡ଼େ ଓ ତାଙ୍କର ପ୍ରାଇଭେଟ୍ ଆର୍ମି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ ନା ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବ ବୋଲି ସେ ପ୍ରଶ୍ନ କରିଛନ୍ତି।


ଆଇଆର୍‌ଏସ୍ ଅଧିକାରୀ ସମୀର ୱାଙ୍ଖଡ଼େ ଏନ୍‌ସିବି ଜୋନାଲ ଡାଇରେକ୍ଟର ଥିବାବେଳେ ବଲିଉଡ୍ ଷ୍ଟାର ଶାହରୁଖ୍ ଖାନ୍‌ଙ୍କ ପୁଅ ଆର୍ୟନ ଖାନ୍‌ଙ୍କୁ ଗିରଫ କରି ରାତାରାତି ଚର୍ଚ୍ଚାକୁ ଆସିଥିଲେ। ସେ ବର୍ତ୍ତମାନ ମୁମ୍ବାଇସ୍ଥିତ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ(ଡିଆର୍‌ଆଇ)ରେ ଅବସ୍ଥାପିତ। ଗତ ନଭେମ୍ବର ୬ରେ ଏନ୍‌ସିବି ତାଙ୍କୁ ତଦନ୍ତକାରୀ ସଂସ୍ଥାର ମୁଖ୍ୟାଳୟରୁ ହଟାଇଥିଲା। ଏଥିସହ ଦିଲ୍ଲୀର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି)କୁ ଏହି ହାଇପ୍ରୋଫାଇଲ ମାମଲାର ତଦନ୍ତ ଦାୟିତ୍ୱ ଦେଇଥିଲା। ଏନ୍‌ସିବିର ଉପମହାନିର୍ଦ୍ଦେଶକ (ଅପରେଶନ୍ସ) ତଥା ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ସଞ୍ଜୟ କୁମାର ସିଂ ଏହି ଏସ୍‌ଆଇଟିର ନେତୃତ୍ୱ ନେଇଥିଲେ।




- ଆର୍ୟନଙ୍କୁ ଛାଡ଼ିବା ପାଇଁ ୨୫ କୋଟି ରାନ୍‌ସମ ମାଗିଥିଲେ ୱାଙ୍ଖଡେ
- ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର କରିଥିଲେ ତଦନ୍ତ



ସଞ୍ଜୟ କୁମାର ସିଂ



ସମୀର ୱାଙ୍ଖଡେ

" ଆର୍ୟନ ଖାନ୍ ଓ ଅନ୍ୟ ୫ ଅଭିଯୁକ୍ତଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନ ଥିବାରୁ ଚାର୍ଜଶିଟ୍‌ରେ ସେମାନଙ୍କ ନାମ ଉଲ୍ଲେଖ କରାଯାଇ ନାହିଁ।

**-ସତ୍ୟନାରାୟଣ ପ୍ରଧାନ, ଏନ୍‌ସିବି ମହାନିର୍ଦ୍ଦେଶକ**

" ଆର୍ୟନଙ୍କଠାରୁ ଡ୍ରଗ୍ସ ଜବତ ହୋଇ ନ ଥିବାରୁ ୩ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କୁ ଜେଲରେ ରଖାଯିବା ଅଯୌକ୍ତିକ ଥିଲା।

**-ସତିଶ ମାନେଶିନ୍ଦେ, ଆର୍ୟନଙ୍କ ଓକିଲ**

" ଏହା ଏକ ମିଛ ମାମଲା। ବିନା ପ୍ରମାଣରେ ଛୋଟ ପିଲାଙ୍କୁ ଫସାଇବା ପାଇଁ ଷଡ଼ଯନ୍ତ୍ର ରଚାଯାଇଥିଲା।

**-ସାନା ରଇସ୍, ସହଅଭିଯୁକ୍ତ ଅଭିନ ସାହୁଙ୍କ ଓକିଲ**

" ସମ୍ପୂର୍ଣ୍ଣ ପ୍ରକରଣ ହେଉଛି ମହାରାଷ୍ଟ୍ରର ମହାବିକାଶ ଅଘାଡ଼ି ସରକାରଙ୍କୁ ହଟାଇବା ପାଇଁ ଏକ ବୃହତ୍ ଷଡ଼ଯନ୍ତ୍ରର ଅଂଶବିଶେଷ। ଏବେ ସତ ସାମ୍ନାକୁ ଆସିଛି। ତେବେ ବିନା କାରଣରେ ଆର୍ୟନ ଯେଉଁ ଜେଲଦଣ୍ଡ ଭୋଗିଲେ ସେଥିପାଇଁ କିଏ ଦାୟୀ ହେବ?

**-ଅତୁଲ ଲୋନ୍ଧେ, କଂଗ୍ରେସ ନେତା**

" ଏନ୍‌ସିପି ନେତା ନୱାବ୍ ମଲିକ ପୂର୍ବରୁ ଏନ୍‌ସିବି ଅଫିସର ସମୀର ୱାଙ୍ଖଡେଙ୍କ ବିରୋଧରେ ଆଣିଥିବା ଅଭିଯୋଗ ପ୍ରମାଣିତ ହୋଇଛି।

**-ମହେଶ ତାପସେ, ଏନ୍‌ସିବି ମୁଖପାତ୍ର**

# ଚୌଟାଲାଙ୍କୁ ୪ ବର୍ଷ କାରାଦଣ୍ଡ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

**ନୂଆଦିଲ୍ଲୀ,୨୭।୫**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀସାବ୍ୟସ୍ତ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ଚୌଟାଲାଙ୍କୁ ଶୁକ୍ରବାର ଦିଲ୍ଲୀର ସ୍ୱତନ୍ତ୍ର ସିବିଆଇ କୋର୍ଟ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ତାଙ୍କୁ ୫୦ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ତାଙ୍କର ୪ଟି ସମ୍ପତ୍ତିକୁ ଜବତ କରିବା ଲାଗି ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଚୌଟାଲା କେଉଁ ସୂତ୍ରରୁ ଏତେ ସମ୍ପତ୍ତି ଠୁଳ କଲେ, ତାହା ଉପରେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ଗତ ସପ୍ତାହରେ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଶୁକ୍ରବାର ଶୁଣାଣି ବେଳେ ଚୌଟାଲା ଅସୁସ୍ଥତା ଏବଂ ବାର୍ଦ୍ଧକ୍ୟଜନିତ କାରଣ ଦର୍ଶାଇ ସର୍ବନିମ୍ନ ଦଣ୍ଡବିଧାନ କରିବାକୁ ଅଦାଲତଙ୍କୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ୧୯୯୩ରୁ ୨୦୦୬ ମଧ୍ୟରେ ଚୌଟାଲା ବେଆଇନ ଭାବେ ୬.୦୯ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ। ୨୦୦୫ରେ ସିବିଆଇ ପୂର୍ବତନ ହରିୟାଣା ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମାମଲା ଦାଏର କରିବା ସହ ୨୦୧୦ ମାର୍ଚ୍ଚ ୨୬ରେ ଚାର୍ଜଶିଟ୍ ଦାଖଲ କରିଥିଲା।



# ଚିତ୍ରା ରାମକ୍ରିଷ୍ଣାଙ୍କୁ ସେବିର ୩.୧୨ କୋଟି ଟଙ୍କାର ଡିମାଣ୍ଡ ନୋଟିସ

**ନୂଆଦିଲ୍ଲୀ,୨୭।୫**

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ପୂର୍ବତନ ସିଇଓ ଚିତ୍ରା ରାମକ୍ରିଷ୍ଣାଙ୍କୁ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ମଙ୍ଗଳବାର ୩.୧୨ କୋଟି ଟଙ୍କାର ଡିମାଣ୍ଡ ନୋଟିସ ପଠାଇଥିଲା। ଷ୍ଟକ୍ ଏକ୍ସଚେଞ୍ଜରେ ପରିଚାଳନାଗତ ତ୍ରୁଟିଜନିତ ମାମଲାରେ ତାଙ୍କୁ ଏହି ଅର୍ଥ ପୈଠ କରିବାକୁ କୁହାଯାଇଥିଲା। ୧୫ ଦିନ ମଧ୍ୟରେ ଅର୍ଥ ପୈଠ ନ କଲେ ତାଙ୍କୁ ଗିରଫ କରାଯିବା ସହ ସମ୍ପତ୍ତି ଏବଂ ବ୍ୟାଙ୍କ ଆକାଉଣ୍ଟ ବାଜ୍ୟାପ୍ତ କରାଯିବ। ପୂର୍ବରୁ ଚିତ୍ରାଙ୍କ ଉପରେ ସେବି ଲଗାଇଥିବା ଜରିମାନା ଦେବାରେ ସେ ବିଫଳ ହେବା ପରେ ଡିମାଣ୍ଡ ନୋଟିସ ପଠାଯାଇଥିଲା, ଯାହା ଶୁକ୍ରବାର ତାଙ୍କର ହସ୍ତଗତ ହୋଇଛି।

ସୂଚନାଯୋଗ୍ୟ, ଚିତ୍ରା ଏନ୍‌ଏସ୍‌ଇର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଥିବାବେଳେ ଆନନ୍ଦ ସୁବ୍ରମଣ୍ୟନଙ୍କୁ ଗ୍ରୁପ୍ ଅପରେଟିଂ ଅଫିସର ଏବଂ ଉପଦେଷ୍ଟା ଭାବେ ନିଯୁକ୍ତି ଦେବା ସହ ଅଜଣା ବ୍ୟକ୍ତିଙ୍କୁ କମ୍ପାନୀର ଗୋପନ ତଥ୍ୟ ଯୋଗାଇବା ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଉକ୍ତ ଘଟଣାରେ ପରିଚାଳନାଜନିତ ତ୍ରୁଟି ପାଇଁ ସେବି ଗତ ଫେବୃୟାରୀ ୧୧ରେ ଚିତ୍ରାଙ୍କ ଉପରେ ୩ କୋଟି ଟଙ୍କାର ଜରିମାନା ଲଗାଇଥିଲା।



# ଗୁଜରାଟ ବନ୍ଦରରୁ ୫୦୦ କୋଟିର କୋକେନ୍ ଜବତ

**ଗାନ୍ଧୀନଗର,୨୭।୫**

ଅପରେଶନ୍ 'ନମ୍‌କିନ୍' ଜରିଆରେ ଇଣ୍ଟେଲିଜେନ୍ସ ଅଧିକାରୀଙ୍କୁ ମିଳିଛି ବଡ଼ ସଫଳତା। ଗୁଜରାଟର ମୁନ୍ଦ୍ରା ବନ୍ଦରରୁ ୫୨ କିଲୋଗ୍ରାମର କୋକେନ ଜବତ କରିଛି ସ୍ୱତନ୍ତ୍ର ଗୋଇନ୍ଦା ବିଭାଗ। ଏହାର ବଜାର ମୂଲ୍ୟ ୫୦୦ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଲୁଣ ପ୍ୟାକେଟରେ କୋକେନ୍‌କୁ ଲୁଚାଇ ରଖାଯାଇଥିବା ଅଧିକାରୀ କହିଛନ୍ତି। ନମ୍‌କିନ୍ ଜରିଆରେ ରାଜସ୍ୱ ଗୋଇନ୍ଦା ବିଭାଗ ୨୫ ହଜାର କିଲୋଗ୍ରାମର ଲୁଣ କଣ୍ଟେନରକୁ ଜବତ କରିଥିଲା। ପାଖାପାଖି ଏକ ହଜାର ଲୁଣ ପ୍ୟାକେଟ ସେଠାରେ ମହଜୁଦ ଥିବାବେଳେ ପ୍ୟାକେଟରେ କୋକେନ୍ ଗୋଇନ୍ଦା ଅଧିକାରୀଙ୍କୁ ମିଳିଥିଲା। ବିଶେଷ କରି ଇରାନ୍‌ରୁ ମୁନ୍ଦ୍ରା ବନ୍ଦରକୁ ଏହା ଚୋରାଚାଲାଣ କରାଯାଉଥିବା ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଲୁଣ ପ୍ୟାକେଟରୁ ସଂଗୃହୀତ ନମୁନାକୁ ଫୋରେନ୍ସିକ୍ ଲାବ୍‌ରେ ପରୀକ୍ଷା କରାଯିବା ପରେ ଏହା କୋକେନ୍ ବୋଲି ଜଣାପଡ଼ିଥିଲା। ତେବେ ଏ ପ୍ରକାର ବେଆଇନ୍ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ଜାରି ରହିଥିବା ରାଜସ୍ୱ ଗୋଇନ୍ଦା ବିଭାଗ ପକ୍ଷରୁ କୁହାଯାଇଛି।

### ଅପରେଶନ୍ 'ନମ୍‌କିନ୍' ସଫଳ



## ୨୮ କୋଟିର କୋକେନ୍ ଚୋରା ଚାଲାଣ: ୨ ମହିଳା ଗିରଫ

**ନୂଆଦିଲ୍ଲୀ,୨୭।୫**

ଉଗାଣ୍ଡାର ଦୁଇ ମହିଳା ୨୮ କୋଟି ଟଙ୍କାର କୋକେନ୍ ଚୋରା ଚାଲାଣ କରୁଥିବାବେଳେ ଦିଲ୍ଲୀ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ସେମାନଙ୍କୁ ଗିରଫ କରାଯାଇଛି। ଦୁଇ ମହିଳା କୋକେନ୍ କ୍ୟାପ୍‌ସୁଲଗୁଡ଼ିକୁ ଗିଳି ଦେଇଥିବାବେଳେ ସେମାନଙ୍କ ପାକସ୍ଥଳୀରେ ଏହି କୋକେନ ଥିବା ପୋଲିସ କହିଛି। ଜବତ କୋକେନର ପରିମାଣ ଦୁଇ କିଲୋଗ୍ରାମ୍ ହୋଇଥିବାବେଳେ ମହିଳାଙ୍କଠାରୁ ୧୮୧ଟି କ୍ୟାପ୍‌ସୁଲ ମିଳିଛି। ଗୁରୁବାର ବିମାନ ବନ୍ଦରରୁ ଜଣେ ମହିଳାଙ୍କୁ ଗିରଫ କରାଯାଇଥିଲା। ତାଙ୍କ ପେଟରେ ୮୧ଟି କୋକେନ୍ କ୍ୟାପ୍‌ସୁଲ ଥିବା ସେ କହିଥିଲେ, ତାଙ୍କୁ ରାମ ମନୋହର ଲୋହିଆ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କ ପେଟରୁ କ୍ୟାପ୍‌ସୁଲ ଗୁଡିକ କଢ଼ାଯାଇଥିଲା। ଜବତ କୋକେନର ପରିମାଣ ୦.୮୯୧ କେ.ଜି. ହୋଇଥିବାବେଳେ ଏହାର ବଜାର ମୂଲ୍ୟ ୧୩.୬ କୋଟି ଟଙ୍କା ହୋଇଥିବା ପୋଲିସ କହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୦୫,୦୮,୦୮୨ | ୬୩,୦୮,୩୧୦ | ୫୦,୧୧,୧୨,୦୩୧ |
| ଭାରତ | ୪,୩୧,୪୭,୫୩୦ | ୫,୨୪,୫୩୯ | ୪,୨୬,୦୭,୧୭୭ |
| ଓଡ଼ିଶା | ୧୨,୮୮,୪୧୦ | ୯୧୨୬(+୫୩) | ୧୨,୭୯,୧୫୫ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ନନ୍ଦନକାନନରେ ବହୁତଳ ପାର୍କିଂ ଉଦ୍‌ଘାଟିତ





- ୩୫୪୨.୭୯ ଲକ୍ଷ ବ୍ୟୟରେ ହୋଇଛି ନିର୍ମିତ
- ୫୬୦୦ ବର୍ଗ ମିଟରର ଜାଗାରେ ରହିବ ୫୮୩ଟି ୪ଚକିଆ ଯାନ
- ୨୦୦୦ ୨ଚକିଆ ଯାନ ରହିବ

**ଭୁବନେଶ୍ୱର,(ବ୍ୟୁରୋ)/ ବାରଙ୍ଗ, ୨୭।୫ (ଡି.ଏନ୍.ଏ)**

ନନ୍ଦନକାନନଠାରେ ତିନି ମହଲା ବିଶିଷ୍ଟ ବହୁତଳ କାର୍ ପାର୍କିଂ ସୁବିଧାର ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୩୫୪୨.୭୯ ଲକ୍ଷ ଟଙ୍କାରେ ନିର୍ମିତ ଏହି ପାର୍କିଂ ସ୍ଥଳରେ ପ୍ରତ୍ୟେକ ମହଲା ୫୬୦୦ ବର୍ଗମିଟରର ଏବଂ ଏହି ପାର୍କିଂରେ ସମୁଦାୟ ୫୮୩ଟି ଚାରିଚକିଆ ଯାନ ଓ ତଳେ ୨୦୦୦ ଦୁଇଚକିଆ ଯାନ ରହିବା ଭଳି ମଧ୍ୟ ସୁବିଧା କରାଯାଇଛି। ନନ୍ଦନକାନନକୁ ପର୍ଯ୍ୟଟକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଟ୍ରାଫିକ୍ ସମସ୍ୟା ଓ ସ୍ଥାନାଭାବକୁ ଦୃଷ୍ଟିରେ ରଖି ଏହି ୩ ମହଲା ବିଶିଷ୍ଟ ଗାଡ଼ି ପାର୍କିଂସ୍ଥଳ ନିର୍ମାଣ କରାଯାଇଛି ବୋଲି ପ୍ରମୁଖ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ କହିଛନ୍ତି। ପାର୍କିଂ ନିକଟରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଟିକଟ ଘର, ପାନୀୟ ଜଳ ସୁବିଧା, ଶୌଚାଳୟ, ଡ୍ରାଇଭର ପ୍ରତୀକ୍ଷା ଗୃହ, ଅଗ୍ନିନିର୍ବାପକ ସୁବିଧା, ସିସିଟିଭି ସହିତ ସୌନ୍ଦର୍ଯ୍ୟକରଣ ପାଇଁ ବଗିଚା ଓ ପୁଷ୍କରିଣୀ ଆଦି କରାଯାଇଛି। ନନ୍ଦନକାନନକୁ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ପରିଣତ କରିବା ପାଇଁ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି। ଏଥିପାଇଁ ଏକ ୨୦ ବର୍ଷିୟା ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଆଗାମୀ ଦିନରେ ନନ୍ଦନକାନନରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ଏବଂ ନନ୍ଦନକାନନ ଅଧିକ ଆକର୍ଷଣୀୟ ହେବା ସହ ଅତ୍ୟାଧୁନିକ ପର୍ଯ୍ୟଟନ କ୍ଷେତ୍ର ରୂପେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବା ନେଇ ସେଦିଗରେ ପଦକ୍ଷେପ ନିଆଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜଙ୍ଗଲ ମନ୍ତ୍ରୀଙ୍କ ସମେତ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା, ପ୍ରମୁଖ ମୁଖ୍ୟ ବନସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଶିଶିର କୁମାର ରଥ, ନନ୍ଦନକାନନ ନିର୍ଦ୍ଦେଶକ ମନୋଜଭି ନାୟାର, ଉପନିର୍ଦ୍ଦେଶକ ସଞ୍ଜିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଆଣ୍ଟିଜେନ୍ ଟେଷ୍ଟ କିଟ୍ ଉତ୍ପାଦନ ଆରମ୍ଭ

## ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଇନ୍‌ଫୋସିଟିଠାରେ କୋଭିଡ୍-୧୯ ପରୀକ୍ଷା ଲାଗି ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କିଟ୍ ଉତ୍ପାଦନର ଶୁଭାରମ୍ଭ କରିଛନ୍ତି। ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଯେକୌଣସି ଅଞ୍ଚଳରେ ଏହି କିଟ୍ ପହଞ୍ଚି ପାରିବ। ରାଜ୍ୟର ଜରୁରୀ ଆବଶ୍ୟକତାକୁ ଏହା ପୂରଣ କରିପାରିବ। ଓଡ଼ିଶାସ୍ଥିତ ବାୟୋଟେକ୍ କମ୍ପାନୀ 'ଇମେଜେନେକ୍ସ ଇଣ୍ଡିଆ' ଏହି ରାପିଡ୍ ଆଣ୍ଟିଜେନ୍ କିଟ୍ ପ୍ରସ୍ତୁତ କରିବ। ପୂର୍ବ ଭାରତରେ ଏହା ପ୍ରଥମ ସ୍ୱଦେଶୀ କିଟ୍। ଏଥିପାଇଁ ଜୁନ୍ ୨୦୨୧ରେ ଏହାର ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଆର୍‌ଏମ୍‌ଆର୍‌ସି ପକ୍ଷରୁ ଏଥିପାଇଁ ବୈଷୟିକ ସହାୟତା ଯୋଗାଇଦିଆଯିବା ସହ କିଟ୍ ଟେଷ୍ଟିଂ କରାଯାଇଥିଲା। ଏହି କିଟ୍‌କୁ ଆଇସିଏମ୍‌ଆର୍ ଅନୁମୋଦନ କରିଛି। ଗୋଟିଏ କିଟ୍‌ର ମୂଲ୍ୟ ୫୦ ଟଙ୍କା ରହିବ। ବଜାରରେ ମିଳୁଥିବା ଅନ୍ୟ ଟେଷ୍ଟ କିଟ୍‌ଠାରୁ ଏହା ଶସ୍ତା। ଏଥିସହ ୧୫ ମିନିଟ୍‌ରେ ଟେଷ୍ଟିଂ ଫଳାଫଳ ଆସିଯିବ। ଗୋଟିଏ ବାକ୍ସରେ ୨୫ଟି କିଟ୍ ରହୁଛି। ଓଡ଼ିଶା ବାହାରକୁ ମଧ୍ୟ ଏହାଠୁ ପଠାଇବାକୁ ଲକ୍ଷ୍ୟ ରଖିଛି ଇମେଜେନେକ୍ସ ଇଣ୍ଡିଆ। ୨୦୦୪ରେ ଭୁବନେଶ୍ୱରରେ ଇମେଜେନେକ୍ସ ପ୍ରତିଷ୍ଠା ହୋଇଥିଲା। ଏହାର ଅଧ୍ୟକ୍ଷ ସୁଜୟ ସିଂ ପ୍ରକଳ୍ପ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।






# ବେଆଇନ ଭ୍ରୂଣ ନିରୂପଣ କେନ୍ଦ୍ର ସିଲ୍

## ମାଲିକ, ଆଶାକର୍ମୀଙ୍କ ସମେତ ୧୩ ଗିରଫ



ଗିରଫ ଅଭିଯୁକ୍ତ

**ବ୍ରହ୍ମପୁର ଅଫିସ,୨୭।୫**

ଗଞ୍ଜାମ ଜିଲା ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲିରେ ଏକ ଘରେ ଦୀର୍ଘବର୍ଷ ଧରି ବେଆଇନ ଭାବେ ଗର୍ଭସ୍ଥ ଶିଶୁଙ୍କ ଲିଙ୍ଗ ନିରୂପଣ କରାଯାଉଥିଲା। ଏହି ସୂଚନା ମିଳିବା ପରେ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ଗୁରୁବାର ସନ୍ଧ୍ୟାରେ ସେଠାରେ ଚଢ଼ାଉ କରାଯାଇଥିଲା। ଶୁକ୍ରବାର ଉକ୍ତ ବେଆଇନ କେନ୍ଦ୍ରକୁ ପୋଲିସ ସିଲ୍ କରିଛି। ସେଠାରୁ ୨ଟି ଅଲଟ୍ରାସାଉଣ୍ଡ ମେଶିନ, ଅଲଟ୍ରାସାଉଣ୍ଡ ବେଳେ ବ୍ୟବହୃତ ଜେଲ୍, ୧୮,୨୦୦ ଟଙ୍କା ଓ ଅନ୍ୟ ଜରୁରୀ କାଗଜାତ ଜବତ ହୋଇଛି। ଭ୍ରୂଣ ନିରୂପଣ କେନ୍ଦ୍ରର ମୁଖ୍ୟ ତଥା ଆଙ୍କୁଲି ଆନନ୍ଦନଗରର ଦୁର୍ଗାପ୍ରସାଦ ନାୟକ, ଖଲ୍ଲିକୋଟ ଅଞ୍ଚଳର ଜଣେ ଆଶାକର୍ମୀ, ଦୁଇ ଦଲାଲ ଓ ନିଗମ ନଗରର ଅକ୍ଷୟ ଦଳାଇ ଓ କୁକୁଡ଼ାଖଣ୍ଡିର ହରିମୋହନ ଦଳାଇଙ୍କ ସମେତ ୧୩ ଜଣଙ୍କୁ ଗିରଫ କରାଯାଇଛି। ବ୍ରହ୍ମପୁର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଶ୍ରବଣା ବିବେକ ଏମ. ଏହି ସୂଚନା ଦେଇଛନ୍ତି। ମାଷ୍ଟରମାଇଣ୍ଡ ଦୁର୍ଗାପ୍ରସାଦ ଜଣେ ଲାବ ଟେକ୍ନିସିଆନ। ସେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କରନ୍ତି। ଏପରିକି ମହିଳାଙ୍କ ଗର୍ଭପାତ ମଧ୍ୟ କରିଥାନ୍ତି। ଭ୍ରୂଣ ନିରୂପଣ ପାଇଁ ଜଣପିଛା ୧୫ ହଜାରରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ନିଆଯାଉଥିଲା। ବିଭିନ୍ନ ଲାବ, ଘରୋଇ କ୍ଲିନିକ ଓ ଗ୍ରାମାଞ୍ଚଳରୁ ଗର୍ଭବତୀଙ୍କୁ ଏହି କେନ୍ଦ୍ରକୁ ଆଣିବାରେ ଅକ୍ଷୟ ଓ ହରିମୋହନ ସହଯୋଗ କରୁଥିଲେ। ଗୁରୁବାର ସନ୍ଧ୍ୟାରେ ଚଢ଼ାଉ ବେଳେ ୧୧ ଜଣ ମହିଳା ରହିଥିଲେ। ସେମାନଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆଶାକର୍ମୀ ରୀନା ପ୍ରଧାନ ୨ଜଣ ମହିଳାଙ୍କୁ ସେମାନଙ୍କ ଶିଶୁର ଲିଙ୍ଗ ନିରୂପଣ ପାଇଁ ଆଣିଥିଲେ ବୋଲି ସେ କହିଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି। ଯେଉଁମାନେ ଏହାର ତଦନ୍ତ ପରିସରଭୁକ୍ତ ହେବେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଗିରଫ ୧୨ ଜଣିଆ ଗ୍ୟାଙ୍ଗରେ ସହରର କେତେକ କ୍ଲିନିକର ଟେକ୍ନିସିଆନ ଥିବା ସେ କହିଛନ୍ତି। ବୈଦ୍ୟନାଥପୁର ପୋଲିସ ମାମଲା ନଂ.୧୬୪/୨୨ରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

# ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କୁ କାଲ୍‌କାଟା ହାଇକୋର୍ଟକୁ ବଦଳି ପାଇଁ ସୁପାରିସ



**ନୂଆଦିଲ୍ଲୀ, ୨୭।୫**

ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କୁ କାଲକାଟା ହାଇକୋର୍ଟକୁ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଛନ୍ତି। ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ କଲେଜିୟମ ତ୍ରିପୁରା ହାଇକୋର୍ଟର ଜଷ୍ଟିସ୍ ଶୁଭାଶିଷ ତଳପାତ୍ରଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରିବା ଲାଗି ସୁପାରିସ କରିଥିବା ଜଣାପଡ଼ିଛି। ଏବେ ଓଡ଼ିଶା ହାଇକୋର୍ଟରେ ମୁଖ୍ୟ ବିଚାରପତିଙ୍କୁ ମିଶାଇ ମୋଟ ୨୧ ବିଚାରପତି ଅଛନ୍ତି।

# ପରସ୍ପରକୁ ଆକ୍ଷେପ ବନ୍ଦ କର



## ଅନୁଭବ, ବର୍ଷାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

- ସୋସିଆଲ ମିଡିଆରେ ଭିଡିଓ ଏବଂ ମନ୍ତବ୍ୟ ପୋଷ୍ଟକୁ ବାରଣ
- ଜୁଲାଇ ୪ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ,୨୭।୫**

କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପରସ୍ପରକୁ ସୋସିଆଲ ମିଡିଆରେ ଆକ୍ଷେପ ନ କରିବାକୁ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ଫିଲ୍ମ ଷ୍ଟାର ଦମ୍ପତିଙ୍କ ମଧ୍ୟରେ ବିବାହ ବିଚ୍ଛେଦ, ପାରବାରିକ ହିଂସା ଓ ଅନ୍ୟାନ୍ୟ ମାମଲା ତଳ କୋର୍ଟରେ ବିଚାରାଧୀନ ରହିଛି। ଏଭଳିସ୍ଥଳେ ଦାମ୍ପତ୍ୟ କଳହକୁ ନେଇ ଅନୁଭବ ୩ଟି ଭିଡିଓ ୟୁଟ୍ୟୁବ୍‌ରେ ପୋଷ୍ଟ କରିଛନ୍ତି। ଏଥିରେ ସମ୍ମାନହାନି ସାଙ୍ଗକୁ ନାରୀତ୍ୱ ପ୍ରତି ଅପମାନ ଏବଂ ସମାଜରେ ମର୍ଯ୍ୟାଦାର ସହ ବଞ୍ଚିବାର ଅଧିକାର କ୍ଷୁଣ୍ଣ ହେଉଥିବା ଦର୍ଶାଇ ବର୍ଷା କଟକ ପୁରୀଘାଟ ଥାନାରେ ଏତଲା ଦେବା ସହ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ବିଚାରାଧୀନ ରହିଥିବା ବେଳେ ସୋସିଆଲ ମିଡିଆରେ ବିଭିନ୍ନ କଥା ଚର୍ଚ୍ଚା କରିବା ଆଇନ ମୁତାବକ ଗ୍ରହଣୀୟ ନୁହେଁ। ଏଭଳି ସୋସିଆଲ ମିଡିଆ ପୋଷ୍ଟ ଉପରେ କଟକଣା ଜାରି କରାଯିବା ଆବଶ୍ୟକ ବୋଲି ବର୍ଷା ହାଇକୋର୍ଟରେ କରିଥିବା ପିଟିଶନରେ ନିବେଦନ କରିଥିଲେ। ଅନୁଭବଙ୍କ ଓକିଲ ତାହାକୁ ବିରୋଧ କରି ଯୁକ୍ତି କରିଥିଲେ ଯେ, ପ୍ରଥମେ ଅନୁଭବ ମିଡିଆରେ ଘଟଣା ପ୍ରଘଟ ନ କରିବାକୁ ଦିଲ୍ଲୀରେ କେସ୍ ଫାଇଲ୍ କରିଥିଲେ। ସେତେବେଳେ ବର୍ଷା ସେଥିରେ ଆପତ୍ତି ଉଠାଇ କଟକରେ କେସ୍ ଫାଇଲ କରିଥିଲେ ବୋଲି ସେ କୋର୍ଟଙ୍କୁ ଅବଗତ କରାଇଥିଲେ। ଏଭଳିସ୍ଥଳେ ଜଷ୍ଟିସ ବିଭୁପ୍ରସାଦ ରାଉତରାୟ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଭୟ ଅନୁଭବ ଏବଂ ବର୍ଷାଙ୍କୁ ମିଡିଆ କିମ୍ବା ସୋସିଆଲ ମିଡିଆରେ ପରସ୍ପର ବିରୋଧରେ ଭିଡିଓ ପୋଷ୍ଟ କିମ୍ବା ମନ୍ତବ୍ୟ ନ ଦେବାକୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ଜୁଲାଇ ୪ରେ ହେବ ବୋଲି ଖଣ୍ଡପୀଠ ଦିନଧାର୍ଯ୍ୟ କରିଛନ୍ତି।

ଅନ୍ୟପକ୍ଷରେ ଶୁକ୍ରବାର ସକାଳେ ଅନୁଭବଙ୍କ ଆଉ ଏକ ଭିଡିଓ ୟୁଟ୍ୟୁବ୍‌ରେ ଦେଖିବାକୁ ମିଳିଛି। ସେଥିରେ କିନ୍ତୁ ସେ ବର୍ଷାଙ୍କ ନାମ ନ ନେଇ ତାଙ୍କୁ ସମର୍ଥନ କରୁଥିବା ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମା'ବାପା, ଭାଉଜ, ଭାଇଙ୍କ ସହ ଭଡ଼ାଘରେ ରହିବା ବିଷୟରେ ସେ କହିଛନ୍ତି। ଏହାସହ ମା'ବାପାଙ୍କୁ ଜୀବନରେ କେବେ ଦୁଃଖ ଦିଅନି ବୋଲି ସେ ତାଙ୍କ ସମର୍ଥକମାନଙ୍କୁ ନିବେଦନ କରୁଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି।

# 'ହେନ୍ତାଳବଣ ଅସ୍ତରଙ୍ଗବାସୀଙ୍କ ସୁରକ୍ଷାକବଚ'



ସଚେତନତା ପଦଯାତ୍ରାକୁ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଶୁକ୍ରବାର ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**କୋଣାର୍କ,୨୭।୫(ଡି.ଏନ୍.ଏ.)**

ଅସ୍ତରଙ୍ଗର ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଓ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅସ୍ତରଙ୍ଗରେ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଯୋଗଦେବା ସହ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ, ଅସ୍ତରଙ୍ଗ ପ୍ରକୃତିର ଏକ ଅନବଦ୍ୟ ଅବଦାନ। ଏହା ଏକ ଛୋଟ ଭିତରକନିକାର ଭ୍ରମ ସୃଷ୍ଟି କରେ। ଏଠାରେ ବସବାସ କରୁଥିବା ସ୍ଥାନୀୟ ମତ୍ସ୍ୟଜୀବୀ ଏବଂ ଉପକୂଳବାସୀଙ୍କ ହେନ୍ତାଳ ବନ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବା ପାଇଁ ଏହା ହେଉଛି ଏକ ସଚେତନତା ବାର୍ତ୍ତା (ପୁଣି ହସିବ ହେନ୍ତାଳ ବନ)। ଏପରିକି ଅସ୍ତରଙ୍ଗର ଲୁଣା ଜଙ୍ଗଲ, ହେନ୍ତାଳ ବଣ ଅସ୍ତରଙ୍ଗବାସୀଙ୍କ ସୁରକ୍ଷା କବଚ ବୋଲି ସେ ମତ ପ୍ରକାଶ କରିଥିଲେ। ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଭାବେ ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ ଅସ୍ତରଙ୍ଗ ହେନ୍ତାଳ ବଣର ଡାଳ ଓ ଚେର ଅଧିକ ମଜଭୁତ। ଯାହା ମାଟିକୁ ଦୀର୍ଘ ବର୍ଷ ଯାଏଁ ଜାବୁଡ଼ି ଧରିଛି, ତେଣୁ ଏହାର ସୁରକ୍ଷା ନିହାତି ଆବଶ୍ୟକ। ଏହାର ସୁରକ୍ଷା ମହିଳାମାନେ କରୁଥିବାରୁ ବେଶ ଖୁସି। ଏଥିସହ ଅସ୍ତରଙ୍ଗର ବନ ସୁରକ୍ଷା କମିଟି ଓ ଏସ୍‌ଏଚ୍‌ଜିର ମିଳିତ ସହଭାଗିତାରେ ୧୯୯୩ ମସିହାରୁ ଜାରି ରହିଥିବା ମହିଳା ସଚେତନା କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସାମାଜିକ କର୍ମୀ ବଦ୍ରିକାନାଥ ମହାପାତ୍ର, ବ୍ରହ୍ମାକୁମାର ଦୁଷ୍ମନ୍ତ ପରିଡ଼ା, ଗଛ ସାର ଭାବେ ଜଣାଶୁଣା ଅନ୍ତର୍ଯ୍ୟାମୀ ସାହୁ, ପରିବେଶବିତ ଆକାଶ ରଞ୍ଜନ ରଥ, ଓପେସାର ନିର୍ଦ୍ଦେଶକ ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ଉଦ୍‌ବୋଧନ ଦେଇ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ପଦଯାତ୍ରା ଉପକୂଳବର୍ତ୍ତୀ ୧୫ଟି ଗ୍ରାମରେ ୪ଦିନ ବ୍ୟାପୀ ସଚେତନତା ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ସହନ, ଗୁଣ୍ଡଲବା ଓ ଆଖପାଖ ଗ୍ରାମର ଶତାଧିକ ମହିଳା, ବିଭିନ୍ନ ସଂଗଠନର ଯୁବ ପ୍ରତିନିଧି, ବନ ସୁରକ୍ଷା କମିଟିର ସଦସ୍ୟ, ବନ ବିଭାଗ କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଂଗଠନ ପକ୍ଷରୁ ଅତିଥିମାନଙ୍କୁ ମାନପତ୍ର ଓ ସ୍ମୃତିଫଳକ ଦିଆଯାଇ ସମ୍ମାନିତ କରାଯାଇଥିଲା।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଏକା ଆଖି ଆଖି ନୁହେଁ
ଏକା ସାକ୍ଷୀ ସାକ୍ଷୀ ନୁହେଁ ।

ଦୁଇ ଆଖିରେ ଯେମିତି ଦେଖା ଯାଇଥାଏ, ଏକ ଆଖିରେ ସେମିତି ଦେଖାଯାଇ ନ ଥାଏ। ସେହିପରି ସାକ୍ଷୀ ଯେତେ ସଂଖ୍ୟାରେ ସପକ୍ଷରେ ଥାଏ,ପ୍ରମାଣ ସେତିକି ଦୃଢ଼ ହୋଇଥାଏ। ଏକ ସଂଖ୍ୟା କେବେହେଲେ ବଳିଷ୍ଠ ବା ଶ୍ରେଷ୍ଠ ସଂଖ୍ୟା ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଏକା ଗଛର ଧାନ
କେହି କାହାକୁ ନୁହନ୍ତି ଆନ ।

ଗୋଟିଏ ଧାନ ଗଛରେ ଫଳିଥିବା ଧାନର ଆକାର, ଗୁଣ ତଥା ସ୍ୱାଦ ସବୁ ସମାନ ହିଁ ହୋଇଥାଏ। ଯେକୌଣସି ଗୋଟିଏ ବାଛିଲେ ବି ସେଥିରେ କୌଣସିଟି ଫରକ ରହି ନ ଥାଏ। ସେହିପରି କିଛି ବ୍ୟକ୍ତି ସମ ପ୍ରକୃତିର ହୋଇଥାନ୍ତି। ତାଙ୍କ ନୀତି ଓ ସ୍ୱଭାବରେ କିଛି ବି ପ୍ରଭେଦ ବାରି ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଅଭିଯୁକ୍ତ ରାଜୁ ସାହୁ ଗିରଫ

**ଟିଟିଲାଗଡ଼,୨୭।୫(ଡି.ଏନ.ଏ.):** ଟିଟିଲାଗଡ ଥାନା ଅନ୍ତର୍ଗତ ଗୁଲମି ସଂରକ୍ଷିତ ଜଙ୍ଗଲରେ ବେଆଇନ ରତ୍ନପଥର ଖନନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟବସାୟୀ ରାଜୁ ସାହୁଙ୍କୁ ଶୁକ୍ରବାର ପୋଲିସ କଳାହାଣ୍ଡି ଜିଲାରୁ ଗିରଫ କରିଛି। ଗତ ମାସ ୨୨ ତାରିଖରେ ଏହି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବେଆଇନ ରତ୍ନପଥର ଖନନ ସମୟରେ ଖଣି ଗାତ ମଧ୍ୟରେ ଶ୍ୱାସରୁଦ୍ଧ ହୋଇ ଦୁଇ ଆଦିବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ମୃତ ଶ୍ରମିକଙ୍କ ପରିବାର ଏନେଇ ଟିଟିଲାଗଡ ଥାନାରେ ରାଜୁଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଏନେଇ ମାମଲା ରୁଜୁ ହୋଇଥିଲା । ବଲାଙ୍ଗୀର ଜିଲା ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକରଙ୍କ ନେତୃତ୍ୱରେ ତଥା ଟିଟିଲାଗଡ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାରାୟଣ ଶତପଥୀଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ରଞ୍ଜନ ବରିହା ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲେ। ସୂଚନା ପାଇ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଅଞ୍ଚଳରୁ ରାଜୁଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି। ତାଙ୍କୁ ରାତିରେ କୋର୍ଟ ଚାଲାଣ କରାଯାଇଥିଲା । ପରେ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ରତ୍ନପଥର ଖଣିରେ ଦୁଇ ଶ୍ରମିକଙ୍କ ମୃତ୍ୟୁ ମାମଲା

# ବିନିକା ବ୍ଲକ: ବାହାର ଜିଲା ମିଲର୍ସଙ୍କ ଦ୍ୱାରା ୯୨ ହଜାର କୁଇଣ୍ଟାଲ ଧାନ ସଂଗ୍ରହ

**ବିନିକା,୨୭।୫(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ୧୦ଟି ପ୍ୟାକ୍ସ ଏବଂ ୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଚାଲିଛି ରବିଧାନ କିଣା । ଚଳିତବର୍ଷ ଏହି ଅଞ୍ଚଳରୁ ୭ ଲକ୍ଷ ୧୨ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥିପାଇଁ ୧୧ହଜାର ଧାନ ଚାଷୀ ୧୭ଟି ଧାନକ୍ରୟ କେନ୍ଦ୍ରରେ ପଞ୍ଜୀକୃତ ହୋଇ ସାରିଛନ୍ତି । ଚଳିତ ମାସ ୧୬ ତାରିଖରୁ ପ୍ରଥମ ପର୍ଯ୍ୟାୟରେ ବିନିକା ଅଞ୍ଚଳର ଧାନ ସଂଗ୍ରହ କେନ୍ଦ୍ରଗୁଡିକରେ ସମ୍ବଲପୁର ଜିଲାର ୭ଟି ରାଇସ ମିଲର୍ସ ଜରିଆରେ ୯୨ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହୋଇ ସାରିଛି। ବିନିକା ଅଞ୍ଚଳର ୨୦ଟି ରାଇସ ମିଲର୍ସ ୧ଲକ୍ଷ ୮ହଜାର କୁଇଣ୍ଟାଲ ଧାନ କିଣିଛି । ଜୁନ ୩୦ ତାରିଖ ଯାଏ ଧାନକିଣା ଚାଲିବ । ବର୍ତ୍ତମାନ ସୁଦ୍ଧା ବିନିକା ଅଞ୍ଚଳରୁ ୨ ଲକ୍ଷ କୁଇଣ୍ଟାଲ ଧାନ କିଣା ହୋଇସାରିଛି । ଏନେଇ ବିନିକା ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁଙ୍କୁ ପଚାରିବାରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ବିନିକା ଅଞ୍ଚଳର ମିଲର୍ସମାନେ ଅଞ୍ଚଳର ଚାଷୀଙ୍କ ଠାରୁ ଏକ ତୃତୀୟାଂଶ ରବିଧାନ ସଂଗ୍ରହ କରିବେ । ଅବଶିଷ୍ଟ ବାହାର ଜିଲାର ମିଲର୍ସମାନେ କିଣିବେ। ଭାରତୀୟ ଖାଦ୍ୟ ନିଗମ ଓ ମିଲର୍ସମାନଙ୍କ ମଧ୍ୟରେ ଚାଉଳ ରପ୍ତାନୀ ଓ ଆମଦାନୀରେ କେଁଯୋଗୁ ସମସ୍ୟା ଉପୁଜିଛି। ତିନିଦିନ ମଧ୍ୟରେ ବିନିକା ଧାନଚାଷୀଙ୍କୁ ଧାନ ବିକ୍ରି ବାବଦ ପ୍ରାପ୍ୟ ମିଳୁଛି ବୋଲି ସେ କହିଥିଲେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଠିକ୍ ଭାବେ ଆଡଜଷ୍ଟ କରିବା କଷ୍ଟକର ହୋଇପାରେ। ସାମାଜିକ କ୍ଷେତ୍ରରେ ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ। କୃଷି, ବ୍ୟବସାୟ,ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଫେରନ୍ତା ବାଟରୁ ଗୃହକୁ କିଛି ମୂଲ୍ୟବାନ କିମ୍ବା ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ**



ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। କାମର ଚାପ ପ୍ରଭାବରୁ ଟେନ୍‌ସନ୍ କିଛି ମାତ୍ରାରେ ଲାଗିରହିବ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ମାନସିକ ଅଶାନ୍ତିର କାରଣ ହେବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମିଥୁନ**



ବନ୍ଧୁମାନଙ୍କ ସହାନୁଭୂତିର ସୁଯୋଗ ଲାଭ କରି ନିଜକୁ ଧନ୍ୟ ମନେକରିବେ। ଯେଉଁ କାମଟିକୁ ଆଜିଯାଏ ଆପଣ କରି ପାରୁ ନ ଥିଲେ ଆଜି ମଧ୍ୟାହ୍ନ ପରେ ତାହା ସୁବିଧାରେ ହୋଇଯିବ। ଘରର ବାରଣ ମାନି କାମ କଲେ ଅବଶ୍ୟ ଉପକୃତ ହେବେ। ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ**



ଆଜି ପ୍ରତିବନ୍ଧକର ସାମ୍ନା କରି କାମ ହାସଲ କରିପାରିବେ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ, କିମ୍ବା ଘରର କଥା ବୁଝିବାକୁ ସମୟ ମଧ୍ୟ ପାଇପାରିବେ ନାହିଁ।

**ସିଂହ**



ପରିବାରର କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ଶିଳ୍ପ,ବାଣିଜ୍ୟ ବ୍ୟବସାୟ, ସଂଗଠନ, ପ୍ରଶାସନ, ବେତାର, ଗଣ ଯୋଗାଯୋଗ ପାଇଁ ଦିନଟି ବହୁତ ଭଲ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ଲଘୁକ୍ରୋଧରୁ କିଛିଟା ହଇରାଣ ହୋଇପାରନ୍ତି। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କନ୍ୟା**



ପରିଶ୍ରମଜନିତ ସ୍ୱାସ୍ଥ୍ୟହାନି ସାଙ୍ଗକୁ ବିଭିନ୍ନ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହୋଇପାରେ। ଦୀର୍ଘଦିନ ହେଲା ଯେଉଁ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇଥିଲେ ତାହା ଅକ୍ଲେଶରେ ହୋଇଯିବ। ଉତ୍ତରା ଫାଲଗୁନୀ ନକ୍ଷତ୍ରର ସାମାଜିକ ସ୍ତରରେ ଲୋକସମ୍ପର୍କ ବଢ଼ିବ।

**ତୁଳା**



ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ କିନ୍ତୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ବିବାଦୀୟ ଘଟଣାରେ ମୁଣ୍ଡ ନ ପୂରାଇ ନୀରବ ରୁହନ୍ତୁ।

**ବିଛା**



କାର୍ଯ୍ୟହାନି ସାଙ୍ଗକୁ ଅଯଥା ଭୟ, ଆଶଙ୍କା ଓ ଉଦ୍‌ବେଗରେ ଦିନଟି କଟିବ। ଅନୁରାଧା ନକ୍ଷତ୍ରର ସ୍ୱାସ୍ଥ୍ୟଗତ ସମସ୍ୟା ମନକୁ ନିରୁତ୍ସାହିତ କରିବ। ଯାହାଙ୍କ ଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ ମନ ଭଲ ରହିବ ନାହିଁ। ଭୁଲ୍ ବୁଝାମଣାବଶତଃ ସାଧାରଣ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ଧନୁ**



ପାରିବାରିକ ଅଶାନ୍ତି ରହିଥିଲେ ମଧ୍ୟ ପରିସ୍ଥିତିକୁ ଦେଖି କାମ କଲେ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ଭୁଲ୍ ବୁଝାମଣା କାରଣରୁ ବନ୍ଧୁ ସମ୍ପର୍କରେ ଅବନତି ଦେଖାଦେଇପାରେ।

**ମକର**



ପରୋକ୍ଷ ଶତ୍ରୁତା, ଧାରକରଜ, ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ନିଜ ସହ ଆଦୌ ପଡୁ ନ ଥିବା ଲୋକମାନେ ଗୁଣଗାନ କରିବା ବଦଳରେ ନିନ୍ଦା ରଚନା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ ଘରୋଇ କଥାରେ କିମ୍ବା କାମରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ**



ଆଜିର ଦିନଟିରେ ମାନ୍ଦା ବେପାର, ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତିରୁ ସହସା ମୁକ୍ତି ମିଳିବ। ପୂର୍ବ ବିବାଦକୁ କେନ୍ଦ୍ରକରି ପ୍ରତିରୋଧ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ**



ପାରିବାରିକ ସ୍ଥିରତା ଓ କର୍ମକ୍ଷେତ୍ରର ସ୍ଥିତି ଅକ୍ଷୁଣ୍ଣ ରହିବା ସାଙ୍ଗକୁ ବିଶେଷ କିଛି ଅସୁବିଧା ହେବନାହିଁ। କିନ୍ତୁ ଉତ୍ତରଭାଦ୍ରବ ନକ୍ଷତ୍ରର ବିଭିନ୍ନ ସମସ୍ୟାରେ ମନ ପୂରାପୂରି ଭାରାକ୍ରାନ୍ତ ରହିବ। ଶିଳ୍ପ, ବ୍ୟବସାୟ , ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

# ୪ ବଳାତ୍କାରୀଙ୍କୁ ୨୦ ବର୍ଷ ଲେଖାଏ ଜେଲ

## ମହିଳାଙ୍କୁ ଗଣ ବଳାତ୍କାର ଘଟଣା

**ବଇଣ୍ଡା/ ଆଠମଲ୍ଲିକ,୨୭।୫(ଡି.ଏନ.ଏ.** ଅନୁଗୋଳ ଜିଲା ଆଠମଲ୍ଲିକସ୍ଥିତ ଆଡିଶନାଲ ଜିଲା ଓ ଦୌରାଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ ଶୁକ୍ରବାର ୨୦୧୮ରେ ଘଟିଥିବା ଏକ ଗଣବଳାତ୍କାର ମାମଲାର ବିଚାର କରି ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟସ୍ଥଳେ ୪ ବଳାତ୍କାରୀ ହଣ୍ଡପା ଥାନା କମରେଇ ଗ୍ରାମର ପିଲୁ ବେହେରା, ଠାକୁରଗଡ଼ ଥାନା କୁସୁମଧରା ଗ୍ରାମର ନିଲମ ସାହୁ, ଛେଣ୍ଡିପଦା ଥାନା ବାରମଞ୍ଚା ଗ୍ରାମର ସୁଜିତ ବେହେରା ଓ ଟାଙ୍ଗିରୀ ଗ୍ରାମର ଦିବ୍ୟରଞ୍ଜନ ବାରିକଙ୍କୁ ଅଧିକ ୨ ବର୍ଷ ଲେଖାଏ ସଜା କାଟିବାକୁ ରାୟରେ ସ୍ପଷ୍ଟ କରିଛନ୍ତି। ତେବେ ଘଟଣାର ୫ମ ଅଭିଯୁକ୍ତ ଜରପଡା ଥାନା ମଲାରସାହିର ପ୍ରଦୀପ ପ୍ରଧାନଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୧୮ ମେ ୩ ତାରିଖରେ ସମ୍ବଲପୁର ଜିଲାର ଏକ ଦମ୍ପତି କାର୍ ଯୋଗେ କଟକ ଅଭିମୁଖେ ଯାଉଥିଲେ। ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକିଚିଠାରେ ସେମାନେ କିଛି ସମୟ ପାଇଁ ଅଟକିଥିଲେ। ଏହି ସମୟରେ କାର୍‌ର ଡୋର ପଡ଼ିଯିବାରୁ ସ୍ତ୍ରୀ କାର୍‌ରେ ବସି ସାରିଥିବା ଭାବି ସ୍ୱାମୀ ଭୁଲବଶତଃ ଗାଡ଼ି ଚଳାଇ ବଇଣ୍ଡା ଯାଏ ଚାଲିଯାଇଥିଲେ। କାର୍ ପଛେ ପଛେ ସ୍ତ୍ରୀ ଦୌଡୁଥିବା ବେଳେ ରାସ୍ତାରେ ମହିଳାଙ୍କୁ ଏକୁଟିଆ ଦେଖି ଅଭିଯୁକ୍ତମାନେ ତାଙ୍କୁ କମରେଇ ନିକଟ ଜଙ୍ଗଲକୁ ନେଇ ଗଣ ବଳାତ୍କାର କରିଥିଲେ। ତେବେ ବଇଣ୍ଡାଠାରେ ସ୍ତ୍ରୀଙ୍କୁ ଗାଡ଼ିରେ ନ ପାଇ ସ୍ୱାମୀ ପୁଣି ନାକିଚି ଫେରି ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଘଟଣା ପରଦିନ ସ୍ତ୍ରୀଙ୍କ ନିଖୋଜ ସମ୍ପର୍କରେ ସ୍ୱାମୀ ହଣ୍ଡପା ଥାନାରେ ଅଭିଯୋଗ କରିଥିଲେ। ସମ୍ପୃକ୍ତା ମହିଳାଙ୍କୁ ପାରାଦୀପସ୍ଥିତ ସମ୍ପର୍କୀୟଙ୍କ ଘରୁ ଉଦ୍ଧାର କରାଯିବା ପରେ ସେ ଗଣ ବଳାତ୍କାରର ଶିକାର ହୋଇଥିବା ଜଣାପଡ଼ିଥିଲା। ଅଭିଯୋଗ ପାଇ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଗ୍ରହଣ କରି କୋର୍ଟ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ବରିଷ୍ଠ ଆଇନଜୀବୀ ଅଞ୍ଜନ ପ୍ରଧାନ ଓ ବାମନ ମିଶ୍ର ଅଭିଯୁକ୍ତଙ୍କ ପକ୍ଷରୁ ମକଦ୍ଦମା ଲଢୁଥିବା ବେଳେ ସରକାରୀ ଓକିଲ ଭାବେ ଅନୁଗୋଳର ଆଇନଜୀବୀ ପି.କେ. ଦାସ ନିଯୁକ୍ତ ହୋଇଥିଲେ।


# classifieds

**Everyday**
0674-2580101, 2549302





**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱରର ଛତାବରରେ Rs.-299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-512

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ 1700/- per sqft., 1200/- per sqft. ଓ ଦାଶପୁରରେ 800/- per sqft. Contact: 9348549059, 06747964979. D-71997

Bhubaneswar Retanga Station ପାଖରେ 30ft. ରୋଡ୍ ଥାଇ 5000sqft. plot- 35,00,000/-ରେ ବିକ୍ରିହେବ। (registration/ boundary free). 9938016295. D-73252

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-525

3BHK duplex corehouse 20,00,000/- Hanspal (Bainchua) finance available- 8093465134, 9668194157. D-73321

Freehold land 1st corner plot 19906, 2nd plot 6534sqft. with boundary, landmark Malatipatapur Waterpark ମୌଜା- କଞ୍ଚଶାସନ, RI- ମୋରଡ଼ପଡ଼ା, Tahasil-Puri. Contact: 9437184488. D-73806

ଭୁବନେଶ୍ୱର ଟଙ୍କପାଣି ବାଇପାସ୍‌ରୁ 200mtr ଭିତରେ ଘରବାଡ଼ି ପାଚେରୀ ପ୍ଲଟ୍ ବିକ୍ରିହେବ। 9827119799. D-73804

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-524

Plot for sale near to Gopinathpur, Puri. 1. ଜଗନ୍ନାଥ ମନ୍ଦିର ଠାରୁ 4 କିଲୋମିଟର ଦୂରରେ 2. ଏୟାରପୋର୍ଟ ଠାରୁ 7 କିଲୋମିଟର ଦୂରରେ 3. ସମୁଦ୍ର ଠାରୁ 4 କିଲୋମିଟର ଦୂରରେ 4. ମେଡିକାଲ ଛକ ଠାରୁ 3 କିଲୋମିଟର ଦୂରରେ 5. ସେତୁ ରୋଡ୍ ଠାରୁ 200 ମିଟର ଦୂରରେ 6. ନୂଆ ବସ୍‌ଷ୍ଟାଣ୍ଡ ଠାରୁ 200 ମିଟର ଦୂରରେ 7. ରେଳୱେ ଷ୍ଟେସନ ଠାରୁ 4 କିଲୋମିଟର ଦୂରରେ 8. ପୁରୁଣା ବସ୍‌ଷ୍ଟାଣ୍ଡ ଠାରୁ 4 କିଲୋମିଟର ଦୂରରେ ରହିଛି। ଇଚ୍ଛୁକ ବ୍ୟକ୍ତିମାନେ ନିମ୍ନ ନମ୍ବରରେ ଯୋଗାଯୋଗ କରିପାରିବେ। Phone No.- 7991057729, 7873757833. D-585

**ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/ flat ଅଛି। 9658122456, 8327785834.** D-73241

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରଉପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435





**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237





2BHK for rent 118-Ratnakarbag-1 Tankapani road, BBSR, Mob: 8130423291. D-577





Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73801

Mesmerizing, energetic body, mind qualitative relaxing massage experienced therapists. 9668374480. D-73609

Refreshing your mind and body with the best therapy, 7873794731. D-317

**Relax, Refresh your body, mind at Saikrupa Spa with best therapies. 8984068077.** D-488





**Institute of Astroguideର ନିଜସ୍ୱ ପ୍ରସ୍ତୁତ ଜାତକଗଣନା ଓ ପ୍ରତିକାର ବ୍ୟବହାର କରି ଘରେ ବସି ମାସକୁ 30,000 ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ସଂସ୍ଥା ଦ୍ୱାରା ସମସ୍ତ ପ୍ରଚାର ପ୍ରସାର ପରିଚାଳନା କରାଯିବ। ଜ୍ୟୋତିଷ କିମ୍ବା ଜ୍ୟୋତିଷ ଶାସ୍ତ୍ରରେ ରୁଚି ରଖୁଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ। ଯୋଗାଯୋଗ- ମହାମାହୋପାଧ୍ୟାୟ ପଣ୍ଡିତ ଗଣେଶ ଶାସ୍ତ୍ରୀ, ବରମୁଣ୍ଡା, ଭୁବନେଶ୍ୱର। 7008510005, 9437932751.** D-73805

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ହାଇ ସିକ୍ୟୁରିଟି ନମ୍ବର ...

ପରେ ଭେଣ୍ଡରମାନେ ପରିବହନ ଲେଜର କୋଡ୍ ପରିବହନ ବିଭାଗ ୱେବ୍‌ସାଇଟ 'ବାହାନ' ପୋର୍ଟାଲ ସହିତ ଅପ୍‌ଡେଟ୍ ହୋଇଛି କି ନାହିଁ ତାହା ନିଶ୍ଚିତ କରିବେ। ନମ୍ବର ପ୍ଲେଟ୍ ପାଇଁ ବୁକ୍ କରିଥିବା ଗାଡ଼ି ମାଲିକଙ୍କୁ ଏସ୍‌ଏମ୍‌ଏସ୍ ଜରିଆରେ ସମସ୍ତ ସୂଚନା ପ୍ରଦାନ କରିବେ। ଯଦି କୌଣସି ଯାନର ବୈଧ ପଞ୍ଜୀକରଣ ସାର୍ଟିଫିକେଟ ନ ଥିବ କିମ୍ବା ଟିକସ ବାକି ରହିଥିବ ତେବେ ସେମାନଙ୍କୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବାକୁ ଅନୁମତି ମିଳିବ ନାହିଁ। ସେହିପରି ଯାନ ନିର୍ମାତାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସଂସ୍ଥା ବ୍ୟତୀତ ଅନ୍ୟ କୌଣସି ଡିଲର କିମ୍ବା ବ୍ୟକ୍ତି ଯଦି ଏଚ୍‌ଏସ୍‌ଆରପି ଯୋଗାଣ କରିବା ଜଣାପଡ଼ିବ ତେବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପରିବହନ କମିଶନର ଅରୁଣ ବୋଥ୍ରା କହିଛନ୍ତି। ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ପଦକ୍ଷେପ ନେବାକୁ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଆର୍‌ଟିଓମାନେ ସେମାନଙ୍କ ଅଞ୍ଚଳରେ ଥିବା ଡିଲରମାନଙ୍କ ସହ ବୈଠକ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ମୋଡାଲିଟି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଦେଶରେ ବଢୁଥିବା ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଯାନବାହନଗୁଡ଼ିକରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ନମ୍ବର ପ୍ଲେଟ୍ ନୂଆ ଗାଡ଼ି କିଣିବା ସମୟରେ ଲାଗିକରି ଆସିବ। ବିନା ନମ୍ବରରେ କୌଣସି ନୂତନ ଯାନ ରାସ୍ତାରେ ଚାଲିପାରିବ ନାହିଁ। ଏଥିପାଇଁ ମାଲିକଙ୍କୁ ଜରିମାନା ଦେବାକୁ ପଡ଼ିବ। ତେବେ ଏହି ଉଚ୍ଚ ସୁରକ୍ଷା ସମ୍ପନ୍ନ ନମ୍ବର ପ୍ଲେଟ୍‌କୁ କୌଣସି ପରିସ୍ଥିତିରେ ଖୋଲାଯାଇ ପାରିବ ନାହିଁ। ଖୋଲିବା ମାତ୍ରେ ତାହା ନଷ୍ଟ ହୋଇଯିବ। ଏହାଛଡ଼ା ଏହି ନମ୍ବର ପ୍ଲେଟ୍‌ରେ ଥିବା ବାରକୋଡ୍ ପରିବହନ କାର୍ଯ୍ୟାଳୟର 'ବାହାନ' ସଫ୍ଟୱେର ସହ ଯୋଡ଼ିହୋଇ ରହିବ। ନମ୍ବର ପ୍ଲେଟ୍ ପରିବର୍ତ୍ତନ କଲେ ନିକଟସ୍ଥ ପରିବହନ କାର୍ଯ୍ୟାଳୟକୁ ମାଲିକଙ୍କ ବିଷୟରେ ସମସ୍ତ ସୂଚନା ମିଳିପାରିବ। ଦେଶର ସୁରକ୍ଷା ଦୃଷ୍ଟିରୁ କେନ୍ଦ୍ର ସରକାର ସମଗ୍ର ଦେଶରେ ଏହି ବ୍ୟବସ୍ଥା ଲାଗୁ କରିଛନ୍ତି। ଓଡ଼ିଶାରେ ୨୦୧୯ ଏପ୍ରିଲ ପହିଲାରୁ ନୂତନ ଗାଡ଼ିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲାଗିବା ଆରମ୍ଭ ହୋଇଛି। ଏବେ ପୁରୁଣା ଗାଡ଼ିରେ ଉକ୍ତ ନମ୍ବର ପ୍ଲେଟ୍ ଲାଗିବ।

### ଲଲାଟଙ୍କୁ ଧର୍ମପଦ ...

ମାର୍ଗଦର୍ଶକ ସାଜିଥିଲେ। ସେ ଓଡ଼ିଶା ଲଳିତ କଳା ଏକାଡେମୀ ରାଜ୍ୟ ପୁରସ୍କାର, ବିପ୍ରଚରଣ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ପୁରସ୍କାର, ରଘୁରାଜପୁର ଗୁରୁକୁଳ ଆଶ୍ରମ ପୁରସ୍କାର, ଶିଳ୍ପୀ ସମ୍ରାଟ ପୁରସ୍କାର, କଳାଜ୍ୟୋତି ସମ୍ମାନ ଓ ବୟନ ବିଭବ ସମ୍ମାନ ଆଦି ବହୁ ପୁରସ୍କାର ଓ ସମ୍ମାନ ପାଇଛନ୍ତି।

### ଆର୍ଯ୍ୟନଙ୍କୁ ଏନ୍‌ସିବି ...

କହିଥିଲେ, କେତେଜଣଙ୍କୁ ପଚରାଉଚରା କରାଯାଇଥିଲା। କିନ୍ତୁ ସେମାନଙ୍କ ନାମ ସେ ଉଲ୍ଲେଖ କରି ନ ଥିଲେ। ଆର୍ଯ୍ୟନଙ୍କ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗି କହିଛନ୍ତି, ସତ୍ୟ ସାମ୍ନାକୁ ଆସିଛି। ମୁଁ ଆଶ୍ୱସ୍ତ, ମୋ ମହକିଲ ଏବଂ ତାଙ୍କ ବାପା ଶାହରୁଖ୍ ମଧ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ଆର୍ଯ୍ୟନଙ୍କ ବିରୋଧରେ କିଛି ପ୍ରମାଣ ନ ଥିଲା। ତାଙ୍କୁ ବିନା କୌଣସି ଆଧାରରେ ଗିରଫ କରାଯାଇଥିଲା। ଏନ୍‌ସିବି ନିଜ ଭୁଲ୍ ସ୍ୱୀକାର କରିଛି। ପ୍ରକାଶ ଯେ, ଏହି ମାମଲାରେ ଏନ୍‌ସିବିର ତତ୍କାଳୀନ ଜୋନାଲ ଡାଇରେକ୍ଟର ସମୀର ୱାଙ୍ଖଡେଙ୍କ ଭୂମିକା ମୂଳରୁ ସନ୍ଦେହ ଘେରରେ ରହିଥିଲା। ସେ ଶାହରୁଖ୍‌ଙ୍କୁ ଫସାଇବା ପାଇଁ ଆର୍ଯ୍ୟନଙ୍କୁ ଗିରଫ କରିଥିବା ସେତେବେଳେ ଅଭିଯୋଗ ହୋଇଥିଲା। ମାମଲା ରଫାଦଫା କରି ଆର୍ଯ୍ୟନଙ୍କୁ ଛାଡ଼ିବା ପାଇଁ ୱାଙ୍ଖଡେ ୨୫ କୋଟି ଟଙ୍କା ଦାବି କରିଥିବା ସାମ୍ନାକୁ ଆସିଥିଲା। ତେଣୁ ଏହା ଗିରଫଦାରି ନୁହେଁ, ବରଂ ସମ୍ପୂର୍ଣ୍ଣ ଭାବେ ରାନ୍‌ସମ୍ ଫର୍ କିଡ୍‌ନାପ୍ (ମୁକ୍ତିଅର୍ଥ ପାଇଁ ଅପହରଣ) ଉଦ୍ୟମ ଥିଲା ବୋଲି ନଭେମ୍ବର ୭ରେ ମହାରାଷ୍ଟ୍ର କ୍ୟାବିନେଟ ମନ୍ତ୍ରୀ ନୱାବ ମଲିକ୍ ଅଭିଯୋଗ ଆଣିଥିଲେ। ମଲିକଙ୍କ ମତରେ ୱାଙ୍ଖଡେ ଉକ୍ତ ଅପହରଣ ଚକ୍ରାନ୍ତରେ ସାମିଲ ଥିଲେ। ଭାଜପା ନେତା ମୋହିତ କାମ୍ବୋଜ ଏହି ଷଡ଼ଯନ୍ତ୍ର ରଚିଥିଲେ। ଏବେ ଏନ୍‌ସିବି ଆର୍ଯ୍ୟନଙ୍କୁ କ୍ଲିନ୍‌ଚିଟ୍ ଦେବା ପରେ ନୱାବ୍ ମଲିକ୍ ସତ କହିଥିଲେ ବୋଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ଭୁଲ୍ କାମ କରି ଏନ୍‌ସିବିକୁ ନିନ୍ଦିତ କରିଥିବା ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ୱାଙ୍ଖଡେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅର୍ଥ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ତାଙ୍କ ବିରୋଧରେ ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ଚାକିରି କରିବା ଅଭିଯୋଗ ମଧ୍ୟ ରହିଛି।

### 'ଟମ୍ବ ଅଫ୍ ସ୍ୟାଣ୍ଡ୍'କୁ ...

ଫରାସୀ, ଜର୍ମାନ, ସର୍ବିଆନ୍ ଓ କୋରିଆନ୍ ଭାଷାରେ ଅନୂଦିତ ହୋଇଛି। ତାଙ୍କ ଉପନ୍ୟାସ 'ରେତ୍ କୀ ସମାଧି' (୨୦୧୮)କୁ ଆମେରିକୀୟ ପେଣ୍ଟର ତଥା ଲେଖିକା ଡେଜି ରକ୍‌ୱେଲ ଇଂଲିଶ୍ ଭାଷାରେ ଅନୁବାଦ କରିଛନ୍ତି। ଜଣେ ୮୦ ବର୍ଷୀୟା ମହିଳାଙ୍କ ସ୍ୱାମୀ ଚାଲିଯିବା ପରେ ସେ ଗଭୀର ଅବସାଦଗ୍ରସ୍ତ ହୋଇପଡ଼ିଛନ୍ତି ଏବଂ ପରବର୍ତ୍ତୀ ସମୟରେ ନୂଆ ଜୀବନ ଆରମ୍ଭ କରିଛନ୍ତି। ବୃଦ୍ଧାଙ୍କ ଜୀବନ ଓ ବିସ୍ମୟକର ଅତୀତକୁ ନେଇ ଏହି ପ୍ରେରଣାଦାୟକ ଉପନ୍ୟାସ ଗତିଶୀଳ ହୋଇଛି। ଗୀତାଞ୍ଜଳୀ ଶ୍ରୀ ଏବଂ ଡେଜି ରକ୍‌ୱେଲ ମିଳିତ ଭାବେ ୨୦୨୨ ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ୍ ଲାଭ କରିଛନ୍ତି। ପୁରସ୍କାର ରାଶି ବାବଦକୁ ୫୦,୦୦୦ ପାଉଣ୍ଡ (ପ୍ରାୟ ୪୮,୯୫,୮୫୭ ଟଙ୍କା) ଦିଆଯାଇଛି, ଯାହାକୁ ଉଭୟ ଲେଖିକା ଓ ଅନୁବାଦିକା ଦୁଇଭାଗ କରିବେ। ପୁରସ୍କାର ଗ୍ରହଣ ଅବସରରେ ଗୀତାଞ୍ଜଳି ଶ୍ରୀ କହିଛନ୍ତି, ବୁକର୍ ପୁରସ୍କାର ପାଇବେ ବୋଲି ସେ କେବେ ସ୍ୱପ୍ନରେ ବି କଳ୍ପନା କରି ନ ଥିଲେ। ଏତେ ବଡ଼ ସ୍ୱୀକୃତି ପାଇ ସେ ଉଲ୍ଲସିତ ଓ ସମ୍ମାନିତ। ଏହା ଦେଶ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। ଏହି ଅବସରରେ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବୁକର୍ ପୁରସ୍କାର ଦୌଡ଼ରେ ଆଉ ୫ଟି ଉପନ୍ୟାସ ଥିଲା। ସେଗୁଡ଼ିକ ହେଲା ବୋରା ଚୁଙ୍ଗ୍‌ଙ୍କ କ୍ରୁସେଡ୍ ବୁନି, ଜନ୍ ଫୋସେଙ୍କ ଏ ନ୍ୟୁ ନେମ୍: ସେପ୍ଟୋଲୋଜି ୬ଷ୍ଠ-୭ମ, ମିଏକୋ କାୱାକାମିଙ୍କ ହେଭେନ୍, କ୍ଲାଉଡିଆ ପିନେରିଓଙ୍କ ଏଲେନା ନୋଜ୍ ଏବଂ ଓଲ୍‌ଗା ଟୋକାର୍ଜୁକ୍‌ଙ୍କ ପୁସ୍ତକ ଦି ବୁକ୍ ଅଫ୍ ଜାକୋବ୍।

### ଇଲେକ୍ଟୋରାଲ ବଣ୍ଡରୁ ...

ଆୟ ପରିମାଣ ୬୬.୩୩୨ କୋଟି ଟଙ୍କା ଅଧିକ। ବିଜେଡି ଆୟର ମୁଖ୍ୟ ଉତ୍ସ ହେଲା ଚାନ୍ଦା ଓ ଅନୁଦାନ, ଯେଉଁଥିରୁ ୬୭.୦୦୨୩ କୋଟି ଟଙ୍କା ମିଳିଛି। ଏହା ବ୍ୟତୀତ ବ୍ୟାଙ୍କ ସୁଧ ବାବଦରେ ୬.୧୬ କୋଟି ଏବଂ ଫି ଓ ଅନ୍ୟାନ୍ୟ ଦେୟ ବାବଦରେ ୦.୧୭୭ କୋଟି ଟଙ୍କା ସଂଗ୍ରହ କରାଯାଇଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର୍) ପକ୍ଷରୁ ରାଜନୈତିକ ଦଳଗୁଡ଼ିକର ଆୟବ୍ୟୟର ବିଶ୍ଳେଷଣ କରାଯାଇଥିବାବେଳେ ସେଥିରେ ବିଜେଡିର ଆୟ ୨୦୧୯-୨୦ ବର୍ଷ ତୁଳନାରେ ୨୦୨୦-୨୧ରେ ପ୍ରାୟ ୧୭ କୋଟି ଟଙ୍କା ହ୍ରାସ ପାଇଥିବା କୁହାଯାଇଛି। ୨୦୧୯-୨୦ ବର୍ଷରେ ବିଜେଡି ୯୦.୩୫ କୋଟି ଟଙ୍କା ଆୟ କରିଥିବା ଏଡିଆର୍ ରିପୋର୍ଟରେ ଦର୍ଶାଯାଇଛି।

### ଅଧ୍ୟାପକ ନିଯୁକ୍ତି ...

ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ୟୁଜିସି କହିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବା ସହ ନିଯୁକ୍ତି ପ୍ରକ୍ରିୟାରୁ ଦୂରେଇ ରହିବାକୁ ୟୁଜିସି ଚିଠିରେ ଉଲ୍ଲେଖ କରିଥିଲା। ଅବମାନନା କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ୟୁଜିସି ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଥିଲା। ସେପଟେ ଶୁକ୍ରବାର ଏହିମାମଲାରେ ଚୂଡ଼ାନ୍ତ ରାୟ ନ ଆସିବା ପର୍ଯ୍ୟନ୍ତ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ କରିବାକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ(ୟୁୟୁଟିଏ) ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଦାବି ଜଣାଇଥିଲେ।

### ଗଛରେ ବାନ୍ଧି ...

ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁଲୁ ସୁରିନଙ୍କ ଅଭିଯୋଗକୁ ଭିତ୍ତି କରି ଶରତ ଥାନାରେ ଏକ ହତ୍ୟା ମାମଲା (ନଂ.୪୪/୨୨) ରୁଜୁ ହୋଇଛି। ହତ୍ୟାରେ ବ୍ୟବହୃତ କାଠଫାଳିଆକୁ ପୋଲିସ ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ହୀରାକୁଦ ସାମ୍ମୁଖ୍ୟର କାର୍ଯ୍ୟକାରୀ କମିଟି ବୈଠକ, ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ସାଢ଼େ ୬ଟା ।

## ସଂକ୍ଷେପରେ

### ବଳାତ୍କାର ଘଟଣାର ଅନ୍ୟତମ ଅଭିଯୁକ୍ତ ଗିରଫ



କୁଚିଣ୍ଡା,୨୭।୫ (ଡି.ଏନ୍.ଏ.): କୁଚିଣ୍ଡା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୨୦ କରୋନା ଲକ୍‌ଡାଉନ ସମୟରେ ଟ୍ୟୁଶନରୁ ଫେରିବା ବାଟରେ କିରାଶାସନ ଗ୍ରାମର ବାଦଲ ମିଞ୍ଜ ଓ ନାରେନ ମାଝି ଟେକିନେଇ ବଳାତ୍କାର କରିଥିଲେ। ପରେ ସେମାନେ ଏହାର ଭିଡିଓ ଉତ୍ତୋଳନ କରିଥିଲେ। ସେହିଦିନରୁ ଅଭିଯୁକ୍ତଦ୍ୱୟ ନାବାଳିକାଙ୍କୁ ବ୍ଲାକ ମେଲିଂ କରି ମାନସିକ ନିର୍ଯାତନା ଦେଇଆସୁଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ କୁଚିଣ୍ଡା ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ମାମଲା ରୁଜୁକରି ତଦନ୍ତ କରୁଥିବାବେଳେ ବୁଧବାର ବାଦଲ ମିଞ୍ଜଙ୍କୁ ଗିରଫ କରି ପୋକ୍‌ସୋ କୋର୍ଟ ଚାଲାଣ କରିଥିଲା। ଅନ୍ୟତମ ଅଭିଯୁକ୍ତ ନାରେନ(୨୧)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ଶୋଭାକର ସେଠ କହିଛନ୍ତି।

### ନାବାଳିକା ନିଖୋଜ, ଥାନାରେ ଅଭିଯୋଗ

ରାଉରକେଲା ଅଫିସ,୨୭।୫: ରାଉରକେଲା ସେକ୍ଟର-୩ ଥାନା ଅଧୀନ ସେକ୍ଟର-୨ ଅଞ୍ଚଳର ଜଣେ ଯୁବତୀ ନିଖୋଜ ହୋଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୬୨।୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି। ଗୁରୁବାର ଉକ୍ତ ଯୁବତୀ ଶକ୍ତିନଗରକୁ କୋଚିଂ ପାଇଁ ଯାଇଥିଲେ। କୋଚିଂ ସାରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଯୁବତୀଙ୍କ ପତ୍ତା ନ ମିଳିବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

### ସମଲେଇଙ୍କ ଦର୍ଶନ ସମୟ ବୃଦ୍ଧି ଦାବି

ସମ୍ବଲପୁର,୨୭।୫(ବ୍ୟୁରୋ)- ସମ୍ବଲପୁର ମା' ସମଲେଇଙ୍କ ଦର୍ଶନ ସମୟସୀମା ବୃଦ୍ଧି କରିବାକୁ ଏଡିଏମ୍ ଉମାକାନ୍ତ ରାଜଙ୍କୁ ସମ୍ବଲପୁର ବୁଦ୍ଧିଜୀବୀ ଫୋରମ ପକ୍ଷରୁ ଦାବି କରାଯାଇଛି। କୋଭିଡ୍ କଟକଣା ଯୋଗୁ ଦର୍ଶନ ସମୟରେ କଟକଣା କରାଯାଇଥିଲା। ସନ୍ଧ୍ୟା ୭ଟାରେ ସାଧାରଣ ଦର୍ଶନ ଉପରେ ଏବେ ମଧ ରୋକ ଲଗାଯାଇଛି। ଏବେ କୋଭିଡ୍ କଟକଣା କୋହଳ ହୋଇଥିବାବେଳେ ଭୟ ମଧ କମିଯାଇଛି। ତେଣୁ ସମୟସୀମା ପୂର୍ବ ଭଳି କରାଯାଉ ବୋଲି ଦାବି କରାଯାଇଛି। ରାତି ୧୦ ପର୍ଯ୍ୟନ୍ତ ବୃଦ୍ଧି କରାଗଲେ ଜିଲା ତଥା ଜିଲା ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ସୁବିଧା ହେବ ବୋଲି କୁହାଯାଇଛି। ଦାବିପତ୍ରରେ ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ସହ ସଂଯୋଜକ ଅରବିନ୍ଦ ନାଏକ, ଗୋବିନ୍ଦ ଅଗ୍ରୱାଲ, ସୁନିଲ ନନ୍ଦ, ପ୍ରଦୀପ ସୁପକାର, ପ୍ରଦୀପ ଦାଶ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

### ଏସ୍‌ୟୁରେ ଲିଙ୍ଗଗତ ସମାନତା ଉପରେ ଆଲୋଚନାଚକ୍ର


ସମ୍ବଲପୁର,୨୭।୫(ବ୍ୟୁରୋ): ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଓ ସଏଲ୍ ସାମାଜିକ ଅନୁଷ୍ଠାନ ପକ୍ଷରୁ ଲିଙ୍ଗଗତ ସମାନତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପିଜି କାଉନସିଲ ଅଧକ୍ଷ ପ୍ରଫେସର ସଞ୍ଜତ କୁମାର ସାହୁ ମୁଖ୍ୟ ଅତିଥି, ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ତତମାସୀ ପାଲଟା ସିଂ ସମ୍ମାନିତ ଅତିଥି ଓ ବାଇଓଟେକ୍ନୋଲୋଜି ଅଧାପିକା ଡ. ସ୍ମରଣିକା ପଟ୍ଟନାୟକ, ଆଇନ ବିଭାଗ ଅଧାପିକା ଡ. ଦୀପ୍ତିରେଖା ମହାପାତ୍ର ବକ୍ତା ଭାବେ ଯୋଗଦେଇଥିଲେ। ସମାଜ ବିଜ୍ଞାନ ବିଭାଗ ଅଧାପକ ଡ. ସାଶ୍ୱତ ଚନ୍ଦ୍ର ପୂଜାରୀ ଓ ସଏଲ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହପ୍ରତିଷ୍ଠାତା ଶିଖା ପାତ୍ର ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏଥିରେ ବିଶ୍ୱ ବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଯୋଗଦେଇଥିଲେ। ସମାଜ ବିଜ୍ଞାନ ବିଭାଗ ଛାତ୍ରୀ ମିତାରାଣୀ ସୁବୁଦ୍ଧି ପ୍ରାରମ୍ଭିକ ସୂଚନା ଓ ବିଜୟଲକ୍ଷ୍ମୀ ସାହୁ ଧନ୍ୟବାଦ ଦେଇଥିଲେ।

# ଅଧିକାରୀଙ୍କୁ ନ ପାଇ ଲୋକେ ନିରାଶ

ଜମନକିରା,୨୭।୫(ଡି.ଏନ୍.ଏ.):

ଲୋକେ ବିଭିନ୍ନ କାମ ନେଇ ଅଫିସକୁ ଯାଉଥିଲେ ମଧ ଅଧିକାରୀଙ୍କୁ ନ ପାଇ ନିରାଶ ହେଉଛନ୍ତି। ଜମନକିରା ତହସିଲ ଅଫିସରେ ଏପରି ଘଟଣା ନିତିଦିନିଆ ହୋଇଥିବା ଅଭିଯୋଗ ହେଉଛି।
ସୂଚନା ଅନୁସାରେ, ଏକ ଜମିଜମା ମାମଲା ନେଇ ୨୬ ତାରିଖରେ ଉପସ୍ଥିତ ହେବାକୁ ତହସିଲଦାର ଚିଠି ସଂ.୧୨୬/୨୦।୫।୨୨ରେ ଖରସନମାଲ ପଞ୍ଚାୟତ କୁମକାପାଲି ଗ୍ରାମର ସୁଶାନ୍ତ ପଧାନ, ସାବିତ୍ରୀ ପଧାନ, ପୂର୍ଣ୍ଣିମା ପଧାନ, ସୁଷମା ପଧାନ, ବିଷ୍ଣୁପ୍ରିୟା ପଧାନ, ଅନୁପମା ବାରିକ ଓ ସୁରମା ବଢ଼େଇଙ୍କୁ ନୋଟିସ କରିଥିଲେ। ତଦନୁଯାୟୀ ଏମାନେ ଅଫିସରେ ପହଞ୍ଚିଥିଲେ ମଧ ତହସିଲଦାର କିମ୍ବା

**ଜମନକିରା ତହସିଲ କାର୍ଯ୍ୟାଳୟ**



ଅଫିସରେ ଚୌକି ଖାଲିପଡ଼ିଛି।

ଅତିରିକ୍ତ ତହସିଲଦାର ଅନୁପସ୍ଥିତ ଥିବାରୁ ନିରାଶରେ ଫେରିଥିବା କହିଛନ୍ତି। ସେହିପରି ଟିକେଶ୍ୱର ନାୟକ କୌଣସି କାମରେ ତହସିଲ କାର୍ଯ୍ୟାଳୟରେ ସାଢ଼େ ୮ଟାରେ ପହଞ୍ଚିଥିଲେ ମଧ କାହାକୁ ଦେଖିବାକୁ ପାଇ ନ ଥିବା କହିଛନ୍ତି। ବର୍ତ୍ତମାନ ସକାଳୁଆ ଅଫିସ ହୋଇଥିବାବେଳେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୯ଟା ପର୍ଯ୍ୟନ୍ତ କିଛି ତଳିଆ କର୍ମଚାରୀଙ୍କୁ ଛାଡିଦେଲେ ଅନ୍ୟ କର୍ମଚାରୀଙ୍କ ଚୌକି ଖାଲି ଥିବା ଦେଖିବାକୁ ମିଳିଥିଲା। ତହସିଲ କାର୍ଯ୍ୟାଳୟ ପାଖରେ ଅଧିକାଂଶ ଅଧିକାରୀଙ୍କ କ୍ୱାର୍ଟର୍ସ ରହିଥିଲେ ମଧ ସମୟ ଅନୁସାରେ ପହଞ୍ଚୁ ନ ଥିବା ଲୋକେ ଅଭିଯୋଗ କରୁଛନ୍ତି। ଆଗାମୀ ଦିନରେ ଏପରି ସମସ୍ୟା ଦୂର ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଜନସାଧାରଣ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଡ. ସୌମ୍ୟରୂପା ରଥଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ ସେ ଅଫିସ କାର୍ଯ୍ୟରେ ଆସିଥିବାବେଳେ ଅତିରିକ୍ତ ତହସିଲଦାର ଅଫିସ କାର୍ଯ୍ୟ ପାଇଁ କୁଚିଣ୍ଡା ଯାଇଥିବା କହିଥିଲେ।

# ସମବାୟ ନିର୍ବାଚନ: ୧୦୩ ନାମାଙ୍କନପତ୍ର ଦାଖଲ

ଜମନକିରା,୨୭।୫(ଡି.ଏନ୍.ଏ.):

ଜମନକିରା ବ୍ଲକରେ ଥିବା ତିନୋଟି ଲ୍ୟାମ୍ପ୍‌ସରେ ମୋଟ ୧୦୩ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସୂଚନା ଅନୁସାରେ, ପ୍ରତ୍ୟେକ ଲ୍ୟାମ୍ପ୍‌ସକୁ ୧୫ ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇ ନିର୍ବାଚନ ପ୍ରକ୍ରିୟା ହେଉଛି। ଧାର୍ଯ୍ୟ ତାରିଖ ଅନୁଯାୟୀ ଶୁକ୍ରବାର କୁକୁଣ୍ଡି ଲ୍ୟାମ୍ପ୍‌ସରେ ୩୧, ଫାଶିମାଲ ଲ୍ୟାମ୍ପ୍‌ସରେ ୩୩ ଓ ଜମନକିରା ଲ୍ୟାମ୍ପ୍‌ସରେ ୩୯ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ନିର୍ବାଚନ ଅଧିକାରୀ ଭାବେ ତିନି ଲ୍ୟାମ୍ପ୍‌ସ ପାଇଁ ଯଥାକ୍ରମେ ଫକୀର ମୋହନ ବାଗ, ଜଗଦୀଶ ପ୍ରସାଦ ଧାନ ଓ ବିନୟ କୁମାର ପ୍ରଧାନ ପରିଚାଳନା କରିଥିଲେ। ଆସନ୍ତା ୨୯ରେ ଯାଞ୍ଚ ଓ ନାମାଙ୍କନ ପତ୍ର ପ୍ରତ୍ୟାହାର ଥିବାବେଳେ ୩୧ରେ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ। ଆସନ୍ତା ଜୁନ୍ ୧୯ରେ ନିର୍ବାଚନ ଓ ଭୋଟ ଗଣତି ହେବା ନେଇ ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ସମବାୟ ନିର୍ବାଚନ:୩ ଲ୍ୟାମ୍ପ୍‌ସରେ ୭୬ ନାମାଙ୍କନ

କୁଚିଣ୍ଡା,୨୭।୫(ଡି.ଏନ୍.ଏ.)

ସମବାୟ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର କୁଚିଣ୍ଡା ବ୍ଲକର ୩ଟି ଲ୍ୟାମ୍ପସ ସମିତି ପାଇଁ ମୋଟ ୭୬ ଜଣ ନାମାଙ୍କନ କରିଛନ୍ତି। କୁଚିଣ୍ଡା ସହକାରୀ ନିବନ୍ଧକଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନରେ କୁଚିଣ୍ଡା, ପାରୁଆଭାଡି ଓ କୁସୁମୀ ଲ୍ୟାମ୍ପ୍‌ସ ପାଇଁ ଜୁନ୍ ୧୯ରେ ଡାଇରେକ୍ଟର ନିର୍ବାଚନ ହେବ। ଏହି ୩ଟି ଲ୍ୟାମ୍ପସରେ ଡାଇରେକ୍ଟର ପଦବୀ ୧୫ ଲେଖାଏ ରହିଥିବା ବେଳେ ଶୁକ୍ରବାର ନାମାଙ୍କନର ଶେଷ ଦିବସ ଥିଲା। କୁଚିଣ୍ଡା ଲ୍ୟାମ୍ପସ ପାଇଁ ୨୬, ପାରୁଆଭାଡି ଲାଗି ୨୫ ଓ କୁସୁମୀ ନିମନ୍ତେ ୫ଜଣ ନାମାଙ୍କନ ଦାଖଲ କରିଛନ୍ତି। ରବିବାର ନାମାଙ୍କନ ଯାଞ୍ଚ ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

# ଜୁମା ମସ୍‌ଜିଦରେ ଏମ୍‌ପି ମୁନା ଖାନ



ସମ୍ବଲପୁର ମସ୍‌ଜିଦରେ ରାଜ୍ୟ ସଭା ସଦସ୍ୟ ମୁନା ଖାନ।

ସମ୍ବଲପୁର,୨୭।୫(ବ୍ୟୁରୋ)

ସମ୍ବଲପୁର କଚେରୀସ୍ଥିତ ଜୁମା ମସ୍‌ଜିଦକୁ ରାଜ୍ୟ ସଭା ସଦସ୍ୟ ତଥା ଓଡିଆ ସିନେ କଳାକାର ମୁନା ଖାନ ଶୁକ୍ରବାର ଆସିଥିଲେ। ସେ ନମାଜ ପାଠ କରିବା ସହ ମସ୍‌ଜିଦ କମିଟି କର୍ମକର୍ତ୍ତାଙ୍କୁ ଭେଟିଥିଲେ। ମସଜିଦ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ଜିଲାରେ ବିଜେଡି କିଭଳି ଆହୁରି ସଂଗଠିତ ହେବ ସେ ନେଇ କହିଥିଲେ। ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ସମଗ୍ର ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକ ପ୍ରିୟତା ରହିଛି। ବ୍ରଜରାଜନଗର ଉପନିର୍ବାଚନ ପ୍ରଚାର ସମୟରେ ଏହା ଦେଖିବାକୁ ମିଳୁଛି। ବିଜେଡି ନିଶ୍ଚିତ ଭାବେ ବିଜୟୀ ହେବ ଏବଂ ଭୋଟ ବ୍ୟବଧାନ ଅଧିକ ହେବ ବୋଲି ଆଶା କରାଯାଉଛି।

# ପଥୁରିଆରେ ଋଷିକୁଲ୍ୟା ଆଶ୍ରମ ପ୍ରତିଷ୍ଠା ଉତ୍ସବ

ଜମନକିରା,୨୭।୫(ଡି.ଏନ୍.ଏ.):

ଜମନକିରା ବ୍ଲକ ସର୍ଡା ପଞ୍ଚାୟତ ପଥୁରିଆ ଗାଁ ଘାଟି ତଳଠାରେ ଋଷିକୂଲ୍ୟା ଆଶ୍ରମ ପ୍ରତିଷ୍ଠା ଓ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଜୋନ୍ ୧ ସଦସ୍ୟା ସୁଜାତା ଖୁଣ୍ଟିଆ ମୁଖ୍ୟ ଅତିଥି, ସର୍ଡା ସରପଞ୍ଚ ଗୀତା ବାଘ, ସମିତିସଭ୍ୟ ସିନୁର୍ସ ସୋରେନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମହିଳାମାନେ ଗ୍ରାମର ପିପଲ ବନ୍ଧରୁ ୫୧ ଜଳପୂର୍ଣ୍ଣ କଳସ ପଟୁଆରରେ ଆଣି ପୂଜାସ୍ଥଳରେ ସ୍ଥାପନ କରିଥିଲେ। ଗ୍ରାମର ମୁନୁଣ୍ଡି ଝାଙ୍କର ଓ ସ୍ତ୍ରୀ ସୁବାସିନୀ ଭୂଦାନ କରିଥିଲେ। ପଥୁରିଆ ଗାଁର ଅରକ୍ଷିତ ନାଗ ଓ ତାଙ୍କ ସ୍ତ୍ରୀ ଯଜ୍ଞକର୍ତ୍ତା ଭାବେ



ପ୍ରତିଷ୍ଠା ଉତ୍ସବରେ ଯଜ୍ଞ କାର୍ଯ୍ୟ ଚାଲିଛି।

ଦାୟିତ୍ୱ ତୁଲାଇ ଥିବାବେଳେ ଗୋଡ଼ଭଗା ପ୍ରଭୁଭକ୍ତି ଆଶ୍ରମର ଦେବନାନ ଶାସ୍ତ୍ରୀ ପୁରୋହିତ କର୍ମ କରିଥିଲେ। ସ୍ୱାମୀ ଶିବାନନ୍ଦ ମହାରାଜ, ମଣ୍ଟୁ ବାବା, ବନବାସୀ କଲ୍ୟାଣ ଆଶ୍ରମର ସଂଗଠନ ମନ୍ତ୍ରୀ ଘନଶ୍ୟାମ ମହାନ୍ତ, ଜିଲା ଦେବସେନା ଉପାଧକ୍ଷ ଗୋଲକ ପଧାନ, ୪ନଂ ୱାର୍ଡସଭ୍ୟ ସୌଭାଗ୍ୟ ଅଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ନବ ନିର୍ବାଚିତ ବାଣିଜ୍ୟ ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ରାଉରକେଲା ଅଫିସ,୨୭।୫

ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍‌ର ନବ ନିର୍ବାଚିତ ସଭାପତି ସୁବ୍ରତ କୁମାର ପଟ୍ଟନାୟକ, ସୁନିଲ କାୟଲ, ଉପସଭାପତି ନରେଶ ଆର୍ଯ୍ୟା ଓ ରାଜେଶ ଅଗ୍ରୱାଲଙ୍କୁ ଦେବବ୍ୟାସ ଟ୍ରକ୍ ଓନର୍ସ ଆସୋସିଏଶନ ଏବଂ ଟିପ୍ପର ଆସୋସିଏଶନ ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ରାଉରକେଲାର ୪ଟି ଟ୍ରକ ଓନର୍ସ ଆସୋସିଏଶନ ଓ ଚ୍ୟାମ୍ବର ମଧ୍ୟରେ ବ୍ୟବସାୟିକ କାର୍ଯ୍ୟକ୍ରମ ଆନ୍ତରିକତା ସହ କରାଯିବା ପାଇଁ ସହମତି ପ୍ରକାଶ କରାଯାଇଥିଲା। ଉଭୟ ପକ୍ଷ ମଧ୍ୟରେ ଆପୋଷ ବୁଝାମଣାରେ ସବୁ କାମ କରାଯିବ ବୋଲି ଚ୍ୟାମ୍ବର ସଭାପତି ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବେଦବ୍ୟାସ ଟ୍ରକ ଓନର୍ସ ଆସୋସିଏଶନ ସଭାପତି ବିଜୟ କୁମାର ପ୍ରଧାନ, ଜୟ ବାହାଦୁର ସିଂହ, ସାଧାରଣ ସମ୍ପାଦକ ବିଶ୍ୱ ରଞ୍ଜନ ବେହେରା, ରାମଚନ୍ଦ୍ର ମଲ୍ଲ, ସୁବାସ ଚନ୍ଦ୍ର ଦାସ, ଜଗଦୀଶ ଜସୱାଲ ଏବଂ ମାଇନିଂ ଅଞ୍ଚଳର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ୨୪ଜଣ ନେଲେ କରୋନା ଟିକା

ଜମନକିରା, ୨୭।୫(ଡି.ଏନ୍.ଏ.):

ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତ ଜାମୁମାଲ ଆଶ୍ରମ ସ୍କୁଲରେ ଶୁକ୍ରବାର ମୋଟ୍ ୨୪ ଜଣଙ୍କୁ କରୋନା ଟିକା ଦିଆଯାଇଛି। ଏଥିମଧ୍ୟରେ ସ୍କୁଲର ୪ ଛାତ୍ରୀଛାତ୍ର ରହିଛନ୍ତି। ଏହାସହ ସ୍କୁଲର ୧୨ ବର୍ଷରୁ କମ୍ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏମ୍‌ଏଚ୍‌ୟୁ ହେଲ୍‌ଥ ସେଣ୍ଟର ଜମନକିରାର ନେତ୍ରିପ୍ରଭା କୁସୁମ, ସୁଜ୍ଞାନୀ କୁମାର ନାଏକ ଉପସ୍ଥିତ ରହି ଟିକାକରଣ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ଧାନ, ତପସ୍ୱିନୀ ମାଝି, ସୁନନ୍ଦା ପଟେଲ, ଆଶାକର୍ମୀ ଜୟନ୍ତୀ ନାଏକ ପ୍ରମୁଖ ଉପସ୍ଥିତ ଥଲେ।

# ଯୁବଗୋଷ୍ଠୀଙ୍କ ଭବିଷ୍ୟତ ଉପରେ ଜିଲାସ୍ତରୀୟ କର୍ମଶାଳା

ଭବାନୀପାଟଣା,୨୭।୫(ସ୍ୱ.ପ୍ର.)

ଭବାନୀପାଟଣା ପ୍ଲାନିଙ୍ଗ ଅଫିସର ସମ୍ମିଳନୀ କକ୍ଷରେ ନେହେରୁ ଯୁବକେନ୍ଦ୍ର ଓ ୟୁନିସେଫ ପକ୍ଷରୁ ଯୁବଗୋଷ୍ଠିଙ୍କ ଭବିଷ୍ୟତ ଉପରେ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଯୁବଗୋଷ୍ଠୀଙ୍କ ଭବିଷ୍ୟତ ପାଇଁ ଉପଯୁକ୍ତ ପରାମର୍ଶ ଆବଶ୍ୟକ ରହିଛି। ନିଜର ଭବିଷ୍ୟତ ପାଇଁ କଲେଜ ଛାତ୍ରୀଛାତ୍ରମାନେ ଏବେଠାରୁ ନିଜକୁ ଭଲ ଭାବେ ପ୍ରସ୍ତୁତ କରିବା ଉଚିତ। କେବଳ ସରକାରୀ ଚାକିରୀ ଉପରେ ଭରସା ନ କରି ବିଭିନ୍ନ ସରକାରୀ ଯୋଜନାରେ ଆତ୍ମ ନିର୍ଭର ହେବାକୁ ଅନୁଷ୍ଠିତ ଜିଲାସ୍ତରୀୟ କର୍ମଶାଳାରେ ବକ୍ତାମାନେ ପରାମର୍ଶ ଦେଇଛନ୍ତି। ଅନୁଷ୍ଠିତ କର୍ମଶାଳାରେ ଜିଲା ସଂଯୋଜକ ପ୍ରସନ୍ନ ମେହେର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପ୍ଲାନିଂ ଅଫିସର ଶ୍ରୀକାନ୍ତ ଦଳେଇ, ସମ୍ମାନିତ ଅତିଥି ଭାବେ ୟୁନିସେଫ ପ୍ରୋଜେକ୍ଟ ମୁଖ୍ୟ ପ୍ରକାଶ ପ୍ରଧାନ, ଜୀବନ ଜୀବିକା ମିଶନ କୁମୁଦିନୀ ମିଶ୍ର, ଜିଲା ନିୟୋଜନ ଅଫିସର ଏ. ଉପାଧ୍ୟାୟ, ରିସର୍ଚ୍ଚ ପର୍ସନ ଜିଲା ନିୟୋଜନ ଅଫିସର ଅଜିତ କୁମାର ଉତ୍ତରାୟ, ଓରମାସର ସିଇଓ ଯେ. କେରକେଟା ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଯୁବ କ୍ଲବ ଓ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଯୁବଗୋଷ୍ଠୀ ମଧ୍ୟରେ ଧୈର୍ଯ୍ୟ ଓ ସହନଶୀଳତାର ଅଭାବ ଦେଖା ଦେଉଛି। ଶିକ୍ଷା ସମାପ୍ତ ପରେ ସମସ୍ତ ସରକାରୀ ଓ ବେସରକାରୀ ଚାକିରୀ ସମେତ କର୍ମ ନିଯୁକ୍ତି ପାଇଁ ଏବେ ବ୍ୟାପକ ସୁଯୋଗ ରହିଛି। ଉଚ୍ଚଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦିତା ଦେଖାଦେଇଥିବାରୁ ଛାତ୍ରୀଛାତ୍ରମାନେ ତାହାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହେବା ଉଚିତ। ଏହାଛଡା ଆତ୍ମନିଯୁକ୍ତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ରହିଥିବାରୁ ତାହାର ସୁଯୋଗ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ବଡମଣିଷ ହେବା ପରେ ନିଜ ପିତାମାତା, ଶିକ୍ଷାନୁଷ୍ଠାନ, ମାତୃଭୂମି, ମାତୃଭାଷା, ରାଜ୍ୟ ଓ ଦେଶପ୍ରତି ଅନୁଗତ୍ୟ ରଖିବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ର ଲେଖାପାଳ ଦିତୀୟା ବନଛୋର ଧନ୍ୟବାଦ ଦେଇଥିଲେ।

# ସେଲ୍‌ର ସ୍ୱର୍ଣ୍ଣ ଜୟନ୍ତୀ କାହାଣୀ ପ୍ରତିଯୋଗିତା ଆରମ୍ଭ


ରାଉରକେଲା ଅଫିସ,୨୭।୫:

୧୯୭୩ ଜାନୁଆରୀ ୨୪ରେ ପ୍ରତିଷ୍ଠା ହୋଇଥିବା ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ସେଲ୍) ଏହାର ସ୍ଥାପନାର ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ କରୁଛି। ଏହି ଅବସରରେ କମ୍ପାନୀ ସେଲ୍ ସ୍ୱର୍ଣ୍ଣ ଜୟନ୍ତୀ କାହାଣୀ ଲିଖନ ଉପରେ ପ୍ରତିଯୋଗିତା–୨୦୨୨ ଆରମ୍ଭ ହୋଇଛି। ସେଲ୍ ୫୦ ବର୍ଷର ଗୌରବମୟ ପ୍ରତିଫଳନ ଓ ସେଲ ସ୍ୱର୍ଣ୍ଣ ଜୟନ୍ତୀ ଭାବେ ଭାବରେ କାହାଣୀ ଲିଖନ ପ୍ରତିଯୋଗିତା କରାଯାଉଛି। ପ୍ରତିଯୋଗିତାର ବିଷୟବସ୍ତୁ ରହିଛି 'ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ରାଷ୍ଟ୍ର ନିର୍ମାଣରେ ସେଲ୍‌ର ଯୋଗଦାନ'। ଅଂଶଗ୍ରହଣକାରୀମାନଙ୍କ ସୃଜନଶୀଳ ଲିଖନ ଦକ୍ଷତା ପ୍ରଦର୍ଶନ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

# ସମ୍ବଲପୁରୀ ଶବ୍ଦ ପଶ୍ଚିମାଞ୍ଚଳର ଭାଷାକୁ ବୁଝାଏ

ସମ୍ବଲପୁର,୨୭।୫(ବ୍ୟୁରୋ)

ସମ୍ବଲପୁରୀ ଶବ୍ଦ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ସୀମିତ ରହିନାହିଁ। ଏହି ଶବ୍ଦ ସମଗ୍ର ପଶ୍ଚିମାଞ୍ଚଳର ଭାଷାକୁ ବୁଝାଇଥାଏ। ଗୁରୁବାର ରାତିରେ ସମ୍ବଲପୁରୀ ଭାଷା ପରିଷଦର ପ୍ରତିଷ୍ଠା ଦିବସରେ ବକ୍ତାମାନେ ଏହା କହିଛନ୍ତି । ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ସଭାପତି ସରୋଜ କୁମାର ଦାଶଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ସଂସ୍କୃତି ଗବେଷକ ଡ. ଅନିରୁଦ୍ଧ କୁରକୁରିଆ ମୁଖ୍ୟବକ୍ତା ଓ ଅଗ୍ନିଶିଖା ସମ୍ପାଦକ ଅର୍ଜୁନ ରଞ୍ଜନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ପାଦକ ପ୍ରଶାନ୍ତ କୁମାର ପାଢ଼ଯୋଷୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନୁଷ୍ଠାନର ସାହିତ୍ୟ ଓ ପତ୍ରିକା ସମ୍ପାଦକ ବୋଧରାମ ଦାଶ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ତାଳଚେର ବିଧାୟକଙ୍କ ବିସ୍ଥାପିତ ଦର୍ଲିପାଲି ଗ୍ରାମ ପରିଦର୍ଶନ

ଝାରସୁଗୁଡ଼ା ଅଫିସ,୨୭।୫

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ଲଖନପୁର କ୍ଷେତ୍ରାଧିନ ବେଲପାହାଡ ଖୋଲାମୁହଁ କୋଇଲା ଖଣି ଦ୍ୱାରା ବିସ୍ଥାପିତ ଦର୍ଲିପାଲି ଗ୍ରାମର ବହୁବିଧ ସମସ୍ୟା ଲାଗିରହିଛି। ଏହି ପରିପ୍ରେକ୍ଷୀରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଶୁକ୍ରବାର ଗ୍ରାମରେ ପହଞ୍ଚି ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଛନ୍ତି। ପରେ ଗ୍ରାମବାସୀଙ୍କ ଅନୁରୋଧକ୍ରମେ ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପରିଦର୍ଶନକରି ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ସଂଗ୍ରାମ ସମିତିର ସଭାପତି ବିରଞ୍ଚି ସାହୁ ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ନେଇ ସେ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି କହିଛନ୍ତି।



ତାଳଚେର ବିଧାୟକ ଦର୍ଲିପାଲି ଗ୍ରାମ ପରିଦର୍ଶନ କରୁଛନ୍ତି।

## ବ୍ରଜରାଜନଗର ଉପନିର୍ବାଚନ ଖବର

# ବିଜେଡିର ମହିଳା ସମାବେଶ




ସମାବେଶରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ।

ବ୍ରଜରାଜନଗର, ୨୭।୫(ଡି.ଏନ.ଏ.)

ବ୍ରଜରାଜନଗର ପୌରାଞ୍ଚଳ ବୁଧବାର ବଜାର ଠାରେ ଶୁକ୍ରବାର ବିଜେଡିର ମହିଳା ସମାବେଶ ଓ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଝାରସୁଗୁଡ଼ା ଜିଲା ମହିଳା ମୋର୍ଚ୍ଚା ସଂଯୋଜିକା ଦୀପାଳି ଦାସ ପରିଚାଳନା କରିଥିଲେ। ଏଥିରେ ଜିଲା ବିଜେଡିର ନାରୀନେତ୍ରୀମାନେ ଉପସ୍ଥିତ ରହି ନବୀନ ବାବୁ ମହିଳାମାନଙ୍କ ଉଦ୍ଦେଶ୍ୟରେ କରିଥିବା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, କଟକ ମେୟର ସୁବାସ ସିଂ, ତାଳଚେର ବିଧାୟକ ବ୍ରଜ ପ୍ରଧାନ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ମହିଳାମାନଙ୍କୁ ଅବଗତ କରାଇଥିଲେ। ପ୍ରାର୍ଥିନୀ ଅଳକା ମହାନ୍ତିଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବ୍ରଜରାଜନଗର ଅଞ୍ଚଳକୁ ବିକାଶ ଧାରାରେ ସାମିଲ କରିବା ପାଇଁ ନେତାମାନେ ଆହ୍ୱାନ ଦେଇଥିଲେ। ସମାବେଶରେ ଦୁଇହଜାରରୁ ଅଧିକ ମହିଳା ଯୋଗଦେଇଥିଲେ।

# ଭାଜପାର ମିଶ୍ରଣ ପର୍ବ

ଝାରସୁଗୁଡ଼ା ଅଫିସ,୨୭।୫

ବ୍ରଜରାଜନଗର ଉପନିର୍ବାଚନକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ରଣନୀତି ପ୍ରସ୍ତୁତ ଚାଲିଛି। ଏପରି ସମୟରେ ବିଭିନ୍ନ ଦଳରେ ମିଶ୍ରଣ ପର୍ବ ସାଙ୍ଗକୁ ଘରବାହୁଡା ପର୍ବ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଲଖନପୁର ବ୍ଲକ୍ ୧ନଂ ଜୋନ୍ କଂଗ୍ରେସ ଜିଲାପରିଷଦ ପ୍ରାର୍ଥୀ ଅଶୋକ ସାହୁଙ୍କ ସମେତ ୭୦ କର୍ମୀ ଶୁକ୍ରବାର ଭାଜପାରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବ ବନ୍ଧବାହାଲ ଭାଜପା ନିର୍ବାଚନ ପ୍ରଚାର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଭାଜପା ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ବିଶ୍ୱଜିତ ଷଡଙ୍ଗୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ସମ୍ବଲପୁର ଜିଲା ସଭାପତି ଅଶ୍ୱିନୀ ମାଝି, ସ୍ଥାନୀୟ ମଣ୍ଡଳ ସଭାପତି ହେମନ୍ତ ପଟେଲ ପ୍ରମୁଖ ଉପସ୍ଥିତ ରହି ନୂତନଭାବେ ଯୋଗଦେଇଥିବା କର୍ମୀମାନଙ୍କୁ ସ୍ୱାଗତ କରିଥିଲେ।

# ବିଜେଡିରେ ମିଶିଲେ ୭୦ କର୍ମୀ

ଝାରସୁଗୁଡ଼ା ଅଫିସ,୨୭।୫

ବ୍ରଜରାଜନଗର ଉପନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦଳରେ ମିଶ୍ରଣ ପର୍ବ ଅନୁଷ୍ଠିତ ହେଉଛି । ଏଥିମଧ୍ୟରେ ଲଖନପୁର ବ୍ଲକ୍ ତେଲେନପାଲି ପଞ୍ଚାୟତର ଦାମୋଦର ପଲେଇ, ବିଶେଶ୍ୱର ବିଶି, ଗୌରବ ସେନାପତିଙ୍କ ସମେତ ୭୦ଜଣ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଓପିଜିସି କଲୋନୀ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ, ପୂର୍ବତନ ବିଧାୟକ ଯୋଗେଶ ସିଂହ, ବିଜେଡି ରାଜ୍ୟ ସମ୍ପାଦକ ସୌଭାଗ୍ୟ ନାୟକ, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସେଠ୍, ସମ୍ବଲପୁର ଜିଲାପରିଷଦ ସଦସ୍ୟା କୁମୁଦିନୀ ନାୟକ ପ୍ରମୁଖ ଯୋଗଦେଇ ନୂତନ କର୍ମୀମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ । ଏହାକୁ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଟିକେଶ୍ୱର ସେନାପତି ପରିଚାଳନା କରିଥିଲେ।

ବାହ୍ୟ ଘଟଣାଗୁଡ଼ିକୁ ଆଧାରକରି ତରବରିଆ ଭାବେ ଯେଉଁ ମତ ବ୍ୟକ୍ତ କରାଯାଏ-ସେ ସବୁକୁ ବିଶ୍ୱାସ ନ କରିବାକୁ ଶିକ୍ଷା କରିବା ଉଚିତ। ଯଥାର୍ଥ ଜ୍ଞାନଲାଭର ଏହା କ'ଣ ପ୍ରଥମ ସର୍ତ୍ତ ନୁହେଁ? ଘଟଣାଗୁଡ଼ିକୁ ଭିତରୁ ଦେଖିବାକୁ ଓ ଜାଣିବାକୁ ଶିକ୍ଷା କରିବା ଉଚିତ। -ଶ୍ରୀମା

# କେହି ମୁହଁ ଖୋଲୁନାହାନ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅମଲାତନ୍ତ୍ରରେ ସବୁବେଳେ ସର୍ଭିସଗୁଡ଼ିକ ମଧ୍ୟରେ ଟେନ୍‌ସନ ଲାଗିରହିଛି, କିନ୍ତୁ ଏହାର ମହତ୍ତ୍ୱ କମ୍ ରହିଆସିଛି। ନିକଟରେ ୧୯୯୬ ବ୍ୟାଚ୍‌ର ୨୫ ଜଣ ଆଇଏଏସ୍ ଅଧିକାରୀଙ୍କୁ ପଦୋନ୍ନତି ଦେବା ଓ ନିଯୁକ୍ତିସୂଚୀରେ ସମ୍ମିଳିତ କରିବା ଏବଂ ୧୯୯୪ ବ୍ୟାଚ୍‌ର ଦୁଇ ଆଇପିଏସ୍ ଅଧିକାରୀଙ୍କ ଅତିରିକ୍ତ ସଚିବ ର୍‌ୟାଙ୍କକୁ ପଦୋନ୍ନତି ,୧୯୯୦ ବ୍ୟାଚର ଜଣେ ଆଇପିଏସ୍ ଅଧିକାରୀଙ୍କ ସେହି ସମାନ ପଦରେ ନିଯୁକ୍ତିକୁ ନେଇ ଅଣ ଆଇଏଏସ୍ ସର୍ଭିସ ଅଧିକାରୀମାନଙ୍କ ପ୍ରତିକ୍ରିୟାକୁ ଦେଖିଲେ ଜଣାପଡୁଛି ଯେ, ବିବାଦ ଏକ ଭିନ୍ନ ସ୍ତରକୁ ବୃଦ୍ଧିପାଇଛି। ସୂତ୍ରରୁ ପ୍ରକାଶ ଯେ, ଏହି ପଦକ୍ଷେପ ଆଇଏଏସ୍ ଏବଂ ଆଇପିଏସ୍‌ର ସମାନ୍ତରାଳ ର୍‌ୟାଙ୍କ୍‌ଗୁଡ଼ିକ ମଧ୍ୟରେ ୬ ବର୍ଷର ଏକ ଅନ୍ତର ସୃଷ୍ଟି କରିଛି। ଅପ୍ରତ୍ୟାଶିତ ଆଦେଶକୁ କେନ୍ଦ୍ର କରି ଆଇପିଏସ୍ ଅଧିକାରୀମାନେ ମଧ୍ୟ ଚିନ୍ତିତ ହୋଇପଡ଼ିଛନ୍ତି। ନିଯୁକ୍ତି ଆଦେଶ ନିଯୁକ୍ତିପ୍ରଦାନକାରୀ କମିଟିର ବିଚିତ୍ର ନିଷ୍ପତ୍ତିକୁ ସୂଚିତ କରିଛି। ଦୁଇ ଆଇପିଏସ୍ ଅଧିକାରୀ ଶ୍ୟାମ ଭଗତ ନେଗି(ହିମାଚଳପ୍ରଦେଶ କ୍ୟାଡର)ଙ୍କୁ କ୍ୟାବିନେଟ ସେକ୍ରେଟାରିଏଟରେ ଅତିରିକ୍ତ ସଚିବ ଏବଂ ଉତ୍ତରପ୍ରଦେଶ କ୍ୟାଡରର ବିଜୟ ଭାଟିଆଙ୍କୁ କାର୍ମିକ ଯୁଗ୍ମ ସଚିବ ଭାବେ ବହିର୍ବ୍ୟାପାର ମନ୍ତ୍ରଣାଳୟରେ ନିଯୁକ୍ତ କରାଯାଇଛି। ୧୯୯୦ ବ୍ୟାଚ୍ ଆଇପିଏସ୍ ଅଧିକାରୀ ହୋଇଥିବା ସତ୍ତ୍ୱେ ନେଗିଙ୍କୁ ସେହି ସମାନ ପଦବୀରେ ନିଯୁକ୍ତି ଦିଆଯାଇଛି ଯେଉଁଥିରେ ୨୫ ଜଣ ଆଇଏଏସ୍ ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇଛି। ଏହି ସମୟରେ ନେଗିଙ୍କଠାରୁ ଗୋଟିଏ ବ୍ୟାଚ ସିନିୟର ଭାଟିଆଙ୍କୁ ଜୁନିୟର ର୍‌ୟାଙ୍କରେ ନିଯୁକ୍ତି ମିଳିଛି। କେବଳ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ର୍‌ୟାଙ୍କର ଜଣେ ମାତ୍ର ୧୯୮୯ ବ୍ୟାଚ୍ ଆଇପିଏସ୍ ଅଧିକାରୀଙ୍କୁ ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି। ସମସ୍ୟା ହେଉଛି, ସରକାର ୧୯୯୬ ବ୍ୟାଚ୍ ଆଇଏଏସ୍ ଅଧିକାରୀମାନଙ୍କୁ ଅତିରିକ୍ତ ସଚିବ ଭାବେ ପଦୋନ୍ନତି ଦେଇଥିବାବେଳେ ଆଇପିଏସ୍ କ୍ୟାଡରରେ ୧୯୯୦-୯୧ ବ୍ୟାଚ୍ ଅଧିକାରୀମାନଙ୍କୁ ସମାନ ପଦବୀକୁ ପଦୋନ୍ନତି ଦେଇଛନ୍ତି। ତେବେ ସରକାରଙ୍କ ଦୃଷ୍ଟିରେ ବରିଷ୍ଠତାର ମୂଲ୍ୟ କମ୍ ବୋଲି ଏଥିରୁ ସ୍ପଷ୍ଟ ଜଣାପଡୁଛି। ତଥାପି କେହି ଆଗକୁ ଆସି ଏହି ସମସ୍ୟା ବିରୋଧରେ ସାଧାରଣରେ ମୁହଁ ଖୋଲୁନାହାନ୍ତି। ଏପରିକି ଆଇଏଏସ୍ ଏବଂ ଆଇପିଏସ୍ ସଂଘ ବି ଚୁପ୍ ରହିଛନ୍ତି। ହେଲେ ଏହି ଆନ୍ତଃ ସର୍ଭିସ ଟେନ୍‌ସନ ଯଥାଶୀଘ୍ର ସମାଧାନ କରାଯିବା ଆବଶ୍ୟକ।

### ବେକାର ଉଦ୍ଦେଶ୍ୟ

ଆମ୍ ଆଦ୍‌ମୀ ପାର୍ଟି(ଏଏପି) ନେତୃତ୍ୱାଧୀନ ଦିଲ୍ଲୀ ସରକାର ଏବଂ ଭାଜପା ଶାସିତ କେନ୍ଦ୍ର ସରକାରଙ୍କ ମଧ୍ୟରେ ରାଜନୈତିକ ଶତ୍ରୁତାର ପରିଣାମକୁ ଉଭୟ ସରକାରରେ ଥିବା ବାବୁମାନେ ଅନୁଭବ କରୁଛନ୍ତି। ବହୁ ସମୟରେ ସେମାନଙ୍କୁ ମୂଲ୍ୟ ଦେବାକୁ ବି ପଡୁଛି। ଦିଲ୍ଲୀ ସରକାରରେ କାମ କରୁଥିବା ୬ଜଣ ଡିଏନ୍‌ଆଇସିଏସ୍ (ଦିଲ୍ଲୀ, ଆଣ୍ଡାମାନ୍ ଆଣ୍ଡ ନିକୋବର, ଲକ୍ଷାଦ୍ୱୀପ, ଡାମନ ଆଣ୍ଡ୍ ଡିଉ, ଦାଦ୍ରାନଗର ଆଣ୍ଡ ହାଭେଳି ସିଭିଲ୍ ସର୍ଭିସେସ୍) କ୍ୟାଡର ଅଧିକାରୀ ବଦଳି ଆଦେଶକୁ ଗ୍ରହଣ ନ କରିବା ଏବଂ କାର୍ଯ୍ୟରେ ଯୋଗ ନ ଦେବା ଯୋଗୁ ଏବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ସାମ୍ନା କରିଛନ୍ତି। ଗତବର୍ଷ ନଭେମ୍ବରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଡିଏନ୍‌ଆଇସିଏସ୍ ଅଧିକାରୀ ସନ୍ଦୀପ କୁମାର ମିଶ୍ର, ଶ୍ରବଣ ବାଗରିଆ, ଶୈଳେନ୍ଦ୍ର ସିଂ ପରିହାର, ସିଙ୍ଗାରେ ରାମଚନ୍ଦ୍ର ମହାଦେବ, ନୀତିନ କୁମାର ଜିନ୍ଦଲ ଏବଂ ରକେଶ କୁମାରଙ୍କୁ ଲାକ୍ଷାଦ୍ୱୀପକୁ ବଦଳି ଆଦେଶ ଜାରି କରିଥିଲେ। କିନ୍ତୁ ବାବୁମାନେ ବଦଳିକୁ ବିରୋଧ କରି ସେଣ୍ଟ୍ରାଲ ଆଡ୍‌ମିନଷ୍ଟ୍ରେଟିଭ ଟ୍ରିବ୍ୟୁନାଲ(ସିଏଟି)ରେ ଆବେଦନ କରିଥିଲେ। ହେଲେ ସିଏଟି ବେଞ୍ଚ ଏହାକୁ ରଦ୍ଦ କରିଦେଲେ। ତେବେ ଚଳିତ ଫେବୃୟାରୀ ପ୍ରାରମ୍ଭରେ ସେମାନଙ୍କୁ ଏକ ରିମାଇଣ୍ଡର ପ୍ରଦାନ କରାଯାଇଥିଲେ ମଧ୍ୟ ସେମାନେ ଏହାକୁ ଅଣଦେଖା କରିଥିଲେ। ଏଣୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ସିଏଟି କହିଛନ୍ତି ଯେ, ବଳଦିକୁ ଚ୍ୟାଲେଞ୍ଜ କରି ସେମାନେ କରିଥିବା ଆବେଦନର କୌଣସି ମେରିଟ୍ ନ ଥିଲା। କେବଳ ଏତିକି ନୁହେଁ ବାବୁମାନଙ୍କୁ ତୁରନ୍ତ ଲାକ୍ଷାଦୀପରେ ରିପୋର୍ଟ କରିବାକୁ ସିଏଟି ନିର୍ଦ୍ଦେଶ ଦେଇଛି। ଯଦି ସେମାନେ ଯୋଗ ନ ଦିଅନ୍ତି, ତେବେ ବିନା କୌଣସି ସୂଚନାରେ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ କୁହାଯାଇଛି। ବଦଳି କରାଯାଇଥିବା ସ୍ଥାନରେ ଯୋଗ ନ ଦେବା ଏବଂ ଆଇନର ଆଶ୍ରୟ ନେଇ ବିବାଦ ସୃଷ୍ଟି କରିବା ଭଳି ବାବୁମାନଙ୍କ ବେକାର ଉଦ୍ଦେଶ୍ୟକୁ ସୁପ୍ରିମକୋର୍ଟ ବି ଗମ୍ଭୀରତାର ସହ ନେଇଛନ୍ତି। ସେଥିପାଇଁ, ସିଏଟିଙ୍କ ନିର୍ଦ୍ଦେଶରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ବାବୁମାନେ ସିଏଟି ନିର୍ଦ୍ଦେଶକୁ ମାନିବେ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଗ୍ରହଣ କରିବେ ତାହା ସେମାନଙ୍କୁ ସ୍ଥିର କରିବାକୁ ପଡ଼ିବ।

### ପିଏମ୍‌ଓରେ ପରିବର୍ତ୍ତନ

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଟିମ୍‌କୁ ପୁନର୍ଗଠନ କରିବାରେ ଲାଗିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ପୂର୍ବତନ ପେଟ୍ରୋଲିୟମ ସଚିବ ତରୁଣ କୁମାର ଏବଂ ଦୁଇ ଅତିରିକ୍ତ ସଚିବ ଅତିଶ ଚନ୍ଦ୍ରା ଏବଂ ହରିରାମ ରାଓଙ୍କ ନିଯୁକ୍ତି ପରେ ୨୦୦୪ ବ୍ୟାଚ୍ ଆଇଏଫ୍‌ଏସ୍ ଅଧିକାରୀ ବିବେକ କୁମାରଙ୍କୁ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତ କରାଯାଇଛି। ସୂତ୍ରରୁ ଜଣାପଡ଼ିଛି ଯେ, ପୂର୍ବରୁ ବିବେକ କୁମାର ପିଏମ୍‌ଓରେ ନିର୍ଦ୍ଦେଶକ ଥିଲେ ଏବଂ ଏବେ ତାଙ୍କୁ ଯୁଗ୍ମ ସଚିବ ସ୍ତରରେ ଅବସ୍ଥାପିତ କରାଯାଇଛି। ପିଏମ୍‌ଓରେ ୪ ଜଣ ଯୁଗ୍ମସଚିବ ଓ ୫ ଜଣ ଅତିରିକ୍ତ ସଚିବ ରହିଥିବାରୁ ଏହି ଅସନ୍ତୁଳନ ଦୂର କରିବା ଲାଗି ଏଭଳି କରାଯାଇଥିବା ଅନୁମାନ କରାଯାଉଛି। ଯୁଗ୍ମ ସଚିବ ପଦବୀକୁ କୁମାରଙ୍କ ପଦୋନ୍ନତି ଦ୍ୱାରା ସମନ୍ୱୟ ଅଣାଯାଇଛି। ଏବେ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିବା ହାର୍ଦ୍ଦିକ ସତୀଶଚନ୍ଦ୍ର ଶାହାଙ୍କ ସହ କୁମାର ଯୋଗଦେବେ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | | |
| | | 6 | | | | 2 | 9 | |
| | 7 | 4 | | | 8 | | | |
| 4 | | | | | | | 6 | |
| 6 | | | 4 | 9 | | 3 | 1 | |
| | | 3 | | | | 5 | | |
| 9 | 1 | | | 8 | 2 | | | |
| | | | | | | 1 | | |
| | | | | 1 | 3 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 7 | 4 | 9 | 3 | 8 | 1 | 5 |
| 4 | 8 | 1 | 6 | 7 | 5 | 3 | 2 | 9 |
| 3 | 9 | 5 | 2 | 1 | 8 | 6 | 7 | 4 |
| 2 | 6 | 9 | 8 | 4 | 7 | 5 | 3 | 1 |
| 7 | 4 | 3 | 5 | 2 | 1 | 9 | 6 | 8 |
| 5 | 1 | 8 | 9 | 3 | 6 | 2 | 4 | 7 |
| 9 | 5 | 2 | 1 | 6 | 4 | 7 | 8 | 3 |
| 8 | 3 | 4 | 7 | 5 | 2 | 1 | 9 | 6 |
| 1 | 7 | 6 | 3 | 8 | 9 | 4 | 5 | 2 |

ଗତକାଲିର ଉତ୍ତର

# ଯେତିକି ବୃଦ୍ଧି କରିଥିଲ ସେତିକି ହ୍ରାସ କର



ଡ. ସନ୍ତୋଷ କୁମାର ମହାପାତ୍ର

ପ୍ରଥମେ ଜନ ବିରୋଧୀ ନୀତି ପ୍ରଣୟନ କର, ଇନ୍ଧନ ଟିକସ ବୃଦ୍ଧି କରି ଲୋକଙ୍କ ଜୀବନକୁ ଦୁର୍ବିଷହ କର। ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରି ଲୋକଙ୍କ ଜୀବନକୁ କଷ୍ଟସାଧ୍ୟ, ଦୁଃଖଦାୟକ ଏବଂ ଭୟଙ୍କର କର। ଯେତେବେଳେ ଲୋକମାନେ ଅତିଷ୍ଠ ହୋଇ ତ୍ରାହି ତ୍ରାହି ବା ପ୍ରତିବାଦ କରିବେ, ଯେତିକି ବୃଦ୍ଧି କରିଥିଲ, ତାହାଠାରୁ କମ ହ୍ରାସକରି ନିଜକୁ ଗରିବ ସପକ୍ଷବାଦୀ ଭାବେ ପ୍ରତିପାଦନ କରି ରାଜନୈତିକ ଫାଇଦା, ଜନପ୍ରିୟତା ହାସଲ କର। ଏହା ହେଉଛି ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ନୀତି। ଏକଥା ଉଲ୍ଲେଖ କରିବାର କାରଣ ହେଲା ଦୀର୍ଘଦିନ ଧରି ଇନ୍ଧନ ଟିକସ ବୃଦ୍ଧି କରି ଅଧିକ ରାଜସ୍ୱ ଆଦାୟ କରିବା ଯୋଗୁ ମୁଦ୍ରାସ୍ଫୀତି ଦରଦାମ ବୃଦ୍ଧି ଅତ୍ୟନ୍ତ ଅସହ୍ୟ ହେବା ସହିତ ଲୋକଙ୍କ କ୍ରୟଶକ୍ତି ହ୍ରାସ ପାଇ ଜୀବନର ମାନଦଣ୍ଡ ନିମ୍ନମୁଖୀ ହୋଇଥିଲା। ଏଣୁ ଗତ ମେ୨୧ରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଏକ୍ସାଇଜ ଡ୍ୟୁଟି (ଉତ୍ପାଦ ଶୁଳ୍କ) ଯଥାକ୍ରମେ ୮ଟଙ୍କା ଏବଂ ୬ଟଙ୍କା ହ୍ରାସ କରିଛନ୍ତି।

ନିଶ୍ଚିତ ଭାବରେ, ଟିକସ ହ୍ରାସ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଯଦିଓ ପର୍ଯ୍ୟାପ୍ତ ନୁହେଁ। କିନ୍ତୁ ସରକାର ନିଜକୁ ଗରିବଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ବୋଲି ଯାହା ପ୍ରଚାର କରୁଛନ୍ତି, ତାହାକୁ ଆମେ ବିରୋଧ କରୁଛୁ। ଅର୍ଥମନ୍ତ୍ରୀ ଏହି ପଦକ୍ଷେପକୁ ଗରିବ-ସମର୍ଥକ ଏବଂ ସମ୍ବେଦନଶୀଳତାର କାର୍ଯ୍ୟ ବୋଲି ବର୍ଣ୍ଣନା କରୁଛନ୍ତି ଓ ଏହା ଜୀବନର ସହଜତାକୁ ଆହୁରି ଆଗକୁ ନେବ ବୋଲି କହିଛନ୍ତି। ଯଦି ଏହା ଠିକ, ତେବେ ପେଟ୍ରୋଲିୟମ ଉତ୍ପାଦ ଉପରେ ଟିକସ ବୃଦ୍ଧି ପାଇଁ ଗରିବ-ବିରୋଧୀ, ସମ୍ବେଦନହୀନ ନିଷ୍ପତ୍ତି ଏହି ସରକାର କାହିଁକି ନେଇଥିଲେ? ଯେତେବେଳେ ପ୍ରଗତିଶୀଳ ବୁଦ୍ଧିଜୀବୀମାନେ ଟିକସ ହ୍ରାସ ପାଇଁ ଦାବି କରୁଥିଲେ ସରକାର ଏହା ସପକ୍ଷରେ କାହିଁକି ଅନେକ ଯୁକ୍ତି କରୁଥିଲେ? ପୁନଶ୍ଚ କରୋନା ମହାମାରୀ ଯୋଗୁ କୋଟି କୋଟି ଲୋକ ଜୀବିକା ହରାଇଲା ବେଳେ ଇନ୍ଧନ ଟିକସ ମଧ୍ୟ ଏହି ସରକାର ବୃଦ୍ଧି କରିଥିଲେ। ସରକାର ଯୁକ୍ତି କରୁଥିଲେ ଯେ ତେଲ ଉପରେ ଟିକସ ଦ୍ୱାରା ଯେଉଁ ଅର୍ଥ ଆସିବ, ସେସବୁ ଦେଶର ବିକାଶ ଓ ଗରିବଙ୍କ ପାଇଁ କୋଭିଡ ରିଲିଫ ପଦକ୍ଷେପ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ, କୋଭିଡ୍ ଟିକା ପାଇଁ ଖର୍ଚ୍ଚ ହେବ। ଯଦି ଏତେ ଭଲ କାର୍ଯ୍ୟ ହେଉଥିଲା ତେବେ ବର୍ତ୍ତମାନ ସରକାର କାହିଁକି ହ୍ରାସ କଲେ । ସରକାର କ'ଣ ଜାଣିନାହାନ୍ତି ଯେ ଗରିବ କଲ୍ୟାଣ ପାଇଁ ଯେଉଁ ବ୍ୟୟ କରାଯାଏ ତାହା ଗରିବ ନୁହେଁ ଧନିକ ଶ୍ରେଣୀଙ୍କଠାରୁ ଆଦାୟ କରାଯାଏ।



କେନ୍ଦ୍ର ସରକାର କହୁଛନ୍ତି, ଏହି ହ୍ରାସ ଦ୍ୱାରା ୧ ଲକ୍ଷ କୋଟି ଟଙ୍କା ରାଜସ୍ୱ ହରାଇବେ। କିନ୍ତୁ ଗତ ୮ ବର୍ଷରେ କେନ୍ଦ୍ର ସରକାର ଇନ୍ଧନ ଟ୍ୟାକ୍ସ ଭାବରେ ୨୬,୫୧,୯୧୯ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ଅନୁଯାୟୀ ଭାରତରେ ପ୍ରାୟ ୨୬ କୋଟି ପରିବାର ଅଛନ୍ତି। ଏହାର ଅର୍ଥ ହେଉଛି ପ୍ରତ୍ୟେକ ପରିବାରରୁ କେନ୍ଦ୍ର ସରକାର ହାରାହାରି ଇନ୍ଧନ ଟ୍ୟାକ୍ସ ଭାବରେ ଗତ ୮ ବର୍ଷରେ ୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତ। ପୁନଶ୍ଚ ୨୦୧୪ମାର୍ଚ୍ଚ ୧ରେ ଗ୍ୟାସ ସିଲିଣ୍ଡର ପିଛା ମୂଲ୍ୟ ୪୧୦.୫୦ ଟଙ୍କା ଥିଲାବେଳେ ତାହା ଏବେ ୧୦୦୩ ଟଙ୍କାକୁ ବୃଦ୍ଧିପାଇଛି। ଏହା ଦର୍ଶାଏ ଯେ କିପରି ସରକାର ଜନତା ବିଶେଷକରି ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ କ୍ରୟ କ୍ଷମତାକୁ କ୍ଷୟ କରିଦେଇଛନ୍ତି। ଅଧିକନ୍ତୁ, ଏହି ଟ୍ୟାକ୍ସ ବୃଦ୍ଧି ମୁଦ୍ରାସ୍ଫୀତିକୁ ଏତେ ବଢ଼ାଇଦେଇଛି ଯେ ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ସଂଘର୍ଷ କରୁଛନ୍ତି।

୨୦୧୪-୧୫ରେ, ପେଟ୍ରୋଲିୟମ ଉତ୍ପାଦ ଉପରେ ଏକ୍ସାଇଜ ଡ୍ୟୁଟି ମାଧ୍ୟମରେ କେନ୍ଦ୍ର ୯୯,୦୬୮ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଥିବାବେଳେ ସମସ୍ତ ରାଜ୍ୟ ମିଳିତ ଭାବେ ବିକ୍ରୟ କର / ଭ୍ୟାଟ ମାଧ୍ୟମରେ ୧୩୭,୧୫୭ କୋଟି ଟଙ୍କା ସଂଗ୍ରହ କରିଥିଲେ। ଉଭୟ ଏକାଠି ୨,୩୬,୨୨୫ କୋଟି ଟଙ୍କା ସଂଗ୍ରହ କରିଥିଲେ। କିନ୍ତୁ ୨୦୨୦-୨୧ରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଟ୍ୟାକ୍ସ ଏବଂ ସେସ୍ ହିସାବରେ ସମୁଦାୟ କେନ୍ଦ୍ର ୪,୫୫,୦୬୯ କୋଟି ଟଙ୍କା ସଂଗ୍ରହ କରିଲା ବେଳେ, ରାଜ୍ୟ ସରକାର ୨,୦୨,୯୩୭ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଏହାର ଅର୍ଥ ହେଉଛି, ଏହି ଅବଧିରେ ଇନ୍ଧନ ଟିକସ ବାବଦରେ କେନ୍ଦ୍ର ୩୫୯% ଅଧିକ ପାଇଲାବେଳେ ରାଜ୍ୟଗୁଡ଼ିକ କେବଳ ୫୨% ଅଧିକ ପାଇଛନ୍ତି।

ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ୨୦୧୪ରେ ପେଟ୍ରୋଲ ଉପରେ ଲିଟର ପିଛା ଅବକାରୀ ଶୁଳ୍କ ୯.୪୮ ଟଙ୍କା ଥିବାବେଳେ, ଡିଜେଲ ଲିଟର ପିଛା ୩.୫୬ ଟଙ୍କା ରହିଥିଲା। ପରେ ତାଙ୍କ ସରକାର ଏହି ଶୁଳ୍କ ବିଭିନ୍ନ ସମୟରେ ବୃଦ୍ଧି କରିଥିଲେ, ବିଶେଷ କରି କରୋନା ମହାମାରୀ ଯୋଗୁ ଯେତେବେଳେ ଅନ୍ତର୍ଜାତୀୟ ଅଶୋଧିତ ତୈଳମୂଲ୍ୟ ବ୍ୟାରେଲ ପିଛା ୨୦ ଡଲାରରୁ କମ୍ ହୋଇଗଲା, (ମାର୍ଚ୍ଚ ୨୦୨୦ରୁ ମେ ୨୦୨୦ ମଧ୍ୟରେ) କେନ୍ଦ୍ର ସରକାର ଅବକାରୀ ଶୁଳ୍କ ବୃଦ୍ଧି କରିଲା ବେଳେ ରାଜ୍ୟମାନେ ଭ୍ୟାଟ୍ ବୃଦ୍ଧି କରିଥିଲେ। କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ କେନ୍ଦ୍ରୀୟ ଅବକାରୀ ଶୁଳ୍କକୁ ଲିଟର ପିଛା ଯଥାକ୍ରମେ ୨୩.୮୭ ଟଙ୍କା ଏବଂ ୨୮.୩୭ ଟଙ୍କା ବୃଦ୍ଧି କରିଥିଲେ। କେନ୍ଦ୍ର ଅବକାରୀ ଶୁଳ୍କ ପେଟ୍ରୋଲ ଲିଟର ପିଛା ୩୨ ଟଙ୍କା ୯୮ ପଇସା ଓ ଡିଜେଲ ଲିଟର ପିଛା ଟିକସ ୩୧ଟଙ୍କା ୮୩ ପଇସାରେ ପହଞ୍ଚିଥିଲା। ନଭେମ୍ବର ୨୦୨୧ ଏବଂ ମେ ୨୧ ହ୍ରାସ ସତ୍ତ୍ୱେ ୨୦୧୪ ତୁଳନାରେ କେନ୍ଦ୍ର ସରକାର ପେଟ୍ରୋଲ ପାଇଁ ଲିଟର ପିଛା ୧୦.୫୦ ଟଙ୍କା ଏବଂ ଡିଜେଲ ଲିଟର ପିଛା ୧୨.୨୪ ଟଙ୍କା ଅଧିକ ଟିକସ ଆଦାୟ କରୁଛନ୍ତି। ଏହାର ଅର୍ଥ କେନ୍ଦ୍ର ଅଧିକ ବୃଦ୍ଧି କରିବା ପରେ କମ୍ ହ୍ରାସ କରି ବାହାବା ନେଉଛନ୍ତି। ଏଣୁ ୨୦୧୪ ତୁଳନାରେ କେନ୍ଦ୍ର ଯେତିକି ଅଧିକ ନେଉଛି ତାହା ହ୍ରାସ କରୁ। କେନ୍ଦ୍ର ସରକାରଙ୍କ ହ୍ରାସ ପରେ ଏବେ ରାଜ୍ୟ ସରକାରଗୁଡ଼ିକ ଭ୍ୟାଟ୍ ହ୍ରାସ କରିବା ନେଇ ଚାପ ପଡୁଛି। ଅଣଭାଜପା ଶାସିତ ରାଜ୍ୟ ରାଜସ୍ଥାନ(ପେଟ୍ରୋଲ ୨.୪୧, ଡିଜେଲ ୧.୩୬ ଟଙ୍କା), ମହାରାଷ୍ଟ୍ର (ପେଟ୍ରୋଲ ୨.୦୮, ଡିଜେଲ ୧.୪୪ଟଙ୍କା) ଓ କେରଳ (ପେଟ୍ରୋଲ ୨.୪୮, ଡିଜେଲ ୧.୧୬ଟଙ୍କା) ଭ୍ୟାଟ୍ ହ୍ରାସ କରିଥିବାବେଳେ ତାମିଲନାଡୁ ଓ ବିହାର ଭଳି ରାଜ୍ୟ ଭ୍ୟାଟ୍ ହ୍ରାସ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଓଡ଼ିଶା ସରକାର ଭ୍ୟାଟ୍ ହ୍ରାସ ସଂକ୍ରାନ୍ତରେ ଅନୁଧ୍ୟାନ କରୁଛନ୍ତି। ଯଦିଓ କେନ୍ଦ୍ର ପରି ରାଜ୍ୟର ଟିକସ ଆଦାୟ କରିବାର କ୍ଷମତା ସୀମିତ, ତଥାପି ରାଜ୍ୟମାନେ ମଧ୍ୟ ୨୦୧୪ ପରେ ଯେତିକି ପ୍ରତିଶତ ଭ୍ୟାଟ୍ ବୃଦ୍ଧି କରିଛନ୍ତି ତାହା ହ୍ରାସ କରନ୍ତୁ।

skmohapatra67@gmail.com
ମୋ: ୯୪୩୭୨୦୮୭୬୨

# ବିଦ୍ୟୁତ୍ ରାଜନୀତି



ଅଧ୍ୟାପକ ଗୋପବନ୍ଧୁ

ଆମ୍ ଆଦ୍‌ମୀ ପାର୍ଟି (ଆପ୍), ଓଡ଼ିଶା ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଦେୟ ଛାଡ଼ ପାଇଁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରିଛି । ପ୍ରତି ଜିଲାରେ ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ ଚାଲିଛି । ପାର୍ଟି ଲକ୍ଷ୍ୟ ରଖିଛି ଯେ, ଆଗାମୀ ଜୁନ୍ ୧୦ ସୁଦ୍ଧା ୨୫ ଲକ୍ଷ ଦସ୍ତଖତ ସଂଗ୍ରହ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିବ ଏବଂ ଦାବି ସପକ୍ଷରେ ଥିବା ଜନମତକୁ ଉପସ୍ଥାପନ କରିବ। ରାଜ୍ୟ ସରକାର ଏ ଦାବିକୁ ମାନିବେ କି ନାହିଁ ତାହା ସମୟ କହିବ। ତେବେ ଏହାକୁ ନେଇ ଉଭୟ ସପକ୍ଷ ଓ ବିପକ୍ଷ ଆଲୋଚନା ଏବଂ ସମାଲୋଚନା ଆରମ୍ଭ ହୋଇଯାଇଛି। କେତେକେ ଫ୍ରି ବା ଦେୟମୁକ୍ତ ରାଜନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହାର ଯୁକ୍ତିଯୁକ୍ତତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଉତ୍ତରରେ ଆପ୍ କର୍ମୀମାନେ କହୁଛନ୍ତି, ଦେଶରେ ଫ୍ରି ରାଜନୀତି କେବଳ ଆପ୍ କରିଛି ଓ ଆଗରୁ ଏହା ନ ଥିଲା, ଏପରି କହିବା ଠିକ୍ ନୁହେଁ । ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଭୋଟରମାନଙ୍କୁ ନିଜ ପକ୍ଷକୁ ଆଣିବା ରାଜନୈତିକ ଦଳମାନଙ୍କର ପୁରୁଣା ଚାଲ୍। ଟଙ୍କିକିଆ ଚାଉଳ, ରିହାତି ମୂଲ୍ୟରେ ସାମଗ୍ରୀ ଯୋଗାଣ, ଫ୍ରିରେ ଛତା-ଯୋତା, ଫ୍ରିରେ ସ୍କୁଟି-ଲାପ୍‌ଟପ୍, ଫ୍ରିରେ ମଙ୍ଗଳସୂତ୍ର, ଫ୍ରିରେ ବହି-ୟୁନିଫର୍ମ, ବିଭିନ୍ନ ଯୋଜନାରେ ଫ୍ରି ଟଙ୍କା, କୃଷକଙ୍କୁ ଋଣ ଛାଡ଼, ପୁଞ୍ଜିପତିଙ୍କୁ ଆହୁରି ଛାଡ଼ ଏପରି ଅନେକ ଛାଡ଼ ଓ ଫ୍ରି ଯୋଜନା ଆଗରୁ କାର୍ଯ୍ୟକାରୀ ହୋଇଆସୁଛି । କାହିଁ ଏଗୁଡ଼ିକ ଉପରେ ତ ପ୍ରଶ୍ନ ଉତ୍ଥାପନ କରାଯାଉନାହିଁ। ପୂର୍ବରୁ ଏ ସମସ୍ତ ଯୋଜନା ଯଦି ଜନକଲ୍ୟାଣକାରୀ ତେବେ ବିଦ୍ୟୁତ୍ ଦେୟ ଛାଡ଼ କାହିଁକି ନୁହେଁ? ପୂର୍ବରୁ ବିଭିନ୍ନ ରାଜନୈତିକ ଦଳ ଯେଉଁ ନୀତିରେ ଲୋକମାନଙ୍କୁ ଜନକଲ୍ୟାଣକାରୀ ଯୋଜନା ଦେଇଛନ୍ତି, ଯେଉଁ ନୂଆ ଦଳ ଆସିବ ସେମାନେ ମଧ୍ୟ ଏହିପ୍ରକାର ଯୋଜନା ଦେବାକୁ ବାଧ୍ୟ। ଅନ୍ୟଥା ପ୍ରତିଯୋଗିତାରେ ରହିପାରିବେ ନାହିଁ। ତେଣୁ ଫ୍ରି ଯୋଜନାରେ କାହାକୁ ଦୋଷ ଦିଆଯାଇପାରିବ ନାହିଁ।

ଅନ୍ୟ ଏକ ଅଭିଯୋଗ ଆସୁଛି ଯେ, ଏହି ଫ୍ରି ଯୋଜନା ଦେଶକୁ ଶ୍ରୀଲଙ୍କା ସ୍ତରକୁ ନେଇଯିବ। ଶ୍ରୀଲଙ୍କା ଆର୍ଥିକ ଭାବେ ଦେବାଳିଆ ହୋଇଯାଇଛି। ଆକାଶଛୁଆଁ ଦରଦାମ୍ ସହିତ ଅତ୍ୟାବଶ୍ୟକ ସାମଗ୍ରୀର ଘୋର୍ ଅଭାବ ଦେଖାଦେଇଛି। ସେଠାରେ ଗୃହ ଯୁଦ୍ଧ ପରି ପରିସ୍ଥିତି ତିଆରି ହୋଇଛି। ପ୍ରକୃତପକ୍ଷେ ଶ୍ରୀଲଙ୍କାର ବର୍ତ୍ତମାନ ସ୍ଥିତି ଫ୍ରି ଯୋଜନା ସହିତ ଆଦୌ ସମ୍ପୃକ୍ତ ନୁହେଁ। ସେଠାକାର ଅବସ୍ଥା ପାଇଁ ସାମ୍ପ୍ରଦାୟିକ ରାଜନୀତି, ଅତ୍ୟଧିକ ଋଣଭାର, ଦୂରଦୃଷ୍ଟିର ଅଭାବ, ରାଜନେତାଙ୍କ ସ୍ୱେଚ୍ଛାଚାରିତା ଓ ବିଳାସପୂର୍ଣ୍ଣ ଜୀବନ ଦାୟୀ। ଫ୍ରି ଯୋଜନା ଯୋଗୁ ଆର୍ଥିକ ସଙ୍କଟର ଆଭାସ ପାଇଥିଲେ ସେମାନେ ସଙ୍ଗେସଙ୍ଗେ ଏପରି ଯୋଜନାକୁ ପ୍ରତ୍ୟାହାର କରିନେଇଥାନ୍ତେ । ଅସଲ କଥା ହେଉଛି, ଫ୍ରି ଯୋଜନା ବିରୋଧରେ ଅପପ୍ରଚାର କରାଯାଉଛି ବୋଲି କର୍ମକର୍ତ୍ତାଙ୍କ ମତ।



ଅଭିଯୋଗ ଆସୁଛି, ଏପରି ଫ୍ରି ଯୋଜନା ଦ୍ୱାରା ଗୋଟିଏ ରାଜ୍ୟର ଅର୍ଥନୀତି ଦେବାଳିଆ ହୋଇଯିବ। ଫଳରେ ଅନ୍ୟାନ୍ୟ ବିକାଶ କାର୍ଯ୍ୟ ହୋଇପାରିବ ନାହିଁ। ଏହା ମଧ୍ୟ ସତ୍ୟ ନୁହେଁ ବୋଲି କୁହାଯାଉଛି। ଦିଲ୍ଲୀ ସରକାରଙ୍କୁ ବିଚାରକୁ ନେଲେ ଏ କଥା ସ୍ପଷ୍ଟ ହୋଇଯିବ। ସେଠାରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ମୁକ୍ତ, ମାସକୁ ୨୦ ହଜାର ଲିଟର ପାଣି ମୁକ୍ତ, ଶିକ୍ଷା ମୁକ୍ତ, ସ୍ୱାସ୍ଥ୍ୟସେବା ମୁକ୍ତ, ବସ୍‌ରେ ମହିଳାଙ୍କ ଯାତ୍ରା ମୁକ୍ତ। ଏ ସମସ୍ତ ଫ୍ରି ସତ୍ତ୍ୱେ ସରକାରଙ୍କ ଆର୍ଥିକ ସ୍ଥିତି ମଜଭୁତ ଅଛି। ବିକାଶ କାର୍ଯ୍ୟ ଠିକ୍ ଚାଲିଛି। ବିଗତ ସାତବର୍ଷ ଧରି ଆପ୍ ସରକାର ଆସିବା ପରେ କୌଣସି ଟ୍ୟାକ୍ସ ବଢ଼ାଯାଇନାହିଁ। ନୂତନ ଋଣ ମଧ୍ୟ ନାହିଁ। ତଥାପି ଦିଲ୍ଲୀ ବଜେଟ ସନ୍ତୁଳିତ ବୋଲି କୁହାଯାଉଛି। ଏହା କେବଳ ସମ୍ଭବପର ହୋଇଛି ଭ୍ରଷ୍ଟାଚାର ଉପରେ ଲଗାମ ଲାଗିବା ଯୋଗୁ। ବାଟମାରଣା ଅର୍ଥକୁ ଏହି ସମସ୍ତ ଯୋଜନାରେ ଲଗାଯାଉଛି।

ଏହି ଦେୟମୁକ୍ତ ଯୋଜନା ରାଜ୍ୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ଯୁକ୍ତି କରାଯାଉଛି। ପ୍ରଥମେ ରାଜ୍ୟରେ ବିଦ୍ୟୁତ୍ ଉପଯୋଗ କମିବ। ସମସ୍ତେ ଚାହିଁବେ ଏହାକୁ ୨୦୦ ୟୁନିଟ୍ ମଧ୍ୟରେ ସୀମିତ ରଖିବା ପାଇଁ। କାରଣ ଉପଯୋଗ ଏହାଠାରୁ ଅଧିକ ହେଲେ ପୂର୍ଣ୍ଣ ଦେୟ ଦେବାକୁ ହେବ। ବଳକା ବିଦ୍ୟୁତ୍ ଅନ୍ୟ ରାଜ୍ୟଗୁଡ଼ିକୁ ବିକି ଓଡ଼ିଶା ଲାଭବାନ୍ ହେବ। ଦ୍ୱିତୀୟରେ ଗରିବ ପରିବାର ଲୋକଙ୍କ ଆର୍ଥିକ ବିକାଶ ହେବ। ୨୦୦ ୟୁନିଟ୍ ମଧ୍ୟରେ ବିଦ୍ୟୁତ୍ ଉପଯୋଗକାରୀ ପରିବାର ନିଶ୍ଚିତ ରୂପେ ଦରିଦ୍ର ଓ ନିମ୍ନ ମଧ୍ୟବିତ୍ତ ବର୍ଗର। ଏମାନେ ମାସକୁ ୮୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ତୃତୀୟରେ ବାଣିଜ୍ୟ ବ୍ୟବସାୟ ବଢ଼ିବ। ବିଦ୍ୟୁତ୍ ଦେୟ ବାବଦ ସଞ୍ଚିତ ଅର୍ଥକୁ ଲୋକମାନେ ବିଭିନ୍ନ ସାମଗ୍ରୀ କିଣିବାରେ ବ୍ୟୟ କରିବେ। ଫଳରେ ବିକ୍ରି ବଢ଼ିବ। ବିକ୍ରି ବଢ଼ିଲେ ବିଭିନ୍ନ ଦ୍ରବ୍ୟର ଉତ୍ପାଦନ ବଢ଼ିବ। ଉତ୍ପାଦନ ବୃଦ୍ଧି ପାଇଁ କର୍ମନିଯୁକ୍ତି ସୃଷ୍ଟି ହେବ। ରାଜ୍ୟର ଅର୍ଥନୀତି ଗତିଶୀଳ ହେବ।

ଦସ୍ତଖତ ସଂଗ୍ରହ ଅଭିଯାନ ଜରିଆରେ ଆପ୍ ଯେଉଁ ଦାବି କରୁଛି ତାକୁ ସରକାର କେତେ ଗୁରୁତ୍ୱ ଦେବେ ତାହା ଭିନ୍ନ କଥା। ତେବେ ଏହା ଦ୍ୱାରା ଆପ୍ ରାଜ୍ୟରେ ଏକ ବ୍ୟାପକ ଜନସମ୍ପର୍କ ପ୍ରତିଷ୍ଠା କରିବାକୁ ଚାହୁଁଥିବା ପ୍ରୟାସ ସ୍ପଷ୍ଟ। ଆପ୍ କର୍ମୀମାନେ ଗାଁରୁ ଗାଁ, ବସ୍ତିକୁ ବସ୍ତି, ଘରକୁ ଘର ବୁଲି ଦିଲ୍ଲୀ ମଡେଲ ସରକାରର ବ୍ୟାପକ ପ୍ରଚାର କରୁଛନ୍ତି । ରାଜନୀତି ନୁହେଁ, କ୍ରାନ୍ତି ଆଣିବା ଏହାର ଲକ୍ଷ୍ୟ କହି ଲୋକଙ୍କୁ ଆକୃଷ୍ଟ କରୁଛି। ବିଶେଷଭାବେ ଛାତ୍ର ଓ ଯୁବ ସମାଜ ଉପରେ ଅଧିକ ଧ୍ୟାନ ଦେଉଛି। ଲକ୍ଷ୍ୟ ୨୦୨୪ ନିର୍ବାଚନ, ଯେଉଁଥିରେ ଆପ୍ ଏକ ଲମ୍ଫାଡିଆଁ ମାରିବା ଚେଷ୍ଟାରେ ଅଛି। ତେବେ କେତେଦୂର ଡେଇଁବ ତାହା ସେତେବେଳେ ହିଁ ଜଣାପଡ଼ିବ।

ବାରିପଦା-୨, ମୟୂରଭଞ୍ଜ,
ମୋ.୯୪୩୮୨୪୮୮୫୪

### ଏଇ ଭାରତରେ

ନୂତନତ୍ୱ ବହୁ ସମୟରେ ଅନେକଙ୍କୁ ଭିନ୍ନ ପରିଚୟ ଦେଇଥାଏ, ଯାହା ଘଟିଛି ପଶ୍ଚିମବଙ୍ଗର ଦୀପ୍ତେନ୍ଦୁ ରୟଙ୍କ ଜୀବନରେ। ଦୀପ୍ତେନ୍ଦୁ ଯାତ୍ରୀଙ୍କ ସୁବିଧା ଲାଗି ରାଜପଥ କଡ଼ରେ ପୁରୁଣା ବସ୍‌ରେ ବିଶ୍ରାମ ଗୃହ ନିର୍ମାଣ କରିଛନ୍ତି। ବିଶେଷକରି ମହିଳା ଯାତ୍ରୀମାନଙ୍କ ପାଇଁ ଏହା କରାଯାଇଛି। ଦୀପ୍ତେନ୍ଦୁ ସାମ୍ବାଦିକତା ଛାଡ଼ି ୨୦୧୮ରେ 'ୟେଲୋ' ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ଏହି କାର୍ଯ୍ୟ କରୁଛନ୍ତି। ଭୋଲପୁର ମହିଳା ମହାସଂଘ ଏବଂ 'ୟେଲୋ' ସହଯୋଗରେ ଏଭଳି ବିଶ୍ରାମଗୃହ ନିର୍ମାଣ କରାଯାଇଛି। ମହିଳାମାନେ ରାଜପଥରେ ଦୀର୍ଘଯାତ୍ରା କରୁଥିବା ସମୟରେ ବହୁ ସମୟରେ ଜରୁରୀ ପରିସ୍ଥିତିର ସାମ୍ନା କରିଥାନ୍ତି ଏବଂ ଏକ ରେଷ୍ଟ ରୁମ୍ ଆବଶ୍ୟକ କରୁଥିବା ସମୟରେ ତାହା ଉପଲବ୍ଧ ହୋଇପାରି ନ ଥାଏ। ଏହି ସମସ୍ୟା ଦେଖିବାକୁ ପାଇଥିଲେ ଦୀପ୍ତେନ୍ଦୁ । ଏହାର ସମାଧାନ ଲାଗି ସେ ପୁରୁଣା ବସ୍‌ରେ ରେଷ୍ଟରୁମ୍ ନିର୍ମାଣ ଲାଗି ନିଷ୍ପତ୍ତି ନେଇ ଚାକିରି ଛାଡ଼ିଥିଲେ। ବସ୍‌ରେ ନିର୍ମିତ ରେଷ୍ଟରୁମ୍‌ର ପ୍ରଥମ ପ୍ରୋଟୋଟାଇପ୍ ଶାନ୍ତିନିକେତନରେ ଆରମ୍ଭ କରାଯାଇଛି। ଏଥିରେ ୩ଟି ୱାଶ୍‌ରୁମ୍, ଗୋଟିଏ ବାଥ୍‌ରୁମ୍ ଏବଂ ଚେଞ୍ଜିଂରୁମ୍ ରହିଛି। ଶିଶୁଙ୍କୁ ସ୍ତନ୍ୟପାନ କରାଇବା ଲାଗି ମଧ୍ୟ ସ୍ୱତନ୍ତ୍ର ରୁମ୍‌ର ବ୍ୟବସ୍ଥା କରାଯାଇଛି। ଭୋଲପୁର ମହିଳା ମହାସଂଘ ଏହାର ଦେଖାରଖା କରୁଛି। ଏଥିପାଇଁ ଜିଲା ପ୍ରଶାସନ ମଧ୍ୟ ସହଯୋଗ କରୁଛି। ଆଗକୁ ଏଭଳି ଅଧିକ ରେଷ୍ଟରୁମ୍ କରାଯାଇ ରାଜପଥ କଡ଼ରେ ରଖାଯିବ ବୋଲି କହିଛନ୍ତି ଦୀପ୍ତେନ୍ଦୁ।

### ୨୫ ବର୍ଷ ତଳର ଧରିତ୍ରୀ

୨୮ ମେ ୧୯୯୭

- ରାଜନୈତିକ ଏବଂ ସାମରିକ ସମ୍ପର୍କ ବୃଦ୍ଧି ଉଦ୍ଦେଶ୍ୟରେ ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନ ଏବଂ ନାଟୋର ନେତୃବୃନ୍ଦ ପ୍ୟାରିସଠାରେ ଏକ ବୈଠକରେ ମିଳିତ ହୋଇ ଐତିହାସିକ ରାଜିନାମା ସ୍ୱାକ୍ଷର କରିଛନ୍ତି।
- ବିହାର ଗୋଖାଦ୍ୟ ଦୁର୍ନୀତିରେ ଅଭିଯୁକ୍ତ କେନ୍ଦ୍ର ଗ୍ରାମାଞ୍ଚଳ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ସିପି ବର୍ମାଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ ପାଇଁ ସିବିଆଇ ଲୋଡ଼ିଥିବା ଅନୁମତିକୁ ରାଷ୍ଟ୍ରପତି ଡଃ ଶଙ୍କର ଦୟାଲ ଶର୍ମାଙ୍କ ପ୍ରତ୍ୟାଖ୍ୟାନ।
- ଢେଙ୍କାନାଳ ପ୍ରଜାମଣ୍ଡଳର ପ୍ରତିଷ୍ଠାତା ପ୍ରଥମ ସଭାପତି ସର୍ବୋଦୟ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ହରମୋହନ ପଟ୍ଟନାୟକଙ୍କ ୮୪ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ କାଟ, ଲୋକେ ଅତିଷ୍ଠ

ମହାଶୟ,

କରିତ୍‌କର୍ମା ଟାଟା କମ୍ପାନୀ ହାତକୁ ବିଦ୍ୟୁତ୍ ବିଭାଗ ଗଲା ପରେ ଆଶା କରାଯାଉଥିଲା ବିଦ୍ୟୁତ୍ ଗ୍ରାହକମାନଙ୍କୁ ନୀରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ଯୋଗାଇବ। କିନ୍ତୁ ଫଳ ଓଲଟା, ପ୍ରବଳ ଗରମ ଫଳରେ ଘନ ଘନ ବିଦ୍ୟୁତ୍ କାଟ ଦ୍ୱାରା ଲୋକମାନେ ଅତିଷ୍ଠ ହୋଇଗଲେଣି। ବିଦ୍ୟୁତ୍ ଯୋଗାଣର ନିର୍ଦ୍ଦିଷ୍ଟ ସମୟ ରହୁନି। ମନ ଇଚ୍ଛା ବିଦ୍ୟୁତ୍ କାଟ ହେଉଛି। ଯାହା ବି ଦିଆଯାଉଛି ଲୋ- ଭୋଲଟେଜ ଦ୍ୱାରା ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟୁତ୍ କାଟ୍ ସମଗ୍ର ଓଡ଼ିଶାରେ ହେଉଛି। ଏ ବିଷୟରେ ଖବରକାଗଜରେ ବାରମ୍ବାର ପ୍ରତିବାଦ ବାହାରି ଥିଲେ ମଧ୍ୟ ପରିସ୍ଥିତିରେ ଉନ୍ନତି ଘଟିନି। ବିଦ୍ୟୁତ୍ ଅଭାବ ଯୋଗୁ ଯଦି ବିଦ୍ୟୁତ୍ କାଟ୍ ହେଉଛି, ଅନ୍ୟ ରାଜ୍ୟକୁ ବିଦ୍ୟୁତ୍ ବିକ୍ରି କିପରି ହେଉଛି। ଏ ବିଷୟରେ ଟାଟା କମ୍ପାନୀ କର୍ତ୍ତୃପକ୍ଷ, ସରକାରୀ କର୍ତ୍ତୃପକ୍ଷ କିଛି ସ୍ପଷ୍ଟୀକରଣ ଦେଉ ନାହାନ୍ତି। କାହିଁକି ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ବେଳକୁ ବେଳ ପ୍ରବଳ ଗରମ ହେବା ଦ୍ୱାରା ବିଦ୍ୟୁତ୍ କାଟ ସମ୍ଭାଳିବା କଷ୍ଟକର ହେଉଛି। ଯଦି ବିଦ୍ୟୁତ୍ କାଟ ବନ୍ଦ ନ ହେବ ତେବେ ଜନସାଧାରଣ ଆନ୍ଦୋଳନ କରିବାକୁ ରାସ୍ତାକୁ ଓହ୍ଲାଇବେ ।

-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ମୋବାଇଲ ଅପବ୍ୟବହାର

ଦା, କଟୁରି, ପନିକି ଏସବୁ ଘରୋଇ ଉପକରଣ। ଏଗୁଡ଼ିକ ଯଦି କିଛି ଲୋକ ଅସଦ୍ ବ୍ୟବହାର କରିବେ ତେବେ ସେମାନେ ନିଜେ କ୍ଷତିଗ୍ରସ୍ତ ହେବା ସହିତ ଆଇନ ଅନୁଯାୟୀ ଦଣ୍ଡିତ ହୁଅନ୍ତି। ସେହିଭଳି ମୋବାଇଲ ଯୁଗରେ ଯେଉଁ ପିଲାମାନେ ଏହାର ସଦ୍ ବ୍ୟବହାର କରୁଛନ୍ତି ସେମାନେ ଉନ୍ନତି କରୁଛନ୍ତି ଓ ଯେଉଁମାନେ ଏହାର ଦୁରୁପଯୋଗ କରୁଛନ୍ତି ସେମାନେ ଅବାଟକୁ ଚାଲିଯାଉଛନ୍ତି । ସେମାନଙ୍କ ଅବନତି ହେଉଛି। ତେଣୁ ପ୍ରତ୍ୟେକ ମା'ମାନଙ୍କୁ ଅନୁରୋଧ ସେମାନେ ଏ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ଓ ପ୍ରାଥମିକ ଭୁଲ୍ ସ୍ତରରେ ବୁଝାଇ ଶୁଝାଇ ପିଲାମାନଙ୍କୁ ଭଲବାଟକୁ ଆଣିବାକୁ ଚେଷ୍ଟା କରନ୍ତୁ।

ଚକ୍ରଧର ରାଉତ, ପଡୁଆଁପଦା, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

କ୍ଷୁଦ୍ର ଆଖି ଦୁଇଟିର ମୂର୍ଖ ମୂକ ଭାଷା
ଜଗାଇଛି ଜଳେ ସ୍ଥଳେ
ଅନନ୍ତ ପିପାସା
ସୃଷ୍ଟିର ସହସ୍ର ଆୟୋଜନ
ନିତି ନବ ଉଦ୍ଭାବନ
ଶତ ଶତ କଳା କଉଶଳ
ସର୍ବ ନିମ୍ନେ ସେ ଚାହାଣି
ଦିଶେ ଦିଶେ ମତାଏ ସକଳ। -(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଦୁର୍ଘଟଣାରେ ଜଣେ ମୃତ**

ବିନିକା,(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୁହିବାହାଲ ରାସ୍ତାର ଅମାମୁଣ୍ଡା ଛକଠାରେ ଶୁକ୍ରବାର ଦୁଇ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଖଲିଆପାଲି ଗ୍ରାମର ବିଶ୍ୱମ୍ଭର ବଗର୍ତି(୫୭)। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ପୂର୍ତ୍ତ ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ

**ଭବାନୀପାଟଣା,୨୭।୫(ସ୍ୱ.ପ୍ର.):** କଳାହାଣ୍ଡି ଗସ୍ତ କରିଛନ୍ତି ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ଏହି ଅବସରରେ ମନ୍ତ୍ରୀ ଜିଲାର ଭଙ୍ଗାବାରୀଠାରେ ନିର୍ମାଣାଧୀନ ସରକାରୀ ମେଡିକାଲ କଲେଜର ପରିଦର୍ଶନ କରିଛନ୍ତି। ପରେ ଜିଲା ସର୍କିଟ ହାଉସରେ ଜିଲା ପ୍ରଶାସନିକ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ମନ୍ତ୍ରୀଙ୍କ ସମେତ ଜିଲାପାଳ ଗଭାଲି ପରାଗ ହର୍ଷଦ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ସମସ୍ତ ବିଧାୟକ, ଜିଲା ପରିଷଦ ଅଧକ୍ଷ ଓ ଠିକା ସଂସ୍ଥା କର୍ମଚାରୀ ସାମିଲ ହୋଇଥିଲେ। ଜିଲାବାସୀଙ୍କ ବହୁ ପ୍ରତୀକ୍ଷିତ ମେଡିକାଲ କଲେଜ ନିର୍ମାଣ କାମ ସମୀକ୍ଷା କରିବା ସହ ନିର୍ମାଣାଧୀନ ସରକାରୀ ମେଡିକାଲ କଲେଜର କାମ ୨୦୨୩ ସୁଦ୍ଧା ଶେଷ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୬ରେ ଭଙ୍ଗାବାରୀଠାରେ ମେଡିକାଲ କଲେଜ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ନିର୍ମାଣ କାମକୁ ୫ ବର୍ଷରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ।

### ୮୫.୩୯ ଲକ୍ଷରେ ହେବ ଓଭର ବ୍ରିଜ୍ ରାସ୍ତା ନିର୍ମାଣ



**ବରପାଲି,୨୭।୫(ଡି.ଏନ.ଏ.):** ବରଗଡ଼ ଜିଲା ବରପାଲି ହାଇସ୍କୁଲ ପଡିଆ ନିକଟରେ ନିର୍ମାଣ ହୋଇଥିବା ଓଭର ବ୍ରିଜ୍‌ର ଉଭୟ ପାର୍ଶ୍ୱ ରାସ୍ତା ହୋଇ ପାରୁ ନ ଥିଲା। ଫଳରେ ସ୍ଥାନୀୟ ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ଏହି ରାସ୍ତା ନିର୍ମାଣ ପାଇଁ ସଡ଼କ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୨୬୭୨/୨୩-୦୫-୨୨ରେ ଟେଣ୍ଡର ଆହ୍ୱାନ କରାଯାଇଛି। ଏଥିପାଇଁ ୮୫ ଲକ୍ଷ ୩୯ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ରାସ୍ତା ନିର୍ମାଣ କାର୍ଯ୍ୟ ଦୁଇ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ନିର୍ଦ୍ଦେଶ ରହିଛି। ଉଲ୍ଲେଖଯୋଗ୍ୟ, ଏହି ଓଭର ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଗତ ୨୦୧୭ ରୁ ଆରମ୍ଭ ହୋଇ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଫଳରେ ବ୍ରିଜ୍‌ର ଉଭୟ ପାର୍ଶ୍ୱ ରାସ୍ତା ଖାଲଖମା ହୋଇ ଯାତାୟାତରେ ବାଧା ଉପୁଜୁଛି। ରେଳ ଫାଟକ ଯୋଗୁ ଶହ ଶହ ଗାଡ଼ି ମୋଟର ଅଟକି ରହି ପ୍ରତ୍ୟହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ରାସ୍ତା ଖରାପ ଯୋଗୁ ପ୍ରତ୍ୟହ ଛୋଟବଡ଼ ସଡ଼କ ଦୁର୍ଘଟଣା ହେଉଛି। ଏହାକୁ ଦୃଷ୍ଟିରେ ରଖି ଓଭରବ୍ରିଜ୍‌ର ଦୁଇ ପାର୍ଶ୍ୱ ରାସ୍ତା ନିର୍ମାଣ ପାଇଁ ବହୁଦିନରୁ ଦାବି ହୋଇଆସୁଥିଲା।

# ରାସ୍ତା ରୋକିଲେ ଚାଷୀ

**■ବୀମାରାଶି ପ୍ରଦାନରେ ବିଳମ୍ବ**
**■ବାହାରିଲାନି ସମାଧାନର ବାଟ**

**ସୋହେଲା,୨୭।୫(ଡି.ଏନ.ଏ.)**

୨୦୨୧ ବର୍ଷରେ ଖରିଫ ଫସଲ ସମୟରେ ମରୁଡି ଯୋଗୁ ବରଗଡ଼ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ବହୁ ଚାଷୀ ଫସଲ ବୀମା ଯୋଜନାରେ କ୍ଷତିପୂରଣ ପାଇବେ ବୋଲି ଭାବିଥିଲେ। ହେଲେ ବର୍ଷେ ବିତିଯାଇଥିଲେ ମଧ୍ୟ ବୀମା କମ୍ପାନୀ ବୀମାରାଶି ପ୍ରଦାନ କରୁନାହିଁ। ବୀମା ଆବେଦନକୁ ରିଭର୍ଟ, ରିଜେକ୍ଟ ଓ ପେଣ୍ଡିଂ ଦର୍ଶାଇ ସମୟ ଗଡାଇଚାଲିଛି। ଏହାର ପ୍ରତିବାଦରେ ସୋହେଲା କୃଷକ ବିକାଶ ମଞ୍ଚ କାର୍ଯ୍ୟକାରୀ ସଭାପତି ମନୋହର ମାଝୀଙ୍କ ଆହ୍ୱାନ କ୍ରମେ ଚାଷୀମାନେ ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇଛନ୍ତି।

ଚାଷୀମାନେ ସୋହେଲା ମୁଖ୍ୟ ଛକରେ ଏକାଠି ହୋଇ ସକାଳ ୭ଟାରୁ ରାୟପୁର ସମ୍ବଲପୁର ଜାତୀୟ ରାଜପଥ ଏବଂ ସୋହେଲା ପଦ୍ମପୁର ବିଜୁ ଏକ୍ସପ୍ରେସ ୱେକୁ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଯାନବାହନ ଛିଡା ହୋଇ ରହିଥିଲା। ପୂର୍ବାହ୍ନ ୧୦ଟାରେ ଏଡିଏମ୍ ମିର୍ଦ୍ଧା ଟପ୍ପୋ ଆନ୍ଦୋଳନସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ବିଫଳ ହୋଇଥିଲା। ସୋହେଲା ତହସିଲଦାର ବିଶ୍ୱଜିତ ପଧାନ, ବିଡ଼ିଓ ବିଶ୍ୱରଞ୍ଜନ କର ସେମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ସୋହେଲା ଥାନା ଆଇଆଇସି ହାଡ଼ିବନ୍ଧୁ ଗଡ଼ତିଆ, ବିଜେପୁର ଥାନା ଆଇଆଇସି ସନୟ କୁମାର ନାୟକ ଆଇନଶୃଙ୍ଖଳା ତଦାରଖ କରିଥିଲେ। ଆନ୍ଦୋଳନ ନ ହଟିବାରୁ ରାତି ୮ଟା ବେଳେ ପୋଲିସ ଚାଷୀନେତା ମନ ମାଝୀ, ଅନ୍ତର୍ଯାମୀ ପାତ୍ର, ଲକ୍ଷଣ ପଧାନ, କାନ୍ତ ଗଡ଼ତିଆ, ଜୟକୃଷ୍ଣ ସାହୁ, ଯୁଧିଷ୍ଠିର ନାୟକ, ହେମଚନ୍ଦ୍ର ପଧାନ, ଯଶୋବନ୍ତ ଭୋଇ ପ୍ରମୁଖଙ୍କୁ ଗିରଫ କରି ଥାନାକୁ ନେଇଯାଇଥିଲା। ତେବେ ରିପୋର୍ଟ ଲେଖା ହେବା ବେଳକୁ (ରାତି ସାଢେ ୯ଟା) ଆନ୍ଦୋଳନ ଚାଲିଥିଲା।



ପୋଲିସ ଆନ୍ଦୋଳନସ୍ଥଳରୁ ଚାଷୀ ନେତାଙ୍କୁ ଉଠାଇ ନେଉଛି।

# ଟ୍ରକ୍ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ ନେଇ ଉତ୍ତେଜନା

**ଭବାନୀପାଟଣା,୨୭।୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ବୋର୍ଡା ଛକଠାରେ ଶୁକ୍ରବାର ଟ୍ରକ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଲବଣି ଭୋଇ। ତାଙ୍କ ସହ ଥିବା ଅନ୍ୟ ଜଣେ ଶ୍ରମିକ ସୁଜନ ମାଝି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ଅନ୍ୟପକ୍ଷେ କ୍ଷତିପୂରଣ ସହ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଧରିବା ପାଇଁ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ବୁଝାସୁଝା ଜାରି ରଖିଛି। ସୂଚନା ଅନୁଯାୟୀ, ବୋର୍ଡା ଗ୍ରାମର ଲବଣି ଓ ସୁଜନ ଶ୍ରମିକ ଭାବେ କାମ କରନ୍ତି। ପ୍ରତ୍ୟେକ ଦିନ ଭଳି ଶୁକ୍ରବାର ନିକଟ ବେଲପଡାକୁ କାମ କରିବାକୁ ଯାଇ ଫେରୁଥିଲେ। ବୋର୍ଡାଛକ ନିକଟରେ ଖଡ଼ିଆଳ ପଟୁ ଆସୁଥିବା ଏକ ଅଜଣା ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଲବଣିଙ୍କ ମୃତ୍ୟୁ ହୋଇଥିବାବେଳେ ସୁଜନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

## ମଣ୍ଡିରୁ ଉଠୁନି ଧାନ, ଚାଲିଛି କଟନୀଛଟନୀ

# ଜିଲାପାଳଙ୍କ ଅଫିସରେ ଚାଷୀଙ୍କ ଧାରଣା

**ବରଗଡ଼ ଅଫିସ,୨୭।୫**

ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ସପ୍ତାହ ବିତିଛି। ହେଲେ ଧାନ କିଣାବିକାରେ ଅବ୍ୟବସ୍ଥା ଲାଗିରହିଛି। ଧାନ ମଣ୍ଡିଗୁଡିକ ମିଲର୍ସଙ୍କ ମର୍ଜିରେ ଚାଲିଛି। କଟନୀଛଟନୀ ନ ହେଲେ ଧାନ ଉଠାଇବାକୁ ସିଧାସଳଖ ମିଲର୍ସଙ୍କ ଏଜେଣ୍ଟମାନେ ମନା କରିଦେଉଛନ୍ତି। ଚାଷୀଙ୍କୁ ଧାନ ପରିବହନ, ଲୋଡିଂ ଓ ଅନଲୋଡିଂ ଖର୍ଚ୍ଚ ସେମାନେ ଦାବି କରୁଥିବା ଅଭିଯୋଗ ହୋଇଛି। ଏପରିକି ପ୍ରତି କୁଇଣ୍ଟାଲରେ ୧ କେଜି ଧାନକୁ ବାଧ୍ୟତାମୂଳକ ଭାବେ କାଟି ଦିଆଯାଉଛି। ଏଭଳି ଅଭିଯୋଗ ନେଇ ଜିଲାର ଭେଡେନ ବ୍ଲକ ଅନ୍ତର୍ଗତ ତେନ୍ତୁଲିଟିକ୍ରା ମଣ୍ଡି ଉପରେ ନିର୍ଭର କରୁଥିବା ଚାଷୀମାନେ ଶୁକ୍ରବାର ପୂର୍ବାହ୍ନ ୮ଟାରୁ ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଛନ୍ତି। ବିନା କଟନୀଛଟନୀରେ ଧାନ ଉଠାଣ, ମଣ୍ଡିକୁ ଆସୁଥିବା ଧାନକୁ ତତ୍କାଳ କିଣି ଉଠାଯିବା, କଟନୀଛଟନୀ, ପରିବହନ, ଲୋଡିଂ ଓ ଅନଲୋଡିଂ ଖର୍ଚ୍ଚ ଦାବି କରୁଥିବା ମିଲର୍ସ ଏଜେଣ୍ଟଙ୍କ ଲାଇସେନ୍ସ ରଦ୍ଦ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଯୋଗାଣ ଅଧିକାରୀମାନେ ଧାରଣାସ୍ଥଳକୁ ପହଞ୍ଚି ଆଲୋଚନା କରିଥିଲେ। ମାତ୍ର ଉକ୍ତ ଦାବି ସମୂହ ଉପରେ ଲିଖିତ ପ୍ରତିଶ୍ରୁତି ଦେବାକୁ ଚାଷୀମାନେ ଅଡି ବସିଥିଲେ। ଧାନ ଉଠାଣ ପ୍ରତିଶ୍ରୁତି ପାଇବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ।



ଜିଲାପାଳଙ୍କ ଅଫିସ୍ ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି।

ଆବଶ୍ୟକ
ଭୁବନେଶ୍ୱରସ୍ଥିତ ଏକ ନାମୀ 'ଟାୟାର' ସୋରୁମ୍ ପାଇଁ ଗ୍ୟାରେଜ୍ ହେଲପର ଆବଶ୍ୟକ।
ଯୋଗାଯୋଗ କରିବାର ନଂ.
7008045044
9937775409

REQUIRE
ASP.NET Developer
fresher and experience.
M.9438471440
info@starsoft.in

GURU NANAK E.M. PUBLIC SCHOOL
Unit-3, Kharvel Nagar, Bhubaneswar-751001
WALK-IN-INTERVIEW
On date-01.06.2022, Time 8 A.M. to 10 A.M. for trained teachers in English, Math, Science, P.E.T., Dance, Music, Art and Nursery Classes.
On date 02.06.2022, time 8 AM to 10 AM for Computer teacher and Office Staff with Computer Knowledge.
Contact No.-0674-2395854,8093595862, Email- gnpsbbsr@gmail.com

WALKINS
Ceragem which is largest provider of high quality "Thermal Massagers", Serving over 70 Countries, Staff for Bhubaneswar Chandrasekharpur and Bapuji Nagar Branch.
10 Nos. (Male/Female) M. Executive, 2 No. A/c Assistant (Female) Graduate, good communication skill. Experience and fresher candidate can also walk. 2 After service (Male) Diploma in Electric.
Salary - 7000 + incentive
At: Ceragem, Plot No.30, Chandrasekharpur, Bhubaneswar, near Bharat Petrol Pump,
27.05.22 to 04.06.22
Ph No. 9776337955, 9861774456

See Career Appointment on every Wednesday & Saturday

Marketing Executives: Qualified and confident candidates for sales and marketing who have the capability to meet deadlines and reach the targets. Will be offered an attractive remuneration. Please share your resume. hr@smaketsolutions.com, career@smaketsolutions.com, Mob:9777828176

ADMIN HEAD, PROJECT HEAD, SR.ACCOUNTANT, MARKETING, EXCEL EXPERT, LABOUR CONTRACTOR, RECOVERY AGENT, SUPERVISOR, TELE-CALLER, DIGITAL & ONLINE MARKETING
FOR PRE-CAST MANUFACTURING UNIT
TWO-WHEELER MUST; ALL ODISHA
9114716584/8328824805

# ପଶୁ ପ୍ରେମରେ ବନ୍ଧା ମୋହିତ

**ସୋନପୁର,୨୭।୫(ନି.ପ୍ର.)**

ପଶୁ ପ୍ରେମରେ ବନ୍ଧା କୁନି ବାଳକ। ନିଜେ ପଛେ ଭୋକିଲା ରହିଥାନ୍ତୁ କିନ୍ତୁ କୋଣସି ଗାଈଗୋରୁ କିମ୍ବା ବୁଲା କୁକୁର ଭୋକିଲା କି କୌଣସି ଅସୁବିଧାରେ ରହିଲେ ସେ ସହ୍ୟ କରିପାରନ୍ତି ନାହିଁ। ଏମିତି ଜଣେ ନିଆରା କୁନି ବାଳକ ହେଉଛନ୍ତି ମୋହିତ ଓରଫ ସ୍ୱାଗତ ମିଶ୍ର(୧୩)। ବୟସରେ ବହୁତ ଛୋଟ। ହେଲେ ସେ ଗୋରୁ ପ୍ରେମରେ ପାଗଳ। ସେ ପାଠ ମଧ୍ୟ ବହୁତ ଭଲ ପଢନ୍ତି। ପାଠ ପଢିବା ସହିତ ଗୋରୁ ସେବା କରୁଛନ୍ତି। କରୋନା ମହାମାରୀ ସମୟରେ ପଶୁମାନଙ୍କ ଦୁର୍ଦ୍ଦଶା ଦେଖି ସେ ସେମାନଙ୍କ ସେବାକୁ ଜୀବନର ବ୍ରତ ଭାବେ ଧରି ନେଇଛନ୍ତି। କାହାକୁ କେଉଁ ନିଶା ଘାରିଥିବା ବେଳେ ମୋହିତଙ୍କୁ ବୁଲା ଗୋରୁ, କୁକୁର ପାଳିବା ନିଶା ଘାରିବାରେ ଲାଗିଛି। ଗୋଟିଏ କି ଦୁଇଟି ନୁହେଁ ବହୁ ସଂଖ୍ୟକ ବୁଲା ଗୋରୁଙ୍କ ସେବା କରିବା ସହିତ ଖାଇବାକୁ ଦେଇ ସହରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି ଏହି କୁନି ବାଳକ।

ମୋହିତ ଅଷ୍ଟମ ଶ୍ରେଣୀର ଛାତ୍ର। ଯେତେବେଳେ ସେ ସ୍କୁଲରୁ ପାଠ ପଢ଼ି ଘରକୁ ଫେରନ୍ତି ,ସେତେବେଳେ ବୁଲା ଗୋରୁ, କୁକୁର ତାଙ୍କ ଆସିବା ବାଟକୁ ଘର ସାମ୍ନାରେ ଚାହିଁ ରହିଥାନ୍ତି। ସେ ମଧ୍ୟ ସ୍କୁଲରୁ ଆସିବା ମାତ୍ରେ ସଙ୍ଗେ ସଙ୍ଗେ ଗୋରୁ ସେବାରେ ଲାଗିପଡନ୍ତି। ଗୋରୁଙ୍କୁ ଆଳୁ, ଶାଗ, ବିସ୍କୁଟ ଓ ବିଭିନ୍ନ ପ୍ରକାର ପନିପରିବା ଖାଇବା ଦେଇଥାନ୍ତି। ସୋନପୁର ମଝିପଡ଼ାର ପୁଷ୍ପାଞ୍ଜଳୀ ଓ ସତ୍ୟ ପ୍ରସାଦ ମିଶ୍ରଙ୍କ ପୁଅ ମୋହିତ ସେଣ୍ଟ ଆନିସ କନଭେଣ୍ଟ ସ୍କୁଲରେ ପଢୁଛନ୍ତି । ମା' ବାପା ଦେଉଥିବା ଟଙ୍କାକୁ ଗୋରୁ ଓ କୁକୁରଙ୍କ ଖାଇବା ପାଇଁ ଖର୍ଚ୍ଚ କରିବାକୁ ଅଧିକ ପସନ୍ଦ କରିଥାନ୍ତି। ପଚାରିଲେ କୁହନ୍ତି 'ମୁଁ ତ ଘରେ ଖାଇ ପାରୁଛି,ଏମାନେ ପଡୁଥିବା ଆବର୍ଜନା ଖାଇ ରୋଗାକ୍ରାନ୍ତ ହେଉଛନ୍ତି। ତେଣୁ ଏମାନଙ୍କୁ ଖୁଆଇବାକୁ ଚେଷ୍ଟା କରୁଛି। ବୁଲା ଗୋରୁ, କୁକୁର ବି ତାଙ୍କୁ ଦେଖିଲା ମାତ୍ରେ ପାଖକୁ ଛୁଟି ଆସନ୍ତି। ବଡ ହେଲେ ବୁର୍ଲାର ରାମ ଚନ୍ଦାନିଙ୍କ ପରି ହେବାକୁ ତାଙ୍କର ଇଚ୍ଛା। ଏପରି କି ନିଜ ଖର୍ଚ୍ଚରେ ଗୋଶାଳା କରିବାକୁ ଚିନ୍ତା କରିଥିବା ମୋହିତ କହିଛନ୍ତି।



ମୋହିତ।

### ବିଷପିଇ ଯୁବତୀଙ୍କ ଆତ୍ମହତ୍ୟା

**କୁନାଗଡ,୨୭।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୁନାଗଡ ଥାନା ରାଜପୁର ଗ୍ରାମର ଦେମତୀ ମାଝି (୧୯) ନାମକ ଜଣେ ଯୁବତୀ ଶୁକ୍ରବାର ବିଶପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଘରେ କେହି ନ ଥିବାବେଳେ ସେ ବିଶପିଇ ଦେଇଥିଲେ। ପରିବାର ଲୋକ ଜାଣିବା ପରେ ତାଙ୍କୁ କୁନାଗଡ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଉପସ୍ଥିତିରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଥାନାରେ ଏକ ମୃତ୍ୟୁ ମାମଲା (ନଂ.୧୪/୨୨) ରୁଜୁ ହୋଇଛି।

JOB VACANCY
5 STAR APNI SEVA PVT. LTD. looking for the position below:

| S.N. | Post | Required Qualification | Salary | Experience | Position |
|---|---|---|---|---|---|
| 1 | Marketing Executive | MBA (having experience in marketing sector | 12k | 2 to 3 yrs. | 3 |
| 2 | Office Admin & Accounts | B.Com (having experience in Tally) | 12k | 2 to 3 yrs. | 2 |
| 3 | Telecaller | Graduate | 8k | 2 to 3 yrs. | 4 |
| 4 | Technician | ITI (Multi Skill) | 16k | 4 to 5 yrs. | 3 |
| 5 | Beautician | Diploma in Beautician | 10k | 3 to 4 yrs. | 6 |
| 6 | Operation Manager | MBA (Marketing)/B.Tech. | 20k to 30k | 4 to 5 yrs. | 2 |

Job Location: BHUBANESWAR, CUTTACK & BERHAMPUR
Interested candidates may share their updated CV to hr@dunlinsteelpower.com or Contact: 8118094588.

# ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନର ୭ ବର୍ଷ ପରେ ବି ଆସୁଛି ବିଲ୍



ଅସହାୟ ସ୍ତ୍ରୀ ସ୍ୱାମୀ ଚିନ୍ତାରେ ବସିଛନ୍ତି।

**ନୂଆପଡ଼ା ଅଫିସ,୨୭।୫**

ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନର ୭ ବର୍ଷ ପରେ ବି ଆସୁଛି ବିଲ୍। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁରୁ। ଗାଁର ଜଣେ ବୃଦ୍ଧଙ୍କ ଘରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନର ୭ ବର୍ଷ ପରେ ବି ବିଲ୍ ଆସୁଛି। ଏ ପରି କି ବିଭାଗ କର୍ମଚାରୀମାନେ ତାଙ୍କ ଘରକୁ ଯାଇ ହଇରାଣ କରୁଥିବା ଅଭିଯୋଗ ହେଉଛି। ପ୍ରାପ୍ତ ସୂଚନାନୁସାରେ ବାଗମୁଣ୍ଡା ଗାଁରେ ମରାଖନ ନାଏକ (୬୨) ଓ ସ୍ତ୍ରୀ ସନ୍ତରା ନାଏକ (୫୯) ଏକ କୁଡିଆ ଘରେ ରହନ୍ତି। ୨୦୧୬ରେ ସେହି ଘର ଦେଇ ବିଜୁ ଏକ୍ସପ୍ରେସୱେ ଯିବାରୁ ଘରକୁ ଭାଙ୍ଗି ଅନ୍ୟତ୍ର ଏକ କୁଡିଆ ତିଆରି କରି ଉଭୟେ ରହୁଛନ୍ତି। ୨୦୧୬ରେ ଘର ଭାଙ୍ଗିବା ଦିନଠାରୁ ପ୍ରାୟ ୭ ବର୍ଷ ହେବ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ଡିବିରି ଆଲୁଅରେ ଦିନ କାଟୁଛନ୍ତି। ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଗତ ୧୨ ତାରିଖରେ ବୃଦ୍ଧଙ୍କ ଘରକୁ ଯାଇ ଆପଣଙ୍କ ନାମରେ କୁକୁଡା ଫାର୍ମ ଅଛି ବୋଲି କହି ୨୨ ହଜାର ୭୧୧ ଟଙ୍କା ୦୮ ପଇସା ବିଲ ପୈଠ କରିବା ପାଇଁ ତାଗିଦ କରିଥିଲେ। ସେ ଜଣେ ପକ୍ଷାଘାତ ରୋଗୀ, ସବୁବେଳେ ଖଟରେ ପଡିରହନ୍ତି। ଅନ୍ୟର ସାହାରାରେ ସେ ଉଠାବସା କରନ୍ତି। ଘରେ ରୋଜଗାରକ୍ଷମ ବ୍ୟକ୍ତି ଆଉନାହାନ୍ତି। ବାର୍ଦ୍ଧକ୍ୟ ଭତ୍ତା ଟଙ୍କାରେ ଘର ଚଳୁଛି। ବିଦ୍ୟୁତ ବିଲ ପୈଠ କରିବ କେମିତି। ଘରେ ବିଦ୍ୟୁତ ସଂଯୋଗ ନାହିଁ। କୁକୁଡା ଫାର୍ମ ଆସିଲା କେଉଁଠୁ ବୋଲି ପ୍ରଶ୍ନ ହେଉଛି। ବିଦ୍ୟୁତ କର୍ମଚାରୀମାନେ ତାଙ୍କ ଉପରେ ଜରିମାନା କରାଯିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଅସହାୟ ବୃଦ୍ଧଙ୍କ ପ୍ରତି ହୋଇଥିବା ଜୁଲୁମକୁ ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

यूनियन बैंक ऑफ इंडिया Union Bank of India | आन्ध्रा Andhra | Corporation
ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩
ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**, ନିମ୍ନ ବର୍ଣ୍ଣିତ ଶାଖାର **କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**, ନିମ୍ନ ବର୍ଣ୍ଣିତ ଶାଖା ନିକଟରେ ଉତ୍ତରଦାୟୀ ରହିବେ ।**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଶାଖା/ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ(ଟଙ୍କାରେ) | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଅନଗୁଳ ଶାଖା** ଋଣଗ୍ରହୀତାମାନେ: (୧)ଶ୍ରୀ ବିଭୂପତି ଭୂଷଣ ପତି, ପିତା: ଅମୂଲ୍ୟ ପତି, (୨)ଶ୍ରୀ ଅମୂଲ୍ୟ ପତି, ପିତା: ୰ହରେକୃଷ୍ଣ ପତି, ଠିକଣା:ଗ୍ରାମ/ମୌଜା:କରଡାପଲ୍ଲୀ, ସାଉଥ୍ ବଳନ୍ଦା, ଅନଗୁଳ-୭୫୯୧୨୩। | ତା.୩୧.୦୩.୨୦୨୧ସୁଦ୍ଧା ଟ.୮,୬୨,୩୪୪/- + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ | ୧୭.୦୩.୨୦୨୨ / ୨୪.୦୫.୨୦୨୨ | ଶ୍ରୀ ଅମୂଲ୍ୟ ପତି, ପିତା: ୰ହରେକୃଷ୍ଣ ପତି ଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୧୦୫/୩୩୨, ପ୍ଲଟ ନଂ.୨୪୪, ଏରିଆ: ଏ୦.୧୪୦ ଡିସିମିଲି, ଗ୍ରାମ/ମୌଜା: କରଡାପଲ୍ଲୀ, ତହସିଲି: ତାଳଚେର, ଜିଲ୍ଲା : ଅନଗୁଳ, ରାଜ୍ୟ: ଓଡିଶା-୭୫୯୧୨୩। |
| **ଜଗତପୁର ଇସିବି ଶାଖା** ଋଣଗ୍ରହୀତା: (୧)ମେସର୍ସ ନୀଳାଞ୍ଚଳ ଏଣ୍ଟରପ୍ରାଇଜେସ୍, ସା.:କପଳେଶ୍ୱର, ମଙ୍ଗୁଳି, ମଙ୍ଗୁଳି ଚୌଦ୍ୱାର, କଟକ-୭୫୪୦୨୫, ଜାମିନ୍‌ଦାରମାନେ: ଶ୍ରୀ ସତ୍ୟରଞ୍ଜନ ବେହେରା (ଶ୍ରୀ ଅଧୀକାରୀ ବେହେରାଙ୍କ ଆଇନଗତ ଉତ୍ତରାଧିକାରୀ), ମଧୁସ୍ମିତା ବେହେରା (ଶ୍ରୀ ଅଧୀକାରୀ ବେହେରାଙ୍କ ଆଇନଗତ ଉତ୍ତରାଧିକାରୀ), ଲିପ୍ସା ବେହେରା (ଶ୍ରୀ ଅଧୀକାରୀ ବେହେରାଙ୍କ ଆଇନଗତ ଉତ୍ତରାଧିକାରୀ),(୨)ଅକ୍ଷୟ କୁମାର ବେହେରା,(୩)ପ୍ରେମଲତା ବେହେରା, ଠିକଣା: ଗୋଡିପାଟଣା, ଦଉଲତାବାଦ, ଚୌଦ୍ୱାର, କଟକ-୭୫୪୦୨୬ | ତା.୨୮.୦୨.୨୦୨୨ସୁଦ୍ଧା ଟ.୧,୧୧,୨୭,୮୬୦.୩୫ + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ | ୧୭.୦୩.୨୦୨୨ / ୨୫.୦୫.୨୦୨୨ | ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: କପଳେଶ୍ୱର, ତହସିଲି: ଟାଙ୍ଗି ଚୌଦ୍ୱାର, ସା-ଗୋର୍ଡିପାଟଣା, ପୋ.:ଦଉଲତାବାଦ, ଥାନା: ଚୌଦ୍ୱାର, କଟକ ଥାନା ନଂ.୫୪, ଖାତା ନଂ.୭୩୯, ପ୍ଲଟ ନଂ.୫୩୨, ଏରିଆ: ଏ୦.୩୧ ଡିସିମିଲି। |
| **ଜଗତପୁର ଇସିବି ଶାଖା** ଋଣଗ୍ରହୀତା: ଶ୍ରୀ ଅଧୀକାରୀ ବେହେରା,(୧)ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀମାନେ :(କ) ଶ୍ରୀ ସତ୍ୟରଞ୍ଜନ ବେହେରା, ପିତା: ୰ଶ୍ରୀ ଅଧୀକାରୀ ବେହେରା, (ଖ)ମଧୁସ୍ମିତା ବେହେରା, ପିତା: ୰ଶ୍ରୀ ଅଧୀକାରୀ ବେହେରା, (ଗ)ଲିପ୍ସା ବେହେରା, ପିତା: ୰ଶ୍ରୀ ଅଧୀକାରୀ ବେହେରା, (୨)ପ୍ରେମଲତା ବେହେରା, ସ୍ୱା:୰ଶ୍ରୀ ଅଧୀକାରୀ ବେହେରା, (୩)ଅକ୍ଷୟ କୁମାର ବେହେରା, ଠିକଣା: ଗୋଡିପାଟଣା, ଦଉଲତାବାଦ, ଚୌଦ୍ୱାର, କଟକ-୭୫୪୦୨୬ | ତା.୨୮.୦୨.୨୦୨୨ ସୁଦ୍ଧା ଟ.୭୭,୭୪,୯୫୩/- + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ | ୧୭.୦୩.୨୦୨୨ / ୨୫.୦୫.୨୦୨୨ | |
| **ଜଗତପୁର ଇସିବି ଶାଖା** ଋଣଗ୍ରହୀତା:(୧)ମହାବଳୀ ଅଏଲ୍ ଆଣ୍ଡ ଫ୍ଲୋର ପ୍ରା.ଲିଃ, ଠିକଣା: ବିରୂପା କେନାଲ ରୋଡ, ମଙ୍ଗୁଳି ଚୌଦ୍ୱାର, କଟକ-୭୫୪୦୨୫, ଜାମିନ୍‌ଦାରମାନେ: ଶ୍ରୀ ସତ୍ୟରଞ୍ଜନ ବେହେରା (ଶ୍ରୀ ଅଧୀକାରୀ ବେହେରାଙ୍କ ଆଇନଗତ ଉତ୍ତରାଧିକାରୀ), ମଧୁସ୍ମିତା ବେହେରା (ଶ୍ରୀ ଅଧୀକାରୀ ବେହେରାଙ୍କ ଆଇନଗତ ଉତ୍ତରାଧିକାରୀ), ଲିପ୍ସା ବେହେରା (ଶ୍ରୀ ଅଧୀକାରୀ ବେହେରାଙ୍କ ଆଇନଗତ ଉତ୍ତରାଧିକାରୀ), (୨)ଅକ୍ଷୟ କୁମାର ବେହେରା, (୩)ପ୍ରେମଲତା ବେହେରା, ଠିକଣା: ଗୋଡିପାଟଣା, ଦଉଲତାବାଦ, ଚୌଦ୍ୱାର, କଟକ-୭୫୪୦୨୬। | ତା.୨୮.୦୨.୨୦୨୨ ସୁଦ୍ଧା ଟ.୯୦,୮୬,୧୯୭.୧୫ + ପରବର୍ତ୍ତି ସୁଧ, ଦେୟ ଏବଂ ଖର୍ଚ୍ଚ | ୧୭.୦୩.୨୦୨୨ / ୨୫.୦୫.୨୦୨୨ | ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ନେଳିଆ, ପୋ.:ହରିଅନ୍ତା, ଥାନା :ଟାଙ୍ଗି ଚୌଦ୍ୱାର, କଟକ ଥାନା ନଂ.୬୭, ଖାତା ନଂ.୧୦୭, ପ୍ଲଟ ନଂ.୮୦, ଏରିଆ: ଏ୦.୨୬ ଡିସିମିଲି, ଖାତା ନଂ.୧୯୦/୮୬, ପ୍ଲଟ ନଂ.୭୯, ଏରିଆ:ଏ୦.୩୯ ଡିସିମିଲି, ଏବଂ ପ୍ଲଟ ନଂ.୫୭, ଏରିଆ: ଏ୦.୩୫ ଡିସିମିଲି। |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୭.୦୫.୨୦୨୨ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

APPOINTMENT
Post : MINES MANAGER
Work Field: Western Odisha Region (Rayagada District)
Job Description
- Mining Operation
- Liaison with concerning Govt. Departments like Forest, Environment, Pollution offices etc. and Local Bodies like Panchyet etc.
- Preparation and filing of relevant mandatory documents.
- Man and Machinery Management

Qualification : Minimum Diploma In Mining Engineering.
Experience : Minimum 3 years (preferably in Gems Mine)
Salary : Negotiable
Higher qualification and experience will be given preference.
Send your Resume within 10 days to:
drmsrc.rygd@gmail.com

ଓଡ଼ିଆ ଭାଷା ପ୍ରତିଷ୍ଠାନ
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୧୪
ଫୋନ୍: ୨୪୩୧୦୨୧, ୨୪୩୧୨୩୩
ଇ-ମେଲ୍: odiabhasapratisthan@yahoo.co.in
ୱେବ୍‌ସାଇଟ୍: www.odiabhasapratisthana.in
ବିଜ୍ଞାପନ
ସଂଖ୍ୟା: ୦୧ — ତାରିଖ: ୨୭।୫।୨୨
No.RR-4:- ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ଇଂରାଜୀ ଓ ହିନ୍ଦୀ ଭାଷାରୁ ଓଡ଼ିଆ ଏବଂ ଓଡ଼ିଆ ଭାଷାରୁ ଇଂରାଜୀ ଓ ହିନ୍ଦୀକୁ ହେଉଥିବା ଅନୁବାଦ ତଥା ଏହାର ସଂଶୋଧନ କାର୍ଯ୍ୟ ନିମନ୍ତେ ସମ୍ପୃକ୍ତ କାର୍ଯ୍ୟରେ ଦକ୍ଷ ଏବଂ ଅଭିଜ୍ଞ ବ୍ୟକ୍ତିବିଶେଷମାନଙ୍କୁ ନେଇ ଗୋଟିଏ ଅନୁବାଦକ/ସଂଶୋଧକ ପ୍ୟାନେଲ୍ ଗଠନ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।
ଇଚ୍ଛୁକ ପ୍ରାର୍ଥୀ ଦରଖାସ୍ତର ନମୁନା ଫର୍ମାଟ୍ ଏବଂ ସର୍ତ୍ତାବଳୀ ଆଦି ଓଡ଼ିଆ ଭାଷା ପ୍ରତିଷ୍ଠାନର ଉପରୋକ୍ତ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରି ସ୍ପିଡ୍ ପୋଷ୍ଟ / ପଞ୍ଜୀକୃତ ଡାକ/ ଇ-ମେଲ୍ ମାଧ୍ୟମରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ପ୍ରେରଣ କରିପାରିବେ । କୌଣସି କାରଣ ନ ଦର୍ଶାଇ ଗୋଟିଏ / ସମସ୍ତ ଆବେଦନକୁ ଖାରଜ କରିବାର ଅଧିକାର ନିର୍ଦ୍ଦେଶକଙ୍କର ରହିବ । ପୂର୍ବରୁ ତା୨୫।୦୯।୨୦୨୧ରିଖରେ ଦୈନିକ ଓଡ଼ିଆ ସମ୍ବାଦପତ୍ର ପ୍ରମେୟରେ ପ୍ରକାଶିତ ବିଜ୍ଞାପନ ସଂଖ୍ୟା- ୦୪, ତା୨୪।୦୯।୨୦୨୧ରିଖକୁ ଏଥିସହିତ ରଦ୍ଦ କରାଗଲା ।
ନିର୍ଦ୍ଦେଶକ
OIPR-03001/11/0005/2223

## ସଂକ୍ଷେପରେ

### ସମବାୟ ସମିତି ନିର୍ଦ୍ଦେଶକ ନିର୍ବାଚନ ଲାଗି ନାମାଙ୍କନ

ବଡ଼ଗାଁ, ୨୭।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ସମବାୟ ସମିତିର ନିର୍ଦ୍ଦେଶକ ନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରାଯାଇଛି। ପୂର୍ବାହ୍ନ ୧୧ ଟାରୁ ୩ ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ସମୟ ଦିଆଯାଇଥିଲା। ବଡ଼ଗାଁ ସମବାୟ ସମିତିକୁ ୧୫ଟି ୱାର୍ଡରେ ବିଭକ୍ତ କରାଯାଇଛି। ୧୫ଟି ୱାର୍ଡରେ ମୋଟ ୨୮ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବଡ଼ଗାଁ ସମବାୟ ସମିତି ଅଧୀନରେ ବଡ଼ଗାଁ ସମେତ ଇତମା, ଟିଙ୍କିଲିପଡା, ଜରଙ୍ଗଲୋଇ, ଭୋଇପାଲି, ତୁଡାଲଗା, ଫୁଲବାରି, ଦାଣ୍ଡଜମରା ପଞ୍ଚାୟତ ଅଛି। ଏହି ୮ପଞ୍ଚାୟତକୁ ୧୫ଟି ୱାର୍ଡରେ ବିଭକ୍ତ କରାଯାଇଛି। ୧୫ ୱାର୍ଡରେ ଅସଂରକ୍ଷିତ ୫, ଅନୁସୂଚିତ ଜନଜାତିଙ୍କ ପାଇଁ ୭ ଓ ୩ଟି ଆସନ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଅଛି। ମୋଟ ଭୋଟର୍ ସଂଖ୍ୟା ୧୦୨୧। ଶୁକ୍ରବାର ନାମାଙ୍କନପତ୍ର ଦାଖଲ ହୋଇଥିଲାବେଳେ ଆସନ୍ତା ୧ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ୨ ତାରିଖ ଚୁଡାନ୍ତ ପ୍ରାର୍ଥୀ ତାଲିକା ସଂକେତ ସହ ପ୍ରକାଶନ କରାଯିବ। ଆସନ୍ତା ୧୯ ତାରିଖ ନିର୍ବାଚନ ହେବା ଓ ସେହିଦିନ ସନ୍ଧ୍ୟା ସୁଦ୍ଧା ଫଳାଫଳ ଘୋଷଣା କରାଯିବ। ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା କାର୍ଯ୍ୟ ପାଇଁ ନିର୍ବାଚନ ଅଧିକାରୀ ଭାବେ କୁତ୍ରା ବ୍ଲକର ପିଇଓ ଲୋକନାଥ ନାଥ ଦାୟିତ୍ୱ ତୁଲାଇଥିଲାବେଳେ ବଡ଼ଗାଁ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ପଟେଲ ଓ କର୍ମଚାରୀ ପ୍ରଦ୍ୟୁମ୍ନ ବିଶି ତାଙ୍କୁ ସହଯୋଗ କରିଥିଲେ। ସେହିପରି ସାହାଜବାହାଲ ସମବାୟ ସମିତିରେ ଶୁକ୍ରବାର ୧୫ ୱାର୍ଡ ରେ ୨୮ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ସମବାୟ ସମିତିରେ ମୋଟ ୨୪୫୪ ଭୋଟର୍ ମତଦାନ କରିବେ। ବଡ଼ଗାଁ କୃଷି ବିଭାଗ କର୍ମଚାରୀ ସୁରେନ୍ଦ୍ର କୁମାର ନାଏବ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ତାଙ୍କୁ ଏମ୍‌ଡି ଶୁଭ କୁମାର ବେହେରା ସହଯୋଗ କରିଥିଲେ।

### ଚେକ୍‌ଗେଟ୍ ସମସ୍ୟା ନେଇ ଜିଲାପରିଷଦ ସଭାନେତ୍ରୀଙ୍କୁ ଦାବି

କୁଆଁରମୁଣ୍ଡା,୨୭।୫(ଡି.ଏନ.ଏ.): ଶୁକ୍ରବାର ସୁନ୍ଦରଗଡ଼ ଜିଲା ପରିଷଦ ସଭାନେତ୍ରୀ କୁନ୍ତୀ ପ୍ରଧାନ କୁଆଁରମୁଣ୍ଡା ବ୍ଲକ ଗସ୍ତ କରିଛନ୍ତି। ଏହି ସମୟରେ କୁଆଁରମୁଣ୍ଡା ନାଗରିକ କମିଟି ପକ୍ଷରୁ ସଭାନେତ୍ରୀ ପ୍ରଧାନଙ୍କୁ କୁଆଁରମୁଣ୍ଡା ଚେକଗେଟ୍ ନିକଟକୁ ଡକାଯାଇ କିପରି ବର୍ଷବର୍ଷ ଧରି ବର୍ଷାଜଳ ଜମି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି ସେ ସମ୍ପର୍କରେ ଅବଗତ କରାଯାଇଛି। ଉକ୍ତ ସ୍ଥାନଟି କୁଆଁରମୁଣ୍ଡା ବ୍ଲକର ପ୍ରବେଶ ପଥ ହୋଇଥିବା ବେଳେ ନେତା, ମନ୍ତ୍ରୀ, ସରକାରୀ ଅଧିକାରୀ ସବୁ ଜାଣିବି ଏହାର ସମାଧାନ ଦିଗରେ ଆନ୍ତରିକତା ଦେଖାଉ ନ ଥିବାରୁ ଅଞ୍ଚଳବାସୀ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାର କିଭଳି ସମାଧାନ କରାଯାଇ ଲୋକଙ୍କ ଯାତାୟାତ ସମସ୍ୟାକୁ ଦୂର କରାଯାଇପାରିବ ସେ ସମ୍ପର୍କରେ କୁଆଁରମୁଣ୍ଡା ନାଗରିକ କମିଟି ପକ୍ଷରୁ ଜିଲାପରିଷଦ ସଭାନେତ୍ରୀ କୁନ୍ତୀ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏଥିରେ କୁଆଁରମୁଣ୍ଡା ନାଗରିକ କମିଟି ପକ୍ଷରୁ ରାଜେଶ କେର୍କେଟା, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା, ଏମଡି ଅବଦୁଲ ପ୍ରମୁଖଙ୍କ ସହ ବହୁ ମହିଳା,ପୁରୁଷ ଉପସ୍ଥିତ ଥିଲେ।

# ଦେବଗଡ଼ରେ ୭ କାଉନସିଲରଙ୍କ ଅନଶନ

■ ଲିଖିତ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ
■ ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସ ପ୍ରତ୍ୟାହାର ସମେତ ବିଭିନ୍ନ ଦାବିରେ ଆନ୍ଦୋଳନ



ଦେବଗଡ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ କାଉନସିଲରମାନେ ଅନଶନରେ ବସିଛନ୍ତି।

ଦେବଗଡ଼,୨୭।୫(ଡି.ଏନ.ଏ)

ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସ ପ୍ରତ୍ୟାହାର ଏବଂ ଏହାର ପୁନଃ ମୂଲ୍ୟାୟନ ସମେତ ବିଭିନ୍ନ ଦାବିରେ ଶୁକ୍ରବାର ପୌର ପରିଷଦର ୭ ଜଣ କାଉନସିଲର ଦେବଗଡ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଅନଶନ ଆରମ୍ଭ କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଅନଶନ ଜାରୀରହିବ ବୋଲି ପ୍ରକାଶ କରିଥିଲେ। ମାତ୍ର ଦାବି ପୂରଣ ପାଇଁ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ଲିଖିତ ପ୍ରତିଶ୍ରୁତି ପରେ ପ୍ରାୟ ଦିନ ୧ଟାରେ ଅନଶନ ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି। ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସ ପ୍ରତ୍ୟାହାର ଏବଂ ଏହାର ପୁନଃ ମୂଲ୍ୟାୟନ ଦାବି ସମେତ ଦୈନିକ ପରିବା ବଜାରର ନିଲାମ ପ୍ରକ୍ରିୟାକୁ ରଦ୍ଦ କରାଯାଇ ପୌର ପରିଷଦର ଅନୁମୋଦନ ପରେ ନିଲାମ କରାଯିବା, ପୌର ପରିଷଦ କଲ୍ୟାଣ ମଣ୍ଡପର ଦୈନିକ ଭଡା ୧୮ହଜାର ଟଙ୍କାରୁ ହ୍ରାସ କରି ୧୦ ହଜାର ଟଙ୍କା ଧାର୍ଯ୍ୟ କରାଯିବା, ଦୈନିକ ପରିବା ବଜାର ନିକଟରେ ଏକ ପରିଶ୍ରାଗାର ନିର୍ମାଣ ଆଦି ଦାବି କରାଯାଇଥିଲା। ଦେବଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ତଥା ୪ ନମ୍ବର ୱାର୍ଡର ଭାଜପା କାଉନସିଲର ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା, ଭାଜପା କାଉନସିଲର ମଧୁସୂଦନ ବାଘ, ପିଙ୍କିରାଣୀ ସାହୁ, ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର ଓ କାର୍ତ୍ତିକ ମହାକୁଳ ପୂର୍ବାହ୍ନ ୯ଟାରେ ଦେବଗଡ଼ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଅନଶନ ଆରମ୍ଭ କରିଥିଲେ। ସେମାନଙ୍କର ଏହି ଅନଶନକୁ ପୌରାଞ୍ଚଳର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା। ସେହିପରି ପୌରାଞ୍ଚଳର ବହୁ ବୁଦ୍ଧିଜୀବୀ, ସଚେତନ ନାଗରିକ, ବରିଷ୍ଠ ନାଗରିକ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଅନଶନ ସ୍ଥଳରେ ପହଞ୍ଚି ଅନଶନକାରୀଙ୍କୁ ସମର୍ଥନ ଜଣାଉଥିବା ଦେଖିବାକୁ ମିଳିଥିଲା। ଦେବଗଡ଼ ପୌର ପରିଷଦର ନିର୍ବାହୀ ଅଧିକାରୀ ଅତସୀ ପରିଡ଼ା ଅନଶନସ୍ଥଳକୁ ଆସି ସେମାନଙ୍କୁ ବୁଝାଶୁଝା କରିବା ସହ ଦାବି ପୂରଣ ନେଇ ପୂର୍ବରୁ ନେଇଥିବା ପଦକ୍ଷେପ ସମ୍ପର୍କରେ ଜଣାଇବା ସହ ଅନ୍ୟାନ୍ୟ ଦାବିଗୁଡିକୁ ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଅନଶନରତ କାଉନସିଲରମାନେ ଅନଶନ ପ୍ରତ୍ୟାହାର କରିଥିବା ଜଣାପଡିଛି। ଇତିମଧ୍ୟରେ ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସ ପ୍ରତ୍ୟାହାର ନିମନ୍ତେ ସରକାରଙ୍କୁ ଚିଠି ଲେଖାଯାଇଥିବା, ହୋଲ୍ଡିଂ ଟ୍ୟାକ୍ସରେ ୨୦ପ୍ରତିଶତ ରିବେଟ ପାଇଁ ଧାର୍ଯ୍ୟ ସମୟସୀମା ଜୁନ ୨୦୨୨ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଲିଖିତ ପ୍ରତଶ୍ରୁତି ଦେଇଥିଲେ। ସେହିପରି ଦୈନିକ ପରିବା ବଜାରର ନିଲାମ ପ୍ରକ୍ରିୟାକୁ ପରବର୍ତ୍ତୀ କାଉନସିଲ ବୈଠକ ପର୍ଯ୍ୟନ୍ତ ସ୍ଥଗିତ ରଖିବା ସହ କଲ୍ୟାଣ ମଣ୍ଡପର ଭଡା ହ୍ରାସ କରିବା ନେଇ ଆଗାମୀ କାଉନସିଲ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ଦର୍ଶାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଦୈନିକ ପରିବା ବଜାର ନିକଟରେ ପରିଶ୍ରାଗାର ନିର୍ମାଣ ଦାବି ପରିପ୍ରେକ୍ଷୀରେ ପୌର ପରିଷଦ ଟାଉନହଲ ନିକଟରେ ଏହା ନିର୍ମିତ ହୋଇସାରିଥିବା ପୌର ପରିଷଦର ନିର୍ବାହୀ ଅଧିକାରୀ ତାଙ୍କର ଲିଖିତ ପ୍ରତିଶ୍ରୁତିରେ ଉଲ୍ଲେଖ କରିଥିବା ଜଣାପଡିଛି।

## କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

କୁତ୍ରା, ୨୭।୫ (ଡି.ଏନ.ଏ)

ଓଡିଶା ସରକାରଙ୍କ ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କୁତ୍ରା ବିଇଓ ଗୁରୁଚରଣ ସାହୁ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, କ୍ରୀଡା ସଙ୍ଗଠକ ଶିକ୍ଷକ ବିଭୀଷଣ ବାରିକ ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ କୁତ୍ରା ବ୍ଲକର ୧୬ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୨୮୧ ଜଣ ଅନଲାଇନରେ ପଞ୍ଜିକରଣ କରିଥିବା ବେଳେ ୧୫୦ ଛାତ୍ରୀଛାତ୍ର ଅଫଲାଇନରେ ଯୋଗଦେଇଥିଲେ। ରେକର୍ଡ ସଂଖ୍ୟକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ୧୪ଟି ବିଭାଗ ଯଥା ହକି, ଫୁଟବଲ, ଦୌଡକୁଦ, ବକସିଂ ପ୍ରଭୃତିର ପ୍ରତିଭା ଅନ୍ୱେଷଣ କରାଯାଇଛି। ଖେଳ ପରିଚାଳନା ପାଇଁ କୁତ୍ରା ବ୍ଲକର କ୍ରୀଡା ଶିକ୍ଷକ ମହେନ୍ଦ୍ର କଲସେର, ମୁଦିତ ଆଇନ୍ଦ, କିରନଶିଲା ବାର୍ଲା, ଶକୁନ୍ତଳା ପ୍ରଧାନ, ଲବଣିଧର ଗର୍ଡିଆ, ପୁଲକ ପ୍ରଧାନ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଭାବେ ପାନପୋଷ କ୍ରୀଡା ଛାତ୍ରାବାସର ୨ ଜଣ କୋଚ ପର୍ଯ୍ୟବେକ୍ଷଣ କରିଥିବା ସହ ସୁନ୍ଦରଗଡର ସାଇକୋଚ ୨ଜଣ ଏହାର ସୁପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀମାନେ ସହଯୋଗ କରିବାସହ ଜୁନିୟର ରେଡକ୍ରସ ଓ ସ୍କାଉଟ ଛାତ୍ରମାନେ ସ୍ୱେଚ୍ଛାସେବୀ ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷକ ବିଭୀଷଣ ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।


ପ୍ରତିଭା ଅନ୍ୱେଷଣରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର

## ଜିଲାପରିଷଦ ସଭାପତିଙ୍କ ଉପସ୍ଥିତିରେ ସମୀକ୍ଷା ବୈଠକ


କୁଆଁରମୁଣ୍ଡା ବ୍ଲକ ସଭାଗୃହରେ ଜିଲାପରିଷଦ ସଭାନେତ୍ରୀ କୁନ୍ତୀ ପ୍ରଧାନ ବିଭିନ୍ନ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରୁଛନ୍ତି।

କୁଆଁରମୁଣ୍ଡା,୨୭।୫(ଡି.ଏନ.ଏ.)

ଆସନ୍ତା ୧୫ ଦିନରେ କୁଆଁରମୁଣ୍ଡା ଚେକ୍‌ଗେଟ୍ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ସୁନ୍ଦରଗଡ଼ ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ କୁଆଁରମୁଣ୍ଡା ବ୍ଲକ ଗସ୍ତ ସମୟରେ ବ୍ଲକ ସଭାଗୃହରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର କୁଆଁରମୁଣ୍ଡା ବ୍ଲକର ମୁଖ୍ୟ ପ୍ରବେଶ ପଥ କୁହାଯାଉଥିବା ଉକ୍ତ ଚେକ୍‌ଗେଟ୍ ସମସ୍ୟା ସମ୍ପର୍କରେ ଜିଲାପରିଷଦ ସଭାନେତ୍ରୀ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସେ ଆରଡି ଜେଇ ଜାକେଶ କୁମାର ଟୁଡୁଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜଙ୍ଗଲ ବିଭାଗ ପକ୍ଷରୁ କୁଆଁରମୁଣ୍ଡା ରେଞ୍ଜର ସ୍ୱାଧୀନତା ସାହାଣୀ ବନାଞ୍ଚଳର ବିକାଶ ନିମନ୍ତେ ସରକାରଙ୍କ ତରଫରୁ ନିଆଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଅନ୍ୟ ପକ୍ଷରେ ପାଇପ୍ ଜଳଯୋଗାଣ ବ୍ୟବସ୍ଥାରେ ଡୁମେରଯୋର ପଞ୍ଚାୟତରେ ମେଗା ଜଳ ଯୋଗାଣ ପ୍ରକଳ୍ପ ହୋଇଥିଲେ ମଧ୍ୟ ସ୍ଥାନୀୟ ଖେରାପୋଷ ଗ୍ରାମବାସୀଙ୍କୁ ଜଳଯୋଗାଣରେ କେଉଁ କାରଣରୁ ବଂଚିତ କରାଯାଇଛି ବୋଲି ଆରଡବ୍ଲ୍ୟୁଏସଏସ ଜେଇ ବନ୍ଦିତା ପ୍ରିୟଦର୍ଶନୀ ସାମଲଙ୍କୁ ଜିଲାପରିଷଦ ସଭ୍ୟ କୁଜୁର ପ୍ରଶ୍ନ କରିଥିଲେ। ସେହିପରି କୁଆଁରମୁଣ୍ଡା ହରିହର ହାଇସ୍କୁଲରେ ପ୍ରଧାନଶିକ୍ଷକ ପଦ ଠାରୁ ଆରମ୍ଭ କରି କ୍ରୀଡା ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଏହାର ସମାଧାନ ନିମନ୍ତେ ପ୍ରଧାନଶିକ୍ଷକ, କ୍ରୀଡା ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକ ପଦବୀ ପୂରଣ ନିମନ୍ତେ ଜିଲା ଶିକ୍ଷା ବିଭାଗକୁ ଜଣାଇବାକୁ ଜିଲାପରିଷଦ ସଭ୍ୟ କୁଜୁର ବିଭାଗୀୟ କୁଆଁରମୁଣ୍ଡା ଏବିଇଓ ଡୋରୋଥିଆ ଟପ୍ପୋଙ୍କୁ କହିଛନ୍ତି। ଏଥିରେ ଏନଆରଇଜିଏସ୍ ଯୋଜାନା ସମ୍ପର୍କରେ ଏପିଓ ବିଷ୍ଣୁମୋହନ ନାୟକ, ଓଡିଶା ଜୀବିକା ମିଶନରେ କୁଆଁରମୁଣ୍ଡା ବ୍ଲକ ମହିଳାମାନଙ୍କୁ ରୋଜଗାରକ୍ଷମ କରିବାରେ ସମଗ୍ର ଜିଲାରେ ୨ୟ ସ୍ଥାନରେ ଥିବା କୁଆଁରମୁଣ୍ଡା ବ୍ଲକ ଓଏଲଏମ୍ ସଂଯୋଜିକା ରଶ୍ମିତା ବେହେରା ସୂଚନା ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେର୍କେଟା, ଉପାଧ୍ୟକ୍ଷା ସୁନିତା ଅହିର, ଜିଲାପରିଷଦ 'କ'ର ସଭ୍ୟ ନେଭିଲ କେର୍କେଟା, ଏଇଇ ଚୈତନ୍ୟ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। କୁଆଁରମୁଣ୍ଡା ଭାରପ୍ରାପ୍ତ ଜିପିଇଓ ପ୍ରଫୁଲ ଦାଶ ସଭା ପରିଚାଳନା କରିଥିବାବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସୁନିତା ଅହିର। ଏହି ସମୀକ୍ଷା ବୈଠକରେ ସମନ୍ୱିତ ଶିଶୁ ବିକାଶ, ମତ୍ସ୍ୟ, ପ୍ରାଣୀ ସମ୍ପଦ, ପିଡବ୍ଲୁଡି, ସାମାଜିକ ସୁରକ୍ଷା ଇତ୍ୟାଦି ବିଭାଗର ଅଧିକାରୀ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ରାଜଗାଙ୍ଗପୁରରେ ବିଭିନ୍ନ ଘଟଣା : ୫ ଅପମୃତ୍ୟୁ

ରାଜଗାଙ୍ଗପୁର, ୨୭।୫ (ଡି.ଏନ.ଏ.)

ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଅଘଟଣ ଘଟିବା ଯୋଗୁ ୫ଟି ଅପମୃତ୍ୟୁ ମାମଲା ପୋଲିସ ରୁଜୁକରି ତଦନ୍ତ କରୁଛି। ରାଜଗାଙ୍ଗପୁରର ଲୋମଲୋଇ ଗ୍ରାମର ଶୁକ୍ରା ଖାଖା (୬୨) ଏକ ବାହାଘର ନିର୍ବନ୍ଧରେ ଯାଇ ଏକ ଗାତରେ ପଡିଯିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଏକ ଘଟଣାରେ ଭାଟାପଡା ନିବାସୀ ବିଷ୍ଣୁ ଚକ୍ରବର୍ତ୍ତୀ (୬୨) ରାଣିବନ୍ଧଠାରେ କାର୍ଯ୍ୟ କରୁଥିବା ସମୟରେ ଉପରୁ ତଳକୁ ଖସି ପଡିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ପୋଡସିଂ ନିବାସୀ ଚମ୍ପୁ ଟପ୍ପୋ (୨୮) ଗୁରୁବାର ରାତିରେ ଓଆଇଏସଏଲ ନିକଟ ଏକ ଉଚ୍ଚ ଖୁଣ୍ଟରୁ ତଳକୁ ଖସି ପଡିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ଭଗତଟୋଲା ନିବାସୀ କୁଶମୋହନ ସା (୩୨) ପାରିବାରିକ କଳହ ଯୋଗୁ ନିଜ ବେକରେ ଫାଶ ଲଗାଇ ଆତ୍ମହତ୍ୟା କରିଛନ୍ତି। ପଞ୍ଚମ ଘଟଣାରେ ଶୁକ୍ରବାର ସନ୍ଧ୍ୟାରେ ପାଦାନିକଟରେ କୁଆଁରମୁଣ୍ଡା ଡଙ୍ଗାଜୋରର ସେମ କୁଜୁର ଓ ତାଙ୍କର ସ୍ତ୍ରୀ ପାଚୋ କୁଜୁର ଏକ ମୋଟରସାଇକେଲ ଯୋଗେ କୁତ୍ରାରେ ଥିବା ନିଜ ବନ୍ଧୁ ଘରକୁ ବୁଲିବାକୁ ଆସିଥିଲେ। ବନ୍ଧୁ ଘରୁ ଶୁକ୍ରବାର ସନ୍ଧ୍ୟାରେ ନିଜର ଗ୍ରାମକୁ ଫେରୁଥିବା ସମୟରେ ରାଜଗାଙ୍ଗପୁରର ପାଦା ନିକଟରେ ଏକ ପୋଲ ଉପରେ ମୋଟରସାଇକେଲଟି ଭାରସାମ୍ୟ ହରାଇବାରୁ ମୋଟରସାଇକେଲ ପୋଲରେ ପିଟି ହେବାରୁ ସେମ କୁଜୁର ଗୁରୁତର ଆହତ ହୋଇଥିଲେ ଓ ତାଙ୍କ ସ୍ତ୍ରୀ ପୋଲ ତଳକୁ ଛିଟିକି ପଡିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ରାଜଗାଙ୍ଗପୁର ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଗଡ଼ିଲା ଜଙ୍ଗଲ ଅଧିକାର ସ୍ୱୀକୃତି ସଚେତନତା ରଥ

କୁତ୍ରା, ୨୭।୫(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଜଙ୍ଗଲ ଜମି ଅଧିକାର ସଚେତନତା ରଥ ଗଡ଼ିଛି। ଏହା ହେଉଛି ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ବ୍ୟକ୍ତିଗତ, ଗୋଷ୍ଠିଗତ, ଗୋଷ୍ଠି ଜଙ୍ଗଲ ସମ୍ବଳ ଅଧିକାର ଶିରୋନାମା ପ୍ରଦାନ କରିବା ପାଇଁ ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଯେଉଁମାନେ ୨୦୦୫ ମସିହାରୁ ଜଙ୍ଗଲ ଜମିକୁ ନିଜ ଅକ୍ତିଆରରେ ରଖିଛନ୍ତି ସେମାନଙ୍କୁ ସୁବିଧାରେ ପଟ୍ଟା ଯୋଗାଇଦେବା ଏହାର ଲକ୍ଷ୍ୟ। ଏଥିପାଇଁ ଗତ ୨୫ ତାରିଖ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ଗୁଡିକରେ ଏଥି ନିମନ୍ତେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ସେହି ସଭାରେ ଲୋକଙ୍କୁ ଜଙ୍ଗଲ ଜମି ବିଷୟରେ ବୁଝାଇଥିଲେ। ଏକ ଫର୍ମ ପୂରଣ କରି ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଗୁଡିକରେ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥି ନିମନ୍ତେ ଚଳିତ ମାସ ୨୬ରୁ ଜୁନ ୧୦ ତାରିଖ ପର୍ଯ୍ୟନ୍ତ ସମୟ ସୀମା ଦିଆଯାଇଛି।


ସଚେତନତା ରଥ ଆରମ୍ଭ କରାଯାଇଛି।

## ଇବ୍ ନଦୀରେ ବୁଡ଼ି ବାଳକ ମୃତ

ସୁନ୍ଦରଗଡ଼,୨୭।୫(ଡି.ଏନ.ଏ.)

ସ୍ଥାନୀୟ ଇବ୍ ନଦୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ଶୁକ୍ରବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶିବମ ସାହୁ (୭)। ତାଙ୍କ ଘର ଭିଡ୍ରିଆ ପଡାରେ। ଶିବମ ସକାଳେ ସାଙ୍ଗମାନଙ୍କ ସହିତ ଇବ ନଦୀର ଡୁଙ୍ଗାଘାଟକୁ ଗାଧୋଇବାକୁ ଯାଇଥିବାବେଳେ ଏହି ଅଘଟଣ ଘଟିଥିଲା। ସକାଳେ ଇବ୍ ନଦୀରେ ଖରାଦିନିଆ ବାଲିବନ୍ଧଟି ଭାଙ୍ଗି ଯାଇଥିଲା। ପାଣି ଅଧିକ ଆସୁଥିବାରୁ ସେ ପାଣିରେ ବୁଡିଯାଇଥିବା କୁହାଯାଉଛି। ଏହା ପରେ ପରିବାର ଲୋକେ ପହଞ୍ଚି ସଙ୍ଗେ ସଙ୍ଗେ ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଗାଡ଼ି ଧକ୍କାରେ ଜଣେ ମୃତ

କୁତ୍ରା, ୨୭।୫ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ୧୦ ନମ୍ବର ରାଜ୍ୟ ରାଜପଥ ତେଲିଘଣା ଛକରେ ଶୁକ୍ରବାର ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ୍ୟୁବରଣ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ଶୁକ୍ରବାର ଭୋର ପ୍ରାୟ ୪ଟା ସମୟରେ ତେଲିଘଣା ଗୌନ୍ତିଆ ପଡାର ଅଜୟ ଲାକଡା (୩୫) ଚାଲିଚାଲି ରାଜ୍ୟ ରାଜପଥ ଅତିକ୍ରମ କରୁଥିବାବେଳେ ହଠାତ ଏକ ଅଜଣା ଗାଡି ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ କୁତ୍ରା ପୋଲିସ ଘଟଣାସ୍ଥଳକୁ ଯାଇ ଯୁବକଙ୍କ ମୃତଦେହକୁ ଜବତ କରି ରାଜଗାଙ୍ଗପୁର ଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମାରୱାଡି ଯୁବା ମଞ୍ଚ ପକ୍ଷରୁ ମାଗଣାରେ କ୍ୟାନସର ସ୍କ୍ରିନିଂ ଶିବିର

ଦେବଗଡ଼,୨୭।୫(ଡି.ଏନ୍.ଏ.)

ବରଗଡସ୍ଥିତ ବିକାଶ ମଲ୍ଟି ସୁପରସ୍ପେସିଆଲିଟି ହସ୍ପିଟାଲ ସହଯୋଗରେ ଦେବଗଡ଼ ମାରୱାଡି ଯୁବା ମଞ୍ଚ ଆନୁକୂଲ୍ୟରେ ସ୍ଥାନୀୟ ସେଣ୍ଟର୍ ଫର୍ କଲଚରାଲ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଏକ ମାଗଣା କ୍ୟାନସର ସ୍କ୍ରିନିଂ ଶିବିର ଅନୁଷ୍ଠିତ ହୋଇଯାଇଛି। ଦେବଗଡ ମାରୱାଡି ଯୁବାମଞ୍ଚର ସଭାପତି ମନିଶ ଅଗ୍ରୱାଲ, ପ୍ରକଳ୍ପ ନିର୍ଦ୍ଦେଶକ ଜିତେନ୍ଦ୍ର ଅଗ୍ରୱାଲ ଓ ପ୍ରକଳ୍ପ ସଂଯୋଜକ ବିବେକ ଗୋଏଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଅତିଥି ଭାବେ ମାରୱାଡି ଯୁବା ମଞ୍ଚର ରାଷ୍ଟ୍ରୀୟ ସ୍ପୋର୍ଟ୍ସ କନଭେନର ସମ୍ବଲପୁରର ପରାଗ ଅଗ୍ରୱାଲ, ନନ୍ଦ କିଶୋର ଅଗୱାଲ,ସୌନକ ଅଗ୍ରୱାଲ ଓ ସୋନୁ ଶର୍ମା ଫିତାକାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହାପରେ ବିକାଶ ମଲ୍ଟି ସୁପର ସ୍ପେସିଆଲିଟି ହସ୍ପିଟାଲର ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଏକ ଶହରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା ଏବଂ ଶିଶୁମାନଙ୍କର କ୍ୟାନ୍‌ସର ସ୍କ୍ରିନିଂ କରାଯାଇଥିଲା। ଶିବିର ଆୟୋଜନରେ ଯୁବାମଞ୍ଚର କାର୍ଯ୍ୟକର୍ତ୍ତା ପ୍ରକାଶ ଅଗ୍ରୱାଲ, ଆକାଶ ଅଗ୍ରୱାଲ, ଚନ୍ଦନ ମିତ୍ତଲ, ଶିବ ଅଗ୍ରୱାଲ, କିରଣ ଅଗ୍ରୱାଲ, ଅନିତା ଅଗ୍ରୱାଲ, ରାକେଶ ଅଗ୍ରୱାଲ ଓ ପୁରୁଷୋତ୍ତମ ଅଗ୍ରୱାଲଙ୍କ ସମେତ ଯୁବା ମଞ୍ଚର ସମସ୍ତ ସଦସ୍ୟସଦସ୍ୟା ସହଯୋଗ କରିଥିଲେ। ଦେବଗଡ଼ ଜିଲାରେ ପ୍ରଥମ ଥର ପାଇଁ କ୍ୟାନ୍‌ସର ସ୍କ୍ରିନିଂ ଶିବିର ଆୟୋଜିତ ହୋଇଥିବାରୁ ମାରୱାଡି ଯୁବା ମଞ୍ଚର ଏଭଳି ଉଦ୍ୟମକୁ ଜିଲାର ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସେହିପରି ଦେବଗଡ ଜିଲାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ଦିନରେ ମଧ ଯୁବାମଞ୍ଚ ପକ୍ଷରୁ ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ଜିତେନ୍ଦ୍ର ଅଗ୍ରୱାଲ ପ୍ରକାଶ କରିଛନ୍ତି।



ମାଗଣା କ୍ୟାନସର ସ୍କ୍ରିନିଂ ଶିବିରରେ ଉପସ୍ଥିତ ଅଧିକାରୀ।

## ଦେବଗଡ଼ ଜିଲାରେ ହାତୀ ଉପଦ୍ରବ ଅସମ୍ଭାଳ

ପ୍ରତିକାର ଲାଗି ଡିଏଫ୍‌ଓ, ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୫ ପଞ୍ଚାୟତର ଚାଷୀ

ଦେବଗଡ଼, ୨୭।୫(ଡି.ଏନ.ଏ.)

ଗତ କିଛିବର୍ଷ ହେଲା ଦେବଗଡ ଜିଲାର ବିଭିନ୍ନ ସ୍ଥାନରେ ହାତୀପଲର ଉପଦ୍ରବ ବଢିବା ସହ ଏହା ଅଣାୟତ ହୋଇପଡିଛି। ହାତୀପଲ ଚାଷଜମି ଏବଂ ବାଡିବଗିଚାରେ ପଶି ଫସଲ ଖାଇଦେବା ସହ ମାଡିଦଳି ନଷ୍ଟ କରିଦେଉଛନ୍ତି। ଗାଁଗୁଡ଼ିକରେ ପଶି ବହୁ ନିରୀହ ଲୋକଙ୍କୁ ପାଦରେ ଦଳି ମାରି ଦେଉଥିବା ମଧ ଦେଖିବାକୁ ମିଳୁଛି। ଫଳରେ ଚାଷୀକୁଳ ବ୍ୟାପକ କ୍ଷତିର ସମ୍ମୁଖିନ ହେବା ସହ ଧନଜୀବନର ସୁରକ୍ଷା ନେଇ ଚିନ୍ତିତ ହୋଇପଡିଛନ୍ତି। ସେହିପରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବନବିଭାଗ ପକ୍ଷରୁ କ୍ଷୟକ୍ଷତିଜନିତ ସହାୟତା ଦିଆଯାଉଛି। ମାତ୍ର ସହାୟତା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇପଡୁଥିବାରୁ ଚାଷୀମାନଙ୍କ ମନରେ ଘୋର ନୈରାଶ୍ୟ ଭାବ ପ୍ରକାଶ ପାଇଛି।


ଡିଏଫ୍‌ଓଙ୍କୁ ସ୍ମାରକପତ୍ର ଦେବାକୁ ଲୋକେ ଆସିଛନ୍ତି।

ଏଣୁ ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ଏବଂ କ୍ଷତିପୂରଣ ଦାବିରେ ଶୁକ୍ରବାର ତିଲେଇବଣି ବ୍ଲକ ଅନ୍ତର୍ଗତ ସୁଗୁଡା, ବଣିଆକିଲିଣ୍ଡା, କଲଣ୍ଡା, ଛେପିଲିପାଲି ଓ ବଡଛାପଲ ଗ୍ରାମପଞ୍ଚାୟତର ବହୁ ଚାଷୀ ଦେବଗଡ଼ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଓ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ୫ଟି ଗ୍ରାମପଞ୍ଚାୟତର ବହୁ ଚାଷୀ ଜିଲା କୃଷକ ସଂଘର ସଭାପତି ପ୍ରମୋଦ କୁମାର ଝାଙ୍କର, ସମ୍ପାଦକ ଯଯାତି କିଶୋର ବିଶ୍ୱାଳ ଓ ଉପଦେଷ୍ଟା ବିଭୂତି ଗଙ୍ଗଦେବଙ୍କ ନେତୃତ୍ୱରେ ଦେବଗଡ଼ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ ସେମାନଙ୍କୁ ସମ୍ମିଳନୀ କକ୍ଷରେ ବସାଇ ହାତୀ ଉପଦ୍ରବ/ଆକ୍ରମଣର ପ୍ରତିକାର ଏବଂ କ୍ଷୟକ୍ଷତି ଜନିତ ଆର୍ଥିକ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିକାର ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ସମ୍ପୃକ୍ତ ଚାଷୀମାନେ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏମର୍ମରେ ଅନ୍ୟ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

**ଓବିସି କମିଶନଙ୍କୁ ଭେଟିଲା ଭାଜପା**

ଭୁବନେଶ୍ୱର,(ବ୍ୟୁରୋ): ରାଜ୍ୟର ଓବିସି ବର୍ଗଙ୍କ ସର୍ଭେ କରିବାକୁ ବିଧାନସଭାରେ ସଂକଳ୍ପ ପାରିତ ହେବାପରେ ମଧ୍ୟ ସରକାର ଅହେତୁକ ନୀରବତାର ଦେଖାଉଛନ୍ତି। ଜନଗଣନା ଓ ସର୍ଭେ ପାଇଁ ଓବିସି କମିଶନ ବାରମ୍ବାର କହିବା ସତ୍ତ୍ୱେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଭାଜପା ପ୍ରଶ୍ନ ଉଠାଉଛି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ନ ଦେଇ ନ୍ୟାୟାଳୟ ନାମରେ ଖସିଯିବାକୁ ଉଦ୍ୟମ କରିବା ସହ ଗଣମାଧ୍ୟମରେ କେନ୍ଦ୍ର ଜନଗଣନା କରୁ ବୋଲି ସରକାର ଦାବିକରି ବିଭ୍ରାନ୍ତ ସୃଷ୍ଟି କରୁଛନ୍ତି। ଏନେଇ ଭାଜପା ଓବିସି ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ରାଜ୍ୟ ଓବିସି କମିଶନଙ୍କୁ ଶୁକ୍ରବାର ଭେଟି ଦାବିପତ୍ର ଦେଇଛନ୍ତି।

# ତାଲିକାରେ ରହିଲେ, ଆସିବେନି ବହୁ ନେତା

- ମୁଖ୍ୟମନ୍ତ୍ରୀ ପ୍ରଚାରକୁ ଯିବେନି
- କାର୍ଯ୍ୟକ୍ରମ ଲାଗି ଓଡ଼ିଶା ଆସୁଛନ୍ତି, ହେଲେ ଯିବେନି ରେଳମନ୍ତ୍ରୀ
- ଭାଜପା ତାଲିକାରେ ଥିଲା ଗୋୟଲ, ପ୍ରହ୍ଲାଦ ଜୋଶୀ, ରମଣ ସିଂଙ୍କ ନାଁ
- କଂଗ୍ରେସ ତାଲିକାରେ ଥିଲେ ଭୁପେଶ ବାଘେଲ, ଟି.ଏସ୍. ସିଂ ଦେଓ, କହ୍ନେୟା କୁମାର

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ବ୍ରଜରାଜନଗର ଉପନିର୍ବାଚନ ପାଇଁ ଆସନ୍ତା ୩୧ରେ ଭୋଟ ଗ୍ରହଣ ହେବ। ତେବେ ଉପନିର୍ବାଚନରେ ଭଲ ପ୍ରଦର୍ଶନ କରି ବିଜୟ ମୁକୁଟ ପିନ୍ଧିବା ସକାଶେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ଜୋରଦାର ପରିଶ୍ରମ କରୁଛନ୍ତି। ତେବେ ରାଜ୍ୟରେ ଯେଉଁସବୁ ସ୍ଥାନରେ ଉପନିର୍ବାଚନ ହୁଏ ତାହା ସବୁବେଳେ ବିଜେଡି ସପକ୍ଷରେ ଯିବାର ଏକାଧିକ ଉଦାହରଣ ସୃଷ୍ଟି ହୋଇସାରିଲାଣି। ୨୦୧୪ରେ ବ୍ରଜରାଜନଗର ଆସନରୁ ଭାଜପା ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବା ରାଧାରାଣୀ ପଣ୍ଡା ୨୦୧୯ରେ କିନ୍ତୁ ବିଜେଡି ପ୍ରାର୍ଥୀ କିଶୋର ମହାନ୍ତିଙ୍କଠାରୁ ପରାଜିତ ହୋଇଥିଲେ। କିଶୋରଙ୍କ ମୃତ୍ୟୁ ହେବା ଏବଂ ଏହି ଆସନରେ ପୁଣି ଥରେ ୫ ବର୍ଷ ଭିତରେ ଉପନିର୍ବାଚନ ହେବା ରାଧାରାଣୀଙ୍କ ପାଇଁ ଏକ ସୁଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ। ହେଲେ ଭାଜପା ଏହି ଆସନରେ ବିଜୟୀ ହେବା ଲାଗି ବାସ୍ତବରେ କେତେ ଆଗ୍ରହୀ ତାକୁ ନେଇ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ଜୋର୍ ଧରିଛି। ଏହାର ମୁଖ୍ୟ କାରଣ ଭାଜପାର ଷ୍ଟାର କ୍ୟାମ୍ପେନର ତାଲିକା। ଭାଜପା ଭଳି କଂଗ୍ରେସର ମଧ୍ୟ ସମଦଶା।

ତେବେ ଭାଜପା ଜାରି କରିଥିବା ଷ୍ଟାର କ୍ୟାମ୍ପେନର ତାଲିକାରେ ବହୁ କେନ୍ଦ୍ର ନେତାଙ୍କୁ ସାମିଲ କରିଥିଲା। ଫଳରେ ତାଲିକାରେ ସୁଯୋଗ ପାଇ ନ ଥିବା ବହୁ ରାଜ୍ୟ ନେତୃବୃନ୍ଦ ମୁହଁ ଖୋଲି ନ ଥିଲେ ମଧ୍ୟ ଭିତରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏବେ ଯେତେବେଳେ ଷ୍ଟାର କ୍ୟାମ୍ପେନର ତାଲିକାରେ ସାମିଲ ଥିବା କେନ୍ଦ୍ର ନେତାଙ୍କ ଦେଖାମିଳୁନି ଧୀରେ ଧୀରେ ଅସନ୍ତୋଷ ଗୁଞ୍ଜରିବା ଆରମ୍ଭ ହୋଇଯାଇଛି। ତାଲିକାରେ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲ, ପ୍ରହ୍ଲାଦ ଜୋଶୀ, ଅଶ୍ୱିନୀ ବୈଷ୍ଣବ, ପୂର୍ବତନ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ବୀର ଖାରବେଳ ସ୍ୱାଇଁ, ପୂର୍ବତନ ଛତିଶଗଡ଼ ମନ୍ତ୍ରୀ ବ୍ରିଜମୋହନ ଅଗ୍ରୱାଲ, ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଏପର୍ଯ୍ୟନ୍ତ ପ୍ରଚାର ମଇଦାନରେ ଦେଖା ମିଳୁନାହାନ୍ତି। ଆସନ୍ତା ୨୯ ତାରିଖ ସନ୍ଧ୍ୟା ୫ଟାରେ ପ୍ରଚାର ସମୟ ଶେଷ ହେବ। ତେଣୁ ପ୍ରଚାରର ଶେଷଦିନ ଏହିସବୁ ନେତାଙ୍କ ମଧ୍ୟରୁ କେଉଁମାନେ ଆସୁଛନ୍ତି ତାହା ଦେଖିବାକୁ ବାକି ରହିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୋଟିଏ ଦିନ ପ୍ରଚାର କରି ଫେରିଯାଇଛନ୍ତି। ଏହାପରେ କିନ୍ତୁ ପୁର୍ବରୁ ଧର୍ମେନ୍ଦ୍ର ପ୍ରଚାର ମଇଦାନକୁ ଆସିନାହାନ୍ତି। ଅନ୍ୟପକ୍ଷରେ ଗତ ପିପିଲି ଉପନିର୍ବାଚନ ସମୟରେ ମଧ୍ୟ ଭାଜପା ଷ୍ଟାର କ୍ୟାମ୍ପେନର ତାଲିକାରେ ସ୍ଥାନ ପାଇଥିବା ନେତାଙ୍କ ମଧ୍ୟରୁ ଅନେକଙ୍କୁ ଦେଖିବାକୁ ମିଳି ନ ଥିଲା। ଓଡ଼ିଶାରୁ ରାଜ୍ୟ ସଭା ଯାଇ କେନ୍ଦ୍ରମନ୍ତ୍ରୀ ହୋଇଥିବା ଅଶ୍ୱିନୀ ବୈଷ୍ଣବ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶନିବାର ଓଡ଼ିଶା ଆସୁଥିଲେ ସୁଦ୍ଧା ବ୍ରଜରାଜନଗରରେ ପ୍ରଚାର କରିବାକୁ ଯିବା ନେଇ ତାଙ୍କର କୌଣସି ଯୋଜନା ନ ଥିବା ଜଣାପଡ଼ିଛି। ଏନେଇ ଏମ୍‌ପି ସୁରେଶ ପୂଜାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ବିଷୟରେ ଦଳର ସଭାପତି ଏବଂ ସଙ୍ଗଠନ ସମ୍ପାଦକଙ୍କୁ ପଚାର। ଦଳର ସଭାପତି ସମୀର ମହାନ୍ତିଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଟେଲିଫୋନ ଉଠାଉନାହାନ୍ତି। ଅନ୍ୟପଟେ ଦଳର ସଙ୍ଗଠନ ସମ୍ପାଦକଙ୍କ ସହ ଯୋଗାଯୋଗ କରିବା ଲାଗି ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ନମ୍ବର ଦେବା ଲାଗି ବାରଣ ଥିବା ଦଳର କେତେଜଣ କାର୍ଯ୍ୟକର୍ତ୍ତା କହିଛନ୍ତି।

ପଞ୍ଚାୟତ ଓ ପୌର ଭୋଟରେ କଂଗ୍ରେସ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିବା ପରେ ବ୍ରଜରାଜନଗର ଉପନିର୍ବାଚନ ଏକତ୍ରିତ ହୋଇ ସମସ୍ତେ ଲଢ଼ିବେ ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ସେହି ଅନୁସାରେ ଦେଖିଲେ ରାଜ୍ୟର ଏକାଧିକ ଟାଣୁଆ ନେତା ଅନେକ ବିଧାୟକ ବ୍ରଜରାଜନଗର ପ୍ରଚାର ମଇଦାନରେ ଅଛନ୍ତି। ହେଲେ ଷ୍ଟାର କ୍ୟାମ୍ପେନର ତାଲିକାରେ ସ୍ଥାନ ପାଇଥିବା କେନ୍ଦ୍ର ନେତାଙ୍କ ଦେଖା ମିଳୁନାହିଁ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ, ସ୍ୱାସ୍ଥ୍ୟମନ୍ତ୍ରୀ ଟି. ଏସ୍. ସିଂଦେଓ, କହ୍ନେୟା କୁମାର, ଅମରଜିତ ଭଗତ, ଜିଗ୍ନେଶ ମଭାନିଙ୍କ ସମେତ ରାଜ୍ୟ ନେତା ଭକ୍ତ ଦାସ ଓ ଆହୁରି ଅନେକ ନେତା ଯେଉଁମାନେ ତାଲିକାରେ ଅଛନ୍ତି ଏ ପର୍ଯ୍ୟନ୍ତ ପ୍ରଚାର ମଇଦାନରେ ସେମାନଙ୍କ ଦେଖା ମିଳିନାହିଁ। ବ୍ରଜରାଜନଗର ସୀମାକୁ ଲାଗିଥିବା ଛତିଶଗଡ଼ରେ କଂଗ୍ରେସ ସରକାର ଥିବା ସତ୍ତ୍ୱେ ଉପନିର୍ବାଚନରେ ମନ୍ତ୍ରିମଣ୍ଡଳର କୌଣସି ନେତା ନ ଆସିବା ଦଳର ଉପନିର୍ବାଚନ ଲଢ଼ିବା ଆଗ୍ରହ ସ୍ପଷ୍ଟ କରୁଛି ବୋଲି ଚର୍ଚ୍ଚା ଜୋର୍ ଧରିଛି। ତେବେ ଏନେଇ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ବହୁ ଜଣଙ୍କୁ ଡକାଯାଇଥିଲା ସେମାନେ ଯଦି ଆସିବେ ଆସନ୍ତୁ, ନ ହେଲେ ନାହିଁ। ଯେଉଁମାନେ ଆସି ନାହାନ୍ତି ସେମାନଙ୍କ କିଛି କାମ ଯୋଗୁ ଆସି ନ ଥାଇପାରନ୍ତି। ଏହି ତାଲିକା ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ପକ୍ଷରୁ ପ୍ରକାଶ କରାଯାଏ ବୋଲି ସେ କହିଛନ୍ତି।

ସେହିପରି ବିଜେଡି ମୁଖ୍ୟ ଷ୍ଟାର ପ୍ରଚାରକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ପର୍ଯ୍ୟନ୍ତ ପ୍ରଚାର ମଇଦାନକୁ ଯାଇ ନ ଥିବାବେଳେ ତାଙ୍କ ଯିବାର କୌଣସି କାର୍ଯ୍ୟକ୍ରମ ନ ଥିବା ଶୁଣିବାକୁ ମିଳୁଛି। ହେଲେ ମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ି ଦଳରୁ ଦାୟିତ୍ୱ ମିଳିଥିବା ବହୁ ନେତା ସେଠାରେ ନିଜର କାର୍ଯ୍ୟକ୍ରମ ଚଳାଉଛନ୍ତି।

# ସାମ୍ପ୍ରଦାୟିକ ରାଜନୀତି ଦେଶ ପାଇଁ ବଡ଼ ବିପଦ

## ପ୍ରଧାନମନ୍ତ୍ରୀଙ୍କୁ କୁମାରସ୍ୱାମୀଙ୍କ ସମାଲୋଚନା

ବେଙ୍ଗାଲୁରୁ,୨୭।୫

ବଂଶବାଦ ରାଜନୀତି ଅପେକ୍ଷା ସାମ୍ପ୍ରଦାୟିକ ରାଜନୀତି ଭାରତର ଭବିଷ୍ୟତ ଲାଗି ସବୁଠୁ ବଡ଼ ବିପଦ ବୋଲି କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଡିଏସ୍ ନେତା ଏଚ୍.ଡି. କୁମାରସ୍ୱାମୀ ଶୁକ୍ରବାର କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ହାଇଦ୍ରାବାଦରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ଦଳରେ ବଂଶବାଦ ଜାତୀୟ ସ୍ୱାର୍ଥ ବିରୋଧୀ ବୋଲି ସତର୍କ କରାଇଥିଲେ। ଏହାର ଜବାବରେ କୁମାରସ୍ୱାମୀ ଉପରୋକ୍ତ ମତ ରଖିଛନ୍ତି। କଂଗ୍ରେସ ଦୁର୍ବଳ ହେବା ପରେ ଏବେ ଆଞ୍ଚଳିକ ଦଳଗୁଡ଼ିକ ଭାଜପାର ସାମ୍ପ୍ରଦାୟିକ ରାଜନୀତିର ପ୍ରତିରୋଧ କରିବାରେ ମୁଖ୍ୟ ଭୂମିକା ନେବାକୁ ଯାଉଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ବଂଶବାଦ ରାଜନୀତି ଉପରେ ଆକ୍ରମଣ କରି ପରୋକ୍ଷରେ ଦେଶର ଆଞ୍ଚଳିକ ଦଳଗୁଡ଼ିକୁ ଦୁର୍ବଳ କରିବା ଲାଗି ଉଦ୍ୟମ କରୁଥିବା କୁମାରସ୍ୱାମୀ ସୋସିଆଲ ମିଡିଆ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।



ଏଚ୍.ଡି. କୁମାରସ୍ୱାମୀ

ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର ତେଲଙ୍ଗାନା ଗସ୍ତରେ ଯାଇ ସେଠାର ଶାସକ ଦଳ ଟିଆର୍‌ଏସ୍ ଏବଂ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ଟାର୍ଗେଟ କରିଥିଲେ। ଯେଉଁଠି ବଂଶବାଦ ରାଜନୀତି ବନ୍ଦ ହୋଇଛି, ସେଠାରେ ବିକାଶ ଓ ଅଭିବୃଦ୍ଧି ହୋଇଛି। ପରିବାର ରାଜନୀତି ଗଣତନ୍ତ୍ର ପାଇଁ ବିପଦ। ପରିବାରୀ ଦଳ କ୍ଷମତାକୁ ଆସିବା ପରେ କ୍ଷମତାରେ ଲିପ୍ତ ହୋଇଯାଆନ୍ତି। ଦୀର୍ଘଦିନ ପର୍ଯ୍ୟନ୍ତ କ୍ଷମତା ଜାବୁଡ଼ି ଧରିବାକୁ ସେମାନେ ଚାହାନ୍ତି ବୋଲି ମୋଦି କହିଥିଲେ।

କ୍ଷମତା ଦଖଲ କରିବା ଲାଗି ରାଜନୈତିକ ଦଳଗୁଡ଼ିକ ଭାବାତ୍ମକ ପ୍ରସଙ୍ଗ ଉଠାଉଛନ୍ତି, ଯାହା ବାସ୍ତବରେ ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ବିପଦ ବୋଲି କର୍ନାଟକର

# ଆସନ୍ତା ସପ୍ତାହରେ ଭାଜପାରେ ଯୋଗଦେବେ ହାର୍ଦ୍ଦିକ

ଅହମଦାବାଦ,୨୭।୫(ଆଇଏଏନ୍‌ଏସ୍)

କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ହାର୍ଦ୍ଦିକ ପଟେଲ ମେ' ୩୦ କିମ୍ବା ୩୧ରେ ଭାଜପାରେ ଯୋଗଦେବେ। ଏନେଇ ସେ ଶୁକ୍ରବାର ଅହମଦାବାଦରେ ସୂଚନା ଦେଇଛନ୍ତି। ଏପରିକି ସେ ଆଗାମୀ ବିଧାନସଭା ନିର୍ବାଚନ ଭାଜପା ଟିକେଟରେ ଲଢ଼ିବେ ବୋଲି ମଧ୍ୟ କହିଛନ୍ତି। ଗୈରିକ ଦଳ ତାଙ୍କୁ କେଉଁ ଆସନରୁ ପ୍ରାର୍ଥୀ କରିବ ସ୍ଥିର କରିସାରିଲାଣି ବୋଲି ସେ ଏକ ଟିଭି ଚ୍ୟାନେଲ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ସୋମନାଥ ମନ୍ଦିରରୁ ଷ୍ଟାଚ୍ୟୁ ଅଫ୍ ୟୁନିଟି ପର୍ଯ୍ୟନ୍ତ ଏକତା ଯାତ୍ରାର ନେତୃତ୍ୱ ହାର୍ଦ୍ଦିକ ନେବେ। ଭାଜପାରେ ଯୋଗଦେବାରେ ଏହା ଏକ ବିଶାଳ ଶୋ' ହେବ ବୋଲି ଦଳୀୟ ସୂତ୍ରରୁ କୁହାଯାଇଛି। ଭାଜପାରେ ଯୋଗଦେବା ଲାଗି ତାଙ୍କୁ ୨ଟି ବିକଳ୍ପ ପ୍ରସ୍ତାବ ଦିଆଯାଇଥିଲା। ନୂଆଦିଲ୍ଲୀରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଉପସ୍ଥିତିରେ ଯୋଗଦେବେ ନା ଗାନ୍ଧୀନଗରରେ ଗୁଜରାଟ ଭାଜପା ପ୍ରଭାରୀ ଭୂପେନ୍ଦ୍ର ଯାଦବ କିମ୍ବା ବି.ଏଲ୍. ସନ୍ତୋଷଙ୍କ ଉପସ୍ଥିତିରେ ଯୋଗଦେବେ ବୋଲି ପ୍ରଶ୍ନ କରାଯାଇଥିଲା। ହାର୍ଦ୍ଦିକ ଦ୍ୱିତୀୟ ବିକଳ୍ପ ବାଛିଥିଲେ।



ହାର୍ଦ୍ଦିକ ପଟେଲ୍

ସୂଚନାଯୋଗ୍ୟ, ଦୀର୍ଘଦିନ ହେଲା ଅସନ୍ତୁଷ୍ଟ ଥିବା ହାର୍ଦ୍ଦିକ ମେ' ୧୮ରେ କାର୍ଯ୍ୟକାରୀ ସଭାପତି ପଦ ଏବଂ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ସେ ଭାଜପାରେ ଯୋଗଦେବା ନେଇ ସେତେବେଳେ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ସେ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଶୁକ୍ରବାର ଘୋଷଣା କରିବେ ବୋଲି ଗଣମାଧ୍ୟମକୁ କହିଥିଲେ।


**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER , GANJAM, BERHAMPUR**

No.7413/M/2022 Dated Berhampur the 24.05.2022

**NOTICE**

**No.E-173:**It is to inform to all concened that the Original Marks sheet & other required documents of the candidates for the post of attendant under the control of CDM&PHO, Ganjam in response to the advertisement published in The Sambad & The Dharitri on dt.15. 12.2016 & 16.12.2016 is hoisted in the District Website i.e. https://ganjam.nic.in. All concerned are advised to visit the said website and verify the entries against their names and follow up as per the instruction therein.

**Sd./-Chief District Medical and Public Health Officer,Ganjam, Berhampur**

**OIPR-10041/11/0002/2223**

**ODISHA PUBLIC SERVICE COMMISSION, CUTTACK**

**NOTICE**

**No.4968/P.S.C., Dt.27.05.22**
**(1R-42-21-22 (DR-V)**

**No.D-57:**It is for information of all concerned that, the programme of document verification for the post of Assistant Professor Commerce scheduled to commence from 06.06.2022 as notified earlier vide notice No.4862/PSC, dt.24.05.2022 is now kept in abeyance until further orders.
The candidates are requested to visit the website of the Commission from time to time for further update.

**Sd./- Secretary**
**OIPR-12002/11/0066/2223**


# ବିଧାୟକ ମନୋହର ରନ୍ଧାରୀ ନିର୍ଦ୍ଦୋଷ

## କିରାଣି ଥିବାବେଳେ ଅର୍ଥ ହଡ଼ପ କରିଥିବା ଅଭିଯୋଗ ଥିଲା

ନବରଙ୍ଗପୁର/ଜୟପୁର,୨୭।୫(ବି.ପ୍ର./ନି.ପ୍ର.)

ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ନାମରେ ଥିବା ଅର୍ଥ ତୋସରପାତ ମାମଲାରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ରାଜେଶ ଏକ୍କା ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ବିଧାୟକ ରନ୍ଧାରୀ ନନ୍ଦାହାଣ୍ଡି ବ୍ଲକ କିରାଣି ଥିବା ସମୟରେ ଲୁହାଛଡ଼, ସିମେଣ୍ଟ ଓ ଚାଉଳ ଦୁର୍ନୀତି କରି ଅର୍ଥ ହଡ଼ପ କରିଥିବା ନେଇ ତାଙ୍କ ନାମରେ ଅଭିଯୋଗ ଥିଲା। ଏନେଇ ଲୋକାଲ ଅଡିଟ ହୋଇଥିଲା। ୫,୬୬, ୬୦୬ ଟଙ୍କା ଅନିୟମିତତା ହୋଇଥିବା ଜଣାପଡ଼ିବା ପରେ ରନ୍ଧାରୀ ଉକ୍ତ ଟଙ୍କା ବ୍ଲକରେ ଜମା କରିଥିଲେ। ପରବର୍ତ୍ତୀ ସମୟରେ ପୂର୍ବତନ ବିଧାୟକ ସଦନ ନାୟକ ରନ୍ଧାରୀ ସରକାରୀ ଅର୍ଥ ତୋସରପାତ କରିଥିବା ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ସଦନ ନାୟକ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ୨୦୧୩ରେ ଅଭିଯୋଗ କରିଥିଲେ।

# ସମ୍ମିଳନୀରେ କର୍ମୀଙ୍କୁ ଗୁରୁମନ୍ତ୍ର




କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ବିଜେଡି ନେତୃବୃନ୍ଦ।

ଝାରସୁଗୁଡ଼ା ଅଫିସ,୨୭।୫

ବ୍ରଜରାଜନଗର ଉପନିର୍ବାଚନ ପରିପ୍ରେକ୍ଷୀରେ ଲଖନପୁର ବ୍ଲକ୍ ଦଳଗାଁ ପଞ୍ଚାୟତ ସେନାମାଲ ଛକ ନିକଟରେ ଶୁକ୍ରବାର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଟିକେଶ୍ୱର ସେନାପତି ପରିଚାଳନା କରିଥିଲେ। ଏଥିରେ ଷ୍ଟାର ପ୍ରଚାରକ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଜିଲା ପର୍ଯ୍ୟବେକ୍ଷକ ତଥା କଟକ ମେୟର ସୁବାସ ସିଂ, ସହପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ, ବିଜେଡି ରାଜ୍ୟ ସମ୍ପାଦକ ସୌଭାଗ୍ୟ ନାୟକ, ବୌଦ୍ଧ ଜିଲା କାର୍ଯ୍ୟକାରୀ ସଭାପତି ସୁବୋଧ ପ୍ରଧାନ, ପୂର୍ବତନ ବିଧାୟକ ଭଗବାନ କାହ୍ନାର, ଜିଲା ପରିଷଦ ସଦସ୍ୟା ପୁଷ୍ପଲତା ସେଠ୍, ସରପଞ୍ଚ ସନ୍ତୋଷ ରୋହିଦାସ, ସମିତିସଭ୍ୟ ରୋହିତ ଉର୍ମା ପ୍ରମୁଖ ଯୋଗଦେଇଥିଲେ। ଦଳୀୟ ପ୍ରାର୍ଥିନୀ ଅଲକା ମହାନ୍ତି ଯେଭଳି ସର୍ବାଧିକ ଭୋଟରେ ବିଜୟୀ ହେବେ ଏ ଦିଗରେ ରଣନୀତି ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବା ପାଇଁ କର୍ମୀଙ୍କୁ ନେତୃବୃନ୍ଦ ଗୁରୁମନ୍ତ୍ର ଦେଇଥିଲେ।

# ଭାଜପା ପ୍ରାର୍ଥିନୀଙ୍କ ପ୍ରଚାରରେ ଭୋଜପୁରୀ ଅଭିନେତା

ଝାରସୁଗୁଡ଼ା ଅଫିସ,୨୭।୫

ବ୍ରଜରାଜନଗର ଉପନିର୍ବାଚନ ପ୍ରଚାରରେ ଭୋଜପୁରୀ ଅଭିନେତା ତଥା ଉତ୍ତରପ୍ରଦେଶ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିନେଶ ଲାଲ୍ ଯାଦବ ଶୁକ୍ରବାର ଭାଜପା ପ୍ରାର୍ଥିନୀ ରାଧାରାଣୀ ପଣ୍ଡାଙ୍କ ସପକ୍ଷରେ ପ୍ରଚାର କରିଥିଲେ। ଦଳ ତରଫରୁ ବ୍ରଜରାଜନଗର ମଣ୍ଡଳିଆ ଛକରେ ଅଭିନେତା ଯାଦବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଏକ ଖୋଲା ଭ୍ୟାନରେ ପ୍ରାର୍ଥିନୀ ପଣ୍ଡା, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ସହ ଅଭିନେତା ଯାଦବ ରୋଡ୍ ଶୋ'ରେ ବାହାରିଥିଲେ। ଏହା ମଣ୍ଡଳିଆ ଛକରୁ ବାହାରି କାଳୀନଗର, ବୁଢ଼ିପାମ ଓ ଲମଟିବାହାଲ ଦେଇ ବ୍ରଜରାଜନଗର ପୌରାଞ୍ଚଳର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲା। ଏହି ସମୟରେ ଭୋଜପୁରୀ ଅଭିନେତାଙ୍କୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ଲୋକଙ୍କ ସମାଗମ ହୋଇଥିଲା। ରୋଡ୍ ଶୋ ସମୟରେ ଅଣଓଡିଆ ଭୋଟରଙ୍କୁ ଅଭିନେତା ଭୋଜପୁରୀ ଭାଷାରେ ଭାଷଣ ଦେବାବେଳେ ଲୋକେ ରାଧାରାଣୀ ପଣ୍ଡା ଜିନ୍ଦାବାଦ ବୋଲି ସ୍ଲୋଗାନ ଦେଇଥିଲେ। ଅଭିନେତା ଯାଦବ ତାଙ୍କ ବକ୍ତବ୍ୟରେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ବିକାଶ ପଥରେ ଆଗେଇଚାଲିଛି। ଓଡ଼ିଶାରେ ଭାଜପାକୁ ଅଧିକ ସୁଦୃଢ଼ କରିବା ପାଇଁ ପଦ୍ମଫୁଲ ଚିହ୍ନରେ ଭୋଟ୍‌ଦେଇ ପ୍ରାର୍ଥିନୀ ପଣ୍ଡାଙ୍କୁ ବିଜୟୀ କରିବା ପାଇଁ ସେ ନିବେଦନ କରିଥିଲେ।



ରୋଡ୍ ଶୋରେ ଭୋଜପୁରୀ ଅଭିନେତା ଦୀନେଶ ଲାଲ୍ ଯାଦବ।


**ODISHA PUBLIC SERVICE COMMISSION CUTTACK**

**NOTICE**

**No.4950/P.S.C., Dt.27.05.22**
**PF-IE-11-2021/22 (DR-III)**

**No.D-58:**It is for information of all concerned that, 110 (One hundred ten) candidates bearing following PPSAN Nos. have been called for the physical verification of original certificates/ documents to determine their eligibility and suitability for recruitment to the post of Post Graduate Teacher in HISTORY for 17 nos. of stand-alone Government Higher Secondary Schools, pursuant to Advt. No.24 of 2021-22. The document verification shall be held in office of the Commission at 19, DR. P.K. Parija Road, Cuttack as per the following programme detailed below:

**PROGRAMME OF DOCUMENT VERIFICATION**

| DATE | TIME | -PPSAN Nos. of candidates |
|---|---|---|
| 06.06.2022 | 10.30A.M. | 00091502, 00126108, 00116610, 00051326, 00065671, 00116921, 00117465, 00019860, 00131988,00127154, 00016660, 00067505,' 00114222, 00124686 & 00125147**= 15 candidates** |
| | 2.30P.M. | 00041447, 00115043, 00132486, 00120156, 00132148, 00052541, 00120502, 00124757,00126540, 00126457; 00120604, 00116199 & 00132415**= 13 candidates** |
| 07.06.2022 | 10.30A.M. | 00073389,00117824,00126074,00116649,00132364,00057004,00123787, 00124323, 00121691, 00112140, 00119026, 00123731, 00115456, 00117253 & 00117678 = **15 candidates** |
| | 2.30 P.M. | 00079891, 00115686, 00126563, 00120427, 00114939, 00122154, 00060381, 00125876, 00118057, 00126750, 00040822, 00029380 & 00065586 = **13 candidates** |
| 08.06.2022 | 10.30A.M. | 00121099, 00133046, 00072006, 00122475, 00125781, 00114101, 00120064, 00116096, 00040147, 00051950, 00117424, 00115662, 00121827, 00047808 & 00024099 **= 15 candidates** |
| | 2.30 P.M. | 00121836, 00114032, 00031830, 00122009, 00035569, 00049716, 00064967, 00055457, 00067679, 00131853, 00127903 & 00049302 **= 12 candidates** |
| 09.06.2022 | 10.30A.M. | 00039313, 00117146, 00126533, 00125401, 00081084, 00020020, 00133500, 00117512, 00130760, 00047987, 00057011, 00042171, 00038249, 00088944 & 00131843 **= 1 5 candidates** |
| | 2.30 P.M. | 00121251, 00116392, 00077019, 00114454, 00124170, 00124001, 00115826, 00123085, 00124386, 00114129, 00116586 & 00084732 **= 12 candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below :-

1. Hard copy of the online application form;
2. Three recent passport size photographs;
3. Duly filled in and attested "Attestation Form" and duly filled in "Bio-data Form" (to be downloaded from the website of the Commission).
4. HSC or equivalent certificate in support of declaration of age issued by the concerned Board/Council;
5. Post-Graduation certificate/Master's Degree in the subject concerned in respect of educational qualification prescribed;
6. B.Ed, certificate;
7. Mark-sheets in support of all the Examinations (HSC, Intermediated, Graduation/+3, Post Graduation & B.Ed.) including fail marks, if any, issued by the concerned-. Board/Council/University;
8. Degree or Diploma certificate in Computer Application in respect of educational qualification prescribed;
9. Odia Test pass certificate;
10. Caste Certificate claim as S.T./S.C./S.E.B.C. wherever applicable;
11. Permanent Disability Certificate (including percentage of permanent disability i.e. 40% and more);
12. Ex-Servicemen are required to attach copy of Discharge Certificate issued by the Commanding Officer of the Unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable;
13. Sports Persons certificate issued by the Director of Sports, Odisha;
14. Any proof of Identity.

**NOTE -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd./- Secretary**
**OIPR-12002/11/0067/2223**

**BHUBANESWAR MUNICIPAL CORPORATION**

**E-PROCUREMENT NOTICE**

**No.C-399: E-mail ID:ee2@bmc.gov.in**

1. Bid reference No. : BMC-EED-II-03/2022-23,Dt.27.05.22
2. Tender Call Notice No.: No.26910, Dt.27.05.22
3. No. of Work : 6 Nos.
4. Bid Value : Rs.2,56,072/- to Rs.27,85,832
5. Period of Completion: 30 to 60 Days

**Date and Time Schedule**

| Start | End | Opening |
|---|---|---|
| 11.00 A.M. of 31.5.22 | 5 P.M. of 9.6.22 | 11.00 A.M. 10.6.22 |

6. Tender details: Can be seen for the procurement portal: https://www.tendersodisha.gov.in. BMC website https://www.bmc.gov.in.

**Sd./-Executive Engineer, Div-II, Bhubaneswar Municipal Corporation**
**OIPR-13002/11/0043/2223**

idco ODISHA Your power to grow NEW OPPORTUNITIES

**OFFICE OF THE CHIEF GENERAL MANAGER (CIVIL)**
**IDCO.IDCO TOWER. BHUBANESWAR**
**Bid Identification No. Civil/EST- 14/2022-23**
**No.CAD-658: 13364, Dt.26.05.2022**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work: Construction of Sports Complex at Kusuma Lake, Jajpur (Phase II)
2. Value of the Work Rs. 1149.45 Lakhs
3. Period of completion: 15 (Fifteen) Calendar Months
4. Availability of tender online for Bidding:
   I. Start Date: 18:00 Hours of dt 03.06 2022.
   II End date: 15:00 Hours of dt.17.06..2022.
   III. Opening date: 16:00 Hours of dt. 17.06.2022.

Tender details can be seen from the e-procurement portal, **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./-Chief General Manager (Civil)**
**IDCO, Bhubaneswar**
**OIPR-14003/11/0050/2223**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**MAYURBHANJ MINOR IRRIGATION DIVISION,BARIPADA**
**Tel.No.(06792) 260788, e-Mail ID:mi.mayurbhanj@yahoo.co.in**

**"e" Procurement Notice**

**No.1838, Dated:20.05.2022**
**Identification No. E.E.M.I.D. Bpd.No.05/MID,MBJ/2022-23**
**E-mail id:mi.mayurbhanj@yahoo.co.in**

**No.A-281:**The Executive Engineer, Mayurbhanj M.I. Division, Baripada on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of Works : Civil Construction works as mentioned in the website
2. Total No. of Works : 06 Nos.
3. Estimated Cost : 31.81 Lakh to 45.88 Lakh (Detail list of work Annexed)
4. Class of Contractor : As mentioned against work
5. Period of Completion : As mentioned against work
6. Date & Time of availability of bid document in the portal : 31.05.2022 at 11.00 A.M. to 09.06.2022 upto 5.00 P.M.
7. Last date/time for receipt of Bids in the Portal : 09.06.2022 upto 5.00 P.M.
8. Date/Time of Opening of Bid : 10.06.2022 at 11.00 A.M.
9. Name and Address of the Officer Inviting the Bid : Executive Engineer,Mayurbhanj M.I.Division, Baripada
10. Mode of Payment of Bid Cost : Online
11. Further details can be seen from the "e" Procurement Portal "https://tendersorissa.gov.in."

**Sd./- Executive Engineer, Mayurbhanj M.I.Division, Baripada**
**OIPR-32041/11/0002/2223**

**ସେନ୍‌ସେକ୍ସ ୬୩୨ ପଏଣ୍ଟ ବୃଦ୍ଧି**

**ମୁମ୍ବାଇ:** ସପ୍ତାହର ଶେଷ କାରବାର ଦିବସ ଅର୍ଥାତ୍ ଶୁକ୍ରବାର ଭାରତୀୟ ପୁଞ୍ଜିବଜାରରେ ଆଖିଦୃଶିଆ ବୃଦ୍ଧି ଦେଖିବାକୁ ମିଳିଛି। ପୂର୍ବଦିନ ଅର୍ଥାତ୍ ଗୁରୁବାରର ବୃଦ୍ଧି ଧାରା ଚାଲୁ ରହିଛି। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୬୩୨ (୧.୧୭%) ଏବଂ ନିଫ୍ଟିରେ ୧୮୨ (୧.୧୩%) ଅଙ୍କ ବୃଦ୍ଧି ଘଟିଥିଲା। ଫଳରେ କାରବାର ଶେଷ ବେଳକୁ ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୪,୮୮୫ ଏବଂ ୧୬,୩୫୨ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟପ୍ ଗେନର୍ସ ତାଲିକାରେ ଏଥାଇଏ ଇଞ୍ଜିନିୟରିଂ, କଣ୍ଟେନର କର୍ପ, ଆଷ୍ଟ୍ରାଜେନିକା ଫାର୍ମା, ଆଷ୍ଟର ଡିଏମ୍ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଡିଭିସ୍ ଲାବ୍, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଓଏନ୍‌ଜିସି, ଟାଟା ଷ୍ଟିଲ୍ ରହିଛନ୍ତି।

## ସଂକ୍ଷେପରେ

### ବଢ଼ିଛି ବ୍ୟାଙ୍କିଙ୍ଗ୍ ଠକେଇ, କମିଛି ଅର୍ଥ ପରିମାଣ

**ନୂଆଦିଲ୍ଲୀ,୨୭।୫:** ଭାରତର ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ପକ୍ଷରୁ ଶୁକ୍ରବାର ପ୍ରକାଶିତ ବାର୍ଷିକ ତଥ୍ୟ ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷରେ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନ ସମ୍ପର୍କିତ ଠକେଇ ବୃଦ୍ଧିପାଇଛି। ତେବେ ଗତ ଆର୍ଥିକ ବର୍ଷରେ ୬୦,୪୧୪ କୋଟି ଟଙ୍କାର ଠକେଇ ରିପୋର୍ଟ କରାଯାଇଛି। ଏହି ପରିମାଣ ୨୦୨୦-୨୧ ଆର୍ଥିକ ବର୍ଷରେ ୧.୩୮ ଟ୍ରିଲିୟନ ଟଙ୍କା ତୁଳନାରେ ୫୬.୨୮% କମିଛି। ଠକେଇ ସଂଖ୍ୟା ଦୃଷ୍ଟିରୁ ଏହି ସଂସ୍ଥାଗୁଡ଼ିକ ୨୦୨୧-୨୨ରେ ୯୧୦୩ ସଂଖ୍ୟକ ଠକେଇ ମାମଲା ରିପୋର୍ଟ କରିଛନ୍ତି। ଏହା ୨୦୨୦-୨୧ର ୭,୩୫୯ ସଂଖ୍ୟକ ମାମଲାର ୨୩.୬୯% ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ଆର୍‌ବିଆଇ କେବଳ ୧ଲକ୍ଷରୁ ଅଧିକ ଟଙ୍କାର ଠକେଇ ହୋଇଥିବା ମାମଲାଗୁଡ଼ିକୁ ନିଜ ଅନ୍ତର୍ଭୁକ୍ତ କରିଥାଏ। ତଥ୍ୟ ଅନୁସାରେ ବେସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ସର୍ବାଧିକ ସଂଖ୍ୟକ ଠକେଇ ରିପୋର୍ଟ କରାଯାଇଥିବା ବେଳେ ପବ୍ଲିକ୍ ସେକ୍ଟର ବ୍ୟାଙ୍କଗୁଡ଼ିକରେ ସର୍ବାଧିକ ପରିମାଣର ଆର୍ଥିକ ଠକେଇ ହୋଇଛି।

### କୂ' ଆପ୍ ପ୍ରତି ଭରସା ବଢ଼ୁଛି

**ନୂଆଦିଲ୍ଲୀ,୨୭।୫ :** ଦେଶର ସବୁଠାରୁ ଗତିଶୀଳ ତଥା ବୈଷୟିକ ଜ୍ଞାନକୌଶଳ କୂ'ର ଏକ ନୂତନ ହ୍ୟାଣ୍ଡେଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ କାର୍ଯ୍ୟାଳୟରେ ଆରମ୍ଭ କରିଛନ୍ତି। ମେ ୨୦୨୨ରେ ସିଏମ୍‌ଓ-ଓଡ଼ିଶାର ଅଫିସିଆଲ ହ୍ୟାଣ୍ଡେଲ ଆରମ୍ଭ ହୋଇଛି। ବିଜୁ ଜନତା ଦଳ ମେ ୨୦୨୨ଠାରୁ କୂ' କୁ ବ୍ୟବହାର କରିବା ଆରମ୍ଭ କରିଛି। ନବୀନଙ୍କ ବ୍ୟକ୍ତିଗତ ପ୍ରୋଫାଇଲ ଫେବୃୟାରୀ ୨୦୨୧ଠାରୁ ରହିଛି। ମୁଖ୍ୟମନ୍ତ୍ରୀ ସର୍ବଦା ଟେକ୍ନୋଲୋଜିକୁ 'ଗେମ୍ ଚେଞ୍ଜର' ଭାବରେ ବ୍ୟବହାର କରୁଛନ୍ତି। ସିଏମ୍‌ଓ ଓଡ଼ିଶାଙ୍କ ପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ ଅଫିସ ସମେତ ଅଧିକରୁ ଅଧିକ ରାଜନୈତିକ ଓ ସରକାରୀ ଅଧିକାରୀ, ବହୁ ସେଲିବ୍ରିଟି ତଥା ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହ କୂ' ଜଡ଼ିତ ହୋଇପାରିଛି ବୋଲି ଏହାର ସହ-ପ୍ରତିଷ୍ଠାତା ତଥା ସିଇଓ ଆପ୍ରାମେୟ ରାଧାକୃଷ୍ଣ କହିଛନ୍ତି।

# ଭଲ ସ୍ଥିତିରେ ରହିଛି ଅର୍ଥ ବ୍ୟବସ୍ଥା

■ଆର୍‌ବିଆଇର ବାର୍ଷିକ ରିପୋର୍ଟ

■ବିକାଶ ହାରରେ ସୁଧାର ଆସିବ, ସହଜ ନୁହେଁ ଦରବୃଦ୍ଧି ରୋକିବା

**ନୂଆଦିଲ୍ଲୀ,୨୭।୫**




ଭାରତର ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ପକ୍ଷରୁ ଶୁକ୍ରବାର ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ବାର୍ଷିକ ତଥ୍ୟ ଜାରି କରାଯାଇଛି। ମୁଦ୍ରାସ୍ଫୀତି ସହ ଅନ୍ୟାନ୍ୟ ବୈଶ୍ୱିକ ଚ୍ୟାଲେଞ୍ଜ ଭାରତୀୟ ଅର୍ଥନୀତିକୁ ଅନେକ ସମସ୍ୟା ମଧ୍ୟକୁ ଟାଣିଆଣିଛି। ଏହାସତ୍ତ୍ୱେ ଆମର ତୀବ୍ର ସୁଧାର ଗତି ଏବଂ ବିକାଶ ହାର ଆଗରେ ଏହା ବାଧକ ସାଜି ନାହିଁ ବୋଲି ତଥ୍ୟରେ ଉଲ୍ଲେଖ କରାଯାଇଛି। ଗତ ଆର୍ଥିକ ବର୍ଷ ଆରମ୍ଭରେ ଆସିଥିବା କରୋନା ମହାମାରୀ ୨ୟ ଲହର ଏବଂ ବର୍ଷ ଶେଷ ଆଡ଼କୁ ଆସିଥିବା ୩ୟ ଲହର ସତ୍ତ୍ୱେ ଆମର ବିକାଶ ହାର ଭଲ ରହିଛି ଏବଂ ଆଗକୁ ମଧ୍ୟ ଏହି ଗତି ଜାରି ରହିବ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ବିଶ୍ୱର ଅର୍ଥବ୍ୟବସ୍ଥାରେ ଧିମା ଗତି ସତ୍ତ୍ୱେ ଭାରତୀୟ ଅର୍ଥବ୍ୟବସ୍ଥା ଉତ୍ତମ ସ୍ଥିତିରେ ରହିଛି। ଆର୍‌ବିଆଇର ସୂଚନା ଅନୁସାରେ ଆର୍ଥିକ ବର୍ଷ ୨୦୨୧-୨୨ର ପ୍ରଥମ ୬ ମାସରେ ଚାହିଦା, ବ୍ୟବହାର ଏବଂ ଆର୍ଥିକ ଗତିବିଧି ଉପରେ କୋଭିଡ୍ ମହାମାରୀର ପ୍ରଭାବ ପଡ଼ିଥିଲା। ତେବେ ବର୍ଷର ଦ୍ୱିତୀୟାର୍ଦ୍ଧରେ ଦେଶର ଅର୍ଥବ୍ୟବସ୍ଥା ପୁଣିଥରେ ଟ୍ରାକ୍‌କୁ ଫେରିବାକୁ ସକ୍ଷମ ହୋଇଥିଲା। ଏହି ସମୟରେ ଦରବୃଦ୍ଧି ଦେଖାଯିବା ସହିତ ଏହା ଘରୋଇ ଚାହିଦା ଉପରେ ପ୍ରଭାବ ପକାଇଥିଲା। ଦେଶର ଆର୍ଥିକ ମାନ୍ଦାବସ୍ଥାକୁ ସୁଧାରିବା ଦିଗରେ ସରକାର ଏବଂ ଆର୍‌ବିଆଇ ପ୍ରାଥମିକତା ପ୍ରଦାନ କରିଥିଲେ। ଏହି କାରଣରୁ ଆର୍‌ବିଆଇ ୨ବର୍ଷ ପର୍ଯ୍ୟନ୍ତ ନିଜ ନୀତିକୁ ଦରବୃଦ୍ଧିଠାରୁ ଅଧିକ ବିକାଶ ଦର ଉପରେ କେନ୍ଦ୍ରିତ କରିଥିଲା। ଏପରିକି ଅର୍ଥବ୍ୟବସ୍ଥା ସୁଧାରିବାକୁ ୨୦୨୦ରୁ ଦୁଇବର୍ଷ ପର୍ଯ୍ୟନ୍ତ ରେପୋ ରେଟ୍ ସ୍ଥିର ରଖାଯାଇଥିବା ଆର୍‌ବିଆଇ ତଥ୍ୟରେ କୁହାଯାଇଛି। ଏହାଛଡ଼ା ଦେଶର ଆର୍ଥିକ ବ୍ୟବସ୍ଥା ଧୀରେ ଧୀରେ ସୁଧୁରିବାରେ ଲାଗିଛି। ସରକାରୀ ପୁଞ୍ଜିଗତ ଖର୍ଚ୍ଚ ଏବଂ ଘରୋଇ ନିବେଶରେ ମଧ୍ୟ ବୃଦ୍ଧି ଘଟିଲାଣି। ଏହାଛଡ଼ା ଦରବୃଦ୍ଧି ରୋକିବା ପାଇଁ ବର୍ତ୍ତମାନ ଆର୍‌ବିଆଇ ପକ୍ଷରୁ ଚେଷ୍ଟା ଜାରି ରହିଛି। ଏନେଇ ରେପୋ ରେଟ୍ ଏବଂ ସିଆର୍‌ଆର୍‌ରେ ମଧ୍ୟ ବୃଦ୍ଧି କରାଯାଇଛି। ଏହା ସତ୍ତ୍ୱେ ବୈଶ୍ୱିକ ବଜାରରେ ଅଶୋଧିତ ତୈଳ ଯୋଗାଣ ବାଧିତ ହେବା ଏବଂ ପରିବହନ ମୂଲ୍ୟ ବୃଦ୍ଧି କାରଣରୁ ଦରବୃଦ୍ଧିର ଆଶଙ୍କା ରହିଛି। ଅର୍ଥାତ୍ ବିକାଶ ହାରରେ ସୁଧାର ଅଣାଯାଇପାରିବ, ହେଲେ ଦର ବୃଦ୍ଧି ଚାପକୁ ବର୍ତ୍ତମାନ ସମୟରେ ଶେଷ କରିବା ସହଜ ନୁହେଁ ବୋଲି ଆର୍‌ବିଆଇ ତଥ୍ୟରେ କୁହାଯାଇଛି। ଏହାଛଡ଼ା ତଥ୍ୟ ଅନୁସାରେ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆର୍‌ବିଆଇର ବାଲାନ୍ସ ସିଟ୍‌ରେ ୮.୫% ବୃଦ୍ଧି ଘଟିଛି। ଆର୍‌ବିଆଇ ପକ୍ଷରୁ ୧.୧୫ ଲକ୍ଷ କୋଟି ଟଙ୍କା କଣ୍ଟିଜେନ୍ସି ଫଣ୍ଡକୁ ଟ୍ରାନ୍ସଫର କରାଯାଇଥିବା ସୂଚନା ଦିଆଯାଇଛି।

# ବିଓବିର ୫୯ତମ ଶାଖା ଉଦ୍‌ଘାଟିତ



**ଭୁବନେଶ୍ୱର,୨୭।୫**

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଭୁବନେଶ୍ୱର କ୍ଷେତ୍ରରେ ୫୯ତମ ଶାଖା ଶୁକ୍ରବାର ସ୍ଥାନୀୟ ବରମୁଣ୍ଡାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଇନ୍‌ଷ୍ଟିଚ୍ୟୁଶନାଲ ଫାଇନାନ୍ସର ନିର୍ଦ୍ଦେଶକ ପ୍ରଜ୍ଞାସ୍ମିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ଉପ ସଚିବ ତାରାକାନ୍ତ ଭକ୍ତ,ବିଓବିର ଡ. ଆର୍.କେ. ମହାନ୍ତି, ଏନ୍‌ଡିଜିଏମ୍-୧, ପାଟଣା, ଅନ୍ୱୟ କୁମାର ମିଶ୍ର, କ୍ଷେତ୍ରୀୟ ପ୍ରବନ୍ଧକ, ଭୁବନେଶ୍ୱର କ୍ଷେତ୍ର-୨, ରାଜୀବ କ୍ରିଷ୍ଣା, କ୍ଷେତ୍ରୀୟ ପ୍ରବନ୍ଧକ, ଭୁବନେଶ୍ୱର କ୍ଷେତ୍ର, ବରମୁଣ୍ଡା ଶାଖାର ଶାଖା ପ୍ରବନ୍ଧକ ଶ୍ୱେତଲିନା ସାହୁଙ୍କ ସମେତ ଉକ୍ତ ଶାଖାର ଅନ୍ୟ ସମସ୍ତ କର୍ମଚାରୀ ତଥା କ୍ଷେତ୍ରୀୟ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ନୂତନ ଶାଖାଟି ଖୋର୍ଦ୍ଧା ଜିଲାର ୨୬ତମ ଶାଖା ହୋଇଥିବା ବେଳେ ଭୁବନେଶ୍ୱର ଅଞ୍ଚଳର ୫୯ତମ ଶାଖା ଏବଂ ରାଜ୍ୟରେ ବିଓବିର ୧୭୫ତମ ଶାଖା ବୋଲି ରାଜୀବ କ୍ରିଷ୍ଣା ମତବ୍ୟକ୍ତ କରିଛନ୍ତି। ଉକ୍ତ ଶାଖାର ଶାଖା ପରିଚାଳକ ଶ୍ୱେତଲିନା ସାହୁ ବିଓବିର ସମସ୍ତ କର୍ମଚାରୀ ଏବଂ ଗ୍ରାହକମାନଙ୍କୁ ଧନ୍ୟବାଦ ଜଣାଇବା ସହ ଗ୍ରାହକମାନଙ୍କ ସମସ୍ତ ଆବଶ୍ୟକତା ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ୨୩ ତମ ଏମ୍‌ଇ ଆଣ୍ଡ ଏମ୍‌ସି ସପ୍ତାହ ସମାପନ

**ଭୁବନେଶ୍ୱର,୨୭।୫**



ଶ୍ରୀଧର ପାତ୍ର

୨୩ତମ ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ (ଏମ୍‌ଇ ଆଣ୍ଡ ଏମ୍‌ସି) ସପ୍ତାହର ସମାପନ ଉତ୍ସବ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପି.ଏନ୍. ଶର୍ମା, ଚିଫ୍ କଣ୍ଟ୍ରୋଲର ଅଫ୍ ମାଇନ୍ସ (ଭାରପ୍ରାପ୍ତ) ଏମ୍‌ଡିଆର୍, ଆଇବିଏମ୍, ବି.କେ.ଦାସ, ନିର୍ଦ୍ଦେଶକ (ଉତ୍ପାଦନ), ନାଲ୍‌କୋ, ଡ. ୱାଇ.ଜି.କାଲେ, କଣ୍ଟ୍ରୋଲର ଅଫ୍ ମାଇନ୍ସ (ପୂର୍ବାଞ୍ଚଳ), ଆଇବିଏମ୍, ବି.ଏଲ୍. ଗୁର୍ଜର, ଆର୍‌ସିଓଏମ୍, ଆଇବିଏମ୍, ଭୁବନେଶ୍ୱର ଅଞ୍ଚଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ଦ୍ୱାରା ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉଭୟ କର୍ମଚାରୀ ଓ ଅନ୍ୟାନ୍ୟ ହିତାଧିକାରୀଙ୍କ ମଧ୍ୟରେ ଏମ୍‌ଇ ଆଣ୍ଡ ଏମ୍‌ସି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଖଣି ଯାଞ୍ଚ ଏବଂ ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯାଇଥିଲା। ବିଶେଷ କରି ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଖଣିର ବ୍ୟକ୍ତିଗତ କର୍ମଚାରୀଙ୍କୁ ପର୍ଯ୍ୟାବରଣ ବନ୍ଧୁ ପୁରସ୍କାର ଏବଂ ଖଣିଜ ସଂରକ୍ଷଣ ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ପୋଷ୍ଟର ଏବଂ ସ୍ଲୋଗାନ ପାଇଁ ସ୍କୁଲ ପିଲାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅପରପକ୍ଷରେ ସଭା ପ୍ରାରମ୍ଭରେ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଉତ୍ପାଦନ) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ଅମିୟ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଆଞ୍ଚଳିକ ଖଣି ନିୟନ୍ତ୍ରକ ତଥା ସଂଯୋଜକ ବି.ଏଲ୍. ଗୁର୍ଜର ୨୩ ତମ ଏମ୍‌ଇ ଆଣ୍ଡ ଏମ୍‌ସି ସପ୍ତାହର ରିପୋର୍ଟ ଉପସ୍ଥାପନ କରିଥିଲେ।

# ରୁଷିଆରେ ଅଟକିଛି ଭାରତୀୟ ଲାଭାଂଶ

**ନୂଆଦିଲ୍ଲୀ,୨୭।୫**

ପୁଟିନ୍ ସରକାରଙ୍କ ଦ୍ୱାରା ଡଲାର ପ୍ରତ୍ୟାବର୍ତ୍ତନରେ ରୋକ୍ ଲଗାଇବା ପରେ ଭାରତୀୟ ତୈଳ କମ୍ପାନୀ ସମ୍ବନ୍ଧିତ ଲାଭାଂଶ ଆୟ ୮ ବିଲିୟନ୍ ରୁବଲ୍ (ପ୍ରାୟ ୧୦୦୦ କୋଟି ଟଙ୍କା) ରୁଷିଆ ନିକଟରେ ଅଟକି ରହିଥିବା ଭାରତ ସରକାରଙ୍କ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଭାରତୀୟ ତୈଳ କମ୍ପାନୀଗୁଡ଼ିକ ରୁଷିଆରେ ୪ ଭିନ୍ନ ଭିନ୍ନ କମ୍ପାନୀରେ ଅଂଶଧନ କିଣିବା ପାଇଁ ୫.୪୬ ବିଲିୟନ୍ ଡଲାର ନିବେଶ କରିଛନ୍ତି। ଅଏଲ୍ ଇଣ୍ଡିଆ ବିତ୍ତୀୟ ନିର୍ଦ୍ଦେଶକ ହରିଶ ମାଧବ ଏନେଇ କହିଛନ୍ତି, ଏହି ନିବେଶଗୁଡ଼ିକରୁ ନିୟମିତ ଭାବରେ ଲାଭାଂଶ ପ୍ରାପ୍ତ ହେଉଥିଲା। ତେବେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ବିଦେଶୀ ମୁଦ୍ରା ଦରରେ ହ୍ରାସ ବୃଦ୍ଧି ପରିଲକ୍ଷିତ ହେଲା।

# ରୁଚି ସୋୟାର ୪ର୍ଥ ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୨୭।୫**


ଦେଶର ପ୍ରମୁଖ ଖାଇବା ତେଲ କମ୍ପାନୀ ରୁଚି ସୋୟା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ଶୁକ୍ରବାର ୨୦୨୧-୨୨ ଆର୍ଥିକ ବର୍ଷର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସ ପାଇଁ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। କମ୍ପାନୀ ତଥ୍ୟ ଅନୁସାରେ ଉକ୍ତ ତ୍ରୈମାସରେ ବାବା ରାମଦେବଙ୍କ ଏହି କମ୍ପାନୀକୁ ୨୩୪.୪୩ କୋଟି ଟଙ୍କାର ଲାଭ ପ୍ରାପ୍ତ ହୋଇଛି। ଫଳସ୍ୱରୂପ କମ୍ପାନୀର ମୋଟ୍ ଆୟରେ ବୃଦ୍ଧି ଘଟି ୬,୬୭୬.୧୯ କୋଟି ଟଙ୍କାରେ ପହଞ୍ଚିଛି। ପୂର୍ବ ବର୍ଷ ଏହି ଅବଧି ମଧ୍ୟରେ କମ୍ପାନୀର ମୋଟ୍ ଆୟ ୪,୮୫୯.୫ କୋଟି ଟଙ୍କା ରହିଥିଲା। ତେବେ କମ୍ପାନୀର ଷ୍ଟାଣ୍ଡଏଲୋନ୍ ନେଟ୍ ପ୍ରଫିଟ୍‌ରେ ୨୫% ହ୍ରାସ ହୋଇଛି। ଟିକସ ଖର୍ଚ୍ଚରେ ବୃଦ୍ଧି କାରଣରୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ୨୦୨୧-୨୨ ଆର୍ଥିକ ବର୍ଷରେ କମ୍ପାନୀର ନେଟ୍ ଲାଭ ପୂର୍ବ ବର୍ଷର ୬୮୦.୭୭ କୋଟି ଟଙ୍କାରୁ ବୃଦ୍ଧି ଘଟି ୮୦୬.୩ କୋଟି ଟଙ୍କା ହୋଇଛି। କମ୍ପାନୀ ପକ୍ଷରୁ ୪ର୍ଥ ତ୍ରୈମାସରେ କ୍ୱାର୍ଟର ଆଧାରରେ ୫.୯୫% ଏବଂ ବାର୍ଷିକ ଆଧାରରେ ୩୭.୩୮% ବୃଦ୍ଧି ରିପୋର୍ଟ କରାଯାଇଛି। ଏହାଛଡ଼ା ମୁଦ୍ରାସ୍ଫୀତି ବଢ଼ୁଥିବା ଏବଂ ବିଭିନ୍ନ ଚ୍ୟାଲେଞ୍ଜ ସତ୍ତ୍ୱେ କମ୍ପାନୀ ନିଜ ମାର୍ଜିନ୍ ସ୍ଥିର ରଖିପାରିଛି। ଏହି ଅବଧି ମଧ୍ୟରେ ରୁଚି ସୋୟା ଉତ୍ପାଦର ବିକ୍ରି ମୋଟ୍ ବିକ୍ରିରେ ୭୩.୧୨% ଯୋଗଦାନ ରହିଛି। ଏହାଛଡ଼ା ଉକ୍ତ ତ୍ରୈମାସରେ କମ୍ପାନୀ ପକ୍ଷରୁ ୭୪.୬୫ କୋଟି ଟଙ୍କାର ରପ୍ତାନି ବିକ୍ରି ହାସଲ କରାଯାଇଛି। ଏହାଛଡ଼ା ଉକ୍ତ ଆର୍ଥିକ ବର୍ଷରେ ରିୟଲ୍ଟି ବ୍ୟବସ୍ଥା ଏବଂ ସଂସ୍ଥାଗତ ଖଣ୍ଡ (ବେକରୀ ଏବଂ ବନସ୍ପତି) ଅନୁସାରେ ବିକ୍ରି କରାଯାଇଥିବା ବ୍ରାଣ୍ଡ ସହିତ ରୁଚି ସୋୟାର ବ୍ରାଣ୍ଡେଡ୍ ବ୍ୟବସାୟରେ ୧,୮୬୬,୩୯୪.୧୫ ଲକ୍ଷ ଟଙ୍କାର ବିକ୍ରି ହାସଲ କରାଯାଇଛି।

## ଫୁରସତ୍

# କାନ୍ସ ଫେଷ୍ଟିଭାଲ୍‌ରେ ଭାରତୀୟ ଜୁରି

**ମୁମ୍ବାଇ:** ଆଜି ଶେଷ ହେବାକୁ ଯାଉଛି ବିଶ୍ୱ ଚଳଚ୍ଚିତ୍ର ଜଗତର ବଡ଼ ଉତ୍ସବ ୭୫ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ। କିଛି ଉତ୍ତମ ବିଷୟବସ୍ତୁ ଉପରେ ଆଧାରିତ ଫିଲ୍ମକୁ ଏହି ସମାରୋହରେ ସ୍କ୍ରିନିଂ ପାଇଁ ବଛା ଯାଇଥାଏ, ଯେଉଁ ଫିଲ୍ମଟି ଜୁରି ମେମ୍ବରମାନଙ୍କୁ ପସନ୍ଦ ଆସିଥାଏ ତାହାକୁ ଗୋଲ୍ଡେନ୍ ପାମ୍ ବା ପାମ୍ଡେ ଡି'ଓର୍ ଆୱାର୍ଡ ପ୍ରଦାନ କରାଯାଏ। ତେବେ ଏହି ଫିଲ୍ମ ଫେଷ୍ଟିଭାଲରେ ଦୁଇଟି ମୁଖ୍ୟ ଆକର୍ଷଣ ରହିଥାଏ। ଗୋଟିଏ ହେଲା ଜୁରି ମେମ୍ବର ଆଉ ଅନ୍ୟଟି ରେଡ୍ କାର୍ପେଟ୍। ଦେଶ ବିଦେଶରୁ ବହୁ ଅଭିନେତ୍ରୀ ତଥା ମଡେଲଙ୍କୁ ଏଠାକୁ ନିମନ୍ତ୍ରଣ କରାଯାଇଥିବାବେଳେ ସେମାନେ ବିଭିନ୍ନ ଡିଜାଇନର୍ ଡ୍ରେସ୍ ପିନ୍ଧି ରେଡ୍ କାର୍ପେଟରେ ଚାଲିଥାନ୍ତି। ଚଳିତବର୍ଷ ମେ' ୧୭ରୁ ଫ୍ରାନ୍ସର କାନ୍ସରେ ଅନୁଷ୍ଠିତ ହୋଇଥିବା ଏହି ବିଶାଳ ସମାରୋହରେ ଜୁରି ଆସନ ଅଳଙ୍କୃତ କରିଛନ୍ତି ବ୍ରାଉନ୍ ବ୍ୟୁଟି ଦୀପିକା ପାଦୁକୋନ। ଭାରତ ପକ୍ଷରୁ ଦୀପିକା ପ୍ରଥମ ନୁହନ୍ତି ଯେ, ଏହି ସମ୍ମାନଜନକ ପଦରେ ବସିଛନ୍ତି। ତେବେ ତାଙ୍କ ପୂର୍ବରୁ ଯେଉଁମାନେ ଭାରତ ପକ୍ଷରୁ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜୁରି ହୋଇଛନ୍ତି ସେ ବିଷୟରେ ଜାଣିବା। ଫିଲ୍ମ ନିର୍ମାତା ମୃଣାଳ ସେନ୍ ପ୍ରଥମ ଭାରତୀୟ ଯେ, ୧୯୮୨ରେ ଫ୍ରାନ୍ସର କାନ୍ସରେ ଅନୁଷ୍ଠିତ ସର୍ବବୃହତ୍ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଭାରତ ପକ୍ଷରୁ ଜୁରି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

**ମୀରା ନାୟର:** ହିନ୍ଦୀ ଫିଲ୍ମ ନିର୍ଦ୍ଦେଶିକା ମୀରା ନାୟର, ୧୯୯୦ରେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜୁରି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ନିର୍ଦ୍ଦେଶନାରେ ସଲାମ ବମ୍ବେ!, ମନ୍‌ସୁନ୍ ୱେଡିଂ ନିର୍ମାଣ ହୋଇଥିବାବେଳେ ୧୯୯୮ରେ ସଲାମ ବମ୍ବେ ଫିଲ୍ମ କାନ୍ସ ଫେଷ୍ଟିଭାଲରେ କାନ୍ସ-ଅଡିଏନ୍ସ ଆୱାର୍ଡ ଏବଂ ଦ ବେଷ୍ଟ ଫାଷ୍ଟ ଫିଲ୍ମ ଆୱାର୍ଡ ମିଳିଥିଲା।


ମୃଣାଳ ସେନ୍

**ଅରୁନ୍ଧତୀ ରାୟ:** ଲେଖିକା ଅରୁନ୍ଧତୀ ରାୟ ଚଳଚ୍ଚିତ୍ର ଜଗତର ବିଶାଳ ସମାରୋହ କାନ୍ସର ଜୁରି ରହିସାରିଛନ୍ତି । ୨୦୦୦ ମସିହାରେ ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅରୁନ୍ଧତୀଙ୍କ ଦ୍ୱାରା ଲିଖିତ 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗ୍‌ସ'କୁ ବୁକର୍ ସମ୍ମାନରେ ସମ୍ମାନିତ କରାଯାଇଥିଲା।

**ଐଶ୍ୱର୍ଯ୍ୟା ରାୟ ବଚ୍ଚନ:** ୨୦୦୩ ମସିହାରେ ବିଶ୍ୱ ସୁନ୍ଦରୀ ତଥା ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଜୁରି ମେମ୍ବରରେ ସାମିଲ କରାଯାଇଥିଲା। ୨୦୦୨ରେ ତାଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଦେବଦାସ୍' କାନ୍ସ ଫେଷ୍ଟିଭାଲରେ ପରିବେଷଣ କରାଯାଇଥିଲା।

**ନନ୍ଦିତା ଦାଶ:** ଅଭିନେତ୍ରୀ ତଥା ଫିଲ୍ମ ନିର୍ମାତା ନନ୍ଦିତା ଦାଶ ଦୁଇଥର ଜୁରିମେମ୍ବର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଥମ ଥର ୨୦୦୫ରେ, ପରେ ୨୦୧୩ରେ ତାଙ୍କୁ ପୁଣିଥରେ ସିନେଫାଉଣ୍ଡେସନ୍ ଏବଂ ଶର୍ଟ ଫିଲ୍ମ ଜୁରି ସଦସ୍ୟ ଭାବେ ମନୋନୀତ କରାଯାଇଥିଲା।

**ଶର୍ମିଳା ଟାଗୋର:** ହିନ୍ଦୀ ଚଳଚ୍ଚିତ୍ରର ୮୦ ଦାକର ସେନ୍‌ସେଶ୍‌ନାଲ ନାୟିକା ଶର୍ମିଳା ଟାଗୋର ଏହି ରେସ୍‌ରୁ ବାଦ୍ ପଡ଼ି ନାହାନ୍ତି। ୧୯୬୨ରେ ତାଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଦେବୀ' କୁ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ସ୍କ୍ରିନ୍ଡ କରାଯାଇଥିବାବେଳେ ୨୦୦୯ରେ ଜୁରି ଆସନ ଅଳଙ୍କୃତ କରିଥିଲେ।

**ଶେଖର କପୁର:** ଫିଲ୍ମ ନିର୍ମାତା ଶେଖର କପୁର ୨୦୧୦ରେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜୁରି ହୋଇଥିଲେ। ତାଙ୍କ ଦ୍ୱାରା ନିର୍ମିତ ଫିଲ୍ମ ମାସୁମ, ମିଷ୍ଟର ଇଣ୍ଡିଆ, ବ୍ରାଣ୍ଡେଡ୍ କୁଇନ୍ ଆଦି ଚଳଚ୍ଚିତ୍ର ଏହି ସମାରୋହରେ ସ୍ଥାନ ପାଇଥିଲା।

**ବିଦ୍ୟା ବଲାନ:** ଉ ଲା ଲା... ଫେମ୍ ବିଦ୍ୟା ବଲାନ ୨୦୧୩ରେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜୁରି ଆସନରେ ବସିଥିବାବେଳେ ସେହିବର୍ଷ ପ୍ରଥମ ଥର ପାଇଁ ବିଦ୍ୟା କାନ୍ସର ରେଡ୍ କାର୍ପେଟ୍‌ରେ ଚାଲିବାର ସୁଯୋଗ ପାଇଥିଲେ।


ଅରୁନ୍ଧତୀ ରାୟ


ଶେଖର କପୁର


ନନ୍ଦିତା ଦାଶ


ବିଦ୍ୟା ବଲାନ



ଶର୍ମିଳା ଟାଗୋର

# ବଦଳିଲା ନାଁ

**ମୁମ୍ବାଇ**

ଖିଲାଡି କୁମାର ଅକ୍ଷୟ କୁମାରଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ପୃଥ୍ୱୀରାଜ'ର ନାମ ପରିବର୍ତ୍ତନ କରାଯାଇ 'ସମ୍ରାଟ ପୃଥ୍ୱୀରାଜ' ରଖାଯାଇଛି। ଫିଲ୍ମର ନାମକୁ ନେଇ ଶ୍ରୀ ରାଜପୁତ କର୍ନି ସେନା ପକ୍ଷରୁ କୋର୍ଟରେ ଅଭିଯୋଗ (ପିଆଇଏଲ୍) ପତ୍ର ଦାଖଲ ପରେ ଏ ପ୍ରକାର ନିଷ୍ପତ୍ତି ନିଆଯାଇଛି। ଅଭିଯୋଗ ଦାଖଲ ପରେ ଯଶ୍‌ରାଜ ଫିଲ୍ମସ ପ୍ରଯୋଜନା ସଂସ୍ଥାକୁ ନୋଟିସ୍ ଜାରି କରାଯାଇଥିଲା। ଫିଲ୍ମ ନିର୍ମାଣକାରୀ ସଂସ୍ଥା ବହୁ ବିଚାର ବିମର୍ଶ କଲା ପରେ ଫିଲ୍ମର ନାମ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେଇଥିଲେ। ଫିଲ୍ମର ନାମ 'ପୃଥ୍ୱୀରାଜ' ରଖାଯିବା କାରଣରୁ ରାଜପୁତ ସମାଜ ପ୍ରଭାବିତ ହୋଇଛନ୍ତି। ସେଥିପାଇଁ ଫିଲ୍ମର ନାମ ବଦଳାଯିବା ଆବଶ୍ୟକ ବୋଲି କର୍ନି ସେନା ପକ୍ଷରୁ ମାମଲା ଲଢ଼ୁଥିବା ଓକିଲ ରାଘବେନ୍ଦ୍ର ମେହରୋତ୍ରା କହିଥିଲେ। ଅକ୍ଷୟକୁମାର ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ମାନୁଷୀ ଛିଲର ତାଙ୍କ ଅପୋଜିଟ୍‌ରେ ଅଭିନୟ କରିଛନ୍ତି। ମାନୁଷୀଙ୍କ ଏହା ବଲିଉଡ୍ ଡେବ୍ୟୁ ଫିଲ୍ମ ହୋଇଥିବାବେଳେ ଆସନ୍ତା ଜୁନ୍ ୩ ତାରିଖରେ ଫିଲ୍ମଟି ମୁକ୍ତିଲାଭ କରିବ।


ଅକ୍ଷୟ କୁମାର

# ଖାଦ୍ୟ ଦେବାରେ ବିଳମ୍ବ : ସ୍ତ୍ରୀଙ୍କୁ କୂଅକୁ ଫିଙ୍ଗିଲେ ସ୍ୱାମୀ

**ଭୋପାଳ**

ଖାଦ୍ୟ ଦେବାରେ ବିଳମ୍ବ ପାଇଁ ସ୍ୱାମୀ ନିଜ ଉପରୁ ଆୟତ୍ତ ହରାଇ ସ୍ତ୍ରୀଙ୍କୁ କୂଅକୁ ଫିଙ୍ଗି ଦେଇଛନ୍ତି। ଏଭଳି ଅଭାବନୀୟ ଘଟଣା ମଧ୍ୟପ୍ରଦେଶର ହାତପିପ୍‌ଲିୟା ଅଞ୍ଚଳର ଦେୱାସରେ ଘଟିଛି। ମଙ୍ଗଳବାର ଦିନ ଦିନେଶ ମାଳୀ ଅପରାହ୍ଣରେ ଘରକୁ ଖାଇବାକୁ ଆସିଥିଲେ। ଖାଦ୍ୟ ପ୍ରସ୍ତୁତ ହୋଇ ଥିଲେ ହେଁ ସ୍ତ୍ରୀ ଯଶୋଦା ଅନ୍ୟ କାମରେ ବ୍ୟସ୍ତ ଥିବାବେଳେ ଟିକେ ଅପେକ୍ଷା କରିବାକୁ ତାଙ୍କୁ କହିଥିଲେ। ମାତ୍ର ଏତିକି କଥାରେ ରାଗି ଯାଇଥିଲେ ସ୍ୱାମୀ ଦିନେଶ । ଏହାପରେ ଲଣ୍ଡ୍ରି ବ୍ୟାଟ୍ (ଲୁଗା ସଫାରେ ବ୍ୟବହୃତ ବ୍ୟାଟ୍)ରେ ସ୍ତ୍ରୀଙ୍କୁ ପିଟିଥିଲେ। ସେଥିରେ ତାଙ୍କ ମନ ଭରି ନ ଥିଲା ଯେ, ମାଡ଼ ଖାଇ ଆହତ ଅବସ୍ଥାରେ ଥିବା ସ୍ତ୍ରୀଙ୍କୁ କୂଅରେ ନେଇ ପକାଇ ଦେଇଥିଲେ। ଘରେ ଥିବା ତାଙ୍କ ଝିଅ ନିକିତା ଏହାର ପ୍ରତିବାଦ କରିଥିଲେ ହେଁ ଦିନେଶ କାହାରି କଥା ଶୁଣି ନ ଥିଲେ। ଘଟଣା ପରେ ଝିଅ ନିକିତା ଏ କଥା ତାଙ୍କ ସମ୍ପର୍କୀୟଙ୍କୁ କହିଥିଲେ। ପୋଲିସ ଘଟଣା ସମ୍ପର୍କରେ ଜାଣିବା ପରେ ସେଠାରେ ପହଞ୍ଚି କୂଅରୁ ଯଶୋଦାଙ୍କ ମୃତ ଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଦିନେଶଙ୍କ ବିରୋଧରେ ଆଇପିସି ଧାରା ୩୦୨, ୨୯୪,୩୨୩ ଏବଂ ୨୦୧ ଅନ୍ତର୍ଗତ ମାମଲା ରୁଜୁ ପରେ ତାଙ୍କୁ ଗିରଫ କରାଯାଇଛି।

## ୩୦ରେ ମାଟ୍ରିକ ଖାତାଦେଖା ବନ୍ଦ

**କଟକ ଅଫିସ,୨୭।୫:** ରାଜ୍ୟର ମୋଟ୍ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଖାତାଦେଖା ଚାଲିଛି। ଇତିମଧ୍ୟରେ ଆସନ୍ତା ୩୦ ତାରିଖ ସାବିତ୍ରୀ ଅମାବାସ୍ୟା ପଡୁଥିବାରୁ ଖାତା ଦେଖା ନେଇ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ଦିନ ଖାତା ଦେଖା ବନ୍ଦ ରହିବ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ‘ସରକାରଙ୍କ ନିୟନ୍ତ୍ରଣରେ ମନ୍ଦିର ନ ରହୁ’

## ମହାପ୍ରଭୁଙ୍କୁ ଦର୍ଶନ କଲେ, ଜଗଦ୍‌ଗୁରୁଙ୍କୁ ଭେଟିଲେ ସୁବ୍ରମଣ୍ୟମ୍ ସ୍ୱାମୀ

**ପୁରୀ ଅଫିସ,୨୭।୫**


ଶଙ୍କରାଚାର୍ଯ୍ୟଙ୍କ ସହିତ ସୁବ୍ରମଣ୍ୟମ୍ ସ୍ୱାମୀ ଓ ତ୍ରିଭେନ୍ଦ୍ରମ ରାଣୀ ଆଲୋଚନା କରୁଛନ୍ତି।

ବରିଷ୍ଠ ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ ଶୁକ୍ରବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଗୋବର୍ଦ୍ଧନ ପୀଠାଧୀଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଛନ୍ତି। ଏହି ଅବସରରେ ଶଙ୍କରାଚାର୍ଯ୍ୟଙ୍କ ସହ ସେ କେତେକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏ ନେଇ ସୁବ୍ରମଣ୍ୟମ କହିଛନ୍ତି, ପରିକ୍ରମା ପ୍ରକଳ୍ପ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ତେଣୁ ସେ ବିଷୟରେ କିଛି ମନ୍ତବ୍ୟ ଦେବାକୁ ଚାହୁଁନାହିଁ। ତେବେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପିତା ବିଜୁ ପଟ୍ଟନାୟକ ମୋର ଜଣେ ଭଲ ବନ୍ଧୁ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବି। ସେହିଭଳି ମନ୍ଦିର ସବୁବେଳେ ବିଚାରଧାରାର କେନ୍ଦ୍ର। ଏଣୁ ସରକାରଙ୍କ ନିୟନ୍ତ୍ରଣରେ ମନ୍ଦିରଗୁଡ଼ିକ ରହିବା ଉଚିତ୍ ନୁହଁ। ଶଙ୍କରାଚାର୍ଯ୍ୟଙ୍କୁ ଭେଟିବା ପୂର୍ବରୁ ଅନେକ ବ୍ୟକ୍ତି ତାଙ୍କୁ ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଥିଲେ। ମାତ୍ର ଏ ନେଇ ଶଙ୍କରାଚାର୍ଯ୍ୟଙ୍କ ସହିତ ଆଲୋଚନା ହୋଇନାହିଁ। ବିରାଟ ହିନ୍ଦୁସ୍ତାନ ସଙ୍ଗମର ମହାମନ୍ତ୍ରୀ ଓ ଅନ୍ୟ କର୍ମକର୍ତ୍ତାଙ୍କ ସହ ସେ ଶଙ୍କରାଚାର୍ଯ୍ୟଙ୍କୁ ନିମନ୍ତ୍ରଣ ଦେବା ପାଇଁ ଏଠାକୁ ଆସିଥିଲେ। ତ୍ରାଭଙ୍କୋର ରାଜବଂଶର ଏକ କାର୍ଯ୍ୟକ୍ରମ ଏବଂ ପଦ୍ମନାଭ ସ୍ୱାମୀ ମନ୍ଦିର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶଙ୍କରାଚାର୍ଯ୍ୟଙ୍କୁ ନିମନ୍ତ୍ରଣ କରାଗଲା। ଏହି ଅବସରରେ ଦେଶର ରାଜନୈତିକ ସ୍ଥିତି, ସୀମା ସଙ୍କଟ, ରାଜ୍ୟସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ଶଙ୍କରାଚାର୍ଯ୍ୟ କହିଛନ୍ତି, ଚୀନ ବୈଦେଶିକ କୁଟନୀତି ଭାରତର ରାଜନୈତିକ ବ୍ୟବସ୍ଥାକୁ ପ୍ରଭାବିତ କରୁଛି। ଭାରତର ବୈଦେଶିକ ନୀତି ଦୁର୍ବଳ ହୋଇପଡ଼ିଛି। ନେହେରୁଙ୍କ ସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ଚୀନ କୁଟନୀତିକୁ ମୁକାବିଲାରେ କରିବାରେ ଭାରତ ବିଫଳ ହେଉଛି। ଚୀନ ଭାରତ ପାଇଁ ବଡ଼ ସଙ୍କଟରେ ପରିଣତ ହୋଇଛି। ସୁବ୍ରମଣ୍ୟମ୍ ଅର୍ଥଶାସ୍ତ୍ରର ଜଣେ ଶ୍ରେଷ୍ଠ ବିଦ୍ୱାନ୍। ଦେଶ ବିଦେଶରେ ତାଙ୍କର ଖ୍ୟାତି ରହିଛି। ଏଣୁ ସୀମା ବିବାଦ ଓ ଅର୍ଥନୀତିକ ପ୍ରସଙ୍ଗରେ ତାଙ୍କ ସହ ଆଲୋଚନା କରିଛି। ସେହିଭଳି ଧାର୍ମିକ ଏବଂ ଆଧାତ୍ମିକ ଅନୁଷ୍ଠାନ ସର୍ବଦା ଧାର୍ମିକ ଗୁରୁମାନଙ୍କ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହେବା ଉଚିତ। ସରକାର ସହଯୋଗ କରନ୍ତୁ ମାତ୍ର ହସ୍ତକ୍ଷେପ ନ କରିବା ଉଚିତ୍। ମନ୍ଦିର ସୁରକ୍ଷା ପାଇଁ ସରକାର ସହଯୋଗ କରିବା ଉଚିତ। ମଠ ଓ ମନ୍ଦିରକୁ ସରକାର ପ୍ରଥମେ ଧ୍ୱଂସ କରିଦେଲେ। ଏବେ ମଠର ନବୀକରଣ କରିବାକୁ ଚାହୁଁଛନ୍ତି। ଯଦି ସରକାର ମଠର ସପକ୍ଷବାଦୀ ତେବେ ମଠ ଭାଙ୍ଗିଲେ କାହିଁକି। ସରକାର ଧାର୍ମିକସ୍ଥଳୀରେ କୌଣସି ବିକାଶ କିମ୍ବା ପରିବର୍ତ୍ତନ କରିବାକୁ ଚାହୁଁଥିଲେ ମୋ’ ସହ ସମ୍ପର୍କ କରନ୍ତୁ। ମାତ୍ର ସରକାର କୌଣସି ଭୁଲ ପଦକ୍ଷେପ ନେଲେ ମୁଁ ଚୁପ୍ ରହିବି ନାହିଁ। ଅନ୍ୟପକ୍ଷରେ ସୁବ୍ରମଣ୍ୟମଙ୍କ ସହିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ତାଙ୍କର କୌଣସି ଆଲୋଚନା ହୋଇନାହିଁ ବୋଲି ଶଙ୍କରାଚାର୍ଯ୍ୟ ସ୍ପଷ୍ଟ କରିଛନ୍ତି।

# ଫେସ୍‌ବୁକ ପ୍ରେମ ମହଙ୍ଗା ପଡ଼ିଲା

**ବାସୁଦେବପୁର, ୨୭।୫ (ଡି.ଏନ.ଏ.)**

## ବିବାହ ପରେ ଜଣାପଡ଼ିଲା ସ୍ତ୍ରୀ ଝିଅ ନୁହେଁ ପୁଅ

ଫେସ୍‌ବୁକରୁ ଆରମ୍ଭ ହୋଇଥିଲା ପ୍ରେମ। ଏପରିକି ନିକଟରେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ହେଲେ ଏହି ଫେସ୍‌ବୁକ୍ ପ୍ରେମ ମହଙ୍ଗା ପଡ଼ିଛି। ବିବାହ ପରେ ଜଣାପଡ଼ିଲା ନବବଧୂଙ୍କ ପ୍ରକୃତ ପରିଚୟ। ଝିଅ ବେଶରେ ଥିବା ପୁଅକୁ ପ୍ରେମିକ ବିବାହ କରିଥିବା ଜଣାପଡ଼ିଥିଲା। ମେଘନା ପରିଚୟ ଦେଇ ବାହା ହୋଇଥିଲେ ମେଘନାଦ। ଅସଲ ରୂପ ଜଣାପଡ଼ିବା ପରେ ମାଡ଼ ଖାଇବା ସହ ଲୋକେ ତାଙ୍କ ଚୁଟି କାଟି ଦେଇଛନ୍ତି। ଭଦ୍ରକ ଜିଲା ବାସୁଦେବପୁରର କଷିଆ ଗ୍ରାମରେ ଏଭଳି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, କେନ୍ଦ୍ରାପଡ଼ା ଜିଲା ଜମ୍ବୁ ରାମନଗର ଅଞ୍ଚଳର ମେଘନାଦ ମଣ୍ଡଳ ନିଜକୁ ଯୁବତୀ ପରିଚୟ ଦେଇ ଫେସ୍‌ବୁକରେ ପଶ୍ଚିମବଙ୍ଗର ଉତ୍ତର ଚବିଶ ପ୍ରଗଣା ଜିଲାର ଆଲୋକ ମିସ୍ତ୍ରିଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ଉଭୟ ବିବାହ କରିବାକୁ ନିଷ୍ପତ୍ତି ନେବା ପରେ ଆଲୋକ ତାଙ୍କ ସମ୍ପର୍କୀୟଙ୍କୁ ଧରି କେନ୍ଦ୍ରାପଡ଼ାରେ ପହଞ୍ଚିଥିଲେ। ଠିକଣା ସ୍ଥାନରେ ମେଘନାଦ ଝିଅ ବେଶରେ ସଜ୍ଜିତ ହୋଇ ଆଲୋକଙ୍କ ସହ ପଳାଇ ଆସିଥିଲେ। ଏହାପରେ ସେମାନେ ନବବିବାହିତ ବର କନିଆଁ ହୋଇ ଗତ ୨୫ ତାରିଖରେ ବାସୁଦେବପୁର କଷିଆ ଗ୍ରାମରେ ଥିବା ଆଲୋକଙ୍କ ସମ୍ପର୍କୀୟଙ୍କ ଘରେ ପହଞ୍ଚିଥିଲେ। ଏହା ପରଦିନ କନିଆଁ ସାଜିଥିବା ମେଘନା ଯୁବତୀ ନୁହେଁ ଜଣେ ଯୁବକ ବୋଲି କୌଣସି ସୂତ୍ରରୁ ଜଣାପଡ଼ିବା ପରେ ଚର୍ଚ୍ଚା ହୋଇଥିଲା। ଘଟଣା ଜଣାପଡ଼ିବା ପରେ ଗାଁ ଲୋକେ ଓ ଆଲୋକଙ୍କ ସମ୍ପର୍କୀୟମାନେ ମେଘନାର ବେଶ ପୋଷାକ ବାହାର କରି ତାଙ୍କୁ ମାଡ଼ ମାରିବା ସହ ଲମ୍ବାଚୁଟିକୁ କାଟି ପକାଇଥିଲେ। ତାଙ୍କର ଏପରି ରୂପ ଦେଖି ବର ସାଜିଥିବା ପ୍ରେମିକ ଆଲୋକ ନିରାଶ ହୋଇଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
P.H. DIVISION, BALANGIR
Ph.No.06652-234647, Email. ID - eephbgr@yahoo.co.in
No.C-398: NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SE PH BGR 09/2022-23 Dt. 26.05.2022
01. Name of the Work : 1 No.
02. Estimated Cost : Rs. 32.90 Lakhs
03. Period of Completion : 60 Days
04. Date & Time of availability of bid document in the portal : From 11.00 AM of dt. 02.06.2022 to 5.00 PM of dt. 13.06.2022
05. Last date / time of receipt of bids in the portal : 5 P.M. of dt.13.06.2022
06. Date & Time of opening of bids : At 11.00 A.M. of dt.16.06.2022
07. Name and Address of the Officer Inviting Bid : Superintending Engineer, P.H. Division, Balangir, At- Tulsinagar, Dist- Balangir- 767001
Further details can be seen from the website http://tenders.ori.nic.in or www.tendersorissa.gov.in.
Sd./- Superintending Engineer
P.H.Division, Balangir
OIPR-13005/11/0009/2223

e-Procurement Notice
OFFICE OF THE DIRECTOR
TEXT BOOK PRODUCTION & MARKETING
KHARVEL NAGAR, UNIT-III, BHUBANESWAR-751001
No.n-17: TEL. NO.0674-2380871/72
E.MAIL-directortbpmodisha@gmail.com
Bid Letter No.3263/TBPM Dated. 27.05.2022
01. Description of tender : (A) 70 GSM Maplitho Reel Papers.
(B) 170 GSM Glossy Art Cover Papers.
(C)170 GSM Machine Finished Surfaced Sized Cover Papers.
02. Date & Time of availability of bid document in the portal
Start Date & Time: 31.05.2022 10.00 A.M.
Closing Date & Time: 23.06.2022 05.00 P.M.
03. Name and address of the O.I.T.: O/o the Director, Text Book Production & Marketing, Kharavel Nagar, Unit-III, Bhubaneswar-751001.
Further details regarding downloading of bid documents, online participation can be seen from the e-procurement portal https://tendersodisha.gov.in
Further details regarding of bid documents, online participation can be seen from the e-procurement portal https://tendersodisha.gov.in. Subsequent corrigendum/ Addendum and cancellation if any require will be hosted on same website. The Director, TBPM reserves the right to accept or reject (Fully/ Partly) tender without assigning any reason thereof.
Sd./-Director
Text Book Production & Marketing
Bhubaneswar-1
OIPR-11017/11/0003/2223

Government of Odisha
“e” Procurement Notice
Bid Identification No. TENDER ONLINE SNPR- 03 OF 2022-23
e-mail ID- rw_sonepur@yahoo.co.in
No.O-369: Letter No.1524, Dated.26.05.2022
1. Name of the work : Building Works as per DTCN available in the website. www.tendersodisha.gov.in
2. Total No. of Work : 2 (Two) Nos.
3. Approximate Estimated Cost : Rs 34.59 lakhs
4. Period of Completion : 9 (Nine) Calendar months
5. Period and time of availability of bid document in the portal for bidding : 03.06.2022 at 11.00AM to 17.06.2022 upto 5.00 PM
6. Date and time of opening of Tender : 18.06.2022 at 11.00 AM
7. Name and address of the Officer Inviting Bid : S.E.R.W.Division. Sonepur
(1) Other details can be seen from detailed notice inviting tenders, available in website www.tendersodishagov.in.
(2) Corrigendum if any shall only be published in the website: www.tenderodisha.gov.in.
Sd./- Superintending Engineer, Rural Works Division, Sonepur
OIPR-25054/11/0005/2223

# କଟକରେ ତିଆରି ହେଉଥିଲା ନକଲି ମୃଦୁପାନୀୟ

**କଟକ ଅଫିସ/ମଙ୍ଗୁଳି(ଡି.ଏନ୍.ଏ),୨୭।୫**



- କାରଖାନାରେ ଚଢ଼ାଉ, ମାଲିକ ଗିରଫ
- ୪ଲକ୍ଷ ଟଙ୍କାର ସାମଗ୍ରୀ ଜବତ
- ବିକ୍ରି ପାଇଁ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ପଠାଯାଉଥିଲା

ବୋତଲ ଉପରୁ ନାମୀଦାମୀ କମ୍ପାନୀର କୋଲ୍ଡ ଡ୍ରିଙ୍କ୍ ଭଳି ଦେଖାଯାଉଛି। ଡିଜାଇନ ମଧ୍ୟ ଅବିକଳ କରାଯାଇଛି। ହେଲେ ବୋତଲ ଭିତରେ ଥିବା ମୃଦୁପାନୀୟ ନକଲି। ଶୁକ୍ରବାର କଟକ ଜିଲା ଜଗତ୍‌ପୁର ଥାନା ଅଧୀନ ତରଳ ନିକଟ ଏକ ହୋଟେଲରେ ବିନୋରୀ ଇଣ୍ଡଷ୍ଟ୍ରିଜ୍ ନାଁରେ ଚାଲୁଥିବା ନକଲି ମୃଦୁପାନୀୟ କାରଖାନା ଠାବହେବାପରେ ଘଟଣା ସମ୍ପର୍କରେ ଜଣାପଡିଛି। ସ୍ଥାନୀୟ ପୋଲିସ ଓ କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ କାରଖାନାରେ ଚଢ଼ାଉ କରାଯାଇ ପ୍ରାୟ ୪ ଲକ୍ଷ ଟଙ୍କାର ଥଣ୍ଡା ପାନୀୟ, ଖାଲି ବୋତଲ, ଯନ୍ତ୍ରାଂଶ ଓ ପାନୀୟରେ ମିଶାଯାଉଥିବା କେମିକାଲ ଜବତ କରାଯାଇଛି। ଏଥିସହ କାରଖାନାକୁ ସିଲ୍ କରାଯାଇଛି। ଏହି ଘଟଣାରେ କାରଖାନା ମାଲିକ ଜିତେନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୧୯/୨୨) ରୁଜୁ ହୋଇଛି ବୋଲି ଥାନାଧିକାରୀ ରବୀନ୍ଦ୍ରନାଥ ମେହେର ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୧ ମାସ ହେବ ଏହି କାରଖାନା ସିଏମ୍‌ସିର ବିନା ଅନୁମତିରେ ଚାଲୁଥିଲା। ଚିନିପାଣିରେ ବିଭିନ୍ନ ପ୍ରକାର ନିମ୍ନମାନର କେମିକାଲ, କଲର ଓ ଏସେନ୍ସ ମିଶାଇ ମୃଦୁ ପାନୀୟ ତିଆରି ହେଉଥିଲା। ସ୍ପ୍ରିଙ୍ଗ ଅପ୍, କିଡସ୍ ଲିଚି, ଅରେଞ୍ଜ ଆଦି ନାଁରେ ବୋତଲରେ ଏହାକୁ ଭର୍ତ୍ତି କରି ବିକ୍ରି ପାଇଁ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ ସମେତ ଆଖପାଖ ଜିଲାର ଦୋକାନକୁ ପଠାଯାଉଥିଲା। କୌଣସି ସୂତ୍ରରୁ ଖବରପାଇ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାଶ ମହାପାତ୍ର, ଜୋନ୍-୧ ଏସିପି ଏସ୍.ଏନ୍ ମୁଦୁଲି ଏବଂ ଜଗତ୍‌ପୁର ପୋଲିସ ଉକ୍ତ କାରଖାନାରେ ଚଢ଼ାଉ କରିଥିଲା। ଯାଞ୍ଚବେଳେ ବିନା ଟ୍ରେଡ୍ ଲାଇସେନ୍ସ ଓ ଫୁଡ୍ ଲାଇସେନ୍ସରେ ଅସ୍ୱାସ୍ଥ୍ୟକର ପରିବେଶରେ ଏହି କାରଖାନା ଚାଲୁଥିବା ଜଣାପଡିଥିଲା। ଏ ସମ୍ପର୍କରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ବେଆଇନ ଭାବେ ଥଣ୍ଡାପାନୀୟ ପ୍ରସ୍ତୁତ ହେଉଥିବା ଖବର ମିଳିବା ପରେ ଚଢ଼ାଉ କରାଯାଇଥିଲା। ଜବତ ଥଣ୍ଡାପାନୀୟର ନମୁନା ପରୀକ୍ଷା ପାଇଁ ଶନିବାର ଲାବରେଟୋରିକୁ ପଠାଯିବ।

ସୂଚନାଯୋଗ୍ୟ, ଗତ କିଛି ମାସ ମଧ୍ୟରେ କଟକ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ନକଲି ସିମେଣ୍ଟ, ଜର୍ଦ୍ଦା, ଅପମିଶ୍ରିତ ସସ୍, ମସଲା, ଘିଅ ଓ ତେଲ କାରଖାନା ଠାବ କରାଯାଇଛି। ସେଠାରୁ ବିପୁଳ ପରିମାଣର ନକଲି ଓ ଅପମିଶ୍ରିତ ସାମଗ୍ରୀ ମଧ୍ୟ ଜବତ ହୋଇଛି।

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-654 OSIC GST No. 21AAACO2101M1Z1
TENDER CALL NOTICE
Tender Notice No.2314/RE/OSIC Dt.26.05.2022
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for 2 nos. of work i.e. “Supply and installation of High Mast Light and LED street light projects under MLALAD 2022-23 of Pottangi A/C (General and Education Component)” and “Supply and installation of LED street light projects under MLALAD 2022-23 of Koraput A/C (General Component)”. Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only. Sd/-
GENERAL MANAGER(O)
OIPR-14073/11/0020/2223

WATCO
OFFICE OF THE CHIEF EXECUTIVE OFFICER, WATCO
Ground Floor, Unnati Bhawan, H.B. Colony, Satyanagar, Bhubaneswar-751007,Odisha, India
Telefax: - +91-674-2571444 E-mail — ceowatcoodisha@gmail.com
INVITATION FOR BID (IFB)
2Bid Identification No. WATCO (W) - 11/ 2022-23 Dtd.26.05.2022
No.C-394: WATCO No.2170, Date:26.05.2022
1.Name Of the Work :- Supplying and Installation of Multijet Mechanical Water Meters at Gopalpur, Digapahandi, Chikiti, Paralakhemundi, Kashi Nagar under PH Division Berhampur and Aska, Belaguntha, Bhanjanagar, Buguda, Chatrapur, Ganjam, Hinjilicut, Kabisuryanagar, Khalikote, Kodala, Polasara, Purusotampur, Rambha, Sorada, G.Udaygiri, Phulbani, Baliguda under PH Division, Bhanjanagar including replacement of defective water meters within 5 years of Installation (Package-V).
2. Estimated cost :- Rs.2339.24 Lakh
3. Period of completion :- 1 (One) Year
4. Date & time of availability of bid document in the Portal :- From 11.00 AM of Dt.01.06.2022 to 5.00 PM of 17.06.2022.
5. Last date / time of receipt of bids in the portal :- 5.00 PM of 17.06.2022.
6. Date & time of opening of technical bids :- 12.30 PM of 18.06.2022.
7. Name and address of the Officer Inviting Bid - Chief Executive Officer, WATCO Telefax:-0674-2571444. E-Mail:ceowatcoodisha@gmail.com
8. The bidders have to participate in ONLINE bidding only.
Further details can be seen from the web site www.tendersodisha.gov.in
Sd./- CEO, WATCO
OIPR-13194/11/0029/2223

## ସାଇବର ସିକ୍ୟୁରିଟି ସେଣ୍ଟର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

### ହ୍ୟାକରଙ୍କ ଦାଉରୁ ସୁରକ୍ଷା ମିଳିବ

**ଭୁବନେଶ୍ୱର,୨୭।୫(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍)ଠାରେ ପରବର୍ତ୍ତୀ ପିଢ଼ି ସାଇବର ସିକ୍ୟୁରିଟି ସେଣ୍ଟର ଉଦ୍‌ଘାଟନ କରିଛନ୍ତି। ଏହି ସେଣ୍ଟର ରାଜ୍ୟର ଇନଫର୍ମେଶନ ଆଣ୍ଡ କମ୍ୟୁନିକେଶନ ଟେକ୍ନୋଲୋଜି (ଆଇସିଟି) ଭିତ୍ତିଭୂମିକୁ ସୁରକ୍ଷା ଦେବା ସହ ଡାଟା, ଆପ୍ଲିକେଶନ ଇତ୍ୟାଦିର ସୁରକ୍ଷା କରିବ। ଓକାକ୍ ଏବଂ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଦ୍ୱାରା ଏହି ସାଇବର ସିକ୍ୟୁରିଟି ସେଣ୍ଟର ସ୍ଥାପନ କରାଯାଇଛି । ଏହା ସମ୍ପୂର୍ଣ୍ଣ ସ୍ୱୟଂକ୍ରୀୟ। ହ୍ୟାକରମାନଙ୍କ ଦ୍ୱାରା ସରକାରୀ ତଥ୍ୟ ହ୍ୟାକ୍‌କୁ ରୋକିବା ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସରକାରଙ୍କ ‘୫-ଟି’ର ମୁଖ୍ୟ ଉପାଦାନ ହେଉଛି ଟେକ୍ନୋଲୋଜି। ଷ୍ଟେଟ୍ ଡାଟା ସେଣ୍ଟର, ଷ୍ଟେଟ୍ ୱାଇଡ୍ ନେଟ୍‌ୱର୍କ ଏବଂ ସେକ୍ରେଟାରିଏଟ୍ ନେଟ୍‌ୱର୍କ ସାଇବର ସିକ୍ୟୁରିଟି ଅପରେଶନ ସେଣ୍ଟର ସହିତ ସାମିଲ ହୋଇଯାଇଛି। ବଗ୍ ବଣ୍ଟି, ରିୟଲ ଟାଇମ୍ ଥ୍ରେଟ୍, ଗୋଇନ୍ଦା ସୂଚନା ଏହି ସାଇବର ସେଣ୍ଟର ଜରିଆରେ ମିଳିପାରିବ। ଆସନ୍ତା ୬ ମାସ ମଧ୍ୟରେ ଏହିସବୁ ସୁବିଧା ଉକ୍ତ ସେଣ୍ଟରରେ ଉପଲବ୍ଧ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ସଚିବ ମନୋଜ ମିଶ୍ର ଉପସ୍ଥିତ ଥିଲେ।

GOVERNMENT OF ODISHA No. O-344
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL
No. 911 Email: sencrwangul@yahoo.co.in, Ph.: 06764-236404 Dt.19.05.2022
e-Procurement NOTICE for Maintenance Work in Odisha
1. Name of the work : Maintenance Work
2. Total No. of Work : 17 Nos.
3. Estimated Cost : Rs.100.15 Lakhs to Rs.220.07 Lakhs
4. Class of Contractor : ‘B’ & ‘A’ Class
5. Period of Completion : 07 (Seven) Calendar Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Maintenance Online AGL-03/2022-23 | 02.06.2022 at 10.00 A.M. | 17.06.2022 upto 5.00 P.M. | 13.06.2022 upto 1.00 P.M. | 18.06.2022 at 11.00 A.M. | 23.06.2022 at 11.00 A.M. |

For detailed Notice inviting tenders, please visit to the website www.tendersorissa.gov.in.
OIPR-25180/11/0005/2223 Sd./- Chief Construction Engineer, Rural Works Circle, Angul

OFFICE OF THE EXECUTIVE ENGINEER, RURAL WORKS DIVISION, BARGARH
Email: rd_bgh@yahoo.co.in, Gmail: rwd.bgh@gmail.com
No. O-347 e-Procurement Notice No. ONLINE-BGH-06 of 2022-23

| | | |
|---|---|---|
| 1 | Name of the work | Fire Fighting System (PH Works) for G=3 MCH Building at Sohela in the district of Bargarh |
| 2 | EMD | Bid Security Declaration |
| 3 | Other Details | As per DTCN |

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-06 of 2022-23 | 03.06.2022 at 11.00 A.M. | 13.06.2022 upto 5.00 P.M. | 13.06.2022 upto 1.00 P.M. | 16.06.2022 at 11.00 A.M. |

Further details can be seen from the website www.tendersorissa.gov.in.
OIPR-25062/11/0010/2223 Sd./- Executive Engineer, R.W. Division, Bargarh

obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ (ଓଡିଶା ସରକାରଙ୍କ ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking)
File No.TCF-01/2021-22/Ref.No. 3468, Date:26.05.2022
‘e’ PROCUREMENT NOTICE
No.CAD-649: BID IDENTIFICATION NO.07/TOLL/OBCC/2022-23

| Sl. No. | Name of the R&B toll gates. | Upset Price (In Rs.) | Bid Security/E.M.D. @ 5% of upset price | Processing fees of Bid document (In Rs.) | Operation Period. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Bahuda Bridge toll gate at Paralakhemundi-Berhampur Road. | 12,37,676/- | 61,884/- | 2,000/-+ 240/-(GST) Total=2,240/- | One year from the effective date of Agreement. |
| 2 | Onder Bridge toll gate on Bangamunda-Chand Tora road. | 66,67,204/- | 3,33,360/- | 6,667/-+ 800/-(GST) Total=7,467/- | One year from the effective date of Agreement |
| 3 | Lanth Bridge toll gate on T.K.G.T. Road. (R.D.) | 3,55,493/- | 17,775/- | 2,000/-+ 240/-(GST) Total=2,240/- | 31.07.2022 to 30.07.2023 |
| 4 | Patnagarh-Padampur road toll gate near Juria | 56,39,335/- | 2,81,967/- | 5,639/-+ 668/-(GST) Total=6,317/- | One year from the effective date of Agreement |
| 5 | Kansar Bridge toll gate on Jarda-Gurandi road. (R.D.) | 26,00,999/- | 1,30,050/- | 2,601/-+ 312/-(GST) Total=2,913/- | 23.06.2022 to 22.06.2023 |
| 6 | Surubalijore Bridge toll gate on Subalaya-Dharmasala Road . | 20,26,800/- | 1,01,340/- | 2,027/-+ 244/-(GST) Total=2,271/- | One year from the effective date of Agreement |
| 7 | Suktel Bridge toll gate on Patnagarh-Dumkipali road (R.D.) | 4,24,260/- | 21,213/- | 2,000/-+ 240/-(GST) Total=2,240/- | 09.08.2022 to 08.08.2023 |
| 8 | Kolab bridge toll gate.Pitahaguda on Similiguda Handiput Road. | 22,97,737/- | 1,14,887/- | 2,298/-+ 276/-(GST) Total=2,574/- | 09.09.2022 to 08.09.2023 |
| 9 | Sono Toll gate.Udala-Dihirkul Road. (R.D Toll gate) | 2,88,111/- | 14,406/- | 2,000/-+ 240/-(GST) Total=2,240/- | 08.09.2022 to 07.09.2023 |

1.Date and time for online bidding for the above toll gates starts from 5.00 P.M. of dt.28.05.2022 to 10.30 A.M. of dt.09.06.2022 and will be opened at 11.30 A.M. of dtd.09.06.2022.2. Further details can be seen from the website https://tendersodisha.gov.in.
OIPR-34106/11/0007/2223 Sd./- Chief General Manager (P&A)

Government of Odisha No. O-318
“e” Procurement Notice
Bid Identification No. 05 of 2022-23

| | | |
|---|---|---|
| 1 | Number of Works | 1 No. of Road Work |
| 2 | Estimated Cost (Approx.) | Rs.22.10 lakh (Approx) |
| 3 | Period of Completion | Mentioned against NIT - Table Col. 06 |
| 4 | Date & time of availability of Bid documents in the portal | 03.06.2022 at 11.00 hrs. |
| 5 | Last date & time for receipt of Bids in the portal | 13.06.2022 at 17.00 hrs. |
| 6 | Date of Opening of Tender | 16.06.2022 at 11.00 hrs. |
| 7 | Name and address of the Officer Inviting Bid | Executive Engineer, Rural Works Division, Jagatsinghpur |

Further details can be seen from the Government website: www.tendersorissa.gov.in.
Sd./- Executive Engineer
Rural Works Division, Jagatsinghpur
OIPR-25056/11/0006/2223

ZILLA SWASTHYA SAMITI, KORAPUT
DISTRICT PROGRAMME MANAGEMENT UNIT
NATIONAL HEALTH MISSION
E-mail: nhmkpt@gmail.com, Phone:06852-250242
Advt.No.2038/DPMU/NHM/22 Date:- 27/05/2022
ENGAGEMENT UNDER NHM KORAPUT
No.E-174:Applications are invited for filling up of vacancies of various posts viz. Paed. Specialist-DEIC, Physiotherapist-DEIC, Occupational Therapist-DEIC, Audiologist & Speech Therapist- DEIC,Psychologist-DEIC, Medical Officer-NPCDCS, Medical Officer-SNCU, Rehabilitation Worker-NPHCE, Programme Officer/Trained Medical Officer-NMHP, Clinical Psychologist NMHP, Counselor (NCD), Data Assistant-cum-Accountant (NUHM) and Block Data Manager (BDM) on contractual Basis for a period of 11 months under NHM, O/o CDM & PHO, KORAPUT. The application form and other details can be download from the Official District website i.e. www.koraput.nic.in. The last date of submission of filled in application is on or before 16.06.2022 by 05 pm. Number of Vacancies as mentioned under this advertisement may vary at the time of actual engagement. The undersigned reserves the right to cancel any or all the applications without assigning any reason thereof.
Sd./- CDM&PHO-cum-
District Mission Director, Koraput
OIPR-10077/11/0002/2223

STATE POLLUTION CONTROL BOARD
ODISHA PARIBESH BHAWAN,
A/118, NILAKANTHANAGAR,
UNIT-VIII, NAYAPALLI, BHUBANESWAR - 751 012
Website:www.ospcboard.org
EPABX : 0674-2562847
Email: paribesh1@ospcboard.org
No.9309 SPCB/ICZM/506/2019-2020 Date:26.05.2022
E-TENDER CALL NOTICE
No.CAD-655:Notice Inviting E-Tender for executing Dry Docking Repair Work of ‘MV Sagar Utkal’ berthed at DST Berth, Paradeep Port, Paradeep. Online Bids through e-Tender portal (https://tendersodisha.gov.in) are invited from eligible bidders for executing Dry Docking Repair Work of ‘MV Sagar Utkal’ as per the particulars mentioned below:

| Sl. No. | Bid reference No. | Item Name | Bid Document Cost |
|---|---|---|---|
| 01 | TCN No.9308 Dt.26.05.2022 | Executing Dry Docking Repair Work of ‘MV Sagar Utkal’ berthed at DST Berth, Paradeep Port, Paradeep | Free of Cost |

| Sl. No. | Particulars | Date and Time |
|---|---|---|
| 01 | Date of publishing of tender | 27.05.2022 |
| 02 | Bid document download start date | 27.05.2022 (4.00 PM) |
| 03 | Duration of downloading of bid document | 12 Days |
| 04 | Last date of download of Bid document | 07.06.2022 (12.00PM) |
| 05 | Opening of Technical Bid Folder | 07.06.2022 (4.00PM) Conference Hall at Central Laboratory Plot No. 59 B 2&3 Chandaka I.E Patia, KiiT, Bhubaneswar-751024 |
| 06 | All other information | All other Information will be updated in https://tendersodisha.gov.in and www.ospcboard.org |

The bid document with all information relating to the bidding process including cost of Bid document, EMDs, Prequalification criteria and terms & condition are available in the websi https://tendersodisha.gov.in and www.ospcboard.org.The Authority reserves the right to accept/reject any part thereof or all the bids without assigning any reason thereof.
Sd./-Member Secretary
OIPR-08012/11/0091/2223

## ସଂକ୍ଷେପରେ

### ପରିତ୍ୟକ୍ତ କୂଅରୁ ହାତୀ ଛୁଆ ଉଦ୍ଧାର



**ରାଇକିଆ,୨୭।୫(ଡି.ଏନ.ଏ):** କନ୍ଧମାଳ ଜିଲା ରାଇକିଆ ବ୍ଲକ ବାରବା ରେଞ୍ଜ ପଳାଶପଲ୍ଲୀ ଗ୍ରାମର ଏକ ପରିତ୍ୟକ୍ତ କୂଅରେ ଗୁରୁବାର ରାତିରେ ଏକ ୪/୫ ବର୍ଷର ହାତୀ ଛୁଆ ଖସି ପଡ଼ିଥିଲା। ବନ ବିଭାଗ ଓ ଗ୍ରାମବାସୀଙ୍କ ଉଦ୍ୟମ ପରେ ଶୁକ୍ରବାର ହାତୀଛୁଆକୁ ଉଦ୍ଧାର କରାଯାଇଛି। ଏହି ଅଞ୍ଚଳରେ ହାତୀପଲଙ୍କ ନିୟମିତ ଚଳପ୍ରଚଳ ରହିଛି। ଗୁରୁବାର ସନ୍ଧ୍ୟାରୁ ହାତୀପଲ ଘୂରି ବୁଲୁଥିଲେ। ରାତିରେ କୌଣସି କାରଣରୁ ହାତୀଛୁଆଟି କୂଅରେ ଖସିପଡ଼ିଥିଲା। ସକାଳୁ ବନ ବିଭାଗ ହାତୀ ଉଦ୍ଧାର ପାଇଁ ସ୍ୱତନ୍ତ୍ର ଅପରେଶନ ଆରମ୍ଭ କରିଥିଲା।

### ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ବିଜୟ, ମୃଣାଳିନୀ

**ପୁରୀ ଅଫିସ, ୨୭।୫:** ଭାଜପା ନେତା ବିଜୟ ମହାପାତ୍ର ଶୁକ୍ରବାର ଶଙ୍କରାଚାର୍ଯ୍ୟଙ୍କୁ ଭେଟି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବେଆଇନ କାର୍ଯ୍ୟ ପାଇଁ ଏଏସ୍ଆଇ ସହ ରାଜ୍ୟ ସରକାର ଦାୟୀ ବୋଲି ସେ କହିଛନ୍ତି। ବିଜୟ ଆହୁରି କହିଛନ୍ତି, ଏଏସ୍ଆଇର ଆଭିମୁଖ୍ୟ ଠିକ ନୁହେଁ। ଆମେ ପ୍ରକଳ୍ପକୁ ବିରୋଧ କରୁନାହୁଁ, କିନ୍ତୁ ଆଇନ ଅନୁଯାୟୀ କାର୍ଯ୍ୟ କରାଯାଉ। ଶଙ୍କରାଚାର୍ଯ୍ୟ ମଧ ଏଭଳି ବେଆଇନ କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ଶଙ୍କରାଚାର୍ଯ୍ୟଙ୍କ ମତକୁ ସେ ବ୍ୟକ୍ତିଗତ ଭାବେ ସମର୍ଥନ କରୁଛନ୍ତି। ସେହିପରି ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ମାମଲା ଦାଏର କରିଥିବା ମୃଣାଳିନୀ ପାଢ଼ୀ ମଧ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଛନ୍ତି। ସୁପ୍ରିମକୋର୍ଟଙ୍କ ଆଦେଶ ମୁତାବକ ଶ୍ରୀମନ୍ଦିରର ବ୍ୟାପକ ସଂସ୍କାର ହୋଇଥିବା ସେ କହିଛନ୍ତି। ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଭକ୍ତଙ୍କ ସର୍ବନିମ୍ନ ମୌଳିକ ସୁବିଧା ପାଇଁ ନିର୍ମାଣ ଉପରେ କଟକଣା ନ ଥିବା ସେ କହିଛନ୍ତି। କୋର୍ଟରେ ମାମଲା ଚାଲିଥିବାରୁ ଘଟଣା ଉପରେ ମନ୍ତବ୍ୟ ଦେବାକୁ ମନା କରିଛନ୍ତି।

# ୮ ବର୍ଷ ହେଲା ପଢ଼ାଉଥିଲେ ନକଲି ଶିକ୍ଷୟିତ୍ରୀ

**ଛାତ୍ରୀଙ୍କୁ ମାଡ଼ ମାରିବା ପରେ ଜଣାପଡ଼ିଲା ସତ**

- ଏନ୍‌ଜିଓ ଦ୍ୱାରା ନିଯୁକ୍ତ ହୋଇଥିଲେ ଦୁଇ ଯୁବତୀ
- ଶିକ୍ଷା ବିଭାଗ ଅଜ୍ଞାତରେ ଚାଲିଥିଲା ପାଠପଢ଼ା

**ବଲାଙ୍ଗୀର ଅଫିସ,୨୭।୫**


ଜଣେ ଛାତ୍ରୀଙ୍କୁ ମାଡ଼ ମାରିବା ପରେ ଜଣାପଡ଼ିଛି ସତ। ୮ ବର୍ଷ ହେଲା ଏକ ସ୍କୁଲରେ ଦୁଇଜଣ ନକଲି ଶିକ୍ଷୟିତ୍ରୀ ପାଠ ପଢ଼ାଉଥିବା ଘଟଣା ନଜରକୁ ଆସିଛି। ଏହି ଶିକ୍ଷୟିତ୍ରୀଦ୍ୱୟ ଏନ୍‌ଜିଓ ଦ୍ୱାରା ନିଯୁକ୍ତ ହୋଇଥିବା ବେଳେ ଶିକ୍ଷା ବିଭାଗ ପାଖରେ ଖବର ନାହିଁ। ବଲାଙ୍ଗୀର ସହର ଇଚ୍ଛାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଥିବା ଜାଣିବାକୁ ମିଳିଛି। ଏହି ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି।

ପ୍ରକାଶ ଯେ, ଚତୁର୍ଥ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ାଉଥିବା ଜଣେ ଶିକ୍ଷୟିତ୍ରୀ ଗତ ସୋମବାର ନିସ୍ଠୁର ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଦଣ୍ଡମୁକ୍ତ ଅଞ୍ଚଳ ଭାବେ ପରିଗଣିତ ସ୍କୁଲରେ ଛାତ୍ରୀଙ୍କୁ ଶିକ୍ଷୟିତ୍ରୀ ଜଣକ ମାଡ଼ ମାରିଥିବା ଜଣାପଡ଼ିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ଶୁକ୍ରବାର ପୂର୍ବାହ୍ନରେ କେତେଜଣ ଅଭିଭାବକ ସ୍କୁଲକୁ ଯାଇ କେଉଁ ଶିକ୍ଷୟିତ୍ରୀ ଛାତ୍ରୀଙ୍କୁ ମାଡ଼ ମାରିଲେ ସେନେଇ ତନାଘନା କରିଥିଲେ। ଏହାକୁ ନେଇ ସେଠାରେ ତର୍କବିତର୍କ ଚାଲିଥିବା ବେଳେ ମାଡ଼ ମାରିଥିବା ଶିକ୍ଷୟିତ୍ରୀଙ୍କ ପରିଚୟ ମିଳିଥିଲା। ତେବେ ସେହି ଶିକ୍ଷୟିତ୍ରୀ ଜଣକ ସରକାରୀ ନିଯୁକ୍ତିପ୍ରାପ୍ତ ନୁହେଁ ବରଂ ଏକ ଏନ୍‌ଜିଓ ଦ୍ୱାରା ନିଯୁକ୍ତ ବୋଲି ଜଣାପଡ଼ିଥିଲା। ଏହାକୁ ନେଇ ସେଠାରେ ଅଭିଭାବକମାନେ ହୋହଲ୍ଲା କରିଥିଲେ। ଖବର ପାଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ) ଅଧିକାରୀ ଏବଂ ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି) ଟିମ୍ ସ୍କୁଲରେ ପହଞ୍ଚି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ।

ଗତ ୨୦୧୪ରେ ପେଲେସ ଲାଇନ୍‌ସ୍ଥିତ ଏକ ଏନ୍‌ଜିଓ ଜନସେବା ସଂସ୍ଥା ସମ୍ପୃକ୍ତ ଦୁଇ ଯୁବତୀଙ୍କୁ ଉକ୍ତ ସ୍କୁଲରେ ନିଯୁକ୍ତି ଦେବାକୁ ତତ୍କାଳୀନ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କୁଆଡ଼େ କହିଥିଲେ। ସେମାନେ ସ୍କୁଲ ପଢ଼ାରେ ପଛେଇ ଯାଉଥିବା ଦୁର୍ବଳ ଛାତ୍ରୀଛାତ୍ରଙ୍କୁ ପଢ଼ାଇବେ ବୋଲି କହିଥିଲେ। ସେହିଦିନଠାରୁ ସେମାନେ ସେ ସ୍କୁଲରେ ପାଠ ପଢ଼ାଇ ଆସୁଥିବା ଜଣାପଡ଼ିଛି। ଏହି ସ୍କୁଲରେ ଏବେ ୭୪ ଛାତ୍ରୀଛାତ୍ର ପଢ଼ୁଛନ୍ତି। ୪ ଜଣ ଶିକ୍ଷୟିତ୍ରୀ ମଧ ରହିଛନ୍ତି। ଏଠାରେ ଛାତ୍ର ଶିକ୍ଷକ ଅନୁପାତରୁ ଅଧିକ ଶିକ୍ଷୟିତ୍ରୀ ଥିବା ସତ୍ତ୍ୱେ ପୁଣି ଦୁଇଜଣ ଏନ୍‌ଜିଓ ପ୍ରକଳ୍ପ ଶିକ୍ଷୟିତ୍ରୀ କାମ କରୁଛନ୍ତି। ଏଠାରେ ସରକାରୀ ଶିକ୍ଷୟିତ୍ରୀମାନେ ନିଜେ ପାଠ ନ ପଢ଼ାଇ ନକଲି ଶିକ୍ଷୟିତ୍ରୀଙ୍କ ଜରିଆରେ ପଢ଼ାଉଥିବା ଆଲୋଚନାର ବିଷୟ ହୋଇଛି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ରାଘବ ପାଣିଗ୍ରାହୀଙ୍କୁ ପଚରାଯିବାରେ ଘଟଣା ସମ୍ପର୍କରେ ତଦନ୍ତ କରାଯିବ ଏବଂ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ପାଇଁ ଡିଇଓଙ୍କୁ ସେ ଲିଖିତ ଜଣାଇବେ ବୋଲି କହିଥିଲେ। ଏହି ଘଟଣାକୁ ନେଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଏତଲା ଦିଆଯିବ ବୋଲି ସିଡବ୍ଲୁସି ପକ୍ଷରୁ କୁହାଯାଇଛି।

## ଗୁରୁ ଘନଶ୍ୟାମ ପଣ୍ଡା ପାଇବେ 'ବାଳକୃଷ୍ଣ ଦାଶ ସମ୍ମାନ'

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**



ଘନଶ୍ୟାମ ପଣ୍ଡା

ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଚଳିତ ବର୍ଷ ଗୁରୁ ଘନଶ୍ୟାମ ପଣ୍ଡାଙ୍କୁ 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ–୨୦୨୨' ମିଳିବ। ଆସନ୍ତା ୩୦ ତାରିଖରେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୩୦ତମ ବାର୍ଷିକୋତ୍ସବ ଓ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ୯୯ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଏହି ପୁରସ୍କାର ଦିଆଯିବ। ସମ୍ମାନ ସ୍ୱରୂପ ତାଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯିବ। ଏଥିସହିତ କଣ୍ଠଶିଳ୍ପୀ ଶାନ୍ତିଲତା ଛୋଟରାୟଙ୍କୁ 'ସଙ୍ଗୀତ ସରସ୍ୱତୀ', ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ 'ବାଦ୍ୟ ସରସ୍ୱତୀ' ଓ ପଣ୍ଡିତ ଆର୍ତ୍ତତ୍ରାଣ ଶତପଥୀଙ୍କୁ 'ଗୀତି ସରସ୍ୱତୀ' ସମ୍ମାନରେ ବିଭୂଷିତ କରାଯିବ। ସେମାନଙ୍କୁ ୧୦ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯିବ। ସେହିଭଳି ଯୁବ ପ୍ରତିଭା ମନୋଜ କୁମାର ମାଝିଙ୍କୁ 'ସଙ୍ଗୀତ ସୁଧାକର ସ୍ମୃତିବୃତ୍ତି' ସହ ୧ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉପଢୌକନ ଦିଆଯିବ। ସଙ୍ଗୀତ ଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ବିଶେଷ ସମ୍ମାନରେ ସମ୍ମାନିତ କରାଯିବ। ଖବରଦାତା କେଶବ ପାଣି ଓ ସୁକେଶ ବେହେରାଙ୍କୁ ମଧ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମରେ ଡ. ସଚ୍ଚିକାନ୍ତ ନାୟକଙ୍କ ପୁସ୍ତକ 'ଛାନ୍ଦ ସମୀକ୍ଷା' ଲୋକାର୍ପିତ ହେବ। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେବେ ବୋଲି ଫାଉଣ୍ଡେଶନର ଆବାହକ ଅରକ୍ଷିତ ଦାଶ ସୂଚନା ଦେଇଛନ୍ତି।

## ପେଡ୍ ପିରିୟଡ ଲିଭ୍ ଦାବି କଲେ ସମ୍ବଲପୁର ଝିଅ

**କେନ୍ଦ୍ର ଶ୍ରମମନ୍ତ୍ରୀଙ୍କୁ ଅନ୍‌ଲାଇନ୍‌ରେ ଅନୁରୋଧ**

**ସମ୍ବଲପୁର,୨୭।୫(ବ୍ୟୁରୋ)**




ରଞ୍ଜିତା ପ୍ରିୟଦର୍ଶିନୀ

ଋତୁସ୍ରାବ ସମୟରେ କର୍ମଜୀବୀ ମହିଳା ଅସ୍ୱସ୍ତି ଅନୁଭବ କରିଥାନ୍ତି। ଏଥିରୁ ଆଶ୍ୱସ୍ତି ପାଇବା ପାଇଁ ସମ୍ବଲପୁର ଏନ୍‌ଗୁହା ଲାଇନର ଝିଅ ରଞ୍ଜିତା ପ୍ରିୟଦର୍ଶିନୀ ଆଗେଇ ଆସିଛନ୍ତି। ସେ ପେଡ୍ ପିରିୟଡ ଲିଭ୍ ପାଇଁ କେନ୍ଦ୍ର ଶ୍ରମମନ୍ତ୍ରୀ ଭୂପେନ୍ଦର ଯାଦବଙ୍କୁ ଅନ୍‌ଲାଇନ୍‌ରେ ଅନୁରୋଧ କରିଛନ୍ତି। ସମସ୍ତ ସରକାରୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟରତ ମହିଳାଙ୍କୁ ଋତୁସ୍ରାବ ସମୟରେ ଛୁଟି ପ୍ରଦାନ କରିବାକୁ ଏଥିରେ ଉଲ୍ଲେଖ କରିଛନ୍ତି। ଏହାସହ ସେ ଏକ ହସ୍ତାକ୍ଷର ଅଭିଯାନ ମଧ ଆରମ୍ଭ କରିଛନ୍ତି।

ପ୍ରିୟଦର୍ଶିନୀଙ୍କ ଦାବି ଅନୁସାରେ ବିଭିନ୍ନ କ୍ଷେତ୍ରରେ ଏବେ ଦେଶରେ ମହିଳାଙ୍କୁ ଅଗ୍ରାଧିକାର ଦିଆଯାଉଛି। ଶିକ୍ଷା, ସ୍ୱାସ୍ଥ୍ୟକୁ ମଧ ଗୁରୁତ୍ୱ ଦିଆଯାଉଛି। ଋତୁସ୍ରାବ ସମୟରେ ମହିଳାମାନେ କିଭଳି ସମୟ କାଟିବେ ସେ ସମ୍ପର୍କରେ ସଚେତନ କରାଯାଉଛି। ଏହା ସତ୍ତ୍ୱେ କର୍ମଜୀବୀ ମହିଳା, ମହିଳା ଶ୍ରମିକ ଏହି ସମୟରେ ହଇରାଣ ହେଉଛନ୍ତି। ସରକାରୀ ହେଉ କି ଘରୋଇ ଅନୁଷ୍ଠାନ, ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନାହିଁ। ମହିଳାଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଆଇନ ରହିଛି। ତେଣୁ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରି ମହିଳାଙ୍କ ସୁବିଧା ଓ ସୁରକ୍ଷା ପାଇଁ ପେଡ୍ ପିରିୟଡ ଲିଭ୍ ଲାଗୁ କରିବା ଆବଶ୍ୟକ। ପ୍ରିୟଦର୍ଶିନୀ କହିଛନ୍ତି, ଅନ୍ୟ କେତେକ ଦେଶର ମହିଳାଙ୍କୁ ଏହି ସମୟରେ ଛୁଟି ଦିଆଯାଇଥାଏ। ତେଣୁ ଆମ ଦେଶରେ ଏହି ସୁବିଧା ଦିଆଯିବା ଆବଶ୍ୟକ ଭାବି ମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ସେ କହିଛନ୍ତି।

## ମାଲକାନଗିରିର ଦିବ୍ୟାଙ୍ଗଙ୍କୁ ମିଳିଲା କୃତ୍ରିମ ଅଙ୍ଗ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶୁକ୍ରବାର ମାଲକାନଗିରି ଜିଲାର ୧୭ ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରିଛନ୍ତି। କ୍ୟାପିଟାଲ ହସ୍ପିଟାଲ ପରିସରସ୍ଥିତ ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ କହିଲେ, ରାଜ୍ୟରେ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ପ୍ରାୟ ୬ ହଜାର ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ରୋବୋଟିକ୍ ଥେରାପି ସହାୟତା କ୍ରମେ ପ୍ରସ୍ତୁତ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିତରଣ କରାଯାଇଛି । ରାଉରକେଲା ଓ ବ୍ରହ୍ମପୁରଠାରେ ମଧ ଆଧୁନିକ ପୁନର୍ବାସ କେନ୍ଦ୍ର ଖୁବ୍‌ଶୀଘ୍ର ପ୍ରତିଷ୍ଠା କରାଯିବ ଏବଂ ଏହି ସୁବିଧା ଉପଲବ୍ଧ ହେବ ବୋଲି ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ହିତାଧିକାରୀଙ୍କ ସହିତ ମନ୍ତ୍ରୀ ମତ ବିନିମୟ କରିଥିଲେ।

## ଚିଲିକା ମଝିରେ ଅଟକିଲା ଡଙ୍ଗା

**କୃଷ୍ଣପ୍ରସାଦ,୨୭।୫(ଡି.ଏନ୍.ଏ.)**



ଚିଲିକା ମଝିରେ ଅଟକି ରହିଥିବା ଡଙ୍ଗା।

ଚିଲିକା ମଝିରେ ଅଟକିଲା ଯାତ୍ରୀବାହୀ ଡଙ୍ଗା। ଶୁକ୍ରବାର ସକାଳେ ଦୁଇଚକିଆ ଯାନ ସହ ୪୦ଜଣ ଯାତ୍ରୀଙ୍କୁ ନେଇ ଏକ ଡଙ୍ଗା ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଜହ୍ନିକୁଦାରୁ ସାତପଡ଼ା ଅଭିମୁଖେ ଯାଉଥିଲା। ପ୍ରାୟ ଦେଢ଼ କିଲୋମିଟର ଯିବା ପରେ ଡଙ୍ଗା ମେଶିନର ଫ୍ୟାନ ରଡ୍ ଭାଙ୍ଗିଯାଇଥିଲା। ଫଳରେ ଚିଲିକା ମଝିରେ ୧ଘଣ୍ଟା ଧରି ଯାତ୍ରୀମାନେ ଫସି ରହିବା ସହ ଭୟଭୀତ ହୋଇପଡ଼ିଥିଲେ। ପରେ ଜହ୍ନିକୁଦା ଘାଟରୁ ଅନ୍ୟ ଏକ ଡଙ୍ଗା ଆସି ସେମାନଙ୍କୁ ଉଦ୍ଧାର କରିଥିଲା। ପରେ ମରାମତି ହୋଇ ଗନ୍ତବ୍ୟସ୍ଥଳକୁ ଫେରିଥିଲା। ସୂଚନାଥାଉ କି, ମେ' ୫ରେ ମା'କାଳିଜାଇ ପୀଠରୁ ଦର୍ଶନ ସାରି ବାଲୁଗାଁ କୂଳକୁ ଫେରୁଥିବା ଏକ ଯାତ୍ରୀବାହୀ ଡଙ୍ଗା କାଳବୈଶାଖୀ ଯୋଗୁ ଚିଲିକାରେ ବୁଡ଼ିଯାଇଥିଲା। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧ଜଣଙ୍କୁ ଉଦ୍ଧାର କରାଯାଇଥିଲା। ପୂର୍ବରୁ ଅଧିକାଂଶ ସମୟରେ ବିଭିନ୍ନ କାରଣ ଯୋଗୁ ଭେସେଲ(ଭସାପୋଲ) ଓ ଡଙ୍ଗା ମଝି ଚିଲିକାରେ ଅଟକି ଯିବାର ମଧ ନଜିର ରହିଛି। ତେଣୁ ଚିଲିକାରେ ସାତପଡ଼ାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଏକ ସ୍ଥାୟୀ ବ୍ରିଜ୍ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।

## ଖେଳ ଖବର

# ଚତୁର୍ଥ ରାଉଣ୍ଡରେ ଗଫ୍, ମେର୍ଟେନ୍ସ

**ପ୍ୟାରିସ, ୨୭।୫**



ରିଟର୍ନ ଶଟ୍ ଖେଳିବା ଅବସରରେ କୋକୋ ଗଫ।

**ଫ୍ରେଞ୍ଚ୍ ଓପନ ଟେନିସ**

ରୋଲାଣ୍ଡ ଗାରୋସର ଲାଲ୍ ମାଟିରେ ଚାଲିଥିବା ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ କୋକୋ ଗଫ ଓ ଇଲିସେ ମେର୍ଟେନ୍ସ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ତୃତୀୟ ରାଉଣ୍ଡ ମ୍ୟାଚରେ ଗଫ୍ ୬–୩, ୬–୪ ସେଟ୍‌ରେ କାଇଆ କାନେପିଙ୍କୁ ହରାଇ ଦେଇଛନ୍ତି। ସେହିପରି ଅନ୍ୟଏକ ମ୍ୟାଚରେ ଇଲିସେ ମେର୍ଟେନ୍ସ ୬–୨, ୬–୩ ସେଟ୍‌ରେ ବାର୍ବରା ଗ୍ରଚେଭାଙ୍କୁ ହରାଇ ଦେଇଛନ୍ତି। ଆଲେକଜାଣ୍ଡ୍ରା ସାସ୍‌ନୋଭିଚ୍ ୬–୪, ୭–୬ (୭/୫) ସେଟ୍‌ରେ ଆଞ୍ଜେଲିକ୍ କର୍ବରଙ୍କୁ ହରାଇ ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ମାର୍ଟିନା ଟ୍ରେଭିସାନ ୬–୩, ୬–୪ରେ ଡାରିଆ ସାଭିଲେଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ମ୍ୟାଚରେ ଲୈଲା ଆନି ଫର୍ନାଣ୍ଡେଜ ୭–୫, ୩–୬, ୭–୫ ସେଟ୍‌ରେ ବେଲିଣ୍ଡା ବେଙ୍କିକ୍‌ଙ୍କୁ ଏବଂ ମାର୍ଟିନା ଟ୍ରେଭିସାନ ଡାରିଆ ସାଭିଲେଙ୍କୁ ୬–୩, ୬–୪ ସେଟ୍‌ରେ ହରାଇଛନ୍ତି।

**ଜୋକୋଭିଚ, ନାଡାଲ ବିଜୟୀ**

ପୁରୁଷ ବିଭାଗ ତୃତୀୟ ରାଉଣ୍ଡ ମ୍ୟାଚରେ ଡିଏଗୋ ସ୍ୱାର୍ଜମ୍ୟାନ ୬–୩, ୬–୧, ୬–୨ ସେଟ୍‌ରେ ଗ୍ରିଗୋର ଡ୍ରିମିଟୋଭଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ନୋଭାକ ଜୋକୋଭିଚ୍ ୬–୩, ୬–୩, ୬–୨ ସେଟ୍‌ରେ ଅଲଜାଜ ବେଡେନେଙ୍କୁ ହରାଇ ଆଗକୁ ବଢ଼ିଛନ୍ତି। ସେହିପରି କ୍ଲେ କୋର୍ଟର ରାଜାଭାବେ ପରିଚିତ ରାଫାଲ ନାଡାଲ ୬–୩, ୬–୨, ୬–୪ ସେଟ୍‌ରେ ବୋଟିକ୍ ଭାନ୍ ଡି ଜାଣ୍ଡସ୍କୁଲ୍ପଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।

## ଫାଇନାଲରେ ହାରିଗଲେ ପ୍ରଜ୍ଞାନନ୍ଦ

**ଚେନ୍ନାଇ, ୨୭।୫ (ପି.ଟି.):** ମେଲ୍ଟୱାଟର ଚାମ୍ପିୟନ୍ସ ଚେସ୍ ଟୁର୍ ଚେସେବଲ ମାଷ୍ଟର୍ସ–୨୦୨୨ ଅନ୍‌ଲାଇନ୍ ଟୁର୍ନାମେଣ୍ଟ ଫାଇନାଲରେ ଯୁବ ଭାରତୀୟ ଗ୍ରାଣ୍ଡ ମାଷ୍ଟର ଆର. ପ୍ରଜ୍ଞାନନ୍ଦ ବିଶ୍ୱର ୨ ନମ୍ବର ଖେଳାଳି ଡିଙ୍ଗ୍ ଲିରେନ୍‌ଙ୍କଠାରୁ ଟାଇବ୍ରେକରରେ ହାରିଯାଇଛନ୍ତି। ଚେନ୍ନାଇର ଏହି ୧୬ ବର୍ଷୀୟ ଖେଳାଳି ଓପନର ହାରିଯିବା ପରେ ଦ୍ୱିତୀୟ ସେଟ୍‌ରେ ଲଢ଼ୁଆ ପ୍ରତ୍ୟାବର୍ତ୍ତନ କରିଥିଲେ। କିନ୍ତୁ ସେ ପରେ ଦୁଇ ଗେମ୍‌ବିଶିଷ୍ଟ ବ୍ଲିଜ୍ ଟାଇବ୍ରେକରରେ ହାରିଯାଇଥିଲେ। ଭାରତୀୟ ଗ୍ରାଣ୍ଡମାଷ୍ଟର ପ୍ରଥମ ସେଟ୍ ୧.୫–୨.୫ରେ ହାରିଯାଇଥିଲେ। ଦ୍ୱିତୀୟ ସେଟ୍ ସେ ୨.୫–୧.୫ରେ ଜିତି ନେଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ନିର୍ଣ୍ଣାୟକ ବ୍ଲିଜ୍ ଟାଇ–ବ୍ରେକ୍ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ, ପ୍ରଜ୍ଞାନନ୍ଦ ସେମିଫାଇନାଲରେ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଆନିଶ ଗିରିଙ୍କୁ ହରାଇ ପ୍ରଥମ ଭାରତୀୟ ଖେଳାଳି ଭାବେ ଏମ୍ ମେଲ୍ଟୱାଟର ଚାମ୍ପିୟନ୍ସ ଚେସ୍ ଟୁର୍ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ।

## ମାରାଡୋନାଙ୍କ ସମ୍ମାନାର୍ଥେ ଉଡ଼ନ୍ତା ସଂଗ୍ରହାଳୟ

**ବୁଏନ୍ସଏୟାସ୍, ୨୭।୫(ଏପି)**



ଫୁଟ୍‌ବଲ ବିଶ୍ୱକପ୍ ପୂର୍ବରୁ ମହାନ୍ ଫୁଟ୍‌ବଲ ଖେଳାଳି ଡିଏଗୋ ମାରାଡୋନାଙ୍କ ଏକ ଉଡ଼ନ୍ତା ସଂଗ୍ରହାଳୟ (ଫ୍ଲାଇଂ ମ୍ୟୁଜିୟମ) ବିମାନରେ ବିଭିନ୍ନ ସ୍ଥାନ ପରିକ୍ରମା କରିବ। ବୁଧବାର ରାତିରୁ 'ଟାଙ୍ଗୋ ଡି୧୦ଏସ୍' ନାମକ ବିମାନଟି ମାରାଡୋନାଙ୍କ ସମର୍ଥକଙ୍କ ଲାଗି ଆର୍ଜେଣ୍ଟିନାର ବିଭିନ୍ନ ସ୍ଥାନ ପରିକ୍ରମା ଆରମ୍ଭ କରିଛି। ବିମାନଟିର ବାହ୍ୟଭାଗ ମାରାଡୋନାଙ୍କ ଚିତ୍ରରେ ସୁସଜ୍ଜିତ ହୋଇଛି। ତନ୍ମଧ୍ୟରେ ଆର୍ଜେଣ୍ଟିନା ଜର୍ସିରେ ସେ ୧୯୮୬ ବିଶ୍ୱକପ୍ ଟ୍ରଫିକୁ ଚୁମ୍ବନ କରୁଥିବା ଦୃଶ୍ୟର ଏକ ଚିତ୍ର ରହିଛି। ୨୦୨୦ରେ ମସ୍ତିଷ୍କରେ ଅସ୍ତ୍ରୋପଚାର ପରେ ଏହି ମହାନ୍ ଫୁଟ୍‌ବଲ ଖେଳାଳିଙ୍କର ହୃଦ୍‌ଘାତରେ ଦେହାନ୍ତ ହୋଇଥିଲା। ବିମାନଟି ବାର୍ସିଲୋନା ଓ ନାପଲ୍ସ ମଧ ପରିକ୍ରମା କରିବ। ମାରାଡୋନାଙ୍କ ନେତୃତ୍ୱରେ ନାପୋଲି ୧୯୮୭ ଓ ୧୯୯୦ରେ ଦୁଇଥର ଇଟାଲିଆନ ଟାଇଟଲ ଜିତିବାରେ ସମର୍ଥ ହୋଇଛି। ଚଳିତବର୍ଷ ପରବର୍ତ୍ତୀ ଭାଗରେ କାତାରରେ ଫିଫା ଫୁଟ୍‌ବଲ ବିଶ୍ୱକପ୍ ହେବ, ଯେଉଁଠାରେ କି ବିମାନଟିର ଶେଷ ରହଣି ହେବ। ଏକ ଫିନ୍‌ଟେକ୍ କମ୍ପାନୀର ମାଲିକାନାରେ ଥିବା ଏହି ବିମାନଟି ବୁଏନ୍ସଏୟାସ୍ ବାହାରେ ଏଲ୍ ପାଲୋମାର ବିମାନବନ୍ଦର ବାହାରେ ପ୍ରଦର୍ଶିତ ହୋଇଥିଲା। ବିମାନ ଭିତରେ ମାରାଡୋନାଙ୍କର କିଛି ସ୍ମରଣୀୟ ଜିନିଷ ରହିଛି। ଏହି ଅବସରରେ ଆୟୋଜିତ ଏକ ଉତ୍ସବରେ ମାରାଡୋନାଙ୍କ ପରିବାର ଏବଂ ଆର୍ଜେଣ୍ଟିନା ଫୁଟ୍‌ବଲ ଟିମ୍‌ର କେତେଜଣ ସଦସ୍ୟ ଉପସ୍ଥିତ ଥିଲେ। ୧୯୮୬ରେ ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ମାରାଡୋନା ୨ଟି ଗୋଲ ସ୍କୋର କରିଥିଲେ। ଏଥିରେ ତାଙ୍କର ବିବାଦୀୟ 'ହ୍ୟାଣ୍ଡ ଅଫ୍ ଗଡ୍' ଗୋଲ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଏହାକୁ ନେଇ ଇଂଲଣ୍ଡ ସମର୍ଥକମାନେ ଖପ୍ପା ହୋଇଥିଲେ।

# ପାରାମାଉଣ୍ଟ– ଗ୍ରୀନ୍ସ ଏକାଡେମୀ ଫାଇନାଲ

**ଭୁବନେଶ୍ୱର, ୨୭।୫**
**(କ୍ରୀଡ଼ା ପ୍ରତିନିଧି)**

**ପ୍ରଶାନ୍ତ ମେମୋରିଆଲ ଆନ୍ତଃ କ୍ଲବ୍ ଜୁନିୟର କ୍ରିକେଟ**




ଆୟୁଷ ଚାନ୍ଦ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ପ୍ରଶାନ୍ତ ମହାପାତ୍ର ମେମୋରିଆଲ (୧୬ ବର୍ଷରୁ କମ୍) ଆନ୍ତଃ କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ପାରାମାଉଣ୍ଟ ସ୍ପୋର୍ଟିଂ ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ମଧ୍ୟରେ ଆସନ୍ତା ରବିବାର ଅନୁଷ୍ଠିତ ହେବ। ପୂର୍ବରୁ ପାରାମାଉଣ୍ଟ ଫାଇନାଲରେ ପ୍ରବେଶ କରିସାରିଥିବାବେଳେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଚମତ୍କାର ବୋଲିଂକୁ ଆଧାର କରି ପ୍ରଗତି ସ୍ପୋର୍ଟିଂ ବିପକ୍ଷରେ ବିଜୟ ହାସଲ କରିଛି ଗ୍ରୀନ୍ସ। ଟସ୍ ଜିତି ବ୍ୟାଟିଂ କରିଥିବା ଗ୍ରୀନ୍ସ ଦଳ ନିର୍ଦ୍ଧାରିତ ୩୫ ଓଭରରେ ୯ ଉଇକେଟ ହରାଇ ୧୩୪ ରନ୍ କରିଥିଲା। ଦଳ ପକ୍ଷରୁ ଆୟୁଷ ମହାନ୍ତି ସର୍ବାଧିକ ୩୪ ରନ୍ କରିଥିଲେ। ପ୍ରଗତି ପକ୍ଷରୁ ଅସୀମ ବରାଦ, ନିଖିଲ ମହାନ୍ତି, ଇଶାନ ପାତ୍ର ଏବଂ ଆଦିତ୍ୟ ଷଡ଼ଙ୍ଗୀ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୩୫ ରନ୍‌ର ବିଜୟ ଲକ୍ଷରେ ପ୍ରଗତି ନିୟମିତ ବ୍ୟବଧାନରେ ଉଇକେଟ ହରାଇ ମାତ୍ର ୭୬ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଫଳରେ ଗ୍ରୀନ୍ସ ଏକାଡେମୀ ୫୯ ରନ୍‌ରେ ସହଜ ବିଜୟ ହାସଲ କରିଥିଲା। ଆୟୁଷ ଚାନ୍ଦ ଏବଂ ସୁମିତ ମିଶ୍ର ଘାତକ ବୋଲିଂ ପ୍ରଦର୍ଶନ କରି ଯଥାକ୍ରମେ ୩ଟି ଏବଂ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଓଡ଼ିଶା ରଣଜୀ ଦଳର ପ୍ରମୁଖ ବ୍ୟାଟର ଦେବାଶିଷ ସାମନ୍ତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆୟୁଷ ଚାନ୍ଦଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।


## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱ.ପ୍ରଶାନ୍ତ କୁମାର ମଲିଆ (ପପୁ)
କପିଳେଶ୍ୱର ଦାଣ୍ଡସାହି, ଲିଙ୍ଗରାଜ, ଭୁବନେଶ୍ୱର–୦୨
ଆବିର୍ଭାବ: ୧୯।୦୪।୧୯୬୫
ତିରୋଧାନ: ୧୯।୦୫।୨୦୨୦
ଦେଖୁ ଦେଖୁ ଦୁଇବର୍ଷ ବିତିଗଲା, ଏବେବି ବିଶ୍ୱାସ ହେଉନାହିଁ ତୁମେ ଆମମାନଙ୍କ ଭିତରେ ନାହଁ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଲିଙ୍ଗରାଜଙ୍କ ପାଖରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ: ସ୍ତ୍ରୀ, ଝିଅ, ପୁଅ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ–୫୭୯

ବାପା ଗୋଟିଏ ବର୍ଷ ବିତିଗଲା
ବିଗତ ଦିନ ଭଳି ଏ ଦିନ ଭଳି ଏ ଦିନ ମଧ ବିତିଯିବ,
ହେଲେ ଆପଣଙ୍କ ବିୟୋଗ ଆମ ପରିବାର ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିଯିବ...



ସ୍ୱ. ପ୍ରଦିପ୍ତ କିଶୋର ମହାନ୍ତିଙ୍କ
ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ଆର୍ବିଭାବ : ୦୧.୦୮.୧୯୫୮, ତିରୋଧାନ : ୦୭.୦୬.୨୦୨୧
ତା.୨୮.୦୫.୨୦୨୨ରିଖ ଶନିବାର,
ସ୍ଥାନ : ବାଲିସାହି ହନୁମାନ ମନ୍ଦିର, ସାଲେପୁର, କଟକ
ଧ–୫୮୦

**ଏକାଦଶାହ ଉପଲକ୍ଷେ**



ସ୍ୱଇଂ ରବିନାରାୟଣ ପ୍ରଧାନ
ଗ୍ରାମ: ବାଲୁଙ୍ଗା, ତାଳଚେର
ଆବିର୍ଭାବ: ୧୮।୧୨।୧୯୩୯
ତିରୋଧାନ: ୧୮।୦୫।୨୦୨୨
ଆପଣଙ୍କ ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ନମ୍ରତା, ବିଚାରର ବଳିଦାନ ଆମମାନଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ: ପ୍ରଧାନ ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ–୫୭୪

**Obituary and Condolence Message**



In homage to our late Father Promothanath Ghosh on his departure to heaven on 28th May 2004, i.e. Eighteenth Death Anniversary, we pray that your soul have found ever lasting peace in the realm where no mortal being can go and we pray that you bless us from your heavenly abode and yourself be in a tranquil and peaceful state. Praying for your soul, we are the Wife and Son and Daughter and 4Grand Sons and One Grand Daughter and the staff of Seaview Hotel at Marine Parade Road, Puri Odisha, Pin- 752001.
D-69065

# ରାଜସ୍ଥାନ-ଗୁଜରାଟ ଫାଇନାଲ

**ଇଣ୍ଡିଆନ ପ୍ରିମିୟର ଲିଗ୍**

- ଶତକ ହାସଲକାରୀ ଜୋସ୍ ବଟଲର ମ୍ୟାନ୍ ଅଫ୍ ଦି ମ୍ୟାଚ୍
- ଆରସିବି ଅଭିଯାନ ଶେଷ

**ଅହମଦାବାଦ, ୨୭।୫**

ସିନିୟର ଖେଳାଳିଙ୍କ ଦାୟିତ୍ୱହୀନ ପ୍ରଦର୍ଶନ ଯୋଗୁ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଅଭିଯାନ କ୍ୱାଲିଫାୟର-୨ରୁ ଶେଷ ହୋଇଛି। ଅନ୍ୟପକ୍ଷରେ ଶୁକ୍ରବାର ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଜୋସ ବଟଲରଙ୍କ ଅପରାଜିତ ଶତକ ସହାୟତାରେ ରାଜସ୍ଥାନ ୭ ଉଇକେଟରେ ଆର୍‌ସିବିକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ରାଜସ୍ଥାନ ଓ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଏଲିମିନେଟର ମ୍ୟାଚରେ ଆକର୍ଷଣୀୟ ବ୍ୟାଟିଂ କରିଥିବା ଆର୍‌ସିବି ଏଠାରେ ଶେଷ ୫ ଓଭରରେ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ୨୦ ଓଭରରେ ୮ ଉଇକେଟ ହରାଇ ୧୫୭ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ରାଜସ୍ଥାନ ୧୮.୧ ଓଭରରେ ୩ ଉଇକେଟ ହରାଇ ୧୬୧ ରନ ସଂଗ୍ରହ କରି ନେଇଥିଲା। କ୍ୱାଲିଫାୟର-୧ରେ ରାଜସ୍ଥାନକୁ ହରାଇ ଗୁଜରାଟ ଫାଇନାଲରେ ପ୍ରବେଶ କରିଥିଲା। ତେଣୁ ମେଗା ଫାଇନାଲ ଏହାର ରିମ୍ୟାଚ ସଦୃଶ ହେବ। ଆଇପିଏଲ୍‌ରେ ଗୁଜରାଟ ନୂଆ ଦଳ ହୋଇଥିବାବେଳେ ରାଜସ୍ଥାନ ପୂର୍ବରୁ ପ୍ରଥମ ସଂସ୍କରଣ ୨୦୦୮ରେ ଚାମ୍ପିୟନ ହୋଇଥିଲା। ତେଣୁ ଲିଗ୍ ଇତିହାସରେ ରାଜସ୍ଥାନ ଦ୍ୱିତୀୟ ଥରପାଇଁ ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ୨୦୧୦ ଓ ୨୦୧୫ ପରି ଏଥର ମଧ୍ୟ ଆରସିବି ତୃତୀୟ ଥରପାଇଁ ତୃତୀୟସ୍ଥାନରେ ସନ୍ତୁଷ୍ଟ ରହିଛି। ୨୦୦୯, ୨୦୧୧ ଓ ୨୦୧୬ରେ ଦଳ ଫାଇନାଲରେ ପ୍ରବେଶ କରିଥିଲେ ହେଁ ଏଥର ନେତୃତ୍ୱରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ସେହି ପ୍ରଦର୍ଶନକୁ ଦୋହରାଇ ପାରିନାହିଁ।



ଶତକୀୟଣ ଇନିଂସ୍ ଅବସରରେ ଜୋସ୍ ବଟଲର।

କ୍ୱାଲିଫାୟର-୨ ପରି ବଡ଼ ମ୍ୟାଚରେ ଶତକ ହାସଲ କରି ଦକ୍ଷତା ଦେଖାଇଥିଲେ ରାଜସ୍ଥାନର ତାରକା ବ୍ୟାଟର ଜୋସ ବଟଲର। ସେ ୬୦ ବଲ୍‌ରୁ ୧୦ ଚୌକା ଓ ୬ ଛକା ସହାୟତାରେ ୧୦୬ ରନକରି ଅପରାଜିତ ରହିଥିଲେ। ଯୁବ ଓପନର ଯଶସ୍ୱି ଜୟସ୍ୱାଲ ୧୩ ବଲ୍‌ରୁ ୨୧ (୧ ଚୌକା, ୨ ଛକା) ଏବଂ ଅଧିନାୟକ ସଞ୍ଜୁ ସାମସନ ୨୧ ବଲ୍‌ରୁ ୨୩ (୧ ଚୌକା, ୨ ଛକା) ରନ କରିଥିଲେ। ଆରସିବି ପକ୍ଷରୁ ଜୋଶ୍ ହାଜେଲଉଡ୍ ୨ଟି ଓ ୱାନିନ୍ଦୁ ହସରଙ୍ଗା ଗୋଟିଏ ଉଇକେଟ ନେଇଥିଲେ। ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଆର୍‌ସିବିର ବ୍ୟାଟିଂ କିମ୍ବା ବୋଲିଂ କିଛି ବି କାମ ଦେଇ ନ ଥିଲା। ଏଲିମିନେଟର ମ୍ୟାଚ୍‌ରେ ଶତକ ହାସଲ କରିଥିବା କେବଳ ରଜତ ପଟିଦାରଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଖେଳାଳି ରାଜସ୍ଥାନ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ଟସ୍ ହାରି ଦଳ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବାବେଳେ ବଡ଼ ମ୍ୟାଚ୍‌ରେ ନିରାଶ କରିଥିଲେ ବିରାଟ କୋହଲି। ସେ ମାତ୍ର ୭ ରନ୍ କରି ଦଳର ପରାଜୟ ପର୍ବ ଆରମ୍ଭ କରିଥିଲେ। ଅଧିନାୟକ ଫାଫ୍ ଡୁ'ପ୍ଲେସି ୨୭ ବଲ୍‌ରୁ ୨୫ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ରଜତ ଓ ଗ୍ଲେନ୍ ମ୍ୟାକ୍ସୱେଲ କ୍ରିଜ୍‌ରେ ଥିବା ସମୟରେ ଆର୍‌ସିବି ବଡ଼ ସ୍କୋର କରିବା ସମ୍ଭାବନା ସୃଷ୍ଟି ହୋଇଥିଲା। ମାତ୍ର ସଞ୍ଜୁ ସାମ୍‌ସନଙ୍କ ଚତୁର ଅଧିନାୟକତ୍ୱ ଆଗରେ ଆର୍‌ସିବି ହାର ମାନିଥିଲା। ବିପଜ୍ଜନକ ମ୍ୟାକ୍ସୱେଲ କ୍ରିଜ୍‌ରେ ସେଟ୍ ହୋଇ ଆସୁଥିବା ଦେଖି ସେ ୧୪ତମ ଓଭରରେ ଟ୍ରେଣ୍ଟ ବୋଲ୍ଟଙ୍କୁ ବୋଲିଂ ଭାର ଦେଇ ସଫଳ ହୋଇଥିଲେ। ମ୍ୟାକ୍ସୱେଲ ୧୩ ବଲ୍‌ରୁ ୧ ଚୌକା ଓ ୨ ଛକା ସହାୟତାରେ ୨୪ ରନ୍ କରି ଆଉଟ ହେବା ଇନିଂସ୍‌ର ଟର୍ନିଂ ପଏଣ୍ଟ ଥିଲା। ପଟିଦାର ୪୨ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୮ ରନ୍ କରିଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌ରେ ଆଉଟ ହୋଇଯାଇଥିଲେ। ଦୀନେଶ କାର୍ତ୍ତିକଙ୍କ ସମେତ ଟେଲ୍ ଏଣ୍ଡରଙ୍କ ବିପର୍ଯ୍ୟୟ ଆର୍‌ସିବିକୁ ବହୁତ କ୍ଷତି ପହଞ୍ଚାଇଥିଲା। ଶେଷ ୫ ଓଭରରେ ଏହି ଦଳ ମାତ୍ର ୩୪ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ଏବଂ ୫ ଉଇକେଟ ହରାଇଥିଲା। ମହୀପାଲ ଲୋମରୋର ୮, କାର୍ତ୍ତିକ ୬ ଓ ହର୍ଷଲ ପଟେଲ ୧ ରନ୍ କରିପାରିଥିବାବେଳେ ୱାନିନ୍ଦୁ ହସରଙ୍ଗା ଖାତା ଖୋଲିପାରି ନ ଥିଲେ। ରାଜସ୍ଥାନ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଓ ଓବେଡ ମ୍ୟାକକୟ ୩ଟି ଲେଖାଏ ଏବଂ ଟ୍ରେଣ୍ଟ ବୋଲ୍ଟ ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୫୭/୮ (ରଜତ ପଟିଦାର-୫୮, ଫାଫ୍ ଡୁ'ପ୍ଲେସି-୨୫, ଗ୍ଲେନ ମ୍ୟାକ୍ସୱେଲ-୨୪, ପ୍ରସିଦ୍ଧ କ୍ରିଷ୍ଣା-୩.୨୨, ଓବେଡ ମ୍ୟାକ୍‌କୟ-୩/୨୩, ଟ୍ରେଣ୍ଟ ବୋଲ୍ଟ-୧/୨୮, ରବିଚନ୍ଦ୍ରନ ଅଶ୍ୱିନ-୧/୩୧)। ରାଜସ୍ଥାନ ରୟାଲ୍ସ ୧୮.୧ ଓଭରରେ ୧୬୧/୩ (ଜୋସ ବଟଲର-୧୦୬*, ସଞ୍ଜୁ ସାମସନ-୨୩, ଯଶସ୍ୱି ଜୟସ୍ୱାଲ-୨୧, ଜୋଶ୍ ହାଜେଲଉଡ୍-୨/୨୩, ୱାନିନ୍ଦୁ ହସରଙ୍ଗା-୧/୨୬)।

**ଦ୍ୱିତୀୟ ଟେଷ୍ଟ**

## ଶ୍ରୀଲଙ୍କା ୧୦ ଉଇକେଟରେ ବିଜୟୀ

**ଢାକା, ୨୭।୫(ଏପି)**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଶ୍ରୀଲଙ୍କା ୧୦ ଉଇକେଟରେ ବିଜୟ ହାସଲ କରିଛି। ଏଥିସହିତ ଦଳ ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୧-୦ରେ ଜିତିନେଇଛି। ବାଂଲାଦେଶ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୫୬/୫ରୁ ଖେଳ ଆରମ୍ଭ କରି ୧୬୭ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଶୁକ୍ରବାର ମ୍ୟାଚ୍‌ର ୫ମ ତଥା ଅନ୍ତିମ ଦିବସରେ ଶ୍ରୀଲଙ୍କା ଏହାର ଦ୍ୱିତୀୟ ଇନିଂସରେ ୩ ଓଭରରେ ବିନା କୌଣସି ଉଇକେଟରେ ୨୯ ରନ କରି ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଓଶାଡା ଫର୍ନାଣ୍ଡୋ ୯ଟି ବଲ୍‌ରେ ୨୧ ରନ୍ କରିଥିଲେ। ଅଧିନାୟକ ଦିମୁଥ କରୁଣାରତ୍ନେ ୭ରନ୍ କରି ଅପରାଜିତ ଥିଲେ। ଶ୍ରୀଲଙ୍କା ତରଫରୁ ବାଂଲାଦେଶର ସବୁଠାରୁ ବେଶି କ୍ଷତି ଘଟାଇଥିବା ଖେଳାଳି ଜଣକ ହେଲେ ଫାଷ୍ଟ ବୋଲର ଆସିଥା ଫର୍ନାଣ୍ଡୋ। ସେ ମ୍ୟାଚ୍‌ରେ ତାଙ୍କ ପ୍ରଥମ ୧୦ ଉଇକେଟ ସଫଳତା ହାସଲ କରିଥିଲେ। ପ୍ରଥମ ଇନିଂସରେ ସେ ୯୩ ରନ ଦେଇ ୪ ଉଇକେଟ ଏବଂ ଦ୍ୱିତୀୟ ଇନିଂସରେ ୫୧ ରନ୍ ବିନିମୟରେ ୬ ଉଇକେଟ ହାସଲ କରିଥିଲେ। ଆସିଥା ଫର୍ନାଣ୍ଡୋ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଆଞ୍ଜେଲୋ ମାଥ୍ୟୁସ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୩୬୫, ଶ୍ରୀଲଙ୍କା ପ୍ରଥମ ଇନିଂସ: ୫୦୬, ବାଂଲାଦେଶ ଦ୍ୱିତୀୟ ଇନିଂସ: ୧୬୯ (ଶକିବ ଅଲ୍ ହସନ-୫୮, ଲିଟନ ଦାସ-୫୨; ଆସିଥା ଫର୍ନାଣ୍ଡୋ-୬/୫୧, କାସୁନ ରଜିଥା-୨/୪୦)। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୨୯/୦ (ଓଶାଡ଼ା ଫର୍ନାଣ୍ଡୋ-୨୧*, ଦିମୁଥ କରୁଣାରତ୍ନେ-୭*)।



ପ୍ରସ୍ତୁତି ପଥେ କଳିଙ୍ଗ ଷ୍ଟାଡିୟମର ଆକ୍ୱାଟିକ୍ ସେଣ୍ଟର। ୧୦୦୦ ସିଟ୍‌ବିଶିଷ୍ଟ ଆକ୍ୱାଟିକ୍ କମ୍ପ୍ଲେକ୍ସରେ ୫୦ ମିଟର ଅଲିମ୍ପିକ୍ ସାଇଜ୍‌ର ପୁଲ୍ ଏବଂ ୨୫ ମିଟର ପ୍ରାକ୍ଟିସ ସୁଇମିଂ ପୁଲ୍ ରହିଛି।

# ଆଜିଠାରୁ ରାଜ୍ୟ ଜୁନିୟର ସନ୍ତରଣ

**ଭୁବନେଶ୍ୱର, ୨୭।୫ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ୬୨ତମ ଅଲ୍ ଓଡ଼ିଶା ରାଜ୍ୟ ଜୁନିୟର ସନ୍ତରଣ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହେବ। ଜୁନିୟର ଓ ସବ୍‌ଜୁନିୟର ଉଭୟ ବାଳିକା ଓ ବାଳକ ବର୍ଗରେ ଏହି ପ୍ରତିଯୋଗିତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ଅନୁମୋଦନକ୍ରମେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ୩ ଦିନିଆ ଜୁନିୟର ଓ ସବ୍‌ଜୁନିୟର ସୁଇମିଂ ଚାମ୍ପିୟନଶିପ୍‌ରେ ରାଜ୍ୟର ୨୦ ଜିଲ୍ଲାରୁ ମୋଟ ୨୫୮ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୭୧ ବାଳିକା ଓ ୧୮୧ ବାଳକ ପ୍ରତିଯୋଗୀ ସାମିଲ। ପାଖାପାଖି ୫୦ ଟେକ୍ନିକାଲ ଅଫିସିଆଲ ପ୍ରତିଯୋଗିତା ପରିଚାଳନା ଦାୟିତ୍ୱରେ ରହିବେ। ଇଲେକ୍ଟ୍ରୋନିକ୍ ଟଚ୍‌ପ୍ୟାଡ୍ ସହିତ ପ୍ରତିଯୋଗିତାର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଡିଜିଟାଲାଇଜ୍ କରାଯାଇଛି। ଫଳରେ ପ୍ରତିଯୋଗୀ ଫିନିଶିଂ ଲାଇନ୍ ଟଚ୍ କରିବା ମାତ୍ରେ ଫର୍‌ଫର୍ମାନ୍ସ ଟାଇମିଂ ଓ ଫଳାଫଳ ଆପେ ଆପେ ପ୍ରତିଫଳିତ ହେବ। ବାହାର ଜିଲ୍ଲାର ପିଲାଙ୍କ ପାଇଁ ମାଗଣାରେ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଛି। ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ପ୍ରତି କାଟେଗୋରିରେ ପ୍ରଦର୍ଶନ ଭିତ୍ତିରେ ଶ୍ରେଷ୍ଠ ସୁଇମର ଚୟନ ହେବେ। ସେମାନେ ଆସନ୍ତା ଜୁନ୍‌ରେ ରାଜକୋଟରେ ହେବାକୁଥିବା ସବ୍‌ଜୁନିୟର ଏବଂ ଜୁଲାଇ ୧୬ରୁ ୨୦ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁଥିବା ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଭାଗନେବାକୁ ଯୋଗ୍ୟ ବିବେଚିତ ହେବେ।




କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍ କମ୍ପ୍ଲେକ୍ସ।

# ଦୃଷ୍ଟିହୀନ ମହିଳା କ୍ରିକେଟ୍ ପ୍ରଶିକ୍ଷଣ ଶିବିର ଶେଷ

**ଭୁବନେଶ୍ୱର, ୨୭।୫ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ (କାଭି ଓଡ଼ିଶା) ପକ୍ଷରୁ ଆମ୍ବପୁଆସ୍ଥିତ ରେଡ୍‌କ୍ରସ ଦୃଷ୍ଟିହୀନ ବିଦ୍ୟାଳୟରେ ୬ ଦିନ ଧରି ଦୃଷ୍ଟିହୀନ ମହିଳା କ୍ରିକେଟ୍ ପ୍ରଶିକ୍ଷଣ ଓ ଆତ୍ମରକ୍ଷା ଶିବିର ଶେଷ ହୋଇଛି। ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସି ୩୦ ଜଣ ଦୃଷ୍ଟିବାଧିତ ଛାତ୍ରୀ କ୍ରିକେଟ୍ ଖେଳ ସହିତ ଆତ୍ମରକ୍ଷାର ପ୍ରଶିକ୍ଷଣ ନେଇଥିଲେ। କାଭି ଓଡ଼ିଶାର କ୍ରିକେଟ୍ ପ୍ରଶିକ୍ଷକ ତଥା ଅନ୍ତର୍ଜାତୀୟ କ୍ରିକେଟର୍ ସୁଖରାମ୍ ମାଝୀ ଦୃଷ୍ଟିବାଧିତ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟରେ ଲିଙ୍ଗରାଜ ରାଉତରା ଓ ଚିନ୍ମୟ ସାହୁ ସହଯୋଗ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ ପକ୍ଷରୁ ମହିଳା ଦୃଷ୍ଟିହୀନ କ୍ରିକେଟର୍‌ମାନଙ୍କୁ ଖେଳ ଜର୍ସି, ଜୋତା ଏବଂ ଟୋପି ପ୍ରଦାନ କରାଯାଇଥିଲା। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ ପକ୍ଷରୁ ବିଦ୍ୟାଳୟକୁ ଏକ ସମ୍ପୂର୍ଣ୍ଣ କ୍ରିକେଟ୍ କିଟ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ କାଭି ଓଡ଼ିଶାର ସଭାପତି ତଥା ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟର୍ ମହମ୍ମଦ ଜାଫର ଇକାଲ୍ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ବିଦ୍ୟାଳୟରେ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ଖେଳିବା ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରାଇବା ପାଇଁ ସଭାରେ ଉପସ୍ଥିତ ଅତିଥିମାନଙ୍କୁ ଅନୁରୋଧ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ ଯୁଗ୍ମ ସଂପାଦକ ବିରଞ୍ଚି ନାରାୟଣ ସାହୁ ପରିଚାଳନା କରିଥଲେ। ଗଞ୍ଜାମ ଜିଲ୍ଲା ଯୋଗାଣ ଅଧିକାରୀ ସନ୍ଦୀପ କୁମାର ଦାସ ମୁଖ୍ୟ ଅତିଥି ଏବଂ ହର୍ଷ ପ୍ରସାଦ ଦାସ, ସନ୍ତୋଷ କୁମାର ବେହେରା, ସୁମନ୍ତ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆତ୍ମରକ୍ଷା କୌଶଳ ପ୍ରଶିକ୍ଷକ ତଥା ଜିଲ୍ଲା କରାଟେ ସଂଘ ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାନ୍ତି, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦୁବାଇ ପାରା ବ୍ୟାଡ୍‌ମିଣ୍ଟନ: ପଦକ ନିଶ୍ଚିତ କଲେ ପ୍ରମୋଦ

**ଭୁବନେଶ୍ୱର, ୨୭।୫ (କ୍ରୀଡ଼ା ପ୍ରତିନିଧି)**

ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରି ସିଙ୍ଗଲ୍ସରୁ ପଦକ ନିଶ୍ଚିତ କରିଛନ୍ତି ପାରାଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଓଡ଼ିଶାର ପ୍ରମୋଦ ଭଗତ। ତେବେ ମିକ୍ସଡ ଡବଲ୍ସର କ୍ୱାର୍ଟର ଫାଇନାଲରୁ ସେ ହାରିଯାଇଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ଦୀପ୍ ରଞ୍ଜନ ବିଷୋୟୀ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ହାରିଯାଇଛନ୍ତି। ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରମୋଦ ନିଜ ଦେଶର ନେହାଲ ଗୁପ୍ତାଙ୍କୁ ୧୮-୨୧, ୨୧-୧୫, ୨୧-୧୧ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ହାରିଯାଇଥିଲେ ହେଁ ପ୍ରମୋଦ ପରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ସେମିଫାଇନାଲରେ ଜାପାନର ଦାଇସୁକେ ଫିଜିହାରାଙ୍କୁ ଭେଟିବେ। ମିକ୍ସଡ ଡବଲ୍ସ କ୍ୱାର୍ଟରରେ ପ୍ରମୋଦ ଓ ମନୀଷା ରାମଦାସଙ୍କ ଏସ୍ଏଲ୍-୩ ଏସ୍‌ୟୁ-୫ ଯୋଡ଼ି ନିଜ ଦେଶର ମାନସୀ ଗିରିଶ୍‌ଚନ୍ଦ୍ର ଜୋଶୀ ଓ ରୁଥିକ ରଘୁପତି ଯୋଡ଼ିଙ୍କଠାରୁ ୨୧-୧୨, ୧୬-୨୧, ୧୯-୨୧ରେ ହାରିଯାଇଥିଲେ। ଦୀପ୍ ରଞ୍ଜନ ଇଣ୍ଡୋନେସିଆର ହିକମତ ରାମଦାନିଙ୍କଠାରୁ ୮-୨୧, ୧୨-୨୧ରେ ପରାସ୍ତ ହୋଇ ସିଙ୍ଗଲ୍ସରୁ ବିଦାୟ ନେଇଛନ୍ତି।

# ଜିମ୍ନାଷ୍ଟ ଅରୁଣାଙ୍କ ଅଭିଯୋଗର ତଦନ୍ତ କରିବ ୩ଜଣିଆ କମିଟି

**ନୂଆଦିଲ୍ଲୀ, ୨୭।୫ (ପି.ଟି.):** ଜିମ୍ନାଷ୍ଟ ଅରୁଣା ବୁଡ଼ା ରେଡ୍ଡୀଙ୍କ ଅଭିଯୋଗର ତଦନ୍ତ ପାଇଁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପକ୍ଷରୁ ଶୁକ୍ରବାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଟିମ୍ସ) ରାଧିକା ଶ୍ରୀମାନ୍‌ଙ୍କ ଅଧ୍ୟକ୍ଷତାରେ ଏକ ୩ଜଣିଆ ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯାଇଛି। ମାର୍ଚ୍ଚରେ ଫିଜିକାଲ ଫିଟ୍‌ନେସ୍ ଟେଷ୍ଟ ବେଳେ ବିନା ଅନୁମତିରେ ତାହାର ଭିଡ଼ିଓଗ୍ରାଫ୍ କରାଯାଇଥିଲା ବୋଲି ଅରୁଣା ଅଭିଯୋଗ କରିଛନ୍ତି। ଶ୍ରୀମାନଙ୍କ ବ୍ୟତୀତ କମିଟିରେ ସ୍ଥାନ ପାଇଥିବା ଅନ୍ୟ ଦୁଇ ସଦସ୍ୟ ହେଲେ କମଳେଶ ତିୱାନା ଓ ଡେପୁଟି ଡାଇରେକ୍ଟର (ଅପରେସନ୍ସ) କୈଳାସ ମୀନା। ଅରୁଣା କୋଚ୍ ରୋହିତ ଜୈସ୍ୱାଲଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଜିଏଫ୍ଆଇ) ତାଙ୍କୁ ପୂର୍ବରୁ କ୍ଲିନ୍‌ଚିଟ୍ ଦେଇସାରିଛି। ଏଥିରେ ଭାରତର ଏହି ଅନ୍ତର୍ଜାତୀୟ ଜିମ୍ନାଷ୍ଟ ଖୁବ୍ ଖପ୍ପା ହୋଇଯାଇଥିଲେ। ସେ ଆଇନର ଆଶ୍ରୟ ନେବେ ବୋଲି ଧମକ ଦେଇଥିଲେ।




Dr. Juneja's
ଡା. ଅର୍ଥୋ®
Ayurvedic Oil, Capsules, Spray & Ointment

KNEE CAP
ଆଣ୍ଠୁକୁ ସାହାରା
ଓ ଆରାମ ଯୋଗାଏ




ଆଜିର ସୁସ୍ଥ ଜୀବନଶୈଳୀ ଏବଂ ପରିବର୍ତ୍ତନଶୀଳ ଲାଇଫ୍ ଷ୍ଟାଇଲ୍ ଅଧିକାଂଶ ଜନମାନସଙ୍କ ଗତିଶୀଳତାକୁ ନକାରାତ୍ମକ ଭାବେ ପ୍ରଭାବିତ କରିଛି । ଆଜି ଯୁବବର୍ଗଙ୍କଠାରୁ ଆରମ୍ଭ କରି ବୟସ୍କଙ୍କଠାରେ ଆଣ୍ଠୁ ବ୍ୟଥାର ସମସ୍ୟା ରହିଥାଏ, ଏହି ପରିସ୍ଥିତିରେ Dr. Ortho Pain Relief Knee Capରୁ ଆପଣଙ୍କୁ ଅନେକାଂଶରେ ଉପଶମ ମିଳିଥାଏ । ଏହା ଆପଣଙ୍କ ମାଂସପେଶୀକୁ ଉଷ୍ମତା ପ୍ରଦାନ କରିଥାଏ, ଯାହାଦ୍ୱାରା ଆପଣଙ୍କ ଆଣ୍ଠୁକୁ ପୀଡ଼ାରୁ ଆରାମ ମିଳିଥାଏ । ଏହାକୁ ପିନ୍ଧି ଆପଣଙ୍କୁ ସହଜରେ ଚଳପ୍ରଚଳ ହେବାରେ ଅଧିକ ସହାୟତା ମିଳିଥାଏ ।

Dr. Ortho Knee Cap ଅତ୍ୟନ୍ତ ହାଲୁକା, ଆରାମଦାୟକ ଓ ଉଚ୍ଚ ଗୁଣମାନର ସାମଗ୍ରୀରେ ନିର୍ମିତ ଅଟେ । ଏହାକୁ ଆପଣ ବ୍ୟାୟାମ କରିବା, ଦୌଡ଼ିବା ଓ ଚାଲିବା ସମୟରେ ଦେଖାଦେଉଥିବା ଯନ୍ତ୍ରଣାରୁ ଉପଶମ ପାଇବା ପାଇଁ ବ୍ୟବହାର କରିପାରିବେ । ଏହା ରକ୍ତ ସଞ୍ଚାଳନକୁ ବୃଦ୍ଧି କରି ଯନ୍ତ୍ରଣାରୁ ଉପଶମ ଦେବାରେ ସାହାଯ୍ୟ କରିଥାଏ । ଏହାକୁ ପିନ୍ଧିବା ପରେ କ୍ଲାନ୍ତି ହ୍ରାସ ହୋଇଯାଏ । ଏହାକୁ ଆପଣ ସ୍ପୋର୍ଟସ୍ ଆକ୍ଟିଭିଟିଜ୍ ସମୟରେ ମଧ୍ୟ ବ୍ୟବହାର କରିପାରିବେ । ଯଦି ଆପଣଙ୍କର ଓଜନ ଅଧିକ ହୋଇଥାଏ, ତେବେ Dr. Ortho Knee Cap ବ୍ୟବହାର କଲେ ଆପଣଙ୍କ ଆଣ୍ଠୁ ଉପରେ ଶରୀରର ଭାର ଅପେକ୍ଷାକୃତ କମ୍ ପଡ଼ିଥାଏ ଓ ଆପଣ ସହଜରେ ଚଲାବୁଲା କରିପାରନ୍ତି ।

One Pair
MRP ₹320/-

Wanted Distributors all over India
For more information please mail :
teamsales@divisa.in, M. 8146145555

Orissa S.S. : Orissa Drug Distributor (Cuttack) : 2308926, 2308090, Mahendra Pharma : 06712308204, Angul : 9861121114, 9439138737, Aska : 9437424001, 272476, Balasore : 9040605196, 266871, 9437754792, 9437296785, 260025, 263459, Bamra : 229249, 229266, Barbil : 277283, 9437141103, Bargarh : 9437344300, 9777189794, 233089, Baripada : 9861138256, 9437188717, 9437320602, Begunia (Khurda) : 9437429268, Berhampur : 9437438256, 9438430070, 2250508, 2250732, 2250789, 9437114236, 2250815, 2250741, Bhadrak : 9437215761, Bhawanipatna : 233203, Bhubaneswar : 2530442, 9437353502, 9437359374, 9040057896, 9437307031, 2507586, Bolangir : 9437093264, 235303, Boudh : 9437154867, Cuttack : 9437247237, 6548643, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, Jaraka : 273230, 9437073032, Jatni : 9437162097, Jeypore : 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437250042, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, Khandapada : 7873439046, Khelar : 9437884540, Khurda : 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 9937071720, 225819, Rayagada : 9437643418, 222791, 9937060531, Rourkela : 2522187, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 9937065848, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### କେନ୍ଦୁପତ୍ର ଫଡିରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ଅମରପାଲି,୨୭।୫(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ସୁବଲୟା ଥାନା ଅନ୍ତର୍ଗତ ସଂଗ୍ରାମପୁର ପଞ୍ଚାୟତର ଯୁବରାଜପୁର ଗାଁରେ ଥିବା କେନ୍ଦୁପତ୍ର ଫଡି ଘରେ ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ସୁବଲୟା ଥାନାରେ ବଡକିରାସିରା କେନ୍ଦୁପତ୍ର ରେଞ୍ଜର ରେଞ୍ଜ ଅଧିକାରୀ ସୁମନ୍ତ ମହାକୁର ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ଫଡିରେ ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ର ମହଜୁଦ ଥିବା ବେଳେ ସମସ୍ତ କେନ୍ଦୁପତ୍ର ଜଳି ପୋଡି ନଷ୍ଟ ହୋଇଯାଇଛି । ରେଢାଖୋଲ ଡିଏଫଓ ରୁପଚାନ୍ଦ ସୋରେଙ୍ଗଙ୍କ ସହିତ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳକୁ ଆସି ପତ୍ର ଫଡି ପୋଡି ର ସ୍ଥିତି ପରଖିଛନ୍ତି। ଏନେଇ ସୁବଲୟା ଥାନାରେ ନଂ ୬୬/୨୨ ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏସଆଇ ଦୀପ୍ତିରଞ୍ଜନ ଦିଗାଲ ଏହାର ତଦନ୍ତ କରୁଛନ୍ତି ।

### ବିଦ୍ୟୁତ୍ ପୋଲରୁ ୧୦୦୦ ମିଟରରୁ ଊର୍ଦ୍ଧ୍ୱ ତାର ଚୋରି

**ଅମରପାଲି,୨୭।୫ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ସୁବଲୟା ଥାନା ଅଧୀନ ଦୁରଦୁରା ଜଙ୍ଗଲରେ ଥିବା ବିଭିନ୍ନ ବିଦ୍ୟୁତ୍ ପୋଲରୁ ତାର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଟାଟା ପାୱାର ସହକାରୀ ମ୍ୟାନେଜର ସୁନିଲ କୁମାର ପୁଟେଲ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲରୁ ପ୍ରାୟ ୧୦୮୦ ମିଟର ବିଦ୍ୟୁତ୍ ତାର କାଟି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଅଭିଯୋଗ ଆଧାରରେ ସୁବଲୟା ଥାନାରେ ନଂ ୬୫/୨୨ରେ ଏକ ମାମଲା ରୁଜୁ କରି ଥାନା ଭାରପ୍ରାପ୍ତ ଅଧିକାରିଣୀ ଅନିତା କିଡୋ ଅଧିକ ତଦନ୍ତ କରୁଛନ୍ତି । ବିଦ୍ୟୁତ ତାର ଚୋରି ଫଳରେ ଅଞ୍ଚଳ ଅନ୍ଧାରରେ ଥିବା ଅଭିଯୋଗ ହୋଇଛି । ତାର ଚୋରି କରିଥିବା ଦୁର୍ବୃତ୍ତଙ୍କୁ ଶୀଘ୍ର ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି ।

### ବ୍ରାହ୍ମଣୀ ବନ୍ଧ ପୁନରୁଦ୍ଧାର କାମ ଆରମ୍ଭ

**ପଦ୍ମପୁର,୨୭।୫(ଡି.ଏନ୍.ଏ.):** ବରଗଡ଼ ଜିଲା ପଦ୍ମପୁର ଏନ୍ଏସି ପକ୍ଷରୁ ପୋଖରୀ ପୁନରୁଦ୍ଧାର ଯୋଜନାରେ ଶୁକ୍ରବାର ସହରର ବହୁ ପୁରୁଣା ବ୍ରାହ୍ମଣୀ ବନ୍ଧର ପୁନରୁଦ୍ଧାର କାମ ଆରମ୍ଭ ହୋଇଛି। ଏହି ସମୟରେ ଏନ୍ଏସି ଅଧକ୍ଷା ସାବିତ୍ରୀ ବାଗ, ଉପାଧାକ୍ଷା ଭାରତୀ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ଜୟନ୍ତ ସାହୁ ଉପସ୍ଥିତ ଥିଲେ। ଏହି ବନ୍ଧ ଦୀର୍ଘଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡି ଦଳ କାଦୁଅରେ ଭର୍ତ୍ତି ହୋଇଥିଲା। ଏହାର ପୁନରୁଦ୍ଧାର ପାଇଁ ସହରବାସିନ୍ଦା ଦାବି କରିଆସୁଥିଲେ। ନୂତନ କାଉନସିଲ୍ ଗଠନ ପରେ ଏହାର କାମ ଆରମ୍ଭ ହୋଇଛି ।

### ନାଇଟ୍ କ୍ରିକେଟ: ସିଂହନପୁର ଚାମ୍ପିୟନ

**ପଦ୍ମପୁର,୨୭।୫(ଡି.ଏନ୍.ଏ.):** ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ଆମ୍ବବାହାଲଠାରେ ମାଁ ସମଲେଶ୍ୱରୀ ସ୍ପୋର୍ଟିଂ ପକ୍ଷରୁ ଚାଲିଥିବା ଦ୍ୱିତୀୟ ବଳ ଓ ଚିତ୍ତ ସ୍ମାରକୀ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଯୁବ ନେତା ଭୋଜରାଜ ସିଂ ବରିହା ମୁଖ୍ୟ ଅତିଥି ଓ ନବୁ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ସିଂହନପୁର ଦଳ ସାପଲହର ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ଉଦଯାପନୀ ଉତ୍ସବରେ ଦହିତା ସରପଞ୍ଚ ଦମୟନ୍ତୀ ପାଣ୍ଡେ ମୁଖ୍ୟ ଅତିଥି ଏବଂ ରାଜା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ରାଶି ପୁରସ୍କୃତ କରିଥିଲେ।

### ଉପ କାରାଗାର ପରିଦର୍ଶନ କଲେ ବିଶେଷଜ୍ଞ କମିଟି

**ସୋନପୁର,୨୭।୫(ନି.ପ୍ର.):** ରାଜ୍ୟ ସରକାରଙ୍କ ଗୃହ ବିଭାଗ ଦ୍ୱାରା ମନୋନୀତ ବିଶେଷଜ୍ଞ କମିଟି(ଶିଶୁ ସୁରକ୍ଷା) ଶୁକ୍ରବାର ସୋନପୁର ଉପକାରାଗାର ପରିଦର୍ଶନ କରିଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ସସ୍ମିତା ମିଶ୍ରଙ୍କ ତତ୍ତ୍ୱାବଧାନରେ କମିଟି ସଦସ୍ୟ ନୀଳାମ୍ବର ଶତପଥୀ, ରାଜୀବ ଲୋଚନ ଗୁରୁ, ହେମନ୍ତ କୁମାର ସା ଓ ଜିଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ପରିଦର୍ଶନ କରିଥିଲେ। ବିଶେଷଜ୍ଞ କମିଟି କାରାଗାରର ଅନ୍ତେବାସୀଙ୍କ ସହିତ ବିଭିନ୍ନ ଆଇନଗତ ସମସ୍ୟା ନେଇ ଆଲୋଚନା କରିଥିଲେ। ଉପ କାରାଗାର ଅଧିକ୍ଷକ ଡିଲେଶ୍ୱର ଜେନା କମିଟିକୁ ସହଯୋଗ କରିଥିଲେ।

# ଗିରଫ ପ୍ରତିବାଦରେ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ

**ବୌଦ୍ଧ/ବଘିଆପଡ଼ା, ୨୭।୫ (ସ୍ୱ.ପ୍ର./ଡି.ଏନ.ଏ.)**



ଗିରଫ ପ୍ରତିବାଦରେ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ କରାଯାଇଛି ।

**ହାତୀ ମୃତ୍ୟୁ ଘଟଣା**
- ବନବିଭାଗ ଦ୍ୱାରା ୩ ଗିରଫ
- ଶତାଧିକ ମହିଳା ପୁରୁଷଙ୍କ ରାଜପଥ ଅବରୋଧ

ବୌଦ୍ଧ ବନଖଣ୍ଡ ଅଞ୍ଚଳରେ ହାତୀ ମୃତ୍ୟୁ ଘଟଣାରେ ବନବିଭାଗ ଶୁକ୍ରବାର ୩ ଜଣଙ୍କୁ ଗିରଫ କରିଛି। ଏହାର ପ୍ରତିବାଦରେ ଅପରାହ୍ନରେ ଶହଶହ ମହିଳା, ପୁରୁଷ ବନଖଣ୍ଡ କାର୍ଯ୍ୟାଳୟ ଘେରାଓ କରିବା ସହ ଜାତୀୟରାଜପଥ ଅବରୋଧ କରିଥିଲେ। ବୌଦ୍ଧ ବନଖଣ୍ଡର ବଘିଆପଡ଼ା ସେକ୍ସନ ଭୁର୍କପଡା ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ଏକ ଦନ୍ତା ହାତୀର ମୃତଦେହ ଠାବ ହୋଇଥିଲା। ବୁଧବାର ମଧ୍ୟ ଉକ୍ତ ସେକସନର ବାଙ୍ଗମୁଣ୍ଡି ସଂରକ୍ଷିତ ଜଙ୍ଗଲରେ ଆଉ ଏକ ହାତୀର ମୃତଦେହ ଠାବ କରାଯାଇଥିଲା। ହାତୀ ମୃତ୍ୟୁ ଘଟଣାରେ ବନବିଭାଗ ପକ୍ଷରୁ ଜଣେ ଫରେଷ୍ଟର ଓ ଦୁଇଜଣ ଫରେଷ୍ଟ ଗାର୍ଡଙ୍କୁ ନିଲମ୍ବିତ କରାଯାଇଛି। କିନ୍ତୁ ଏହି ଘଟଣାରେ ବନବିଭାଗର ଉଚ୍ଚ ଅଧିକାରୀମାନେ ଖସି ଯାଇଥିବାବେଳେ ତଳିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ହାତୀ ମୃତ୍ୟୁ ଘଟଣାରେ ବନବିଭାଗ ଚାପରେ ଥିବାବେଳେ ଶୁକ୍ରବାର ୩ ଜଣଙ୍କୁ ଉଠାଇ ଆଣି ଗିରଫ କରିଛି। ୩ ଜଣଙ୍କୁ ବନବିଭାଗ ଉଠାଇ ଆଣିବା ପରେ ଏହାକୁ ନେଇ ଟିକରପଡା ପଞ୍ଚାୟତରେ ଉତ୍ତେଜନା ଦେଖାଦେଇଛି। ଏନେଇ ପଞ୍ଚାୟତର ବିରିଗଡ, ଜାମଖୋଲ ଓ ଭୁର୍କପଡା ଗ୍ରାମର ବାସିନ୍ଦା ବନବିଭାଗ ଆଣିଥିବା ଲୋକମାନେ ନିରୀହ। ବନବିଭାଗ ନିଜ ଦୋଷ ଲୁଚାଇବା ପାଇଁ ନିରୀହ ଲୋକଙ୍କୁ ଗିରଫ କରିଥିବା ଅଭିଯୋଗ କରି ଅପରାହ୍ନରେ ଶହଶହ ମହିଳା ଓ ପୁରୁଷ ବୌଦ୍ଧ ବନଖଣ୍ଡ କାର୍ଯ୍ୟାଳୟ ଘେରାଓ କରିଥିଲେ। ଏହା ସହ ଖୋର୍ଦ୍ଧା–ବଲାଙ୍ଗିର ଜାତୀୟ ରାଜପଥକୁ ବୌଦ୍ଧ ବନଖଣ୍ଡ କାର୍ଯ୍ୟାଳୟ ଆଗରେ ଅବରୋଧ କରିଥିଲେ। ବନବିଭାଗ ପକ୍ଷରୁ ଇନ୍ଦ୍ରଡୁଲି ଗ୍ରାମର କର୍ଣ୍ଣ ପ୍ରଧାନ(୪୮), ଜାମଖୋଲ ଗ୍ରାମର ବିଘ୍ନେ କହଁର (୫୦) ଓ ନିଳାକାର ନାଏକ (୩୨)ଙ୍କୁ ଗିରଫ କରାଯାଇଛି।

ଆନ୍ଦୋଳନ ଖବରପାଇ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ରାସ୍ତାରୋକୋ ସ୍ଥାନରେ ପହଞ୍ଚିବା ସହ ଆନ୍ଦୋଳନକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ମିଶ୍ର ନିରପେକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ କହିବା ପରେ ଆନ୍ଦୋଳନକାରୀ ଗ୍ରାମବାସୀ ରାସ୍ତାରୁ ଓହରିଥିଲେ। ଦୀର୍ଘ ଏକ ଘଣ୍ଟା ଧରି ରାସ୍ତା ଅବରୋଧ ହେବା ଫଳରେ ଜାତୀୟ ରାଜପଥ ପାର୍ଶ୍ୱରେ ଶହଶହ ଗାଡି ଅଟକି ରହିଥିଲା। ଏନେଇ ବୌଦ୍ଧ ରେଞ୍ଜର ପ୍ରଦୀପ ବେହେରାଙ୍କୁ ପଚାରିବାରୁ ହାତୀ ମୃତ୍ୟୁ ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପ୍ରକାଶ କରିଥିଲେ।

### ସୁବର୍ଣ୍ଣପୁରରୁ ଭାଗ ନେବେ ୧୩ ପ୍ରତିଯୋଗୀ

**ଆଜିଠାରୁ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା**

**ସୋନପୁର,୨୭।୫(ନି. ପ୍ର.)**

ଆସନ୍ତାକାଲି ଠାରୁ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଆରମ୍ଭ ହେବ। ଏହି ପ୍ରତିଯୋଗିତାର ଜୁନିୟର ଏବଂ ସବଜୁନିୟର ବର୍ଗରେ ଭାଗ ନେବା ପାଇଁ ସୁବର୍ଣ୍ଣପୁର ଜିଲାରୁ ୧୩ ଜଣ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ସେମାନେ ହେଲେ ସୋମ ନାଗ, ହିମାଂଶୁ ସୁନା, ବାଞ୍ଛାନିଧି ସାଗର, ଜ୍ଞାନ ରଞ୍ଜନ ତରିଆ, ଆଶୁତୋଷ ରଣା, ଦେବାଂଶ ସାହୁ, କାଂଶୀରାମ ସୁନା, ଆଶିଷ ମହଲା, ଆଲୋକ ମହଲା, ଅଭିଷେକ ପାଣ୍ଡେ, ଗଣେଷ ଲୁହା ଓ ପ୍ରୀତିମୟୀ ଭୁକ୍ତା। ପ୍ରତିଯୋଗୀମାନେ କୋଚ ଭିନୀତ ପ୍ରଧାନ ଓ ମ୍ୟାନେଜର ଆକାଶ ସାହୁଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲା ସନ୍ତରଣ ସଂଘର ସଂପାଦକ ଜୟ ନାରାୟଣ ମେଣ୍ଡେଲି ଜଣାଇଛନ୍ତି।

### ବୀରମହାରାଜପୁର ଓକିଲ ସଂଘର ଜରୁରୀ ବୈଠକ

**ଅମରପାଲି,୨୭।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓକିଲ ସଂଘର ଏକ ଜରୁରୀ ବୈଠକ ଶୁକ୍ରବାର ଦିନ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଯତିନ କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଉକ୍ତ ବୈଠକ ହୋଇଥିଲା। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର କର୍ମକର୍ତ୍ତା ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନ କରିବା ନିମନ୍ତେ ଯେଉଁ ଦାବି କରିଛନ୍ତି ତାକୁ ଦୃଢ଼ ଭାବରେ ନିନ୍ଦା କରାଯାଇଛି । ଏହା ସହିତ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ କରିବାକୁ ଦାବି କରାଯାଇଥିଲା। ଓକିଲ ସଂଘର ସମ୍ପାଦକ ସନ୍ତୋଷ କୁମାର ଚାନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଉପ ସଭାପତି ମନୋଜ ମେହେର, ବରିଷ୍ଠ ଆଇନଜୀବୀ ବିଷ୍ଣୁ ଚରଣ ପଣ୍ଡା, ରଞ୍ଜିତ କୁମାର ରଥ, ପ୍ରଦୀପ କୁମାର ମିଶ୍ର, ସବିତା ପଣ୍ଡାଙ୍କ ସମେତ ଆଇନଜୀବୀମାନେ ସାମିଲ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ବିଶ୍ୱସ୍ତରୀୟ ତାଲିମ କେନ୍ଦ୍ର ସ୍ଥାପନ ଦାବି

**ଲାଞ୍ଜିଗଡ,୨୭।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକର କ୍ରିଡ଼ା ପ୍ରତିଭା ଲାଲୁ ପ୍ରସାଦ ଭୋଇ ଲମ୍ଫଡିଆଁରେ ରେକର୍ଡ ସୃଷ୍ଟି କରିବା ସହିତ ଆସନ୍ତା ଅଗଷ୍ଟରେ ଆମେରିକାର କଲମ୍ବିଆଠାରେ ହେବାକୁ ଥିବା ବିଶ୍ୱ ଦୌଡ଼ ପ୍ରତିଯୋଗିତାରେ ସାମିଲ ହେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କଳାହାଣ୍ଡିର ପ୍ରଥମ ୨୦ ବର୍ଷରୁ କମ ବୟସର ଯୁବକ ଭାବେ ସେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସାମିଲ ହେବା ଲାଞ୍ଜିଗଡ଼ ବ୍ଲକ, ଜିଲା ତଥା ସମଗ୍ର ଓ ପାଇଁ ଗର୍ବ ଏବଂ ଗୌରବର ବିଷୟ ଅଟେ। ଏହି ଅବସରରେ ରାଜ୍ୟ ସରକାର କ୍ରିଡ଼ା ପ୍ରାଥମିକତା ଓ ପୃଷ୍ଠପୋଷକତା କରି ଓ ବିଶ୍ୱସ୍ତରୀୟ କ୍ରିଡ଼ା ପରିଣତ କରିବା ଏକ ଉଲ୍ଲେଖନୀୟ ଉପଲବ୍ଧ ଅଟେ। ଏହାକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ ବ୍ଲକରେ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ବିଶ୍ୱସ୍ତରୀୟ ତାଲିମ କେନ୍ଦ୍ର ସ୍ଥାପନ ପାଇଁ ଯୁବ ସାମାଜିକ କର୍ମୀ ସୁଶୀଲ କୁମାର ବାଗ ଦାବି କରିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ କ୍ରିଡା ମନ୍ତ୍ରୀ ତୁଷାରକାନ୍ତି ବେହେରା, ୫–ଟି ସଚିବ ଭି.କେ. ପାଣ୍ଡିଆନ, ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ କ୍ରୀଡା ନିର୍ଦ୍ଦେଶକ ତଥା ବିଭାଗୀୟ ସଚିବ ଆର୍. ଭିନିଲ କ୍ରିଷ୍ଣା, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଲୋକ ସଭା ସଦସ୍ୟ ବସନ୍ତ କୁମାର ପଣ୍ଡା, କଳାହାଣ୍ଡି ଜିଲାପାଳ ଡ. ପରାଗ ଗାଭାଲି ହର୍ଷଦଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି।

## ଯୁବଗୋଷ୍ଠୀଙ୍କ ଭବିଷ୍ୟତ ଉପରେ ଜିଲାସ୍ତରୀୟ କର୍ମଶାଳା




ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

**ଭବାନୀପାଟଣା,୨୭।୫(ସ୍ୱ.ପ୍ର.)**

ଭବାନୀପାଟଣା ପ୍ଲାନିଙ୍ଗ ଅଫିସର ସମ୍ମିଳନୀ କକ୍ଷରେ ନେହେରୁ ଯୁବକେନ୍ଦ୍ର ଓ ୟୁନିସେଫ ପକ୍ଷରୁ ଯୁବଗୋଷ୍ଠୀଙ୍କ ଭବିଷ୍ୟତ ଉପରେ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଯୁବଗୋଷ୍ଠୀଙ୍କ ଭବିଷ୍ୟତ ପାଇଁ ଉପଯୁକ୍ତ ପରାମର୍ଶ ଆବଶ୍ୟକ ରହିଛି। ନିଜର ଭବିଷ୍ୟତ ପାଇଁ କଲେଜ ଛାତ୍ରୀଛାତ୍ରମାନେ ଏବେଠାରୁ ନିଜକୁ ଭଲ ଭାବେ ପ୍ରସ୍ତୁତ କରିବା ଉଚିତ। କେବଳ ସରକାରୀ ଚାକିରୀ ଉପରେ ଭରସା ନ କରି ବିଭିନ୍ନ ସରକାରୀ ଯୋଜନାରେ ଆତ୍ମ ନିର୍ଭର ହେବାକୁ ଅନୁଷ୍ଠିତ ଜିଲାସ୍ତରୀୟ କର୍ମଶାଳାରେ ବକ୍ତାମାନେ ପରାମର୍ଶ ଦେଇଛନ୍ତି। ଅନୁଷ୍ଠିତ କର୍ମଶାଳାରେ ଜିଲା ସଂଯୋଜକ ପ୍ରସନ୍ନ ମେହେର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପ୍ଲାନିଂ ଅଫିସର ଶ୍ରୀକାନ୍ତ ଦଳେଇ, ସମ୍ମାନିତ ଅତିଥି ଭାବେ ୟୁନିସେଫ ପ୍ରୋଜେକ୍ଟ ମୁଖ୍ୟ ପ୍ରକାଶ ପ୍ରଧାନ, ଜୀବନ ଜୀବିକା ମିଶନ କୁମୁଦିନୀ ମିଶ୍ର, ଜିଲା ନିଯୋଜନ ଅଫିସର ଏ. ଉପାଧାୟ, ରିସର୍ଚ୍ଚ ପର୍ସନ ଜିଲା ନିଯୋଜନ ଅଫିସର ଅଜିତ କୁମାର ଉତ୍ତରୀୟ, ଓରମାସର ସିଇଓ ଯେ. କେରକେଟା ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଯୁବ କ୍ଲବ ଓ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଯୁବଗୋଷ୍ଠୀ ମଧ୍ୟରେ ଧୈର୍ଯ୍ୟ ଓ ସହନଶୀଳତାର ଅଭାବ ଦେଖା ଦେଉଛି। ଶିକ୍ଷା ସମାପ୍ତ ପରେ ସମସ୍ତ ସରକାରୀ ଓ ବେସରକାରୀ ଚାକିରି ସମେତ କର୍ମ ନିଯୁକ୍ତି ପାଇଁ ଏବେ ବ୍ୟାପକ ସୁଯୋଗ ରହିଛି। ଉଚ୍ଚଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖାଦେଇଥିବାରୁ ଛାତ୍ରୀଛାତ୍ରମାନେ ତାହାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହେବା ଉଚିତ। ଏହାଛଡା ଆତ୍ମନିଯୁକ୍ତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ରହିଥିବାରୁ ତାହାର ସୁଯୋଗ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ବଡମଣିଷ ହେବା ପରେ ନିଜ ପିତାମାତା, ଶିକ୍ଷାନୁଷ୍ଠାନ, ମାତୃଭୂମି, ମାତୃଭାଷା, ରାଜ୍ୟ ଓ ଦେଶପ୍ରତି ଅନୁଗତ୍ୟ ରଖିବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ର ଲେଖାପାଳ ଦିତୀୟା ବନଛୋର ଧନ୍ୟବାଦ ଦେଇଥିଲେ।

## କ୍ରୀଡ଼ା ପ୍ରତିଭା ଲାଲୁପ୍ରସାଦ ଭୋଇଙ୍କ ପରିବାରକୁ ସମ୍ବର୍ଦ୍ଧନା

**ଲାଞ୍ଜିଗଡ,୨୭।୫(ଡି.ଏନ.ଏ.)**

**୨୦ ବର୍ଷରୁ କମ୍ ବର୍ଗର ବିଶ୍ୱ ଦୌଡକୁଦ ପ୍ରତିଯୋଗିତାରେ ସାମିଲ**

କଳାହାଣ୍ଡି ଜିଲା ତଥା ଲାଞ୍ଜିଗଡ଼ ବ୍ଲକ ପାଇଁ ଗୌରବ ଆଣିଛନ୍ତି କ୍ରିଡ଼ି ପ୍ରତିଭା ଲାଲୁ ପ୍ରସାଦ ଭୋଇ। ଆସନ୍ତା ଅଗଷ୍ଟରେ ଯୁକ୍ତରାଷ୍ଟ୍ର ଆମେରିକାର କଲମ୍ବିଆଠାରେ ହେବାକୁ ଥିବା ୨୦ ବର୍ଷ ବୟସରୁ କମ ବର୍ଗର ବିଶ୍ୱ ଦୌଡକୁଦ ପ୍ରତିଯୋଗିତାରେ ଭାଗ ନେବାକୁ ସେ ଯୋଗ୍ୟତା ହାସଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ତାଙ୍କ ପରିବାରବର୍ଗଙ୍କୁ ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। ବେଦାନ୍ତ ଲିମିଟେଡ ବାହ୍ୟ ସମ୍ପର୍କ ବିଭାଗ ମୁଖ୍ୟ ନବଲ କିଶୋର ଶର୍ମାଙ୍କ ନେତୃତ୍ୱରେ ଶ୍ରୀମୁଖ ଅଗସ୍ତି, ଭଗବାନ ହୋତା ପ୍ରମୁଖ ଲାଲୁଙ୍କ ଆଶ୍ରମପଡାସ୍ଥିତ ଘରେ ପହଞ୍ଚି ତାଙ୍କ ବାପା କାର୍ତ୍ତିକ ଭୋଇ, ମା’ ଗୋଲାପୀ, ବଡଭାଇ, ବଡଭଉଣୀ ମାଧୁରୀ, ସାନଭଉଣୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଲାଲୁଙ୍କ ସଫଳତା ନେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଆଗାମୀ ଦିନରେ ଲାଲୁଙ୍କୁ ବେଦାନ୍ତ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ଶର୍ମା ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଗରିବ ପରିବାରର ଲାଲୁ ନିଜର ବିଚକ୍ଷଣ କ୍ରୀଡା ପ୍ରତିଭା ଯୋଗୁ ୨୦ ବର୍ଷ ବୟସରୁ କମ ବର୍ଗର ବିଶ୍ୱ ଦୌଡକୁଦ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ହାସଲ କରିଛନ୍ତି। ଅଞ୍ଚଳରେ ବିନା କୌଣସି ପ୍ରେରଣା ଓ ଭିତ୍ତିଭୂମିରେ ଲାଲୁ ନିଜସ୍ୱ ପ୍ରଚେଷ୍ଟା ବଳରେ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଭୁବନେଶ୍ୱରସ୍ଥିତ କିସ ଅନୁଷ୍ଠାନରେ ପାଠ ପଢିବା ସହିତ କିସ ଏବଂ ରିଲାଏନ୍ସ ଫାଉଣ୍ଡେଶନ ସହାୟତାରେ ଅଭ୍ୟାସ କରିବା ସହିତ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସାମିଲ ହେବାକୁ ଯୋଗ୍ୟତା ହାସଲ କରିଛନ୍ତି ।



ଲାଞ୍ଜିଗଡ଼ ବେଦାନ୍ତ ପକ୍ଷରୁ ଲାଲୁ ପ୍ରସାଦ ଭୋଇଙ୍କ ପରିବାରଙ୍କୁ ସମ୍ବର୍ଦ୍ଧନ କରାଯାଉଛି।

### ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ

**ଦେଓଗାଁ ,୨୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ପାନୀୟ ଜଳ ଓ ପରିମଳ ବ୍ୟବସ୍ଥାକୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ବିଧାୟକ ପ୍ରତିନିଧି ଅସିତ ମିଶ୍ର, ଏମ୍‌ପି ପ୍ରତିନିଧି ଅମିତ ସିଂନିନା, ସରପଞ୍ଚ, ସମିତି ସଭ୍ୟା ସଭ୍ୟ ଓ କର୍ମଚାରୀ ଉପସ୍ଥିତ ଥିଲେ । ବୈଠକରେ ଗ୍ରୀଷ୍ମ ପ୍ରବାହ ବଢି ଚାଲିଥିବାରୁ ଗ୍ରାମାଞ୍ଚଳ ଲୋକଙ୍କୁ ପର୍ଯ୍ୟାୟ କ୍ରମେ ପାନୀୟ ଜଳ ଯୋଗାଇ ଦେବାକୁ ମତାମତ ଦେଇଥିଲେ। ଶେଷରେ ବିଡିଓ ରାମଦତ୍ତ ଭୋଇ ଧନ୍ୟବାଦ ଦେଇଥିଲେ।

## ଆର୍‌ଡି ରାସ୍ତାରୁ ହଟିଲା ଟୋଲ୍‌ଗେଟ୍



ବରଗଡ଼–ଟୋଲଗେଟ୍ ଉଚ୍ଛେଦ ଦାବିରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକ।

**ବରଗଡ଼ ଅଫିସ,୨୭।୫**

ବରଗଡ଼ ସହର ଉପକଣ୍ଠ ବରାହଗୋଡା–ନନ୍ଦିକ୍ରା ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ରାସ୍ତାରେ ଅଶୋକା ବିଲ୍ଡକନ ବସାଇଥିବା ବେଆଇନ୍ ଟୋଲ୍‌ଗେଟ୍‌କୁ ହଟାଇ ଦିଆଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ ଅଶୋକା ବିଲ୍ଡକନ କର୍ତ୍ତୃପକ୍ଷଙ୍କୁ ଏ ନେଇ ନିର୍ଦ୍ଦେଶ ଦେବା ପରେ ଟୋଲଗେଟ୍‌କୁ ହଟାଇ ଦିଆଯାଇଛି । ଏହି ଗେଟରେ ବେଆଇନ ଭାବେ ଟୋଲ ଟ୍ୟାକ୍ସ ଅସୁଲି କରାଯାଉ ଥିବା ନେଇ ହାଇୱେ ୟୁଜର୍ସ ଫୋରମ ଅଭିଯୋଗ କରି ଉକ୍ତ ଗେଟ୍‌କୁ ଉଠାଇବାକୁ ଦାବି କରିଥିଲା। ଗତ ୫ତାରିଖରେ ଏହି ଦାବି ନେଇ ଫୋରମ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲା। ସେହିପରି ସମ୍ବଲପୁରର ଏକ ଅନୁଷ୍ଠାନ ଆରଡିସିଙ୍କୁ ଏ ନେଇ ଫେରାଦ ହୋଇଥିଲା। ଶୁକ୍ରବାର ଅନୁଷ୍ଠିତ ବୈଠକରେ ଫୋରମର ଅଧକ୍ଷ ଇଂ ଦେବବ୍ରତ ମିଶ୍ର ଏହି ପ୍ରସଙ୍ଗ ଉଠାଇଥିଲେ। ଉକ୍ତ ବେଆଇନ ଟୋଲଗେଟ ଉଠା ନ ଯିବା ପର୍ଯ୍ୟନ୍ତ ରାଜପଥରେ ଥିବା ଟୋଲଗେଟରେ ଫୋରମ ନେତୃତ୍ୱରେ ଧାରଣା ଦିଆଯିବ ବୋଲି ସେ ରୋକଠୋକ୍ ଶୁଣାଇ ଦେଇଥିଲେ। ଏହାପରେ ଉପଜିଲାପାଳ ସାମଲ ଆରଡି ରାସ୍ତାରୁ ଟୋଲଗେଟ ତୁରନ୍ତ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ର, ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସନା, ଅନ୍ୟ ବିଭାଗୀୟ ଅଧିକାରୀ, ହାଇୱେ ୟୁଜର୍ସ ଫୋରମ ଏବଂ ଅଶୋକା ବିଲ୍ଡକନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଉଜୁଡୁଛି ୮ ଶହ ବର୍ଷର କୃଷି ସମୃଦ୍ଧ ଗାଁ

**ବଲାଙ୍ଗୀର ଅଫିସ, ୨୭।୫**

**ଲୋୟର ସୁକ୍‌ତେଲ ପ୍ରକଳ୍ପରେ ବିସ୍ଥାପନ ପ୍ରକ୍ରିୟା ତ୍ୱରାନ୍ୱିତ**
- ୬୦୧ ପରିବାର ହେଲେଣି ବିସ୍ଥାପିତ
- ସାନ୍‌ତେଲେନ୍‌ପାଲିରେ ବିସ୍ଥାପନ ପ୍ରକ୍ରିୟା ଆରମ୍ଭ
- ଜମି କ୍ଷତିପୂରଣକୁ ନେଇ ଖୁସି ନୁହନ୍ତି ପ୍ରକଳ୍ପ ପ୍ରଭାବିତ ଲୋକେ

ବଲାଙ୍ଗୀର ଜିଲାରେ ନିର୍ମାଣାଧୀନ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିସ୍ଥାପନ ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ଗତ ପ୍ରାୟ ଏକବର୍ଷ ମଧ୍ୟରେ ଏହି ପ୍ରକଳ୍ପର ବିସ୍ଥାପନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏଯାବତ୍ ପ୍ରକଳ୍ପ ପ୍ରଭାବିତ ୬୦୧ ପରିବାରକୁ ବିସ୍ଥାପିତ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦୀର୍ଘ ୨୦ବର୍ଷ ଧରି ଅନିଶ୍ଚିତତାରେ ଗତି କରୁଥିବା ଲୋୟର ସୁକ୍‌ତେଲ ପ୍ରକଳ୍ପ ଆସନ୍ତା ୨୦୨୩ ସୁଦ୍ଧା ଶେଷ ହେବ ବୋଲି ଜୋର ଦିଆଯାଇଛି। ଏହି ବିସ୍ଥାପନ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ପରେ ଲୋୟର ସୁକ୍‌ତେଲ ପ୍ରକଳ୍ପ ଶୀଘ୍ର ଶେଷ ହେବା ଆଶା ଉଜ୍ଜୀବିତ ହୋଇଛି। ତେବେ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ଏବେ ବିସ୍ଥାପନର କରୁଣ ଦୃଶ୍ୟ ଦେଖିବାକୁ ମିଳୁଛି। ଶୁକ୍ରବାର ଦିନ ପ୍ରକଳ୍ପ ପ୍ରଭାବିତ ସାନ୍‌ତେଲେନପାଲି ଗାଁରେ ବିସ୍ଥାପନ ପ୍ରକ୍ରିୟାରେ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ୭୯ ପରିବାରକୁ ବିସ୍ଥାପିତ କରାଯାଇଥିବା ସୂଚନା ଦିଆଯାଇଛି। ଗାଁରୁ ମିଳିଥିବା ଖବର ଅନୁଯାୟୀ ସାନ୍‌ତେଲେନପାଲିରେ ଆଜି ୮ଟି ଘର ଭଙ୍ଗାଯାଇଥିବା ଜଣାପଡିଛି। ଯେଉଁମାନେ ରାଜ୍ୟ ସରକାରଙ୍କ କ୍ଷତିପୂରଣ ଟଙ୍କା ପାଇଛନ୍ତି ସେମାନଙ୍କ ଘର ଭଙ୍ଗା ଯାଇଥିବା ଜଣାପଡିଛି। ଇତିମଧ୍ୟରେ ପରଧିଆପାଲି, କୋଇଣ୍ଡାପାଲି, ଖୁଣ୍ଟପାଲି, ଖଗସାବାହାଲ, କଖାଲ, କଙ୍କରା, କୁଟେନସିଲେଟ ଏବଂ ସାନତେଲେନପାଲିରେ ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ଘର ଭଙ୍ଗାଯାଇଛି। ପୂର୍ବରୁ ପରଧିଆପାଲି, କୋଇଣ୍ଡାପାଲି ଓ ଖୁଣ୍ଟପାଲିରେ ଘରଭଙ୍ଗା ଯାଇଥିଲା। ଏବେ ଖଗସାବାହାଲରେ ୫୦, କଖାଲରେ ୫୨, କଙ୍କରାରେ ୪୮ ଓ କୁଟେନସିଲେଟ୍‌ରେ ୫୭ ପରିବାରକୁ ବିସ୍ଥାପିତ କରାଯାଇଥିବା କୁହାଯାଇଛି। ଏହି ସବୁ ଗାଁ ୮ ଶହ ବର୍ଷରୁ ଊର୍ଦ୍ଧ୍ୱ ପ୍ରାଚୀନ। ଏହି ସବୁ ଗାଁ କୃଷି ସମୃଦ୍ଧ ଗାଁ ଭାବେ ପରିଚିତ। ପିଢ଼ି ପିଢ଼ି ଧରି ଲୋକେ ଏଠାରେ କୃଷିକର୍ମ ସହ ଜଡିତ ରହିଆସିଥିଲେ। ଏବେ ଲୋୟର ସୁକ୍‌ତେଲ ପ୍ରକଳ୍ପ ପାଇଁ ଏହି ଗାଁଗୁଡିକୁ ଉଚ୍ଛେଦ କରାଯାଉଛି। ସାନତେଲେନପାଲି ଠାରେ ଆଜି ଗାଁର ଲୋକେ ଘର ଭାଙ୍ଗିଲା ବେଳେ ଭିଟା ମାଟି ଛାଡୁଥିବାରୁ କାନ୍ଦି ପକାଇଥିଲେ। କିଛି ଲୋକ ଅସ୍ଥାୟୀ ଘରେ ରହିଥିଲେ। ଅନେକ କହିଥିଲେ, ବୃହତ୍ ସ୍ୱାର୍ଥ ପାଇଁ ଗାଁ ଛାଡିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ଘର ଭାଙ୍ଗି କରି ଗଲା ବେଳେ ଅନେକ କଷ୍ଟ ହେଉଛି। ଗାଁରେ ସେମାନେ କୃଷି କାର୍ଯ୍ୟ କରୁଥିଲେ। ସରକାର ବର୍ତ୍ତମାନ ଯେତିକି ଟଙ୍କା କ୍ଷତିପୂରଣ ଆକାରରେ ପ୍ରଦାନ କରୁଛନ୍ତି ସେତିକି ଟଙ୍କାରେ ଜମି ଆଉ ମିଳୁନାହିଁ। ଏଭଳି ପରିସ୍ଥିତିରେ ସେମାନେ ଆଗକୁ କ’ଣ କରିବେ ତାକୁ ଭାବିଲେ ଚିନ୍ତା ବଢୁଛି ବୋଲି କହିଛନ୍ତି। ସାନତେଲେନପାଲିର ମହାଦେବ ପଟେଲ, ଖଗେଶ୍ୱର ପଟେଲ, ଯୁଗେଶ୍ୱର ପଟେଲ, ଗୁଣନିଧି ରାଏ, ସନ୍ତୋଷ ବାଗ, ଭକ୍ତବନ୍ଧୁ ଦାସ, ଯୁଧିଷ୍ଠିର ସାହୁ, ଗିରିଧନ ରାଏ, ନରେଶ ଦେହେରି ଓ ପ୍ରେମରାଜ ପଟେଲ କହିଥିଲେ ଯେ, ବିଭିନ୍ନ କିସମର ଜମି ଏକର ପ୍ରତି ସରକାର ପ୍ରାୟ ୪୫ରୁ ୮୦ ହଜାର ଟଙ୍କା ଦେଇଛନ୍ତି। କିନ୍ତୁ ବର୍ତ୍ତମାନ ଜମି ଏକର ପ୍ରତି ୭ରୁ ୮ ଲକ୍ଷ ଟଙ୍କାରେ ବିକ୍ରି ହେଉଛି। ଏଭଳି ପରିସ୍ଥିତିରେ ବିସ୍ଥାପିତ ପରିବାର ଠିକଣା ଜାଗାରେ ୧ ଏକର ଜମି କିଣିବାକୁ ମଧ୍ୟ ସକ୍ଷମ ହେବନାହିଁ ବୋଲି କହିଛନ୍ତି। ଚାଷ କାମରେ ନିୟୋଜିତ ଥିବା ଲୋକେ ବିସ୍ଥାପିତ ହେବା ପରେ କ’ଣ କାମ କରି ପରିବାର ପୋଷିବେ ତାହା ବିରାଟ ପ୍ରଶ୍ନ ବୋଲି କହିଛନ୍ତି।

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୮ ମେ, ୨୦୨୨

## ବିନିକା ଏନ୍ଏସିର ତୃତୀୟ ପରିଷଦ ବୈଠକ

ବିନିକା,(ଡି.ଏନ୍.ଏ.): ଶୁକ୍ରବାର ବିନିକା ଏନ୍ଏସିରେ ତୃତୀୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିନିକା ଏନ୍ଏସି ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ଭୋଇଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକୁମାର ରଥ ଯୋଗ ଦେଇଥିଲେ । ବୈଠକରେ ବିନିକା ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏଥିରେ ବିନିକା ନଗର ଉପାଧକ୍ଷା ତପସ୍ୱିନୀ ମେହେରଙ୍କ ସମେତ ସମସ୍ତ ପରିଷଦ ସଭ୍ୟାସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ ।



## ସଂକ୍ଷେପରେ

### ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବି ଜୋର ଧରିଲା

**ଦାବିପତ୍ର ପ୍ରଦାନ, ଆନ୍ଦୋଳନ ଚେତାବନୀ**

ପାଟଣାଗଡ,୨୭।୫(ଡି.ଏନ.ଏ.): ଗୁରୁବାର ପାଟଣାଗଡ ଅବକାରୀ ବିଭାଗ ତରଫରୁ ସ୍ଥାନୀୟ କାଦୋପଡାର ଭଡାଘରେ ଓ ଖପ୍ରାଖୋଲର ସରକାରୀ ବିଦେଶୀ ମଦ ଦୋକାନ ପଛପଟେ ଥିବା ଗୋଦାମ ଘରେ ଚଢାଉ କରାଯାଇ ୧୯୬ଟି ନକଲି ବିଦେଶୀ ମଦ (୫୩ ଲିଟର) ସହ ନକଲି ବିଦେଶୀ ମଦ ପ୍ରସ୍ତୁତ ପାଇଁ ଥିବା ଲେବଲ (ଇଏଲ), ୭୮୬ଟି ଠିପି ଓ ସ୍ପିରିଟ ଜବତ କରାଯାଇଥିଲା। ଏଥିରେ ସଂପୃକ୍ତ ଥିବା ପାଟଣାଗଡ ସରକାରୀ ବିଦେଶୀ ମଦ ଦୋକାନ ୨ ନମ୍ବର କାଉଣ୍ଟରର କର୍ମଚାରୀ ଗୌତମ ମହନ୍ତ (୨୮) ଓ ଖପ୍ରାଖୋଲ ସରକାରୀ ବିଦେଶୀ ମଦ ଦୋକାନ କର୍ମଚାରୀ ରାମବ୍ରତ ସାହୁ (୩୯)ଙ୍କୁ ଅବକାରୀ ବିଭାଗ ଗିରଫ କରିଥିଲା। ଗୌତମ କାଦୋପଡାସ୍ଥିତ ଭଡାଘରେ ରହୁଥିଲେ। ଏହି ଘଟଣାରେ ବଡବଡିଆଙ୍କ ସଂପୃକ୍ତି ରହିଥିବା ବେଳେ ତଳିଆ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଏଣୁ ସଂପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ଶୁକ୍ରବାର କୋଶଲ ମୁକ୍ତିମୋର୍ଚ୍ଚା ପାଟଣାଗଡ ତରଫରୁ ଉପ ଆରକ୍ଷୀ ଅଧୀକ୍ଷକଙ୍କ ଜରିଆରେ ବଲାଙ୍ଗୀର ଅବକାରୀ ଅଧୀକ୍ଷକ ଓ ପାଟଣାଗଡ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ନକଲି ବିଦେଶୀ ମଦ କାରବାରରେ ଅବକାରୀ ବିଭାଗ ସଂପୃକ୍ତ ଓ କେବଳ ତଳିଆ କର୍ମଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଉଲ୍ଲେଖ ରହିଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଆଗାମୀ ୧୫ ଦିନ ଭିତରେ ଗିରଫ କରା ନ ଗଲେ ପାଟଣାଗଡ ଅବକାରୀ ନିରୀକ୍ଷକଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି କୋଶଲ ମୁକ୍ତିମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଗିରିରାଜ ଭୋଇ, ଡିଙ୍ଗର କୁମାର, ସିପୁନ ଖମାରୀ, ବନମାଳୀ ନାଏକ, ସୁଶୀଲ ଗୁରୁ, ସୁବାଷ ଚନ୍ଦ୍ର ଆଚାର୍ଯ୍ୟଙ୍କ ସହ କର୍ମକର୍ତା ଉପସ୍ଥିତ ଥିଲେ।

### ଜିଲା ଶିକ୍ଷାଧିକାରୀଙ୍କ ଚିଚୈଗୁଡା ସ୍ମାର୍ଟ ହାଇସ୍କୁଲ ପରିଦର୍ଶନ

ଜୁନାଗଡ,୨୭।୫(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ସ୍ମାର୍ଟ ହାଇସ୍କୁଲକୁ ଗୁରୁବାର ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର ପରିଦର୍ଶନ କରିଛନ୍ତି। ପରଦର୍ଶନ ସମୟରେ ସେ ସ୍ମାର୍ଟ ହାଇସ୍କୁଲର ଭିତ୍ତଭୂମି ଓ ଉନ୍ନୟନ କାମ ବୁଲି ଦେଖିଥିଲେ। ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା ସହ ପାଠ୍ୟ ପୁସ୍ତକର ବିଭିନ୍ନ ବିଷୟରେ ପଚାରିଥିଲେ। ଛାତ୍ରୀଛାତ୍ରମାନେ ମଧ ବେଶ ସହଜର ସହ ଉତ୍ତର ଦେଇଥିଲେ। ଏହି ସମୟରେ ସ୍କୁଲର ଶିକ୍ଷୟିତ୍ରୀ/ଶିକ୍ଷକ ଉପସ୍ଥିତ ଥିଲେ।

### ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,୨୭।୫(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ ପ୍ରାୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅଧକ୍ଷ ଜୟନ୍ତ କୁମାର ଜେନା ସଭାପତିତ୍ୱ କରିଥିଲେ। ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ଜୀବନର ବାର୍ତ୍ତା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଥାନାଧିକାରୀ ଯୁଗଳ ଶବର ଯୋଗଦେଇ ଟ୍ରାଫିକ ନିୟମ ମାନିବା ସହ ଦୁର୍ଘଟଣା ରୋକିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଭାରତ ସ୍କାଉଟ ଓ ଗାଇଡ ରୋଭର୍ ଲିଡର ସନ୍ତୋଷ କୁମାର ବାରିକ ସ୍ୱଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥଲେ। ଏହି ଅବସରରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ ସୌଜନ୍ୟରେ ଦୁର୍ଘଟଣା ରୋକିବା ପାଇଁ ପ୍ରସ୍ତୁତ ଟ୍ରାଫିକ ପୋଷ୍ଟ ମହାବିଦ୍ୟାଳୟ ସାମ୍ନା ମୁଖ୍ୟ ରାସ୍ତାରେ ଲୋକାର୍ପଣ କରାଯାଇଥିଲା। ଯୁବ ରେଡ଼କ୍ରସ ପରାମର୍ଶ ଦାତା ଅଧାପକ ଶାନ୍ତନୁ କୁମାର ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧାପକ ପ୍ରତାପ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଭାରତ ସ୍କାଉଟ ଓ ଗାଇଡ ଓ ଯୁବ ରେଡ଼କ୍ରସ ସଚ୍ଛୋସେବୀଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ସାମିଲ ହୋଇଥିଲେ।

# ବର୍ଷେ ପରେ ବି ସମ୍ପୂର୍ଣ୍ଣ ହୋଇନି ଅଙ୍ଗନୱାଡି କେନ୍ଦ୍ର

ବେହେରା,୨୭।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗ୍ରାମପଞ୍ଚାୟତ ୩ଟି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାମ ଏକ ବର୍ଷରୁ ଅଧିକ ଦିନ ହେଲା ଚାଲିଥିଲେ ମଧ ଆଜିଯାଏ ସମ୍ପୂର୍ଣ୍ଣ ହୋଇପାରିନି। କିନ୍ତୁ ଦୀର୍ଘ ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଫଳରେ କେନ୍ଦ୍ର ପରିଚାଳନାରେ ଅସୁବିଧା ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ୨୦୨୧ ଫେବୃୟାରୀରେ ବିପଦ ସଙ୍କୁଳକେନ୍ଦ୍ରରେ ଶିଶୁମାନଙ୍କୁ ପାଠପଢା ହେଉଥିବା ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପରତା ଦେଖାଇ ୧୦ ଦିନ ମଧ୍ୟରେ ନୂତନ ଭାବେ ବିଲ୍ଡିଂ ନିର୍ମାଣ ଆରମ୍ଭ ହୋଇଥିଲା। ବାଙ୍କିମୁଣ୍ଡା କେନ୍ଦ୍ର ନଂ.୧, ବେହେରା କେନ୍ଦ୍ର ନଂ. ୩ ଓ ପଲସାପଡା କେନ୍ଦ୍ର ସ୍ଲାପ ପଡି ସାରି ୬ ମାସ ବିତିଯାଇଥିଲେ ମଧ୍ୟ ପ୍ଲାଷ୍ଟରିଂ ଓ ଅନ୍ୟାନ୍ୟ କାର୍ଯ୍ୟ ଏ ପର୍ଯ୍ୟନ୍ତ ହୋଇନାହିଁ। ବାଙ୍କିମୁଣ୍ଡା ଅଙ୍ଗନୱାଡି କର୍ମୀଙ୍କ ଘରୁ କାର୍ଯ୍ୟ ହେଉଥିବା ବେଳେ ବେହେରା କେନ୍ଦ୍ର ମିଶନ ଶକ୍ତି ଗୃହରେ ଚାଲିଛି। ସେହିପରି ଗଇନ୍ତାପଡା ମିନିଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ବିଲ୍ଡିଂ ନ ଥିବାରୁ ପୁରୁଣା ଭଙ୍ଗା ଦଦରା ସ୍କୁଲ ବିଲ୍ଡିଂରେ କେନ୍ଦ୍ର ପିଚାଳିତ ହେଉଛି। ବେହେରା କେନ୍ଦ୍ର ନଂ. ୪ର ବିଲଡିଂ ନ ଥିବାରୁ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କ ଘରେ କାର୍ଯ୍ୟ ସମ୍ପାଦିତ ହେଉଥିବା ଜଣାପଡ଼ିଛି। ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କ ପ୍ରାକ ବିଦ୍ୟାଳୟ ପାଠପଢା ସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡିକ ପରିଚାଳିତ ହେଉଥିବାରୁ ଅନେକ ସମସ୍ୟା ସମ୍ମୁଖୀନ ହେଉଥିବା ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ସହକାରୀ ଯନ୍ତ୍ରୀ ବିରେନ୍ଦ୍ର ମେହେରଙ୍କୁ ପଚାରିବାରୁ ନୂତନ ଭାବରେ କାର୍ଯ୍ୟ ପାଇଁ ଫାଇଲ ଖୋଲା ସରିଛି, ଅଳ୍ପ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ।



ଧର୍ମଗଡ ବ୍ଲକ ବେହେରା ଗ୍ରାମପଞ୍ଚାୟତ ଅଧୀନ ବାଙ୍କିମୁଣ୍ଡା ଅଙ୍ଗନୱାଡ଼ି କେନ୍ଦ୍ର।

# ଜିଲାପାଳଙ୍କ ଦ୍ୱାରସ୍ଥ ସ୍ୱୟଂ ସହାୟକ ଗୋଷ୍ଠୀ



ମହିଳା ସ୍ୱୟଂ ସହାୟକ ଦଳ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ନୂଆପଡ଼ା ଅଫିସ,୨୭।୫

**ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଠିକ୍ ସ୍ଥାନ ନିରୁପଣ ଦାବି**

ବର୍ତ୍ତମାନ ସମୟରେ ସହରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ଗୋଟିଏ ଲେଖାଏଁ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ଏହି କ୍ରମରେ ନୂଆପଡା ଏନ୍ଏସି ୱାର୍ଡ ନଂ-୧୨ ସିରତୋଲ ଗ୍ରାମରେ ମିଶନଶକ୍ତି ଗୃହ ନିର୍ମାଣ କରିବାକୁ ବୃନ୍ଦାବତୀ ସ୍ୱୟଂ ସହାୟକ ଦଳକୁ କାର୍ଯ୍ୟାଦେଶ ପ୍ରଦାନ କରିବା ସହ ସିରତୋଲ ଗ୍ରାମ ଦେଇ ୩୫୩ ନଂ. ଜାତୀୟ ରାଜପଥ କଡରେ ଜାଗା ଚିହ୍ନଟ କରାଯାଇଥିଲା। କାର୍ଯ୍ୟାଦେଶ ମୁତାବକ ସ୍ୱୟଂ ସହାୟକ ଦଳ କାର୍ଯ୍ୟ ଆରମ୍ଭ କରିଥିଲେ। ସେହି ସ୍ଥାନ ନିକଟରେ ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ରହିଥିବାରୁ ସଂଘ ପକ୍ଷରୁ ଭବିଷ୍ୟତକୁ ଦୃଷ୍ଟିରେ ରଖି ମିଶନ ଶକ୍ତି ଗୃହ ନିର୍ମାଣକୁ ବିରୋଧ କରିଥିବା ଅଭିଯୋଗ ହୋଇଛି। ଏ ନେଇ ମହିଳା ସ୍ୱୟଂ ସହାୟକ ଦଳ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାରୁ ଗ୍ରାମର ଅନ୍ୟତ୍ର ଏକ ସ୍ଥାନ ଚିହ୍ନଟ କରି ଗୃହ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସେଠାରେ ମହିଳାମାନେ ନିର୍ମାଣ ବିରୋଧର ସମ୍ମୁଖିନ ହେବାରୁ ଠିକ ସ୍ଥାନ ନିରୁପଣ କରିବାକୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳ ସ୍ୱାଧାଦେବ ସିଂ ପୂର୍ବରୁ ଜାତୀୟ ରାଜପଥ କଡରେ ଚିହ୍ନଟ ସ୍ଥାନରେ ହିଁ ମିଶନ ଶକ୍ତି ଗୃହ ନିର୍ମାଣ କରିବାକୁ ରୋକଠୋକ ଜଣାଇଛନ୍ତି। ଏ ନେଇ ଥାନାରେ ଲିଖିତ ଭାବେ ଜଣାଇ ଦେବା ପାଇଁ ସପୃକ୍ତ ମହିଳା ସ୍ୱୟଂ ସହାୟକ ଦଳକୁ କହିବା ସହ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ସ୍ଥାନରେ ସରକାରୀ ଗୃହ ନିର୍ମାଣକୁ କେହି ବିରୋଧ କରିବେ ନାହିଁ। ଏହା ସୁନିଶ୍ଚିତ କରିବା ପାଇଁ ମଧ୍ୟ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ଦେଇଥିବା ନେଇ ବୃନ୍ଦାବତୀ ମହିଳା ସ୍ୱୟଂ ସହାୟକ ଦଳ ସଦସ୍ୟାମାନେ ପ୍ରକାଶ କରିଛନ୍ତି।

# ବିଧାୟକଙ୍କ ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି: ଉପଜିଲାପାଳ

ଲୋଇସିଂହା,୨୭।୫(ଡି.ଏନ.ଏ)

**ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଉଠାଣ ଘଟଣା**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତରେ ସାମାଜିକ ନିରାପତ୍ତା ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ଅନେକ ମୃତ ବ୍ୟକ୍ତିଙ୍କ ନାମରେ ବର୍ଷ ବର୍ଷ ଧରି ଭତ୍ତା ଟଙ୍କା ହଡପ ହେଉଥିବା ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଗତ ୪ ତାରିଖରେ ଅନୁଷ୍ଠିତ ପଞ୍ଚାୟତ ସମିତିର ପ୍ରଥମ ସମିତି ବୈଠକରେ ଅଭିଯୋଗ କରିଥିଲେ। ସେ ଏହି ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅପରପକ୍ଷେ ବିଧାୟକଙ୍କ ଅଭିଯୋଗ ଆଧାରରେ ଉପଜିଲାପାଳ ଲମ୍ବୋଦର ଧରୁଆ ଘଟଣାର ତଦନ୍ତ ଚାଲିଥିବା କହିଛନ୍ତି ।

ଜଣାଯାଇଛି ଯେ, ଏହି ଘଟଣାରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତରୁ ଭତ୍ତା ରେଜିଷ୍ଟରକୁ ଜବତ କରି ପୁଣି ପଞ୍ଚାୟତକୁ ଫେରାଇ ଦିଆଯାଇଛି। ଅପରପକ୍ଷେ ଉପରିସ୍ଥ ଅଧିକାରୀଙ୍କୁ ଧରି ଏହି ମାମଲାକୁ ଚପାଇବା ପାଇଁ ଉଦ୍ୟମ ଚାଲିଥିବା ଶୁଣାଯାଉଛି। ଝାରମୁଣ୍ଡା, ମନସାପାଲି, ଲୁଚକିବାହାଲ, ପରଧିଆପାଲି ଓ ଆମ୍ବପାଲିକୁ ନେଇ ଝାରମୁଣ୍ଡା ପଞ୍ଚାୟତ। ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କେତେଜଣ ପୁରୁଖା ନେତାଙ୍କୁ ହରାଇ ବନୀତା ମେହେର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ହେବା ପରେ ପଞ୍ଚାୟତ ପିଡିଏସ ଓ ଭତ୍ତା ବଣ୍ଟନ ଗତ ଦୁଇ ମାସ ଧରି ତଦାରଖ କରିଥିଲେ। ସାମାଜିକ ନିରାପତ୍ତା ଯୋଜନାରେ ଅନିୟମିତତା ହେଉଥିବା ସନ୍ଦେହ କରିଥିଲେ। ଗତ ଏପ୍ରିଲ ମାସ ଭତ୍ତା ବଣ୍ଟନ ବେଳେ କେତେଜଣ ମୃତ ବ୍ୟକ୍ତିଙ୍କ ନାମ ଭତ୍ତା ରେଜିଷ୍ଟରରେ ଥିବା ସରପଞ୍ଚ ଜାଣିବାକୁ ପାଇଥିଲେ। ସରପଞ୍ଚଙ୍କ ପଡୋଶୀ ଦୀର୍ଘ ଦିନରୁ ମୃତ୍ୟୁବରଣ କରିଥିଲେ ବି ଭତ୍ତା ରେଜିଷ୍ଟରରୁ ତାଙ୍କ ନାମ ନ କଟିବା ଘଟଣା ସନ୍ଦେହକୁ ଦୃଢୀଭୂତ କରିଥିଲା। ଏନେଇ ଭତ୍ତା ବଣ୍ଟନ କରୁଥିବା କର୍ମଚାରୀଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ପରବର୍ତ୍ତୀ ସମୟରେ ପଞ୍ଚାୟତର ପ୍ରାୟ ୫୬ ଜଣ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଉଠୁଥିବା ଜାଣିବାକୁ ପାଇ ସେ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟିକୁ ପ୍ରଥମେ ଆଣିଥିଲେ । ବିଧାୟକ ମହାଲିଙ୍ଗ ଗତ ୪ ତାରିଖ ସମିତି ବୈଠକରେ ସମିତିର ଦୃଷ୍ଟି ଆକର୍ଷଣ କରି ତଦନ୍ତ ଦାବି କରିଥିଲେ। ସରପଞ୍ଚ ବନୀତା ମେହେର କହିଛନ୍ତି, ବିଧାୟକଙ୍କ ଅଭିଯୋଗ ପରେ ରେଜିଷ୍ଟର ଜବତ କରାଯାଇଥିଲା। ଉପଜିଲାପଳଙ୍କ କାର୍ଯ୍ୟାଳୟରୁ ଅଙ୍ଗନବାଡି କର୍ମୀଙ୍କ ଠାରୁ ତଥ୍ୟ ମଗାଯାଇଛି। ଏ ନେଇ ବିଡିଓ ରାମଚନ୍ଦ୍ର ଖାଡିଆ କହିଛନ୍ତି, ଏ ସମ୍ପର୍କିତ ଆବଶ୍ୟକ କାଗଜପତ୍ର ଉପଜିଲାପାଳଙ୍କ ଅଫିସରେ ଜିମା ଦିଆଯାଇ ଏହି ଅନିୟମିତତାର ତଦନ୍ତ ଚାଲିଛି।

## ବ୍ଲକ ବାରିକ ସମାଜ ବୈଠକ

ଲୋଇସିଂହା,୨୭।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବାଦିବାହାଲରେ ବାରିକ ସମାଜର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ବ୍ଲକ ସଭାପତି କିଶୋର ବାରିକ ଅଧକ୍ଷତା କରିଥିଲେ। ବୈଠକରେ ସମାଜର ସମାଜିକ, ଅର୍ଥନୈତିକ ଓ ଶିକ୍ଷାର ଉନ୍ନତି କିପରି ହୋଇ ପାରିବ ସେ ଉପରେ ଆଲୋଚନା କରାଯାଇଥିଲା। ଏହାବାଦ ସାମାଜିକ ଆଲୋଚନା କରାଯାଇଥିଲା । ପରେ ସଭାପତିଙ୍କ ନେତୃତ୍ୱରେ ସମ୍ପାଦକ ସତ୍ୟ ନାରାୟଣ ବାରିକ, ଋଷଭ ବାରିକ, ଗୋବିନ୍ଦା ବାରିକ, ନାରାୟଣ ବାରିକ, ଜୟଦେବ ବାରିକ, ପ୍ରଦୀପ ପଶାୟତ,ସନ୍ତୋଷ ବାରି, ଶ୍ରୀଧର ପଶାୟତ ପ୍ରମୁଖ ଏକ ପ୍ରତିନିଧି ଦଳ ନବନିର୍ବାଚିତ ସ୍ଥାନୀୟ ଜିଲାପରିଷଦ ସଭ୍ୟା ଲିଲିମା ବେହେରାଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ କର୍ଲିପାଟରେ ନିର୍ମାଣାଧୀନ ବାରିକ ଭବନ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବୈଠକରେ ବ୍ଲକର ବାରିକ ସମାଜର ସଦସ୍ୟମାନେ ଯୋଗ ଦେଇଥିଲେ।

# ଅଙ୍ଗନୱାଡି କେନ୍ଦ୍ରର ଅଚଳ ନଳକୂପ ମରାମତି ଦାବି



କାପସି ଅଙ୍ଗନୱାଡି କେନ୍ଦ୍ର (୩)ର ନଳକୂପ ଅଚଳ ହୋଇପଡିଛି।

ସିନାପାଲି,୨୭।୫(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ସଦର ପଞ୍ଚାୟତ କାପସି ଅଙ୍ଗନୱାଡି କେନ୍ଦ୍ର (୩)ର ନଳକୂପ ୨ ମାସ ହେଲା ଅଚଳ ହୋଇପଡିଛି। ଫଳରେ ଅଙ୍ଗନୱାଡି କେନ୍ଦ୍ରରେ ବ୍ୟବହାର କରୁଥିବା ପାଣି ପାଇଁ ଦୀଘ ଅଧା କିଲୋମିଟର ଦୂର ଏକ ନଳକୂପରୁ ପାଣି ଆଣି ରୋଷେଇଠୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଫଳରେ କେନ୍ଦ୍ର କର୍ମଚାରୀ ଓ ଛୋଟ ପିଲାଙ୍କୁ ବିଭିନ୍ନ ସମସ୍ୟା ସମ୍ମୁଖିନ ହେବାକୁ ପଡୁଛି। ନଳକୂପ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନଳକୂପ ଆଜିକୁ ୨ ମାସ ହେଲା ଅଚଳ ଅବସ୍ଥାରେ ପଡିରହିଥିବା ବେଳେ ସ୍ଥାନୀୟ ପ୍ରସାଶନଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ।

# କେସିଙ୍ଗା ଏନ୍ଏସିର ଦ୍ୱିତୀୟ ସାଧାରଣ ବୈଠକ

କେସିଙ୍ଗା,୨୭।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସିର ଦ୍ୱିତୀୟ ସାଧାରଣ ବୈଠକ ଅଧକ୍ଷ ନୃପରାଜ ଯାଦବଙ୍କ ସଭାପତିତ୍ୱରେ ସଦଭାବନା ସଭା ଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବୈଠକରେ ମୋହନ ବାବୁ ବିବରଣୀ ପାଠ କରିଥିଲେ। ଏନ୍ଏସି ୧୨ଟି ୱାର୍ଡ଼ରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମହିଳା ଗୋଷ୍ଠୀମାନଙ୍କ ଦ୍ୱାରା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସ୍ୱଚ୍ଛ ଭାରତ ମିଶନକୁ ଠିକ ଭାବେ ପରିଚାଳିତ କରିବା ସହିତ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରି ଉଚିତ ଭାବେ ବ୍ୟବହାର କରିବା ଏବଂ ଡୁମେର ମୁଣ୍ଡାଠାରେ ଥିବା ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ସହର ପ୍ରତ୍ୟେକ ଘରୁ ଗାଡ଼ିରେ ଅଳିଆ ଆବର୍ଜନା ନେବା ପାଇଁ ସ୍ୱତନ୍ତ୍ର ଗାଡି ଠିକ ଭାବେ ବ୍ୟବହାର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅଳିଆ ଆବର୍ଜନାରୁ ଖତ ପ୍ରସ୍ତୁତ କରି ସହରରେ ଏକ ଦୋକାନ ଖୋଲି ବିକ୍ରି କରିବା ଏବଂ ୧୨ଟି ୱାର୍ଡ଼ ପାଇଁ ୮ଜଣ ସ୍ୱଚ୍ଛ ସାଥୀ, ଦୁଇ ଜଣ ସୁପରଭାଇଜରଙ୍କୁ ଘରକୁ ଘର ବୁଲି ଲୋକଙ୍କୁ ସାନିଟାଇଜିଙ୍ଗ ଫି' ବିଷୟରେ ପ୍ରବର୍ତ୍ତାଇବାକୁ ନିଷ୍ପତ୍ତି ନିଆଯାଇଛି। ସହର ୧୨ଟି ୱାର୍ଡ଼ର ରାସ୍ତା, ଡ୍ରେନ, ପୋଖରୀଗୁଡିକ ସଫାସୁତୁରା କରିବା ସହିତ ଆଲୋକୀକାରଣ, ମହିଳା ଗୋଷ୍ଠୀମାନଙ୍କୁ ମୋବାଇଲ ଫୋନ, ଧୂପକାଠି ତିଆରି, ଗୋ ପାଳନ, ଉଦ୍ୟାନ କୃଷି, କୁକୁଡ଼ା ପାଳନ, ଛେଳି ପାଳନ, ସିଲେଇ ଶିକ୍ଷା, ଫୁଲ ଚାଷ, ମହୁଚାଷ, ଛତୁ ଚାଷ, ମାଛ ଚାଷ ଆଦି ବିଷୟରେ ମହିଳା ଗୋଷ୍ଠୀମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ସମସ୍ତ ୱାର୍ଡ଼ରେ ବର୍ଷା ଦିନରେ ସଫାସୁତୁରା ରଖିବା ପାଇଁ ମଧ ଆଲୋଚନା କରାଯାଇଥିଲା। ବୈଠକରେ ଅଧକ୍ଷ ଯାଦବ, ଉପାଧକ୍ଷା ସରସ୍ୱତୀ ସାହା, ଯନ୍ତ୍ରୀ ଫଗୁ ମାରାଣ୍ଡି, ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଶେଷରେ ଅଧକ୍ଷ ଧନ୍ୟବାଦ ଦେଇଥିଲେ।



ଏନ୍ଏସିର ବୈଠକରେ ଉପସ୍ଥିତ ଅତିଥି।

# ଅସହାୟ ମହିଳାଙ୍କୁ ରେଡ୍‌କ୍ରସରୁ ସହାୟତା

ଭବାନୀପାଟଣା,୨୭।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ପୌରପାଳିକାର ଏକ ଆଶ୍ରୟସ୍ଥଳିରେ ରହୁଥିବା ଜଣେ ଅସହାୟ ଗରିବ ମହିଳାଙ୍କୁ ଶୁକ୍ରବାର ରେଡକ୍ରସରୁ ସହାୟତା ପ୍ରଦାନ କରାଯାଇଛି। କଳାହାଣ୍ଡି ତହସିଲଦାର ଉପେନ୍ଦ୍ର ଲୁହା ଅସହାୟ ମହିଳା ମଞ୍ଜୁ ସେଠିଙ୍କୁ ୫ ହଜାର ଟଙ୍କା ରେଡ୍‌କ୍ରସରୁ ସହାୟତା ପ୍ରଦାନ କରିଛନ୍ତି। ମହିଳା ଜଣକ ବ୍ରହ୍ମପୁରର ହୋଇଥିବାବେଳେ ବିବାହ କରି ଭବାନୀପାଟଣାରେ ରହୁଥିଲେ। ଗତ କିଛି ମାସ ତଳେ ରୋଷେଇ କରୁଥିବା ବେଳେ ହଠାତ୍ ଷ୍ଟୋଭ ଫାଟିଯିବାରୁ ତାଙ୍କ ଦେହ ସାରା ପୋଡିଯାଇଥିଲା। ଫଳରେ ସେ ଅସହାୟ ଭାବେ ଜୀବନ ଯାପନ କରୁଥିଲେ।



କଳାହାଣ୍ଡି ତହସିଲଦାର ଅସହାୟ ମହିଳାଙ୍କୁ ରେଡ୍‌କ୍ରସରୁ ଟଙ୍କା ପ୍ରଦାନ କରୁଛନ୍ତି।

# ପାନୀୟ ଜଳ, ମଣ୍ଡି, ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ

କେସିଙ୍ଗା,୨୭।୫(ଡି.ଏନ.ଏ.)

**ବ୍ଲକ ଅଧକ୍ଷଙ୍କ ସିର୍ଜାପାଲି, ବେଲଖଣ୍ଡି ଗ୍ରାମପଞ୍ଚାୟତ ପରିଦର୍ଶନ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧକ୍ଷ ଚନ୍ଦନ ସେନାପତି ସିର୍ଜାପାଲି ଓ ବେଲଖଣ୍ଡି ଗ୍ରାମ ପଞ୍ଚାୟତକୁ ପ୍ରଥମ ଥର ପାଇଁ ଶୁକ୍ରବାର ପରିଦର୍ଶନରେ ଯାଇଥିଲେ। ପ୍ରଥମେ ସିର୍ଜାପାଲି ହାଇସ୍କୁଲ ପରିଦର୍ଶନ କରିଥିଲେ। ବାଦିପଡା ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ଛାତ କାମ ବନ୍ଦ ରହିଥିବା ବିଷୟ ଏବଂ ବିଭିନ୍ନ ସମସ୍ୟା ଉପରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ପ୍ରାଥମିକ ସ୍କୁଲ ବହୁ ଦିନରୁ ବିପଦସଙ୍କୁଳ ଅବସ୍ଥାରେ ପଡି ରହିଛି, ତାହାର ମରାମତି ପାଇଁ ଶିକ୍ଷା କମିଟି ସଦସ୍ୟମାନେ ଅଧକ୍ଷଙ୍କ ନିକଟରେ ଦାବି କରିଥିଲେ। ସିର୍ଜାପାଲି ଗ୍ରାମସ୍ଥିତ ଦିବ୍ୟଜ୍ୟୋତି ମହିଳା ମଣ୍ଡଳ ଛତୁଆ କେନ୍ଦ୍ର ମଧ ପରିଦର୍ଶନ ବେଳେ କୌଣସି ଛତୁଆ ପ୍ରସ୍ତୁତି ହେଉ ନ ଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ବେଲଖଣ୍ଡି ପଞ୍ଚାୟତସ୍ଥିତ ସରକାରୀ ହସ୍ପିଟାଲରେ ଚଳିତ ମାସରେ ଡାକ୍ତର ୧୭ ଦିନ ଅନୁପସ୍ଥିତ ରହିଥିବାରୁ ପ୍ରଚଣ୍ଡ ଖରାରେ ଲୋକେ ଠିକ ଭାବେ ଚିକିତ୍ସା ସେବା ପାଇ ନ ଥିବା ବିଡିଓ ନିକଟରେ ଅଭିଯୋଗ କରିଥିଲେ। ବିଡିଓ ଜିଲାପାଳଙ୍କ ସହିତ ଆଲୋଚନା କରି ଡାକ୍ତରଙ୍କ ଦରମା ବନ୍ଦ କରିଥିବା ଅଧକ୍ଷ ଜାଣି ଅସନ୍ତୋଷ ପ୍ରକାଶ କରିଥିଲେ। ହସ୍ପିଟାଲରେ ଡାକ୍ତର ଅନୁପସ୍ଥିତ ଯୋଗୁ ହସ୍ପିଟାଲକୁ ତାଲା ବନ୍ଦ କରି କୌଣସି କର୍ମଚାରୀ ମଧ ରହୁ ନ ଥିବାରୁ ଜିଲା ଚିକିତ୍ସା ଅଧିକାରୀଙ୍କ ସହିତ ଆଲୋଚନା କରି ଲୋକଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରିବା ପାଇଁ ଲୋକଙ୍କୁ ବୁଝାଇଥିଲେ। ବେଲଖଣ୍ଡି ଡିଗ୍ରୀ କଲେଜ ଓ ଧାନ ମଣ୍ଡି ମଧ ପରିଦର୍ଶନ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବହୁ ବୃଦ୍ଧାବୃଦ୍ଧ ଭତ୍ତା ପାଇଁ ଅଧକ୍ଷଙ୍କ ନିକଟରେ ଦାବି କରିଥିଲେ। ପାନୀୟ ଜଳ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଉପରେ ଲୋକମାନେ ଅଭିଯୋଗ କରିଥିଲେ। ପାନୀୟଜଳ ଦୂର କରିବାକୁ ବାଦୀପଡାରେ ଓଭରହେଡ ପାଣି ଟାଙ୍କି ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀ ସହ ଆଲୋଚନା କରିଥିଲେ। ରାଶନ କାର୍ଡ, ମାଟିରାସ୍ତା, ନୂତନ ଚେକଡ୍ୟାମ ନିର୍ମାଣ, କଂକ୍ରିଟ ରାସ୍ତା, ନଳକୂପ ଖନନ, ଡ୍ରେନ ନିର୍ମାଣ ପ୍ରଭୃତି ବିଷୟରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ବେଲଖଣ୍ଡି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସାଧାରଣ ସଭାରେ ଅଧକ୍ଷଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା।



ସିର୍ଜାପାଲି ଗ୍ରାମବାସୀଙ୍କ ସହ ଅଧକ୍ଷ ଏବଂ ଅନ୍ୟମାନେ।